

କୁଲଦୀପ
ସିରିଜ୍‌ର ଶ୍ରେଷ୍ଠ

▶ପୃଷ୍ଠା ୧୨ ଦେଖନ୍ତୁ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 43 ◆ISSUE-109 ◆WEDNESDAY ◆15 OCTOBER 2025 ◆PAGE-12 ◆₹ 6.00 | JEYPORE | ◆ବର୍ଷ-୪୩ ◆ସଂଖ୍ୟା-୧୦୯ ◆ବୁଧବାର ◆୧୫ ଅକ୍ଟୋବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦






indriya.com
ADITYA BIRLA
JEWELLERY
INDRIYA
ADITYA BIRLA | JEWELLERY
presents
alka
FESTIVE COLLECTION
ଏହି ପର୍ବର ଦିନରେ ଇନ୍ଦ୍ରିୟା ଷ୍ଟୋର୍ କୁ ଆସନ୍ତୁ
ଆଉ ଦେଖନ୍ତୁ ପ୍ରେମରେ ଝିଲିମିଲି ନୂଆ ଅଳକା କଲେକ୍ଶନ୍ କୁ ।
ତାହାର ଆଲୋକେ ପର୍ବଣ ହେବ ଅଧିକ ପ୍ରିୟ ।
ପ୍ରତି କ୍ଷଣରେ ଦୀପ୍ତି ହେଇଛି ପ୍ରିୟଜନଙ୍କର ସ୍ନିଗ୍ଧତା ।
ସୁନା, ପୋଲ୍କୀ ଓ ହୀରାର 20,000 ରୁ ଅଧିକ
ଡିଜାଇନ ଦେଖି ହୃଦୟରେ ଭରିଯିବ ଅସୀମ ପ୍ରେମର ସ୍ପନ୍ଦନ ।
ତଥାପି ମନ କହିବ, ମନ ଏବେବି ଭରି ନାହିଁ
ଷ୍ଟୋର୍ ଏବେ ଖୋଲାଥିବା ଠିକଣା: କ୍ରିଷ୍ଟାଲ୍ କୋର୍ଟୟାର୍ଡ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର



ଆଜିଠୁ ରଣଜୀ ଟ୍ରଫି
▶ପୃଷ୍ଠା ୧୨ ଦେଖନ୍ତୁ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-109 ♦WEDNESDAY ♦15 OCTOBER 2025 ♦PAGE-12 ♦₹ 6.00

♦ବର୍ଷ-୪୩ ♦ସଂଖ୍ୟା-୧୦୯ ♦ବୁଧବାର ♦୧୫ ଅକ୍ଟୋବର ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦


### ହିମାଳୟର ୮୬% ଅଞ୍ଚଳ ବରଫାବୃତ୍ତ

## ଆଗୁଆ ଆସିବ ଶୀତ, ଅଧିକ ଦିନ ରହିବ



■ **ନୂଆଦିଲ୍ଲୀ/ଭୁବନେଶ୍ୱର, ୧୪।୧୦ (ସମିସ):** ଚଳିତ ବର୍ଷ ଶୀଘ୍ର ମୌସୁମୀ ଆସିଥିଲା, ସ୍ୱାଭାବିକ ଭାବରେ ବର୍ଷିବା ସହ ଧାର୍ଯ୍ୟ ସମୟରେ ବିଦାୟ ନେଇଛି। ଅନ୍ୟପକ୍ଷରେ ଚଳିତ ବର୍ଷ ପୂର୍ବ ବର୍ଷଗୁଡ଼ିକ ତୁଳନାରେ ଶୀଘ୍ର ଆସିବ ଥଣ୍ଡା। ଏପରିକି ପୂର୍ବ ବର୍ଷଗୁଡ଼ିକ ତୁଳନାରେ ଚଳିତ ବର୍ଷ ଅଧିକ ଥଣ୍ଡା ପଡ଼ିବ ବୋଲି ପାଣିପାଗବିଜ୍ଞାନୀମାନେ ଆକଳନ କରୁଛନ୍ତି। ପ୍ରାୟ ୨ ମାସ ପୂର୍ବରୁ ହିମାଳୟ ଉପରାର୍ଦ୍ଧର ୮୬% ଅଞ୍ଚଳ ବରଫରେ ଆବୃତ୍ତ ହୋଇଛି ଓ ହିମାଳୟର ନିମ୍ନଭାଗ ଅଞ୍ଚଳର ତାପମାତ୍ରା ସ୍ୱାଭାବିକ ତାପମାତ୍ରାଠାରୁ ପ୍ରାୟ ୩ ଡ଼ିଗ୍ରୀ ପର୍ଯ୍ୟନ୍ତ କମ୍ ହୋଇଛି ଓ ବରଫ ତରଳିବା ହାର ପ୍ରାୟ ଶୂନ୍ୟକୁ ଖସି ଆସିଛି। ଡିସେମ୍ବରରେ ଲା ନିନା ସକ୍ରିୟ ହେବା ସମ୍ଭାବନା ଥିବାରୁ ଚଳିତବର୍ଷ ଭାରତରେ ଭଲ ବର୍ଷା ହୋଇଛି ଓ ଅଧିକ ଥଣ୍ଡା ପଡ଼ିବାର ଆଶଙ୍କା ସୃଷ୍ଟି ହୋଇଛି।

ହିମାଳୟର ଉପରାର୍ଦ୍ଧ ଅର୍ଥାତ୍ ୪ ହଜାର ଫୁଟ ଉଚ୍ଚରୁ ଅଧିକ ଅଞ୍ଚଳରେ ତାପମାତ୍ରା ଏବେ ବିୟୁକ୍ତ ୧୫ ଡ଼ିଗ୍ରୀ ରହିଛି। ଲା ନିନା କାରଣରୁ ଉତ୍ତର, ମଧ୍ୟ ଓ ପୂର୍ବ ଭାରତରେ ତାପମାତ୍ରା ଖୁବ୍ ଶୀଘ୍ର ୩ରୁ ୪ ଡ଼ିଗ୍ରୀ ପର୍ଯ୍ୟନ୍ତ କମିପାରେ ବୋଲି କୁହାଯାଉଛି। ହିମାଚଳ ପ୍ରଦେଶ, ସିକିମ, ଉତ୍ତରାଖଣ୍ଡ, ଜାମ୍ମୁକାଶ୍ମୀର ତାପମାତ୍ରା ଦ୍ରୁତ ବେଗରେ ହ୍ରାସ ପାଇଛି। ଏପରିକି ମଧ୍ୟପ୍ରଦେଶରେ ତାପମାତ୍ରା ୧୬ ଡ଼ିଗ୍ରୀରୁ ଫସିଛି। ଭୋପାଳରେ ତାପମାତ୍ରା ସ୍ୱାଭାବିକଠାରୁ ୪ ଡ଼ିଗ୍ରୀ କମ୍ ହୋଇ ୧୫.୮ ଡ଼ିଗ୍ରୀକୁ ଖସିଛି। ରାଜସ୍ଥାନରେ ଦିନ ଓ ରାତିର ତାପମାତ୍ରା ମଧ୍ୟ ହ୍ରାସ ପାଇଛି । ରାତିର ତାପମାତ୍ରା ୧୫ ଡ଼ିଗ୍ରୀ ତଳକୁ ଖସିଥିବା ▶ପୃଷ୍ଠା-୧୦

# ୧୫.୬୭ ଲକ୍ଷ ହିତାଧିକାରୀଙ୍କ ଚାଉଳ ବନ୍ଦ

### ଗଞ୍ଜାମରୁ ସର୍ବାଧିକ ୧.୬୪ ଲକ୍ଷ ହିତାଧିକାରୀ ବାଦ
### କଟକରୁ ବାଦ୍ ୯୧ ହଜାର, ମୟୂରଭଞ୍ଜରୁ ୮୭ ହଜାର
### ବଲାଙ୍ଗିରରୁ ୮୩ ହଜାର,କଳାହାଣ୍ଡିରୁ ୮୨ ହଜାର ବାଦ
### କେନ୍ଦ୍ର ଦ୍ୱାହି ଦେଇ ହାତ ଟେକିଦେଲେ ଯୋଗାଣ ମନ୍ତ୍ରୀ



■ **ଭୁବନେଶ୍ୱର, ୧୪।୧୦ (ସମିସ):** ଆସନ୍ତା ମାସରୁ ରାଜ୍ୟର ୧୫.୬୭ ଲକ୍ଷ ହିତାଧିକାରୀଙ୍କୁ ମିଳିବ ନାହିଁ ମାଗଣା ଚାଉଳ। ଇ-କେୱାଇସି କରି ନ ଥିବା ଯୋଗୁଁ ସେମାନଙ୍କୁ ଚାଉଳ ମିଳିବ ନାହିଁ । ରାଜ୍ୟ ଖାଦ୍ୟ ଓ ଯୋଗାଣମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ଏପରି ସୂଚନା ପରେ ରାଜ୍ୟର ୧୫ ଲକ୍ଷରୁ ଊର୍ଦ୍ଧ୍ୱ ଗରିବ ହିତାଧିକାରୀଙ୍କ ମୁଣ୍ଡରେ ଚଡ଼କ ପଡ଼ିଛି। ମନ୍ତ୍ରୀ ଶ୍ରୀ ପାତ୍ରଙ୍କ ସୂଚନା ଅନୁସାରେ ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ୧୫ ଲକ୍ଷ ୬୭ ହଜାର ହିତାଧିକାରୀ କେୱାଇସି କରିନାହାନ୍ତି। କେନ୍ଦ୍ର ସରକାର ଇ-କେୱାସି ପ୍ରକ୍ରିୟା ବନ୍ଦ କରିଦେଇଛନ୍ତି। କେୱାଇସି କରି ନ ଥିବା ଲୋକଙ୍କୁ ଚଳିତ ମାସ ଚାଉଳ ପ୍ରଦାନ କରାଯାଇଛି; ମାତ୍ର ଶୀଘ୍ର ଏହି ଚାଉଳ ପ୍ରଦାନ ବନ୍ଦ କରିଦିଆଯିବ। ଆଗାମୀ ଦିନରେ ଯଦି କେନ୍ଦ୍ର ସରକାର ଇ-କେୱାଇସି ଅବଧି ବଢ଼ାଇବେ, ତେବେ ଆମେ ମଧ୍ୟ ଏହି ଅବଧି ବଢ଼ାଇବୁ। ଯଦି କିଏ ବାଦ୍ ରହିଯାଇଥିବ, ତେବେ ସେମାନଙ୍କୁ ଲିଖିତ ଭାବେ ଦେବାକୁ ପଡିବ। ତାପରେ ଯାଇ ଆମେ ସେମାନଙ୍କ କଥା ବିଚାର କରିବୁ ବୋଲି ମନ୍ତ୍ରୀ କହିଛନ୍ତି।

ରାସନ କାର୍ଡରେ ଥିବା କିମ୍ବା ପରିବାର ସମସ୍ତ ସଦସ୍ୟଙ୍କୁ ଆଉ ଥରେ କେୱାଇସି କରିବା ବାଧ୍ୟତାମୂଳକ କରାଯାଇଥିଲା। ହେଲେ ଧାର୍ଯ୍ୟ ତାରିଖ ବିତିଯାଇଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା ଲକ୍ଷ ଲକ୍ଷ ଯୋଗ୍ୟ ହିତାଧିକାରୀ ଇ-କେୱାଇସି ▶ପୃଷ୍ଠା-୧୦

## ରୁପା ୨ ଲକ୍ଷ ପାର୍

### ସପ୍ତାହକରେ ୩୩ ହଜାର ମହଙ୍ଗା

■ **ନୂଆଦିଲ୍ଲୀ, ୧୪।୧୦ (ଏଜେନ୍ସି):** ଇତିହାସ ରଚିଲାଣି ସୁନା ଓ ରୁପା ଦର। ଦୈନିକ ଦରରେ ନୂଆ ରେକର୍ଡ ପ୍ରତିଷ୍ଠା ହେଉଛି। ସୋମବାର ଘରୋଇ ବଜାରରେ ପୁନର୍ବାର ସୁନା ଏବଂ ରୂପା ମୂଲ୍ୟ ରେକର୍ଡ ସ୍ତରରେ ପହଞ୍ଚିଛି। ହେଲେ ଦର ବୃଦ୍ଧି କ୍ଷେତ୍ରରେ ବର୍ତ୍ତମାନ ସୁନା ଦରକୁ ବଳିଯାଉଛି ରୁପା ଦର। ରକେଟ୍ ଭଳି ଉଠିବାରେ ଲାଗିଛି ରୁପା ଦର। ଏମିତିକି ମାତ୍ର ଗୋଟିଏ ଦିନରେ ରୁପା କିଲୋ ପିଛା ୭ ହଜାର ଟଙ୍କାରୁ ଅଧିକ ବୃଦ୍ଧି ଘଟିଛି। ଫଳରେ ପ୍ରଥମ ଥର ପାଇଁ ଦେଶରେ ରୁପା ଦର ୨ ଲକ୍ଷ ଟଙ୍କା ଟପି ଇତିହାସ ରଚିଛି। ଏଥିରେ ସୋମବାର ରାଜଧାନୀ ଭୁବନେଶ୍ୱରରେ ▶ପୃଷ୍ଠା-୧୦

### ବୈଷ୍ଣୋଦେବୀରୁ ଫେରିବାବେଳେ ଦୁର୍ଘଟଣା

## ସୋନପୁରର ୩ ଶ୍ରଦ୍ଧାଳୁ ମୃତ






■ **ତରଭା, ୧୪।୧୦ (ସମିସ):** ଜମ୍ମୁ-କାଶ୍ମୀରର ପ୍ରସିଦ୍ଧ ଦେବୀପୀଠ ବୈଷ୍ଣୋଦେବୀଙ୍କ ଦର୍ଶନ ପାଇ ଯାଇଥିବା ସୋନପୁରର ୩ଶ୍ରଦ୍ଧାଳୁଙ୍କ ସେଠାରେ ଏକ ମର୍ମନ୍ତୁଦ ଦୁର୍ଘଟଣାରେ ମୃତ୍ୟୁ ହୋଇଯାଇଛି। ମୃତକମାନେ ହେଲେ, ତରଭାର ବିଚିତ୍ର କୁମାର ସାହୁ (୬୬), ତାଙ୍କ ପତ୍ନୀ କବିତା ସାହୁ(୫୮) ଓ ବନ୍ଧୁ ଯୋଗିନ୍ଦ୍ର ମଟାରୀ (୬୬)। ଆଜି ସକାଳେ ଏହି ଦୁଃଖଦ ଘଟଣା ଘଟିଛି। ଏମାନେ ଏକ ଅଟୋରେ ଜାମ୍ମୁ-କଟରା ଏକ୍ସପ୍ରେସ୍-ୱେରେ ଯାଉଥିବା ବେଳେ ଏକ ବୁଲାଣିରେ ବିପରୀତ ଦିଗରୁ ଦ୍ରୁତ ଗତିରେ ଆସୁଥିବା ଏକ ବସ୍ ଧକ୍କା ଦେଇଥିଲା। ଏଥିରେ ସ୍ଥାନୀୟ ଅଟୋ ଚାଳକଙ୍କ ମଧ୍ୟ ମୃତ୍ୟୁ ଘଟିଛି। ସୂଚନାନୁଯାୟୀ, ତରଭାର ବିଚିତ୍ର ଓ ଯୋଗିନ୍ଦ୍ରଙ୍କ ପରିବାର ମିଳିତ ଭାବେ ଗତ ୧୧ ତାରିଖରେ ବୈଷ୍ଣୋଦେବୀ ଦର୍ଶନ ପାଇଁ ଯାଇଥିଲେ। ସାଥିରେ ବିଚିତ୍ରଙ୍କ ପତ୍ନୀ କବିତା ଓ ଯୋଗିନ୍ଦ୍ରଙ୍କ ପତ୍ନୀ ସ୍ନେହଲତା ▶ପୃଷ୍ଠା-୧୦

### ଦୀପାବଳିରେ ବାଣଫୁଟା ମାର୍ଗଦର୍ଶିକା ଜାରି

## ଜଗିବ କିଏ ? ମାପିବ କିଏ ?

■ **ଭୁବନେଶ୍ୱର, ୧୪।୧୦ (ସମିସ):** ଏଥର ଦୀପାବଳିରେ ମାତ୍ର ୨ ଘଣ୍ଟା ବାଣ ଫୁଟାଯାଇ ପାରିବ, ତାହା ପୁଣି ସବୁଜ ବାଣ। ଏଥିପାଇଁ ପୁଣି ସର୍ତ୍ତ ରହିଛି ଯେ ଏହି ବାଣର ଶବ୍ଦ ୧୨୫ ଡ଼େସିବେଲରୁ ଅଧିକ ହେବ ନାହିଁ। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଅନୁରୂପ ମାର୍ଗଦର୍ଶିକା ଜାରି କରିଛି ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ। ଏହା ସହ ଯେଉଁମାନେ ଏହି ନିୟମ ନ ମାନିବେ, ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ମଧ୍ୟ ଚେତାବନୀ ଦିଆଯାଇଛି। ମାତ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଜାରି କରିଥିବା ଏହି ନିର୍ଦ୍ଦେଶକୁ ନେଇ ମଧ୍ୟ ସ୍ୱାଭାବିକ ପ୍ରଶ୍ନ ଉଠିଛି। ଧାର୍ଯ୍ୟ ସମୟ ମଧ୍ୟରେ ବାଣ ଫୁଟାଯିବା ବେଳେ ଏହାର ଡେସିବେଲ କିଏ ମାପିବ ଏବଂ ୭ଟା ପୂର୍ବରୁ ଓ ୯ଟା ପରେ ବାଣଫୁଟାକୁ କିଏ ଜଗିବ ବୋଲି ପ୍ରଶ୍ନ ଉଠିଛି।

ବିଭାଗ ପକ୍ଷରୁ ଜାରି ନିର୍ଦ୍ଦେଶନାମାରେ କୁହାଯାଇଛି ଯେ ସବୁଜ ବାଣ ବ୍ୟତୀତ ▶ପୃଷ୍ଠା-୧୦



ସନ୍ଧ୍ୟା ୭ଟାରୁ ୯ଟା ପର୍ଯ୍ୟନ୍ତ ଫୁଟାଯିବ ବାଣ
୧୨୫ ଡେସିବେଲରୁ ଅଧିକ ହେବନି ଶବ୍ଦ
ନିୟମ ନ ମାନିଲେ କାର୍ଯ୍ୟାନୁଷ୍ଠାନ ଚେତାବନୀ




● କୋରାପୁଟ ବସ୍ଷ୍ଟାଣ୍ଡରେ ଅସାମାଜିକଙ୍କ ଦୌରାତ୍ମ୍ୟ

# ଯାତ୍ରୀଙ୍କ ସୁରକ୍ଷା ପାଇଁ ସିସି କ୍ୟାମେରା ଲଗାଇଲା ଘରୋଇ ମାଲିକ ସଂଘ

କୋରାପୁଟ,୧୪।୧୦(ସମିସ): କୋରାପୁଟ ବସ୍ଷ୍ଟାଣ୍ଡ ନିକଟରୁ ଟାଉନ ଥାନା ସ୍ଥାନାନ୍ତର ହେବାପରେ ବସଷ୍ଟାଣ୍ଡରେ ଦିନକୁ ଦିନ ଅସାମାଜିକ ଲୋକଙ୍କ କାର୍ଯ୍ୟକଳାପ ବୃଦ୍ଧି ପାଉଛି। ବସଷ୍ଟାଣ୍ଡ ନିକଟରେ ଥିବା ଚିପି ବାର ମଦ ଦୋକାନ ଆଗରେ ଖୋଲା ଖୋଲି ମଦ ପିଇ ବସଷ୍ଟାଣ୍ଡରେ ଅସାମାଜିକ କାର୍ଯ୍ୟ ବୃଦ୍ଧି ପାଉଥିବାରୁ ଯାତ୍ରୀ ମାନେ ନିଜକୁ ଅସୁରକ୍ଷିତ ମଣୁଛନ୍ତି। ବସଷ୍ଟାଣ୍ଡରେ ଯାତ୍ରୀ ମାନଙ୍କ ସୁରକ୍ଷା ନେଇ ଘରୋଇ ବସ୍ ମାଲିକ ସଂଘ ଆଗେଇ ଆସିଛନ୍ତି। ଘରୋଇ ବସ ମାଲିକ ସଂଘର ସଭାପତି ସେକ କାସିମ ଓ ସମ୍ପାଦକ ଫିରୋଜ ତୁଲ୍ଲକଙ୍କ ଉଦ୍ୟମରେ ଆଜି ବସଷ୍ଟାଣ୍ଡ ପରିସରରେ ୬ଟି ସିସି କ୍ୟାମେରା ଲଗାଯାଇଛି। ଏହି ସଫଳ ଉଦ୍ୟମକୁ ଯାତ୍ରୀ ମାନେ ଭୂୟସୀ ପ୍ରଶଂସା କରିବା ସହିତ କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରିଛନ୍ତି।

# ଅତାଣ୍ଡ ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ



ନନ୍ଦପୁର, ୧୪।୧୦ (ସମିସ): କୋରାପୁଟ ଜିଲ୍ଲା ନନ୍ଦପୁର ବ୍ଲକ ଅତାଣ୍ଡ ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣି ୮ ଜଣ ଓ୍ୱାର୍ଡ ମେମ୍ବର ଉପ ଜିଲ୍ଲାପାଳ ଓ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଓ୍ୱାର୍ଡ ମେମ୍ବର ମାନଙ୍କ କହିବା ଅନୁସାରେ ସେମାନେ ଅତାଣ୍ଡ ସରପଞ୍ଚଙ୍କ ଉପରେ ଆଉ ଅସ୍ଥା ପ୍ରକଟ କରୁ ନ ଥିବା ପତ୍ର ମାଧ୍ୟମରେ ଉଲ୍ଲେଖ କରିଛନ୍ତି। କାହିଁକ କଣ ପାଇଁ ସରପଞ୍ଚଙ୍କ ଉପରେ ଆସ୍ଥା ପ୍ରକଟ କରୁନାହାନ୍ତି, ସେ କଥା ଏଥିରେ ଉଲ୍ଲେଖ ହୋଇନାହିଁ। ମଙ୍ଗଳବାର ୮ ଜଣ ୱର୍ଡ ମେମ୍ବର କୋରାପୁଟ ଉପ ଜିଲ୍ଲାପାଳଙ୍କ ନିକଟରେ ପହଞ୍ଚି ଅନାସ୍ଥା ପତ୍ର ଦାଖଲ କରି ତୁରନ୍ତ ନନ୍ଦପୁର ବିଡିଓଙ୍କୁ ପଞ୍ଚାୟତ ସଭା ଡାକି ବାକୁ ଗୁହାରି କରିଛନ୍ତି। ଅନ୍ୟ ପଟେ ଏନେଇ ସମ୍ପୃକ୍ତ ସରପଞ୍ଚ ସହଦେବ ପାଙ୍ଗିଙ୍କ କୌଣସି ପ୍ରତିକ୍ରିୟା ମିଳପାରିନାହିଁ।

● ସମବାୟ ସମିତି ଟଙ୍କା ଆତ୍ମସାତ ମାମଲା

# ପୂର୍ବତନ ସମ୍ପାଦକଙ୍କ ନାମରେ ଥାନାରେ ଅଭିଯୋଗ

ଜୟପୁର,୧୪।୧୦(ସମିସ): ଜୟପୁର ସହରର ଲାଇଫ୍ ଲାଇନ୍ ସମବାୟ ସମିତି ପୂର୍ବତନ ସମ୍ପାଦକ ବିଜୟକୁମାର ତ୍ରିପାଠୀଙ୍କ ନାମରେ ସମ୍ପାଦକ ବଳରାମ ପାଣିଗ୍ରାହୀ ଟାଉନଥାନାରେ ଅଭିଯୋଗ କରିଛନ୍ତି। ପୂର୍ବତନ ସମ୍ପାଦକ ଶ୍ରୀ ତ୍ରିପାଠୀ ଛୋଟ ଛୋଟ ଜମାକାରୀଙ୍କ ଜମା ଟଙ୍କା ଆତ୍ମସାତ କରିଥିବା ନେଇ ପୂର୍ବରୁ ମଧ୍ୟ ଥାନାରେ ଅଭିଯୋଗ ହୋଇଥିଲା। ଏହ ଘଟଣାର ଖୁଲାସା ପରେ ଭୟରେ ଶ୍ରୀ ତ୍ରିପାଠୀ ସମିତିର ରେକର୍ଡପତ୍ର ଗୁଡିକ ପରିଚାଳନା କମିଟିର ଅଜାଣତରେ ଲୁଚାଇ ରଖିଛନ୍ତି। ପୁରୁଣା ରେକର୍ଡ ନମିଳିବା ଯୋଗୁଁ ଜମାକାରୀଙ୍କୁ ଟଙ୍କା ଦିଆଯାଇପାରୁନାହିଁ କି ସମିତିର ଅଡିଟ ମଧ୍ୟ ହୋଇପାରୁନାହିଁ। ସମିତି ପକ୍ଷରୁ



ବାରମ୍ବାର ରେକର୍ଡ ପତ୍ର ହସ୍ତାନ୍ତର କରିବାକୁ ଚିଠି ଦେଲେ ମଧ୍ୟ ଚିଠି ଗ୍ରହଣ କରୁନାହାନ୍ତି। ଏନେଇ ସମିତି ପକ୍ଷରୁ ଏକ କାର୍ଯ୍ୟକାରୀଣି ବୈଠକ ଡକାଯାଇ ପୂର୍ବତନ ସମ୍ପାଦକ ଶ୍ରୀ ତ୍ରିପାଠୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିଷ୍ପତି ନିଆଯାଇଥିଲା ଏବଂ ଥାନାରେ ଏତଲା ଦେବା ପାଇଁ ବୈଠକରେ ନିଷ୍ପତି ହୋଇଥିଲା। ଥାନାରେ ଗତ ୧୭ ଜୁନ ୨୦୨୩ ମସିହାରୁ ପୂର୍ବତନ ସମ୍ପାଦକ ବିଜୟ କୁମାର ତ୍ରିପାଠୀଙ୍କ ବିରୁଦ୍ଧରେ ଏତଲା ଦିଆଯାଇଥିଲା। କିନ୍ତୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନଥିବା ଯୋଗୁଁ ଆଜି ପୁଣି ତାଙ୍କ ନାମରେ ଏତଲା ଦିଆଯାଇଛି। ଟଙ୍କା ଜମାକାରୀ ମାନେ ବାରମ୍ବାର କାର୍ଯ୍ୟାଳୟକୁ ଆସି ଜମା ଟଙ୍କା ନେଇ ବର୍ତ୍ତମାନ ସମ୍ପାଦକଙ୍କୁ ବାଧ୍ୟ କରୁଛନ୍ତି ବୋଲି ସମ୍ପାଦକ ଶ୍ରୀ ପାଣିଗ୍ରାହୀ ଅଭିଯୋଗ କରିଛନ୍ତି। ପୁଲିସ ପକ୍ଷରୁ ମାମଲା ରୁଜୁ କରାଯାଇ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରାଯାଇଛି।

# କାର୍ଯ୍ୟରେ ଯୋଗଦେଲେ ଜିପିଏଲଏଫ କର୍ମୀ ସଂଘ

ନନ୍ଦପୁର,୧୪।୧୦(ସମିସ): ଅଲ୍ ଓଡିଶା ଜିପିଏଲଏଫ କର୍ମୀ ସଂଘର ଡାକରାରେ ଗତ ୨୨ ସେପ୍ଟେମ୍ବର ଠାରୁ କାର୍ଯ୍ୟ ବନ୍ଦ କରି ଅନସନରେ ରହିଥିବା ନନ୍ଦପୁର ବ୍ଲକ ଜିପିଏଲଏଫ୍ କର୍ମୀ ସଂଘ ମଙ୍ଗଳବାର କାର୍ଯ୍ୟରେ ଯୋଗ ଦେଇଛନ୍ତ। ଅନଶନ ପରେ ମଧ୍ୟ ସରକାର ନ ଶୁଣିବାରୁ ସଂଘ କୋର୍ଟ ର ଆଶ୍ରୟ ନେଇଥିଲେ। କୋର୍ଟର ରାୟ ପରେ ପରବର୍ତ୍ତୀ ନିଷ୍ପତି ନେବ ରାଜ୍ୟ ସଂଘ । ସଂଘର ନିର୍ଦ୍ଦେଶ ଅନୁସାରେ କାର୍ଯ୍ୟରେ ଯୋଗ ଦେଇ ସରକାରଙ୍କ ସମସ୍ତ କାର୍ଯ୍ୟ କରିବେ ବୋଲି ସଂଘ ପକ୍ଷରୁ ଲିଖିତ ପତ୍ର ନନ୍ଦପୁର ବ୍ଲକ ସଂଘ ବିଡିଓ ଦୁର୍ଗା ପ୍ରସାଦ ଦୋରାଙ୍କୁ ଜଣାଇଛନ୍ତି। ସରକାରଙ୍କ ଦ୍ୱାରା ଘୋଷଣା କରାଯାଇଥିବା ଇନସେଣ୍ଟିଭ୍ ନେବେ ନାହି, କୋର୍ଟର ରାୟ ପରେ ସଂଘ ନିଷ୍ପତି ନେବା ପର୍ଯ୍ୟନ୍ତ ବିନା ଟଙ୍କାରେ କାର୍ଯ୍ୟ କରିବେ ବୋଲି ସଂଘ ସୂଚନା ଦେଇଛି।

# ସ୍ୱାମୀ ଘର ଆଗରେ ସ୍ତ୍ରୀର ଧାରଣା



କାଲିମେଲା,୧୪।୧୦(ସମିସ): ମାଲକାନଗିରି ଜିଲ୍ଲା କାଲିମେଲା ବ୍ଲକ ନାଲାଗୁଣ୍ଠି ପଞ୍ଚାୟତ ଅନ୍ତର୍ଗତ ଏମ୍‌ଭି - ୭୨ ଗାଁରେ ନିଜ ଅଧିକାର ପାଇଁ ସ୍ୱାମୀ ଘର ଆଗରେ ଧାରଣା ଦେଇଛି ସ୍ତ୍ରୀ। ସୂଚନା ମୁତାବକ ଏମଭି - ୭୨ ଗ୍ରାମର ତୁଷାର ମଣ୍ଡଳଙ୍କ ପୁଅ ତାପସ ମଣ୍ଡଳ ଶିମିଳିବାଞ୍ଚା ପଞ୍ଚାୟତ ଏମଭି - ୬୧ ଗ୍ରାମର କୃଷ୍ଣପଦ ବିଶ୍ୱାସଙ୍କ ଝିଅ କରିସ୍ମାଙ୍କୁ କିଛି ବର୍ଷ ତଳେ ବିବାହ କରିଥିଲେ। ଏହା ପରେ ଉଭୟ ମାଲକାନଗିରିରେ ଘର ଭଡ଼ା କରି ଦାମ୍ପତ୍ୟ ଜୀବନ ଆରମ୍ଭ କରିଥିଲେ। ହେଲେ ଶ୍ୱଶୁର, ଶାଶୁ ଓ ପରିବାରର ଅନ୍ୟ ସଦସ୍ୟ ମାନେ ପୁଅ ବୋହୂ ସମ୍ପର୍କରେ ବିଭେଦ ସୃଷ୍ଟି କରି ଉଭୟଙ୍କୁ ଅଲଗା କରିଦେଇଥିଲେ। ଏହା ପରେ କରିସ୍ମା ଏମ୍ ଭି - ୭ ୯ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ଏମ୍‌ଭି - ୭ ୯ ଥାନା ୯୮/୨୨ ରେ ମାମଲା ରୁଜୁ ହେବା ସହ ଅଭିଯୁକ୍ତ ତାପସ ମଣ୍ଡଳକୁ ଗିରଫ କରାଯାଇଥିଲା। ଏହା ବିରୁଦ୍ଧରେ ଅଭଯୁକ୍ତ ଉଚ୍ଚତମ ନ୍ୟାୟଳୟର ଦ୍ୱାରସ୍ତ ହୋଇଥିଲେ। ଏହା ପରେ ଉଚ୍ଚନ୍ୟାୟଳୟର ହସ୍ତକ୍ଷେପ ପରେ ସ୍ୱାମୀ ସ୍ତ୍ରୀଙ୍କୁ ଏକାଠି ରହିବାକୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ କରିସ୍ମାଙ୍କୁ ଶ୍ୱଶୁର, ଶାଶୁ, ସ୍ୱାମୀ ତାଙ୍କୁ ସ୍ତ୍ରୀ କିମ୍ବା ବୋହୂ ମାନ୍ୟତା ନ ଦେବାରୁ ସେ ଏମଭି - ୭୨ ରେ ଥିବା ଶ୍ୱଶୁର ଘର ସମ୍ମୁଖରେ ପୁନର୍ବାର ବୋହୂର ମାନ୍ୟତା ପାଇଁ ଧାରଣା ଦେଇଛି। ତେବେ କରିସ୍ମାଙ୍କ ଶ୍ୱଶୁର, ଶାଶୁ ଏବଂ ନଣନ୍ଦ ଘର ଛାଡ଼ି ଫେରାର ହୋଇଯାଇଥିବା ବେଳେ ଘରେ ତାଲା ଝୁଲୁଛି। ସ୍ୱାମୀ ତାପସ ମଣ୍ଡଳ ବିଏସ୍‌ଏଫ୍ ଯବାନ ଭାବେ ଜମ୍ମୁ କଶ୍ମୀରରେ କାର୍ଯ୍ୟରତ ଅଛନ୍ତି । ସ୍ତ୍ରୀ କରିସ୍ମା ଧାରଣା ଦେବା ସହ ପରିବାର ସହ ପୁନର୍ବାର ଏମଭି ୭ ୯ ଥାନାର ଦ୍ୱାରସ୍ଥ ହୋଇଥିବାର ସୂଚନା ମିଳିଛି।

● କାରରେ ଗଞ୍ଜେଇ ଚୋରା ଚାଲାଣ ଘଟଣା

# ଫେରାର ଅଭିଯୁକ୍ତ ଗିରଫ



କୋରୁକୋଣ୍ଡା,୧୪।୧୦(ସମିସ): ମାଲକାନଗିରି ଜିଲ୍ଲା ଓର୍କେଲ ପୋଲିସକୁ ମିଳିଛି ଏକ ବଡ ସଫଳତା। ବେଆଇନ ଭାବେ ଏକ କାର ଯୋଗେ ବାହାର ରାଜ୍ୟକୁ ଗଞ୍ଜେଇ ଚୋରା ଚାଲାଣ କରୁଥିବା ଘଟଣାରେ ଫେରାର ଥିବା ଜଣେ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି ପୁଲିସ। ଗିରଫ ହୋଇଥିବା ଅଭିଯୁକ୍ତ ଜଣକ ହେଉଛନ୍ତି କୋରାପୁଟ ଜିଲ୍ଲା ମାଛକୁଣ୍ଡ ଥାନା ଅଧିନସ୍ତ ଲମତାପୁଟ ଅଞ୍ଚଳର ଦୋରାଗୁଡା ଗ୍ରାମର ମହାଦେବ ବଗଦୟାତ (୨୫) ବୋଲି ଜଣାପଡିଛି। ସୂଚନା ମୁତାବକ ଗତ-୨୦୨୪ ମସିହା ଅକ୍ଟୋବର ମାସ ୧୦ ତାରିଖ ରାତିରେ ଓର୍କେଲ ଥାନା ଅଧିକାରୀ ଧିରେନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ପୋଲିସର ଏକ ସ୍ୱତନ୍ତ୍ର ଟିମ ବାଲିମେଳା - କୁଡୁମୁଲୁଗୁମ୍ମା ମୁଖ୍ୟ ରାସ୍ତାରେ ପାଟ୍ରୋଲିଂ କରୁଥିବା ବେଳେ ବାଲିମେଳା ପଟୁ ଏକ କାର ଦ୍ରୁତ ଗତିରେ ଜୟପୁର ଅଭିମୁଖେ ଯାଉଥିବା ଦେଖି ସନ୍ଦେହ କରି ଗାଡ଼ିର ପିଛା କରି ୨୮୮ କିଲୋ ଗଞ୍ଜେଇ ଜବତ କରିଥିଲେ। କିନ୍ତୁ କାରରେ ଥିବା ଦୁଇଜଣ ବ୍ୟକ୍ତି ଘଟଣା ସ୍ଥଳରୁ ଦୌଡି ପଳାଇ ଯାଇଥିଲେ। ପୋଲିସ ଉକ୍ତ କାର ସମେତ ଗଞ୍ଜେଇକୁ ଜବତ କରିବା ସହିତ ଏନେଇ ଥାନାରେ କେସ ନମ୍ବର ୩୩୭/୨୦୨୪ ରେ ଏକ ମାମଲା ରୁଜୁ କରାଯାଇଥିଲା। ଏସଆଇ ଅଜିତ ସିଂ ବରିହା ଓ ଏସଆଇ ମନୋହର ସାହୁଙ୍କ ନେତୃତ୍ୱରେ ପୋଲିସର ଏକ ସ୍ୱତନ୍ତ୍ର ଟିମ ଲମତାପୁଟ ଅଞ୍ଚଳରେ ମୋବାଇଲ ଟ୍ରାକ କରି ମହାଦେବଙ୍କୁ ଧରିବାରେ ସଫଳ ହୋଇଥିଲେ। ଆଜି ମହାଦେବଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ଧିରେନ ପଟ୍ଟନାୟକ ସୂଚନା ଦେଇଛନ୍ତି।

# ନନ୍ଦପୁର ବିଜେଡିର ଜନସଂପର୍କ ପଦଯାତ୍ରା



ନନ୍ଦପୁର, ୧୪।୧୦(ସମିସ): ନନ୍ଦପୁର ବ୍ଲକ ବିଜେଡି ପକ୍ଷରୁ ସାଂଗଠନିକ ପଦଯାତ୍ରା କୁଲାବିର ଗ୍ରାମପଞ୍ଚାୟତର ଧବଳେଶ୍ୱର ମନ୍ଦିର ପ୍ରାଙ୍ଗଣରୁ ଆରମ୍ଭ ହୋଇଛି। ଦଳର ବରିଷ୍ଠ ନେତା ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ କାର୍ତ୍ତିକ ଖେମୁଣ୍ଡୁ, ପୂର୍ବତନ ବ୍ଲକ ଅଧ୍ୟକ୍ଷା ନାରୀନେତ୍ରୀ ଲକ୍ଷ୍ମୀ ହନ୍ତାଳ, କେସବାଜି, ଯୁବ ନେତା ସୁରେଶ ପଟ୍ଟନାୟକ, ସରପଞ୍ଚ ସଇତା ସମେଲି, ସମିତି ସଭ୍ୟା ରୂପାମା ଖିଲ, ପଞ୍ଚାୟତ ସଭାପତି ଧନ ଖିଲ, ପୂର୍ବତନ ସରପଞ୍ଚ ଛନ୍ଦାଲ କୁରେଶି, ଶଶି ପଟ୍ଟନାୟ, ନାଏବ ସରପଞ୍ଚ ବୁଦୁ ରାମଙ୍କ ନେତୃତ୍ୱ ରେ ଶତାଧିକ ଯୁବ ବିଜେଡ଼ି ବିଜୁ ବାହିନୀଙ୍କ ସହ ଜନସମ୍ପର୍କ ପଦଯାତ୍ରାର ଶୁଭାରମ୍ଭ କରିଥିଲେ। ଗତ ଏକ ବର୍ଷ ହେଲା ରାଜ୍ୟ ବିଜେପି ସରକାରଙ୍କ ବିଫଳତା ସହ ଦର ଦାମ, ପୂର୍ବ ବିଜେଡି ସରକାରଙ୍କ ଯୋଜନାକୁ ହାତେଇବା, ରାଜ୍ୟରେ ଦେଖା ଦେଇଥିବା ଅରାଜକତା ନେଇ ଲୋକଙ୍କ ପାଖରେ ପହଞ୍ଚିଛି ବିଜେଡି। ଧବଳେଶ୍ୱର ମନ୍ଦିର ପ୍ରାଙ୍ଗଣରୁ ବାହାରି ଗ୍ରାମପଞ୍ଚାୟତର ସମସ୍ତ ଗ୍ରାମକୁ ଯାଇ ଘର ଘର ବୁଲି ଥିଲେ ବିଜେଡି କର୍ମୀ ଓ ନେତା।

ଗୁଣି ଗାରେଡି ସନ୍ଦେହରେ ମରଣାନ୍ତକ ଆକ୍ରମଣ ଘଟଣା

# ଜୀବନରେ ମାରିଦେବାକୁ ଧମକ

ନନ୍ଦପୁର,୧୪।୧୦ (ସମିସ): ଗୁଣି ଗାରେଡ଼ିକୁ ସନ୍ଦେହ କରି ଏକ ପରିବାରକୁ ଗାଁରୁ ତଡି ଦେବା ସହ ତାଙ୍କ ଘର ଭାଙ୍ଗିବା ଓ ଘରର ଆସବାବ ପତ୍ର ନଷ୍ଟ କରି ଟଙ୍କା ପଇସା ଲୁଟି ନେଇଥିବା ଘଟଣାର ପାଞ୍ଚ ଦିନ ଅନ୍ତରାଳରେ ପାଡୁଆ ପୁଲିସର ହସ୍ତକ୍ଷେପ ପରେ ଗତ ସୋମବାର ସନ୍ଧ୍ୟାରେ ବାସନ୍ଦ ପରିବାର ଥଇଥାନ ବେଳେ ଆଉ ଏକ ଘଟଣା ସାମ୍ନାକୁ ଆସିଛି। ସୁବାଇ ଗ୍ରାମର ରବି ଗୁଣ୍ଟା ଆବହମାନ କାଳରୁ ନିଜ ଘର ଅଗଣା ରେ ରହିଥିବା ଓସ୍ତ ଓ ବଟ ବୃକ୍ଷକୁ ପୂଜା ଆରାଧନା କରି ଆସୁଥିଲେ । ହେଲେ ରବି ପୂଜା କରୁଥିବା ବୃକ୍ଷଟି ଧୀରେ ଧୀରେ ବୃହତ୍ ଆକାର ନେଇ ଘର ଉପରେ ମାଡ଼ିବସୁଥିବା ଦେଖି ଘରର ସୁରକ୍ଷା ନିମନ୍ତେ ବୃକ୍ଷଟିକୁ କାଟିବାକୁ ମନସ୍ଥ କଲେ। ତେବେ ହିନ୍ଦୁ ଧର୍ମର ବିଶ୍ୱାସରେ ଜଣେ ଅଲେଖ ଧର୍ମି ବାବାଙ୍କୁ ବୃକ୍ଷ କାଟିବା ସମ୍ପର୍କରେ ପଚାରିଥିଲେ ରବି । ପରେ ପୂଜା ପାଉଥିବା ଓସ୍ତ ଓ ବଟ ବୃକ୍ଷ କୁ ବିଧି ବିଧାନରେ ପୂଜାର୍ଚ୍ଚନା କରି କାଟିବା ପରେ ନଦୀରେ ଭସାଣି ଲାଗି ରବି ଓ ତାଙ୍କ ସହଯୋଗୀ ଗାଡ଼ିରେ ଲଦି ନେଉଥିଲେ। ହେଲେ ଦୁଇ ଗାଡ଼ିରେ କଟା ଗଛ ନେଉ ଥିବା ସମୟରେ ସୁବାଇ ଗାଁ ଲୋକେ ହଠାତ୍ ଉତ୍ୟକ୍ତ ହୋଇ ଘେରିବା ସହ ଜଣଙ୍କୁ ମରଣାକକ ଆକ୍ରମଣ କରିଥିବା ବେଳେ ଜୋର୍ ଜବରଦସ୍ତ କରି ଜୀବନ ରେ ମାରି ଦେବା ଧମକ ଦେଇଥିବା ଅଭିଯୋଗ ହୋଇଛି । ବିଳମ୍ବିତ ରାତିରେ ଗାଡିକୁ ଅଟକାଇ ଲୋକେ ହୋ ହାଲ୍ଲା କରିବା ସହ ମାର ପିଟ ପର୍ଯ୍ୟନ୍ତ କଥା ଯାଇଥିଲା। ଠିକଣା ସମୟ ରେ ସୁନାବେଡ଼ା ପୁଲିସ୍ ପହଞ୍ଚି ରବି ଗୁଣ୍ଟାଙ୍କୁ ସୁରକ୍ଷା ଦେଇଥିଲେ। ଷଡ଼ଯନ୍ତ୍ରର ଶିକାର ହୋଇ ଜଣେ କ୍ଷତାକ୍ତ ଅବସ୍ଥାରେ କୋରାପୁଟ ମେଡିକାଲରେ ଭର୍ତ୍ତି ହୋଇ ଚିକିତ୍ସିତ ହେଉଥିବା ବେଳେ ରବି ଗୁଣ୍ଟାଙ୍କୁ ଜୀବନରେ ମାରିଦେବାକୁ ଧମକ ଦେଇଥିବା ନେଇ ମଙ୍ଗଳବାର ନନ୍ଦପୁର ଥାନାରେ ଲିଖିତ ଅଭିଯୋଗ ହୋଇଥିବା ଜଣାପଡିଛି । ସୁତରାଂ ଅବିଳମ୍ବେ ପୁଲିସ ସଜାଗ ହୋଇ ଘଟଣାର ସମାଧାନ ନ କଲେ ସୀମାନ୍ତ ପାଙ୍ଗଲୁଙ୍ଗ ପଞ୍ଚାୟତର ମାରିପୁଟ ଗ୍ରାମରେ ଘଟିଥିବା ଅଘଟଣ ପରି ସୁବାଇ ଗ୍ରାମରେ ଘଟିବା ଅସମ୍ଭବ ନୁହେଁ ବୋଲି ଆଲୋଚନା ହେଉଛି।

ଜିଲ୍ଲା ଖଣିଜ ଭିତ୍ତିଭୂମି ପାଣ୍ଠି ଟ୍ରଷ୍ଟ ବୈଠକ

# ୧୦ ବର୍ଷରେ ମିଳିଛି ୪୨୦ କୋଟି ଟଙ୍କା

ରାୟଗଡ଼ା,୧୪।୧୦(ସମିସ): ରାୟଗଡା ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ଖଣିଜ ଭିତ୍ତିଭୂମି ପାଣ୍ଠି ଟ୍ରଷ୍ଟ ବୈଠକ ଆଜି ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କୋରାପୁଟ ଲୋକସଭା ସାଂସଦ ସପ୍ତଗିରି ଉଲ୍ଲକା, ରାୟଗଡା ବିଧାୟକ କାଡ୍ରକା ଆପଲାସ୍ୱାମୀ, ଜିଲ୍ଲା ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ଅକ୍ଷୟ କୁମାର ଖେମୁଣ୍ଡୁ ଯୋଗ ଦେଇ ଜିଲ୍ଲାର ଶିଳ୍ପ ସଂସ୍ଥା ମାନଙ୍କ ତରଫରୁ ପ୍ରାପ୍ତ ପରିପାଶ୍ୱରିକ ଉନ୍ନୟନ ପାଣ୍ଠି ଜିଲ୍ଲା ଅଂଶର ବିନିଯୋଗ ଉପରେ ଆଲୋଚନା କରିଥିଲେ। ବୈଠକରେ ସାଂସଦ ଜିଲ୍ଲା ଖଣିଜ ପାଣ୍ଠି ପ୍ରଭାବିତ ଅଞ୍ଚଳର ଲୋକଙ୍କ ବିକାଶ ନିମନ୍ତେ ସଦୁପଯୋଗ କରିବାକୁ କହିଥିଲେ ଓ ବିନିଯୋଗ ବିବରଣୀ ପ୍ରଦାନ କଲେ ଆମେ ସେଠାକୁ ଯାଇ ଅନୁଧ୍ୟାନ କରିବୁ ବୋଲି କହିଥିଲେ। ସେହିପରି ବିଧାୟକ ୨୦୨୨-୨୩ର ବିନିଯୋଗ ବିବରଣୀ ଉପସ୍ଥାପନା କରିବାକୁ କହିଥିଲେ। ତୋଟା ସାହିରୁ ସୋରିଷପଦର ଛକ ପର୍ଯ୍ୟନ୍ତ ଅନେକ ସମୟରେ ଟ୍ରାଫିକ ସମସ୍ୟା ଯୋଗୁଁ ଅନେକ ସମୟରେ ରୋଗୀ କିମ୍ବା ଗର୍ଭବତୀ ମହିଳା ମାନେ ଆମ୍ବୁଲାନ୍ସରେ ଯାଉଥିବା ବେଳେ ସେବା ବାଧାପ୍ରାପ୍ତ ହେଉଥିବା କଥା ପ୍ରକାଶ କରି ଗୋଟିଏ ବାଇପାସ ରାସ୍ତା ନିର୍ମାଣ ନିମନ୍ତେ ପ୍ରସ୍ତାବ ଦେଇଥିଲେ ବିଧାୟକ। ସେହି ଅଞ୍ଚଳର ଲୋକଙ୍କ ସ୍ୱାସ୍ଥ୍ୟ ପାଇଁ ମଧ୍ୟ ପାଣ୍ଠି ବିନିଯୋଗ କରିବାକୁ କହିଥିଲେ। ବୈଠକରେ



ଜିଲ୍ଲାପାଳ ଶ୍ରୀ କୁଲକର୍ଣ୍ଣି ବାର୍ଷିକ ଯୋଜନା ଓ ପଞ୍ଚ ବାର୍ଷିକ ଯୋଜନା ପ୍ରସ୍ତୁତ କରିବାକୁ ଜିଲ୍ଲା ମୁଖ୍ୟ ବିକାଶ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ୨୦୧୫ ମସିହାରୁ ଏଯାଏଁ ୪୨୦ କୋଟି ଖଣିଜ ପାଣ୍ଠି ବିଭିନ୍ନ ଶିଳ୍ପାନୁଷ୍ଠାନରୁ ଜିଲ୍ଲାକୁ ମିଳିଛି । ସେଥିରୁ ଆସନ୍ତା ବର୍ଷ ମାନଙ୍କରେ ୧୩୬କୋଟି ଟଙ୍କାର ବିଭିନ୍ନ ବିକାଶ ମୂଳକ କାର୍ଯ୍ୟ ପାଇଁ ବିନିଯୋଗ କରାଯିବା ନିମନ୍ତେ ପଦକ୍ଷେପ ନିଆଯିବ ବୋଲି ଜଣାପଡିଛି। ଏହି ବୈଠକରେ ଖଣ୍ଡିୟ ବନଖଣ୍ଡ ଅଧିକାରୀ ସଚିନ ଆମ୍ନା ସାହେବ ଓହଲେ, ସିଡିଏମଓ ଡା. ବି. ସରୋଜିନୀ ଦେବୀ, ଖଣୀ ଉପନିର୍ଦ୍ଦେଶକ କୋରାପୁଟ, ଅଧିକ୍ଷଣ ଯନ୍ତ୍ରୀ ରାସ୍ତା ଓ ଗୃହ ଅମ୍ବିକେୟ ମିଶ୍ର, ଅଧିକ୍ଷଣ ଯନ୍ତ୍ରୀ, ରାସ୍ତା ଓ ଗୃହ, ଗୁଣୁପୁର, ନିର୍ବାହୀ ଯନ୍ତ୍ରୀ, ଗ୍ରାମ୍ୟ ଜଳ ଯୋଗାଣ ସଂସ୍ଥା, ଜିଲ୍ଲା ଖଣିଜ ପାଣ୍ଠି ଟ୍ରଷ୍ଟ ସଦସ୍ୟ ପିଲକୁ ମାଝୀ, ସଦସ୍ୟା ରୁଆଡେଇ ମାଝୀ, ସୁରେନ୍ଦରୀ ମାଝୀ, ଅନି ମାଝୀ ଆଦି ଯୋଗଦେଇ ବିଭିନ୍ନ ପ୍ରସ୍ତାବ ଉପସ୍ଥାପନା କରିଥିଲେ।

# ଦହଣା ପଞ୍ଚାୟତରେ ଅନାସ୍ଥା ନେଇ ମତଦାନ

ନନ୍ଦାହାଣ୍ଡି, ୧୪।୧୦(ସମିସ): ନବରଙ୍ଗପୁର ଜିଲ୍ଲା ନନ୍ଦାହାଣ୍ଡି ବ୍ଲକ ଦହଣା ପଞ୍ଚାୟତ ସରପଞ୍ଚ କମଳା ପୂଜାରୀଙ୍କ ବିରୁଦ୍ଧରେ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଭୋଟ ଗ୍ରହଣ କରାଯାଇଛି। ସୂଚନା ମୁତାବକ ଉପଜିଲ୍ଲାପାଳଙ୍କ ନିକଟରେ ନାଏବ ସରପଞ୍ଚ ସମେତ ସମସ୍ତ ଏଗାର ଜଣ ୱାର୍ଡ ସଭ୍ୟ ଅନାସ୍ଥା ପ୍ରସ୍ତାବ ଆବେଦନ କରିଥିଲେ। ତଦନୁସାରେ ସେପ୍ଟେମ୍ବର ୧୪ ତାରିଖରେ ମାଜିଷ୍ଟ୍ରେଟ ଭାବେ ତହସିଲଦାର ଚନ୍ଦ୍ର ଦାସ ମହାନନ୍ଦିଆଙ୍କ ସମ୍ମୁଖରେ ଦସ୍ତଖତ ଯାଞ୍ଚ କରାଯାଇଥିଲା। ପଚିଶ ତାରିଖରେ ବିଜ୍ଞାପନ ପ୍ରକାଶିତ ହୋଇଥିଲା ଏବଂ ଅକ୍ଟୋବର ୧୪ ତାରିଖରେ ନାଏବ ସରପଞ୍ଚ ଓ ସମସ୍ତ ୱାର୍ଡ ସଭ୍ୟ ମାନେ ନିର୍ଦ୍ଧାରିତ ସମୟରେ ଭୋଟ ଦାନ କରିଥିଲେ । ଭୋଟ ଗ୍ରହଣ ଓ ଗଣତି ପରେ ଫଳାଫଳ ଘୋଷଣା ନକରି ସ୍ଥଗିତ ରଖାଯାଇଛି । ତହସିଲଦାର ଶ୍ରୀ ମହାନନ୍ଦିଆଙ୍କ କହିବା ଅନୁସାରେ ଉକ୍ତ ଭୋଟକୁ ୱାର୍ଡ ସଭ୍ୟଙ୍କ ଉପସ୍ଥିତିରେ ଲଫାଫାରେ ସିଲ କରି ଜିଲ୍ଲାପାଳଙ୍କ ନିକଟକୁ ପଠାଇ ଦିଆଯିବ। ମାନ୍ୟବର ଉଚ୍ଚ ନ୍ୟାୟାଳୟଙ୍କ ଅନୁମତି କ୍ରମେ ୨୭ ତାରିଖ ପରେ ଫଳାଫଳ ଘୋଷଣା କରାଯିବ। ସୂଚନାଯୋଗ୍ୟ ଯେ, ସରପଞ୍ଚ କମଳା ପୂଜାରୀ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଛନ୍ତି। ସରପଞ୍ଚଙ୍କୁ ବୈଠକ ପୂର୍ବରୁ ସମ୍ପୂର୍ଣ୍ଣ ୧୫ ଦିନ ସମୟ ଦେବା ବିଧେୟ । କିନ୍ତୁ ତାଙ୍କୁ କିଛି କମ୍ ସମୟ ମିଳିଥିବାରୁ ସେ କୋର୍ଟର ଦ୍ୱାରସ୍ଥ ହୋଇଥିଲେ । ଭୋଟ ଗ୍ରହଣ କେନ୍ଦ୍ରରେ ପ୍ରିଜାଇଡିଂ ଅଫିସର ଭାବେ ତହସିଲଦାର ଚନ୍ଦ୍ର ଦାସ ମହାନନ୍ଦିଆଙ୍କ ରହିଥିବା ବେଳେ ବିଡ଼ିଓ କ୍ଷୀରୋଦ ଚନ୍ଦ୍ର ସାହୁ ମଧ୍ୟ ଉପସ୍ଥିତ ରହିଥିଲେ। ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅଭିଷେକ ବାଘ, ଏସିଡ଼ିଇଓ ନାଜିର ହୁସେନ ଓ ଯୋଗାଣ ସହାୟକ ବିକାଶ ତ୍ରିପାଠୀ କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ। ଶାନ୍ତି ଶୃଙ୍ଖଳା ରକ୍ଷା ସକାଶେ ପରିଦର୍ଶନ ପାଇଁ ନବରଙ୍ଗପୁର ଏସଡିପିଓ କୃଷ୍ଣ ଚନ୍ଦ୍ର ଭତ୍ରା ଆସିଥିବା ବେଳେ ତେନ୍ତୁଳିଖୁଣ୍ଟି ଥାନା ଅଧିକାରୀ ପ୍ରଣବ କୁମାର ଟୁଡୁ, ସବ୍‌ଇନ୍ସପେକ୍ଟର ମହେଶ୍ୱର କୀର୍ସାନୀ ଏଏସଆଇ ଅନନ୍ତ କାଡ୍ରାକା ଓ ପୁଲିସ କର୍ମଚାରୀ ଉପସ୍ଥିତ ରହିଥିଲେ।

# ଫୁଟବଲ୍ ଟୁର୍ଣ୍ଣାମେଣ୍ଟର ଉଦ୍‌ଘାଟିତ

ପୋଡ଼ାଗଡ଼,୧୪।୧୦ (ସମିସ): କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ ସଦର ପଞ୍ଚାୟତ ଅନ୍ତର୍ଗତ ପି.ବାରିକଣ୍ଟା ଠାରେ ଆୟୋଜିତ ମା ନିଶାଣିମୁଣ୍ଡା ବନ୍ଧୁତ୍ୱ ଫୁଟବଲ ଟୁର୍ଣ୍ଣାମେଣ୍ଟର ଉଦ୍‌ଘାଟନ ଉତ୍ସବର ମ୍ୟାଚରେ ମୁଖ୍ୟ ଅତିଥି ଭାବେ ଯୁବ ସାମ୍ବାଦିକ ତଥା ସମାଜସେବୀ କଇନ ଗରଡ଼ା ଓ ଆଶିଷ ଖୁରା ଯୋଗଦେଇ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ। ଯୁବ ସଂଗଠନର ସମସ୍ତ କାର୍ଯ୍ୟକ୍ରମ ରେ ଯୋଗଦେବେ ଏବଂ କିଛି ଉପଦେଶ ଓ ଆର୍ଥିକ ସାହାଯ୍ୟ କରିବେ ବୋଲି କଇନ ଗରଡ଼ା କହିଥିଲେ। ବନ୍ଧୁତା ସ୍ଥାପନ କରି ଖେଳ ଖେଳିବାକୁ ଆଶିଷ କୁମାର ଖୁରା ପରାମର୍ଶ ଦେଇଥିବା ଶୁଣିବାକୁ ମିଳିଛି। ୧୬ ଗୋଟି ଟିମ୍‌କୁ ନେଇ ଖେଳାଯାଉଥିବା ଏହି ଟୁର୍ଣ୍ଣାମେଣ୍ଟରେ ବିଜେତାଙ୍କୁ ଟ୍ରଫି ସହ ୧୫ ହଜାର ଟଙ୍କା ଓ ଉପ ବିଜେତାଙ୍କୁ ଟ୍ରଫି ସହ ୧୦ ହଜାର ରଖାଯାଇଛି । ସମସ୍ତ ଖେଳକୁ ବାଦଲ କୁମାର ପାତ୍ର ପରିଚାଳନା କରୁଥିବା ବେଳେ ରାଜୁ ବାଘ ଖେଳର ସମସ୍ତ ବିବରଣୀ ଦର୍ଶକଙ୍କୁ ପ୍ରଦାନ କରୁଛନ୍ତି। ଆୟୋଜକ କମିଟିର ମୁଖ୍ୟ ପଦୁଲୁ ଜାନି ଉପସ୍ଥିତ ଥିଲେ



# ଜିଲ୍ଲା ଯୁବ ରେଡକ୍ରସର ପ୍ରସ୍ତୁତି ବୈଠକ

ନବରଙ୍ଗପୁର,୧୪।୧୦(ସମିସ): ଭାରତୀୟ ରେଡକ୍ରସ୍ ସୋସାଇଟୀ ଓଡ଼ିଶା ରାଜ୍ୟଶାଖା ନିର୍ଦ୍ଦେଶ କ୍ରମେ ଏବଂ ଜିଲ୍ଲା ଯୁବ ରେଡକ୍ରସ ଅଧ୍ୟକ୍ଷ ତଥା ନବରଙ୍ଗପୁର ମହାବିଦ୍ୟାଳୟର ଅଧ୍ୟକ୍ଷ ଡି ଗୋବିନ୍ଦା ରାଓଙ୍କ ପରାମର୍ଶ କ୍ରମେ ସ୍ଥାନୀୟ ଟିର୍ଲି ଆମ୍ବଗୁଡାକ୍ଷ ସ୍ଥିଥ ଆଦର୍ଶ ସ୍ନାତକ ମହାବିଦ୍ୟାଳୟ ଠାରେ ନବରଙ୍ଗପୁରର ଜିଲ୍ଲା ଯୁବ ରେଡକ୍ରସର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷ ବିନୋଦ ବିହାରୀ ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଜିଲ୍ଲା ଯୁବ ରେଡ କ୍ରସ ସମ୍ପାଦକ ଦିଲ୍ଲୀପ କୁମାର ହୋତା ,ଜିଲ୍ଲା ଯୁବ ରେଡକ୍ରସ ସଂଯୋଜକ ଅଖିଳ କୁମାର ଭଟ୍ଟ, ଅନୁଷ୍ଠାନର ଯୁବ ରେଡ୍ କ୍ରସ କାଉନସିଲର ଡ ସଂଯୁକ୍ତା ନାୟକ, ଅଧ୍ୟାପକ ଶମ୍ଭୁ ପ୍ରସାଦ ହୋତା, ସଭ୍ୟ ବୀର କିଶୋର ଭୂୟାଁ, ରଞ୍ଜୁଲତା କହଁର ପ୍ରମୁଖ ଉପସ୍ଥିତ ଥିଲେ । ପ୍ରତିବର୍ଷ ଭଳି ଚଳିତ ବର୍ଷ ଜିଲ୍ଲା ସ୍ତରୀୟ ଯୁବ ରେଡ୍ କ୍ରସ ଶିକ୍ଷା ଓ ତାଲିମ ଶିବିର ଆସନ୍ତା ନଭେମ୍ବର ମାସ ୧୫ ତାରିଖରୁ ୧୭ ତାରିଖ ପର୍ଯ୍ୟନ୍ତ୍ୟ କରିବା ପାଇଁ ସ୍ଥିର କରାଯାଇଛି। ଏଥିରେ ଜିଲ୍ଲାର ସମସ୍ତ ମହାବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଶତାଧିକ ସ୍ୱେଚ୍ଛାସେବୀ ଓ କାଉନସିଲର ଙ୍କ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଅନୁଷ୍ଠାନର ଅଧ୍ୟକ୍ଷ ବିନୋଦ ବିହାରୀ ବେହେରା ଆସନ୍ତା ତାଲିମ କାର୍ଯ୍ୟକ୍ରମର ସୁପରିଚାଳନା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ।

# ଆରମ୍ଭ ହେଲା ବିଜେଡିର ଜନସମ୍ପର୍କ ପଦଯାତ୍ରା

କୁନ୍ଦୁରା, ୧୪।୧୦ (ସମିସ): କୁନ୍ଦୁରା ବ୍ଲକ କେରମେଟି ପଞ୍ଚାୟତ କଦଳୀମୁଣ୍ଡା ଠାରୁ ବିଜେଡିର ଜନସମ୍ପର୍କ ପଦଯାତ୍ରା ଆରମ୍ଭ ହୋଇଛି। ବ୍ଲକ ସଭାପତି ବୃନ୍ଦାବନ ମଲ୍ଲିକଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସଭାପତି ଝିନ୍ନ ହିକକା, ରାଜ୍ୟ ଉପ ସଭାପତି ତଥା ପୂର୍ବତନ ମନ୍ତ୍ରୀ ରବି ନାରାୟଣ ନନ୍ଦ, ପୂର୍ବତନ ମନ୍ତ୍ରୀ ପଦ୍ମିନୀ ଦିଆନ ,ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ରାଧା ବିନୋଦ ସାମନ୍ତରାୟ, ଜିଲ୍ଲା ପରିଷଦ ସଭ୍ୟା କନକଲତା ପେଣ୍ଟିଆ,ପୂର୍ବତନ ବିଧାୟକ ଚନ୍ଦ୍ର ଶେଖର ମାଝୀ, ପୂର୍ବତନ କୋରାପୁଟ ବିଧାୟକ ରଘୁରାମ ପୋଡ଼ାଲ, ପଟାଙ୍ଗୀ ପୂର୍ବତନ ବିଧାୟକ ପ୍ରୀତମ ପାଢ଼ୀ, ଜିଲ୍ଲା କାର୍ଯ୍ୟକାରୀ ସଭାପତି ଦୂର୍ଗା ମିଶ୍ର, ବରିଷ୍ଠ ନେତା ସୂର୍ଯ୍ୟ ନାରାୟଣ ରଥ, ବାଲା



ରାୟ, ବାଲିଙ୍ଗି ରାୟ,ନାଗୁ ଦୋରା, ଶିବ ପଟ୍ଟନାୟକ, ଜିଲ୍ଲା ଉପ ସଭାପତି ରମାକାନ୍ତ ମିଶ୍ର, ଜିଲ୍ଲା ସାଧାରଣ ସମ୍ପାଦକ ଭଜମନ ସାନ୍ତା, ପ୍ରଦୀପ କୁମାର ନାୟକ, ଜୋନ୍ ୨ ର ସମସ୍ତ ପଞ୍ଚାୟତ ସଭାପତି, ସମସ୍ତ ଦଳୀୟ ସରପଞ୍ଚ, ସମିତି ସଭ୍ୟସଭ୍ୟା, ବ୍ଲକ ଓ ପଞ୍ଚାୟତର ବହୁ ନେତା ଓ କର୍ମୀ ସାମିଲ ହୋଇଥିଲେ। ବିଜେପି ସରକାରଙ୍କ ବିଫଳତା ବିଷୟରେ ନାରା ବାଜି ଦିଆଯାଇଥିଲା । ବିଜେଡିର କର୍ମକର୍ତ୍ତାର୍ ମାନେ କେରମେଟି ପଞ୍ଚାୟତ କଦଳୀମୁଣ୍ଡା, କେନ୍ଦୁଗୁଡ଼ା, ଆସନା ପଞ୍ଚାୟତର ଆମ୍ବଗୁଡ଼ା, ଉଦଳଗୁଡ଼ା, ଲିମିକିଆଗୁଡ଼ା, ଘିଉରିଆଗୁଡ଼ା ଓ ଲିମା ପଞ୍ଚାୟତ ସଦର ଗାଁରେ ପଦଯାତ୍ରା କରି ଲୋକଙ୍କୁ ସଚେତନ କରିଥିବା ଦେଖିବାକୁ ମିଳିଛି।

ମାଛକୁଣ୍ଡ ଜଳବିଦ୍ୟୁତ ପ୍ରକଳ୍ପ ପ୍ରଭାବିତ ଅଞ୍ଚଳରେ ସିଏସ୍‌ଆର୍ ଅର୍ଥ ବିନିଯୋଗ ଦାବି

# 'କୋରାପୁଟ ଜିଲ୍ଲା ପ୍ରତି ସରକାରଙ୍କ ବୈମାତୃକ ମନୋଭାବ'

ନନ୍ଦପୁର,୧୪।୧୦(ସମିସ୍ୟ ମାଛକୁଣ୍ଡ ଜଳବିଦ୍ୟୁତ ପ୍ରକଳ୍ପରେ ପ୍ରଭାବିତ ହୋଇଥିବା ନନ୍ଦପୁର ଅଞ୍ଚଳର ୧୦ଟି ଗ୍ରାମପଞ୍ଚାୟତ ଓ ଲମତାପୁଟ ବ୍ଲକର ୪ ଗୋଟି ଗ୍ରାମପଞ୍ଚାୟତର ସମସ୍ତ ବିସ୍ଥାପିତ ଅଞ୍ଚଳ ପାଇଁ ସିଏସ୍‌ଆର ଅର୍ଥ ଦାବି କରାଯାଇଛି। ଏ ସମ୍ପର୍କରେ ଓଡ଼ିଶା ହାଇଡ୍ରୋ ପାୱାର କର୍ପୋରେସନ ର ଅଧ୍ୟକ୍ଷ ଓ ବ୍ୟବସ୍ଥାପକ ନିର୍ଦ୍ଦେଶକଙ୍କୁ ସ୍ଥାନୀୟ ବିଧାୟକ ତଥା କଂଗ୍ରେସ ଦଳ ନେତା ରାମଚନ୍ଦ୍ର କାଡ଼ାମ ଏକ ପ୍ରସ୍ତାବ ପଠାଇଛନ୍ତି। ଉକ୍ତ ପ୍ରସ୍ତାବରେ ଓଡ଼ିଶା ସରକାର ଓ ଆନ୍ଧ୍ରପ୍ରଦେଶ ସରକାରଙ୍କ ଯୁକ୍ତ ସହଯୋଗ କ୍ରମେ ୧୯୫୫ ମସିହାରେ ମାଛକୁଣ୍ଡ ଜଳବିଦ୍ୟୁତ ପ୍ରକଳ୍ପ ଆରମ୍ଭ ହୋଇଥିଲା। ଯଦ୍ୱାରା ଏହି ଦୁଇ ବ୍ଲକ ର ମୋଟ ୧୪ଟି ଗ୍ରାମପଞ୍ଚାୟତର ଲୋକମାନେ ସମ୍ପୂର୍ଣ୍ଣ ଭାବେ ବିସ୍ଥାପିତ ହୋଇ ଜୀବିକା ହାରାଇଥିଲେ। ପ୍ରକଳ୍ପ ଲାଗି ଉଦ୍ଦିଷ୍ଟ ଜଳାପୁଟ



ଜଳାଶୟ ଯୋଗୁଁ ସେହି ଅଞ୍ଚଳ ନିବାସୀ ନିଜ ଜମି ଓ ଚାଷକାମ ହାରାଇ ବିସ୍ଥାପିତ ଜୀବନ ଅତିବାହିତ କରିବାକୁ ବାଧ୍ୟ ହୋଇଛନ୍ତି। ପତ୍ରରେ ଅଭିଯୋଗ କରାଯାଇଛି ଯେ, ଏତେ ବର୍ଷ ବିତିଗଲେ ସୁଦ୍ଧା ଏହି ଅଞ୍ଚଳର ଉନ୍ନତି ପାଇଁ ସିଏସଆର୍ ଫଣ୍ଡରୁ ଗୋଟିଏ ଟଙ୍କା ମଧ୍ୟ ମିଳିନି। ସେ ଏହି ପତ୍ର ମାଧ୍ୟମରେ ବିସ୍ଥାପିତ ଗ୍ରାମଗୁଡିକୁ ସିଏସଆର୍ ଅନୁଦାନ ପ୍ରଦାନ କରି ଅଞ୍ଚଳର ଉନ୍ନତି ମୂଳକ କାର୍ଯ୍ୟ ଗୁଡ଼ିକ ସୁନିଶ୍ଚିତ କରିବାକୁ ଓଏଚପିସି ଓ ଏପିଜେନ୍କୋକୁ ଦାବି କରିଛନ୍ତି। ସାମ୍ବାଦିକଙ୍କ ପ୍ରଶ୍ନର ଉତ୍ତର ରଖି ବିଧାୟକ ଶ୍ରୀ କାଡ଼ାମ୍ କହିଛନ୍ତି ଯେ ଏ ନେଇ ସେ ବ୍ୟକ୍ତିଗତ ଭାବେ ଉପମୁଖ୍ୟମନ୍ତ୍ରୀଙ୍କ ଠାରୁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ପର୍ଯ୍ୟନ୍ତ ସମସ୍ତଙ୍କୁ ଏହି ଭଳି ଏକ ସମ୍ବେଦନଶୀଳ ବିଷୟରେ ବାରମ୍ବାର ଚିଠି ମାଧ୍ୟମରେ ଜଣାଇବା ସତ୍ତ୍ୱେ ଅପର ପକ୍ଷରୁ କୌଣସି ଉତ୍ତର ମିଳି ପାରୁନଥିବା ଅତ୍ୟନ୍ତ ଦୁର୍ଭାଗ୍ୟ ଜନକ । କୋରାପୁଟ ଜିଲ୍ଲା ପ୍ରତି ସରକାରଙ୍କ ବୈମାତୃକ ମନୋଭାବ କାହିଁକି ବୋଲି ପ୍ରଶ୍ନ କରିଛନ୍ତି ଓସି ଏଲପି ନେତା ବିଧାୟକ ଶ୍ରୀ କାଡ଼ାମ।

## ପାଳନ ହେଉଛି ଆଦିବାସୀ ଦଶହରା



ବେହେଡା, ୧୪।୧୦ (ସମିସ): ନବରଙ୍ଗପୁର ଜିଲ୍ଲାର ବେହେଡା, କୋପେନା, ବୋକଦା, ଉମରଗାଁ, ହୀରାପୁର, ଜାମରୁଣ୍ଡା, ମୁର୍ତ୍ତୁମା, ଏକମ୍ବା, ତାରାଗାଁ, ତୋହରା, ସୁନାବେଡା, ପଲଟାପରା ଇଙ୍ଗିରା ଅଞ୍ଚଳରେ ସାପ୍ତାହିକ ହାଟ ଏବେ ଉତ୍ସବମୁଖର। ନୂଆଁଖାଇ ସରିଲା ପରେ ଦଶହରା ଆଦିବାସୀଙ୍କ ଏକ ପର୍ବ, ଯାହାକି ସେମାନେ ଆନନ୍ଦ ଉଲ୍ଲାସରେ ପାଳନ କରନ୍ତି। ସବୁ ଜାଗାରେ ଆଦିବାସୀ ନାଟ ସହ ଆସର ଦେଖିବାକୁ ମିଳୁଛି। କେତେକ ଜାଗାରେ ରାବଣ ପୋଡି ମଧ୍ୟ ହେଉଛି। ଲୋକଙ୍କ ଖଚାଖଚ ଭିଡ଼ ମଧ୍ୟରେ ବେପାରୀ ମାନେ ବହୁତ ଆନନ୍ଦରେ ବଜାର ଗହଳି ଚହଳିର ଫାଇଦା ଉଠାଉଛନ୍ତି। ପ୍ରତ୍ୟେକ ଗାଁ ଯେପରି ଦଶହରାର ନିଆରା ମଜାରେ ମସଗୁଲ। ସବୁ ଗାଁର ଲାଠି ଓ ପାଲିଙ୍କିରେ ମା'ଙ୍କ ପ୍ରତିଭା ଦେଖିବାକୁ ମିଳୁଛି। ଶିରା, ଭକ୍ତ ମାନେ ପୂଜା ପାଠ କରି କୃପା ଲାଭ କରୁଛନ୍ତି। ଆଜି ଘରେ ଘରେ ବନ୍ଧୁବାନ୍ଧବ, ପିଠା ପଣାର ଆସର ଜମିଥିବା ଦେଖିବାକୁ ମିଳିଛି।

## ବିଭିନ୍ନ ପଞ୍ଚାୟତରେ କ୍ଲଷ୍ଟରସ୍ତରୀୟ ସୁରଭି



ପୋଡ଼ାଗଡ଼,୧୪।୧୦ (ସମିସ): କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତରେ କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଆଜି ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମଟି ମୁଜାଙ୍ଗ ପଞ୍ଚାୟତର ରୁଞ୍ଜିଗୁଡା କ୍ଲଷ୍ଟର, ପୋଡ଼ାଗଡ କ୍ଲଷ୍ଟର, ଗାଦିଆଗୁଡା କ୍ଲଷ୍ଟର ଓ ଏ ମାଲକାନାଗିରି କ୍ଲଷ୍ଟରରେ ଅନୁଷ୍ଠିତ ହୋଇଛି। ସିଆରସିସି ମାନସ ନାୟକ ଫକୀର ବାରିକ ଏମ୍ ସୁରେଶ ରାମବ୍ରହ୍ମା, ପ୍ରିୟ ରଞ୍ଜନ ଦାଶ ପ୍ରମୁଖ କ୍ଲଷ୍ଟର ଅଧିକାରୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଗୁଣାତ୍ମକ ଶିକ୍ଷା ରାମ ବ୍ରହ୍ମା ଯୋଗଦେଇ ଶୁଭ ଉଦଘାଟନ କରିଥିଲେ। ସାମ୍ମାନିତ ଅତିଥି ଭାବେ ଅଭିମନ୍ୟୁ ପାଢ଼ୀ, କୃଷ୍ଣରାୟ ବୀରେନ ଖୋସଲା ଧରଣୀଧର ରଣା, ଈଶ୍ୱର ମୁଦୁଲି ଅଭିଷେକ ପଣ୍ଡା, ମୁରଲୀଧର ପାଣିଗ୍ରାହୀ, ଗୌତମ ସାହୁ ପ୍ରମୁଖ ଯୋଗ ଦେଇଥଲେ। ଏହି କାର୍ଯ୍ୟକ୍ରମରେ ଉକ୍ତ କ୍ଲଷ୍ଟର ଅଧିନରେ ଥିବା ମୋଟ ୧୪ ଗୋଟି ବିଦ୍ୟାଳୟର ମୋଟ ୧୨୩ ଜଣ ବିଦ୍ୟାର୍ଥୀ ବିଭିନ୍ନ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର ପୁରସ୍କାର ବିତରଣ ଉତ୍ସବରେ ସ୍ଥାନୀୟ ସରପଞ୍ଚ କୁମୁଟି ଜାନୀ ଯୋଗଦେଇ ପିଲାଙ୍କୁ ଉତ୍ସାହିତ କରିଥିଲେ। ଅତିଥି ମାନେ କୃତି ପ୍ରତିଯୋଗୀଙ୍କୁ ମାନପତ୍ର ସହ ପୁରସ୍କାର ବିତରଣ କରିଥିଲେ। ଏଥିରେ ଟାଙ୍ଗଣୀ ଗୁଡ଼ା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପରିଚାଳନା କରିଥିଲେ। ଏଥିସହ ଚଣାବାଡ଼ ପଞ୍ଚାୟତର ସିଆରସିସି ଦୁର୍ଯ୍ୟୋଧନ ସଗରଙ୍କ ନେତୃତ୍ୱର ମଧ୍ୟ ଅତି ଆଡମ୍ବରରେ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ଜଣାପଡିଛି।

## ଦାଣ୍ଡି ପଦଯାତ୍ରାର ପ୍ରତିମୂର୍ତ୍ତି ନିର୍ମାଣ ଶେଷ ପର୍ଯ୍ୟାୟରେ

ଜୟପୁର,୧୪ ।୧୦(ସମିସ): କୋରାପୁଟ ଜିଲ୍ଲା ଜୟପୁର ପୌରସଂସ୍ଥା ପକ୍ଷରୁ ସ୍ଥାନୀୟ ଗାନ୍ଧୀ ଛକ ମୁଖ୍ୟ କେନାଲ ରାସ୍ତା ପାଶ୍ୱର୍ରେ ଜାତୀୟ ପିତା ବାପୁଜୀ ମହାତ୍ମା ଗାନ୍ଧୀ ଏବଂ ତାଙ୍କ ସହଯୋଗୀଙ୍କ ଦାଣ୍ଡି ପଦଯାତ୍ରାର ପ୍ରତିମୂର୍ତ୍ତି ନିର୍ମାଣ କାର୍ଯ୍ୟ ଅନ୍ତିମ ପର୍ଯ୍ୟାୟରେ ପହଞ୍ଚି। ସମୁଦାୟ ୧୫ ଲକ୍ଷ ଟଙ୍କା ଖର୍ଚ୍ଚ ଅଟକଳରେ ନିର୍ମାଣ ଏବଂ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ବାବଦକୁ



ଟେଣ୍ଡର ମାଧ୍ୟମରେ କାର୍ଯ୍ୟ ଚାଲିଛି। ପ୍ରତିମୂର୍ତ୍ତି ନିର୍ମାଣ ଓ ସ୍ଥାପନା ଶେଷ ହୋଇଥିବା ବେଳେ ଲାଇଟ୍ ସଂଯୋଗୀକରଣ ଶେଷ ହୋଇଛି। ବର୍ତ୍ତମାନ ପାଶ୍ୱର୍ବର୍ତ୍ତି ଅଞ୍ଚଳରେ ସୌନ୍ଦର୍ଯ୍ୟକରଣ ପାଇଁ ଫେବର ବ୍ଲକ ଇଟା ଏବଂ ଅନ୍ୟାନ୍ୟ ନିର୍ମାଣ ସହିତ ସୁନ୍ଦର ରଙ୍ଗୀନ ଲାଇଟ୍ ବ୍ୟବସ୍ଥା କରାଯିବ। ଗତ କିଛିଦିନ ହେଲା ଏହି କାର୍ଯ୍ୟ ବନ୍ଦ ରହିଥିବା ବେଳେ ଆସନ୍ତା ଦୁଇଦିନ ମଧ୍ୟରେ ଆରମ୍ଭ ହେବ ଏବଂ ଆସନ୍ତା ସପ୍ତାହ ମଧ୍ୟରେ ଶେଷ ହୋଇଯିବ ବୋଲି ପୌରଯନ୍ତ୍ରୀ ଅଜୟ କୁମାର ଜାନୀ ପ୍ରକାଶ କରିଛନ୍ତି। ଏହାର ନିର୍ମାଣ ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଶେଷ ହେବା ପରେ ପୌର ନିର୍ବାହୀ ଅଧିକାରୀ ତଥା ଉପଜିଲ୍ଲାପାଳ ଏବଂ କାଉନ୍‌ସିଲ ବୈଠକରେ ଆଲୋଚନା ପରେ କେଉଁ ଦିନ ଏହାରୁ ଉଦ୍‌ଘାଟନ କରାଯିବ, ସେଥିନେଇ ନିଷ୍ପତି ଗ୍ରହଣ କରାଯିବ ବୋଲି ଜଣାପଡ଼ିଛି।

### ମୁରବୀ ଖୋଜୁଛି କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ

# ୬ ମାସ ହେଲା ଖାଲି ପଡ଼ିଛି କୁଳପତି ପଦବୀ

କୋରାପୁଟ,୧୪।୧୦(ସମିସ):

ଆଦିବାସୀ ଅଧ୍ୟୁଷିତ ଅବିଭକ୍ତ କୋରାପୁଟ ଜିଲ୍ଲାରେ ଉଚ୍ଚ ଶିକ୍ଷାର ବିକାଶ ନିମନ୍ତେ ୨୦୦୯ରେ ତତ୍କାଳୀନ ଉପା ସରକାର କୋରାପୁଟ ଠାରେ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରିଥିଲେ। ଉପାନ୍ତ ଅଞ୍ଚଳରେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହେଲେ ସେହି ଅଞ୍ଚଳର ଶହ ଶହ ଗରିବ ଛାତ୍ରଛାତ୍ରୀ ଅତି କମ୍ ଖର୍ଚ୍ଚରେ ଉଚ୍ଚ ଶିକ୍ଷା ଗ୍ରହଣ କରି ପାରିବେ ବୋଲି ସରକାରଙ୍କ ଚିନ୍ତାଧାରା ଥିଲା। ଉପା ସରକାରଙ୍କ ନିଷ୍ପତିକୁ ସ୍ୱାଗତ କରି ନବୀନ ପଟ୍ଟନାୟକଙ୍କ ନେତୃତ୍ୱାଧୀନ ପୂର୍ବ ସରକାର କେନ୍ଦ୍ର ସରକାରଙ୍କୁ ପୂର୍ଣ୍ଣ ସହଯୋଗ କରି ବିଶ୍ୱବିଦ୍ୟାଳୟର ସ୍ଥାୟୀ କ୍ୟାମ୍ପସ ନିମନ୍ତେ ସଂପୂର୍ଣ୍ଣ ମାଗଣାରେ ସୁନାବେଡ଼ା ଠାରେ ୪୮୦ ଏକର ସରକାରୀ ଜମି ଯୋଗାଇ ଦେଇଥିଲେ। ବର୍ତ୍ତମାନ ସେହି ସ୍ଥାନରେ ବିଶ୍ୱବିଦ୍ୟାଳୟର ପ୍ରଶାସନିକ କୋଠା ସମେତ ସବୁ ବିଭାଗର ଶ୍ରେଣୀ ଗୃହ, କୁଳପତି, କୁଳ ସଚିବଙ୍କ ବାସଗୃହ, ହଷ୍ଟେଲ ଏବଂ ଅଧିକାରୀ, କର୍ମଚାରୀ ମାନଙ୍କ ବାସଗୃହ ନିର୍ମାଣ କାର୍ଯ୍ୟ ପ୍ରାୟତଃ ଶେଷ ପର୍ଯ୍ୟାୟରେ ପହଞ୍ଚି ସାରିଛି। ଏହା ମଧ୍ୟରେ ନୂଆ ନୂଆ ବିଷୟରେ ଶିକ୍ଷା ଦାନ ଆରମ୍ଭ ହୋଇ ଥିବା ବେଳେ ଅନେକ ଶିକ୍ଷକ ପଦବୀ ମଧ୍ୟ ପୂରଣ ହୋଇଛି। କିନ୍ତୁ ବିଡ଼ମ୍ବନାର ବିଷୟ ଗତ ୬ ମାସ ହେଲାଣି ବିଶ୍ୱବିଦ୍ୟାଳୟରେ ନିୟମିତ କୁଳପତି କେହି ନାହାନ୍ତି। ଛାତ୍ର ଛାତ୍ରୀ ଜଣେ ସ୍ଥାୟୀ ମୁରବୀ ଅପେକ୍ଷାରେ ଥିବା ବେଳେ ବର୍ତ୍ତମାନ ଭାରପ୍ରାପ୍ତଙ୍କ ଭରସାରେ ବିଶ୍ୱବିଦ୍ୟାଳୟ ପରିଚାଳିତ ହେଉଛି। କେନ୍ଦ୍ର



### ଭାରପ୍ରାପ୍ତଙ୍କ ଭରସାରେ ଛାତ୍ରଛାତ୍ରୀ

ଶିକ୍ଷା ମନ୍ତ୍ରୀ ଓଡ଼ିଶାର ହୋଇଥିଲେ ମଧ୍ୟ ଦୀର୍ଘ ୬ ମାସ କାଳ କୁଳପତି ପଦ ପୂରଣ ନହେବା ପରିତାପର ବିଷୟ ବୋଲି ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ବର୍ତ୍ତମାନ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହେବାର ଏହା ମଧ୍ୟରେ ପ୍ରାୟ ୧୫ ବର୍ଷ ବିତି ଗଲାଣି। ଏଠାରେ କେବଳ ଅବିଭକ୍ତ କୋରାପୁଟ ଜିଲ୍ଲା ନୁହଁ, ରାଜ୍ୟ ଓ ରାଜ୍ୟ ବାହାରର ମଧ୍ୟ ଶତାଧିକ ଛାତ୍ର ଛାତ୍ରୀ ଅଧ୍ୟୟନ କରୁଛନ୍ତି। ତେଣୁ ବିଶ୍ୱବିଦ୍ୟାଳୟର କଳେବର ବୃଦ୍ଧି ସହ ଦାୟିତ୍ୱ ମଧ୍ୟ ବଢ଼ି ଚାଲିଛି। ପୂର୍ବତନ କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ ବ୍ୟକ୍ତିଗତ କାରଣରୁ ଚଳିତ ବର୍ଷ ଏପ୍ରିଲ ଶେଷ ଭାଗରେ ଇସ୍ତଫା ଦେବା ପରେ ସେହିଦିନରୁ ଭାରପ୍ରାପ୍ତ କୁଳପତି ଭାବେ ପ୍ରଫେସର ନରସିଂହ ଚରଣ ପଣ୍ଡା ଦାୟିତ୍ୱ ତୁଲାଉଛନ୍ତି। ବିଶ୍ୱବିଦ୍ୟାଳୟର ସାମଗ୍ରିକ ବିକାଶ ଓ ନିର୍ମାଣ କାର୍ଯ୍ୟ ନିମନ୍ତେ ଶହ ଶହ କୋଟି ଟଙ୍କା କେନ୍ଦ୍ର ସରକାର ଦେଉଛନ୍ତି, କେବଳ ନିର୍ମାଣ କାର୍ଯ୍ୟ ନୁହଁ, ଶିକ୍ଷକ ଓ କର୍ମଚାରୀ ନିଯୁକ୍ତି ଦାୟିତ୍ୱ ମଧ୍ୟ କୁଳପତିଙ୍କ ଉପରେ ନିର୍ଭର କରୁଥିବା କାରଣରୁ ବିଶ୍ୱବିଦ୍ୟାଳୟ ପାଇଁ ଜଣେ ନିୟମିତ କୁଳପତି ନିଯୁକ୍ତ ହେବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି।

## ବ୍ଲକ୍‌ସ୍ତରୀୟ ଖେଳ ଓ ଦୌଡ଼କୁଦ ଉଦ୍‌ଯାପିତ

ପାପଡାହାଣ୍ଡି,୧୪।୧୦ (ସମିସ): ଆଜି ନବରଙ୍ଗପୁର ଜିଲ୍ଲା ପାପଡାହାଣ୍ଡି ବ୍ଲକ ଅନ୍ତର୍ଗତ ଲାଲ ବହାଦୁର ଉଚ୍ଚ ବିଦ୍ୟାଳୟ ଦଳେଇଗୁଡ଼ା ଖେଳ ପଡିଆ ଠାରେ ବ୍ଲକ୍‌ସ୍ତରୀୟ ଖେଳ ଓ ଦୌଡ଼କୁଦ ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ବିଇଓ ସୁଦୀପ୍ତ ଦାସଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ବ୍ଲକ ଉପାଧ୍ୟକ୍ଷ ସୁଶାନ୍ତ କୁମାର ବେହେରା, ସମ୍ମାନିତ ଅତିଥିଭାବେ ଏସଏମସି ସଭାପତି ରାଜ କିଶର ରାଓ, ଏବିଇ ବାଳକଦାସ ରନ୍ଧାରୀ , ଚୈତନ୍ୟ ହରିଜନ, ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଭାରତୀ ବିଷୋୟୀ ପ୍ରମୁଖ ମଞ୍ଚାସୀନ ଥିଲେ। ପାପଡାହାଣ୍ଡି ବ୍ଲକର ଚାରି ଜନ ତଥା



ପାପଡାହାଣ୍ଡି, ମୈଦଳପୁର, ମୋକିୟା ଏବଂ ଚେରଚେଟା ଜନର ମୋଟ ୧୫୦ ଛାତ୍ରଛାତ୍ରୀ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। କ୍ରୀଡା ଶିକ୍ଷକ ଏବଂ ଶିକ୍ଷୟିତ୍ରୀ ସୁରେଶ ଦାସ, ଦିଲୀପ ଭଞ୍ଜ, ପ୍ରିୟ ରଞ୍ଜନ ପ୍ରଧାନ, ପ୍ରୀତିରାଣୀ ସାବତ , ଯାଉଲ ହୁସେନ, ମଞ୍ଜୁଶ୍ରୀ କର, ସାଗରୀକା ବାରିକ, ଜୟନ୍ତୀ କର୍କରା ପ୍ରମୁଖ ୧୦୦, ୨୦୦, ୩୦୦, ୪୦୦, ୮୦୦, ୧୫୦୦,୩୦୦୦ ମିଟର ଦୌଡ, ଉଚ୍ଚ ଡିଆ, ଲମ୍ବ ଡିଆ, ଜାଭଲିନ ଥ୍ରୋ, ରିଲେ ରେସ, ଟ୍ରିପଲ ଜମ୍ପ, ଡିସ୍ କସ୍ ଥ୍ରୋ ଭଳି ୧୩ ପ୍ରକାର ଖେଳ କରାଇଥିଲେ। ଏଥିରେ ପ୍ରତ୍ୟେକ ଖେଳରେ ପ୍ରଥମ ଦ୍ୱିତୀୟ ଏବଂ ତୃତୀୟ ହୋଇଥିବା ଛାତ୍ରଛାତ୍ରୀଙ୍କୁ ଅତିଥିଙ୍କ ଦ୍ୱାରା କପ୍ ଏବଂ ପ୍ରମାନପତ୍ର ପ୍ରଦାନ କରାଯାଇଥିଲା। ଆଗାମୀ ଦିନରେ ହେବାକୁ ଥିବା ଜିଲ୍ଲା ସ୍ତରୀୟ ଖେଳ ଏବଂ ଦୌଡ଼କୁଦରେ ଏହି ବିଜେତା ଛାତ୍ରଛାତ୍ରୀ ଭାଗ ନେବେ ବୋଲି ବିଇଓ ସୂଚନା ଦେଇଛନ୍ତି।

## କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ

ମାଥିଲି, ୧୪ ।୧୦(ସମିସ):



ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ଉଦୁଲିବେଡା ପଞ୍ଚାୟତ ପିଏମ ଶ୍ରୀ ସରକାରୀ ୟୁଜିଏଚଏସ ବିଦ୍ୟାଳୟ ଉଦୁଲିବେଡା ପରିସରରେ କ୍ଲଷ୍ଟର ସ୍ତରୀୟ ସୁରଭି ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମଟି ପି ଏମଶ୍ରୀ ସରକାରୀ ୟୁଜିଏଚଏସ ବିଦ୍ୟାଳୟ ଉଦୁଲିବେଡାର ପ୍ରଧାନ ଶିକ୍ଷକ ସଞ୍ଜୀବ କୁମାର ପାଣିଗ୍ରାହୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଉଦୁଲିବେଡା ସରପଞ୍ଚ ଦେବାନନ୍ଦ ଖିଲ, ମୁଖ୍ୟ ବକ୍ତା ସମିତି ସଭ୍ୟ ବି.ରାମେଶ୍ୱର ରାଓ, ସମ୍ମାନିତ ଅତିଥି ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଅନୁପ ପରିଛା, ପରିଚାଳନା କମିଟି ସଭାପତି ମହେନ୍ଦ୍ର ମାଝୀ ଏବଂ ସିଆରସିସି ମନୋଜ କୁମାର ବେହେରା ପ୍ରମୁଖ ଯୋଗ ଦେଇଥିଲେ। ପ୍ରଥମେ ଅତିଥି ମାନଙ୍କୁ ମଞ୍ଚକୁ ସ୍ୱାଗତ କରାଯାଇ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରାଯାଇଥିଲା । ଉଦ୍‌ଯାପନୀ ଉତ୍ସବରେ ଅତିଥି ମାନଙ୍କ ଦ୍ୱାରା କୃତି ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ପରେ ବ୍ଲକ ସ୍ତରୀୟକୁ ଚୟନ କରାଯାଇଥିବା ପିଲାମାନଙ୍କ ନାମ ଘୋଷଣା କରାଯାଇଥିଲା। କାର୍ଯ୍ୟକ୍ରମଟି ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ଅନ୍ୟ ବିଦ୍ୟାଳୟରୁ ଆସିଥିବା ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହଯୋଗରେ ସଫଳ ହୋଇଥିଲା।

## ଚନ୍ଦ୍ରପଡ଼ାରେ ଜନଶୁଣାଣି ଶିବିର

ବୈପାରିଗୁଡା, ୧୪।୧୦(ସମିସ): ବୈପାରିଗୁଡା ବ୍ଲକ ଚନ୍ଦ୍ରପଡ଼ା ପଞ୍ଚାୟତ କାର୍ଯ୍ୟାଳୟରେ ପଞ୍ଚାୟତସ୍ତରୀୟ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟାଳୟରେ ଆୟୋଜିତ ଶିବିରରେ ଏବିଡିଓ ନିବେଦିତା ଦଣ୍ଡସେନା ଅଧ୍ୟକ୍ଷତା କରିଥିବାବେଳେ ବ୍ଲକ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ଗୁପ୍ତା, ଚନ୍ଦ୍ରପଡା ସରପଞ୍ଚ ବବି ମୁଦୁଲି, ସମିତି ସଭ୍ୟା ଚନ୍ଦ୍ରା ହରିଜନଙ୍କ ସମେତ ଅଙ୍ଗନବାଡ଼ି କର୍ମୀ ଓ ଆଶା କର୍ମୀ, ବିଭିନ୍ନ ବିଭାଗର ଅଧିକାରୀ, ସମସ୍ତ ୱାର୍ଡ ସଭ୍ୟସଭ୍ୟା ଉପସ୍ଥିତ ଥିଲେ। ପଞ୍ଚାୟତ ପିଇଓ ଗଣେଶ ବିଶ୍ୱାସରାୟ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ପଞ୍ଚାୟତର ବିଭିନ୍ନ ଗ୍ରାମରୁ ଲୋକ ଆସି ନିଜ ସମସ୍ୟା ଜଣାଇଥିଲେ। ମୋଟ ୧୪ଟି ଅଭିଯୋଗ ପଞ୍ଜିକରଣ ହୋଇଥିବା ବେଳେ ସେଥିରୁ ୬ଟି ସାମୁହିକ ଏବଂ ୮ଟି ବ୍ୟକ୍ତିଗତ ଅଭିଯୋଗ ରହିଥିଲା। ସାମୂହିକ ଅଭିଯୋଗ ଭିତରୁ ପଞ୍ଚାୟତର ଫ୍ଲେଭର ବ୍ଲକ ରାସ୍ତା, କଲଭର୍ଟ ଏବଂ ଖେଳ ପଡିଆ ନିର୍ମାଣ। ବ୍ୟକ୍ତିଗତ ମଧ୍ୟରୁ ଆବାସ ଗୃହ ଏବଂ ମଧୁବାବୁ ପେନ୍‌ସନ ଭଳି ଅଭିଯୋଗ ଗୁଡ଼ିକର ସମାଧାନ ନିମନ୍ତେ ନିବେଦନ କରାଯାଇଥିଲା।

### ଖୋଲିଲାନି ଇନ୍ଦ୍ରାବତୀ ବନ୍ଧ ଫାଟକ

# ରାଜସ୍ୱ ଆଶାରେ ସାମୂହିକ ସ୍ୱାର୍ଥକୁ ଜଳାଞ୍ଜଳି

ତେନ୍ତୁଲିଖୁଣ୍ଟି,୧୪। ୧୦(ସମିସ)



ଚଳିତ ବର୍ଷ ଇନ୍ଦ୍ରାବତୀ ଜଳଭଣ୍ଡାର ଜଳପତ୍ତନ ୬୪୧ ମିଟର ଅତିକ୍ରମ କରିଥିଲେ ହେଁ ପ୍ରକଳ୍ପ ପ୍ରଶାସନ ଜଳଭଣ୍ଡାର ଫାଟକ ଖୋଲିବାର ନାମ ଧରୁ ନାହାଁନ୍ତି। ୨୦୧୮ ମସିହା ଅଗଷ୍ଟ ୧୫ ତାରିଖରେ ଜଳପତ୍ତନ ୬୪୦ ମିଟ ରେ ପହଞ୍ଚିବାରୁ ଇନ୍ଦ୍ରାବତୀ ଜଳଭଣ୍ଡାରର ୨ଟି ଫାଟକ ଖୋଲାଯାଇଥିଲା। ଇତି ମଧ୍ୟରେ ୭ ବର୍ଷ ଧରି ଜଳଭଣ୍ଡାର ଫାଟକ ଖୋଲାଯାଇ ନ ଥିବାରୁ ନଦୀ ଜଳ ପ୍ରଦୂଷିତ ହେଇଛି। ଶୁଷ୍କ ନଦୀ ଗର୍ଭରୁ ବ୍ୟାପକ ବାଲି ଉତ୍ତୋଳନ ହୋଇ ଅନ୍ୟତ୍ର ଚାଲାଣ ଯୋଗୁ ନଦୀ ଗର୍ଭରେ ବଡ଼ ବଡ଼ ଗର୍ତ୍ତ ସୃଷ୍ଟି ହୋଇଛି। ପରିବେଶ ସନ୍ତୁଳନ ରକ୍ଷା କରିବା ପାଇଁ ନଦୀ ଗର୍ଭରେ ସର୍ବଦା ୭ କ୍ୟୁମେକ୍ସ (ଘନମିଟର) ଜଳ ନିରନ୍ତର ପ୍ରବାହିତ ହେବାପାଇଁ ଓଡ଼ିଶା ଜଳବିଦ୍ୟୁତ ନିଗମ କର୍ତ୍ତୃପକ୍ଷ ରାଜ୍ୟ ସରକାରଙ୍କ ସହ ଚୁକ୍ତିନାମା କରିଥିଲେ। କିଛି ବର୍ଷ ୭ ଘନ ମିଟର ଜଳ ନଦୀ ଗର୍ଭରେ ଛାଡ଼ିବା ପରେ ୨୦୧୮ ମସିହାରୁ ଜଳ ନିର୍ଗମନ ସମ୍ପୂର୍ଣ୍ଣ ବନ୍ଦ କରିଦେଇଛନ୍ତି । ଫଳରେ ନବରଙ୍ଗପୁର ଜିଲ୍ଲା ଦେଇ ପ୍ରବାହିତ ଇନ୍ଦ୍ରାବତୀ ନଦୀ ଶୁଷ୍କ ତଥା ଟାଙ୍ଗରା ଭୂଇଁ ପାଲଟିଛି। ପ୍ରକୃତିର

### ଟାଙ୍ଗରା ଭୂଇଁ ପାଲଟିଛି ଚିରସ୍ରୋତା ଇନ୍ଦ୍ରାବତୀ

ଗତିପଥକୁ ବଦଳାଇ ଇନ୍ଦ୍ରାବତୀ ନଦୀ ବନ୍ଧ ଯୋଜନା ମାଧ୍ୟମରେ ୧୧୦ ବର୍ଗ କିଲୋମିଟର ଜଳଭଣ୍ଡାର ନିର୍ମାଣ ହେଲା। ଫଳରେ ଇନ୍ଦ୍ରାବତୀ ନଦୀ ସମେତ ଅନ୍ୟ ତିନି ନଦୀ ଶୁଷ୍କ ଭୂମିରେ ପରିଣତ ହୋଇଛି। ନବରଙ୍ଗପୁର ଜିଲ୍ଲାବାସୀଙ୍କ ହକକୁ ଅଣଦେଖା କରି ପ୍ରକଳ୍ପ ଆରମ୍ଭ ହେଲା। ପ୍ରତିବଦଳରେ ନବରଙ୍ଗପୁର ଜିଲ୍ଲାବାସୀଙ୍କୁ ଉନ୍ନତ ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ଗମନାଗମନ ସୁବିଧା କରି ପାରିପାଶ୍ୱର୍ିକ ବିକାଶର ସ୍ୱପ୍ନ ଦେଖାଇ କାର୍ଯ୍ୟ ହାସଲ ପରେ ସେସବୁ ପ୍ରତିଶ୍ରୁତି ନିରର୍ଥକ ହୋଇଛି । ପୂର୍ବରୁ ଓଡିଶା ଜଳ ବିଦ୍ୟୁତ ନିଗମ ଇନ୍ଦ୍ରାବତୀର ତମାମ ଆବଶ୍ୟକତାକୁ ଗୁରୁତ୍ୱ ପ୍ରଦାନ କରୁଥିଲା। ସେତେବେଳେ ଶିକ୍ଷା, ସ୍ୱାସ୍ଥ୍ୟ ସାଙ୍ଗକୁ ଗମନା ଗମନ କ୍ଷେତ୍ରରେ ଇନ୍ଦ୍ରାବତୀର ସ୍ୱତନ୍ତ୍ର ପରିଚୟ ରହିଥିଲା। କିନ୍ତୁ କାର୍ଯ୍ୟ ହାସଲ ପରେ ଜଳବିଦ୍ୟୁତ ନିଗମ ଇନ୍ଦ୍ରାବତୀବାସୀଙ୍କ ସୁବିଧା ଏବଂ ପାରିପାଶ୍ୱର୍ିକ ବିକାଶ ପ୍ରତି ଆଖି ବୁଜି ସମସ୍ତ ଦାୟିତ୍ୱ ଓଡିଶା ଜଳ ସେଚନ ବିଭାଗକୁ ଦେଇ ଉନ୍ନୟନ କାର୍ଯ୍ୟରେ ଯେତେ ଅର୍ଥ ଜଳସେଚନ ବିଭାଗ ଖର୍ଚ୍ଚ କରିବ, ତାହାର ୫୦ ପ୍ରତିଶତ ଅର୍ଥ ଜଳ ବିଦ୍ୟୁତ ନିଗମ ବହନ କରିବା ନେଇ ବୁଝାମଣା ହୋଇଛି। ଏହି ଗଣିତ ହିସାବ ପରେ ଅଞ୍ଚଳର ବିକାଶ ଏକ ପ୍ରକାର ଠପ୍ ହୋଇଯାଇଥିବା ବେଳେ ଜଳସେଚନ ବିଭାଗ ଏବଂ ଜଳବିଦ୍ୟୁତ ନିଗମ ମଧ୍ୟରେ ସଲାସୁତୁରା ହୋଇ ଉନ୍ନୟନ ପ୍ରତି ଆଖି ବୁଜିଦେଇଥିବା ଅଭିଯୋଗ କରିଛନ୍ତି ଇନ୍ଦ୍ରାବତୀବାସୀ। ସରକାର ଏଥିପ୍ରତି ବିଶେଷ ଦୃଷ୍ଟି ଦେଇ ଇନ୍ଦ୍ରାବତୀ ବାସିଙ୍କ ମୌଳିକ ସମସ୍ୟା ସମାଧାନ ସାଙ୍ଗକୁ ନଦୀ ଜଳ ସଫେଇ ପାଇଁ କିଛି ଜଳ ଛାଡିବା ପାଇଁ ଦାବି କରିଛନ୍ତି ଖାତିଗୁଡା ଗ୍ରାମବାସୀ ଙ୍କ ସମେତ ଇନ୍ଦ୍ରାବତୀ ଅଞ୍ଚଳବାସୀ।


ଆପଣଙ୍କ ପୁରୁଣା ବ୍ୟାଙ୍କ ଖାତାରେ ଟଙ୍କା ରଖି ଭୁଲିଯାଇଛନ୍ତି କି?



ଯାହା ଆପଣଙ୍କର ତାହାକୁ ପ୍ରାପ୍ତ କରିବାରେ ଆର୍‌ବିଆଇ ଆପଣଙ୍କୁ ସାହାଯ୍ୟ କରିବ ।


ଆପଣଙ୍କ ବ୍ୟାଙ୍କରେ ଅଚଳ ଖାତା (2 ବର୍ଷରୁ ଅଧିକ ଓ 10 ବର୍ଷ ପର୍ଯ୍ୟନ୍ତ ସମୟ ଧରି ନିଷ୍କ୍ରିୟ ଥିବା)ରେ ପଡ଼ିରହିଥିବା ଟଙ୍କା / ଦାବିହୀନ ଜମା (10 ବର୍ଷରୁ ଅଧିକ ସମୟ ଧରି)ଗୁଡ଼ିକୁ ଆର୍‌ବିଆଇର ଡିଇଏ ପାଣ୍ଠିକୁ ସ୍ଥାନାନ୍ତର କରିଦିଆଯାଇଥାଏ । ଆପଣ କିମ୍ବା ଆପଣଙ୍କର ଆଇନଗତ ଉତ୍ତରାଧିକାରୀ ତାହାକୁ ଯେକୌଣସି ସମୟରେ ଦାବି କରିପାରିବେ ।

ନିଜ ଟଙ୍କାକୁ ଦାବି କରିବାର 3ଟି ସହଜ ସୋପାନ

1. ଆପଣଙ୍କ ବ୍ୟାଙ୍କର ଯେକୌଣସି ଶାଖା ପରିଦର୍ଶନ କରନ୍ତୁ, ତାହା ଆପଣଙ୍କ ନିୟମିତ ଶାଖା ନ ହୋଇଥିଲେ ମଧ୍ୟ କିଛି ଅସୁବିଧା ନାହିଁ
2. କେୱାଇସି ଦସ୍ତାବିଜ (ଆଧାର, ପାସ୍‌ପୋର୍ଟ, ମତଦାତା ପରିଚୟପତ୍ର କିମ୍ବା ଡ୍ରାଇଭିଂ ଲାଇସେନ୍ସ) ସହ ଏକ ଫର୍ମ ଦାଖଲ କରନ୍ତୁ
3. ଯାଞ୍ଚ ପରେ, ଯଦି ଆପଣଙ୍କର କୌଣସି ଅର୍ଥରାଶି ପ୍ରାପ୍ୟ ହୋଇଥାଏ ତେବେ ତାହାକୁ ସୁଧ ସହ ପ୍ରାପ୍ତ କରନ୍ତୁ

ଆପଣଙ୍କର ଦାବିହୀନ ଜମାକୁ ଠାବ କରିବା ପାଇଁ

ଆପଣଙ୍କ ବ୍ୟାଙ୍କର ୱେବ୍‌ସାଇଟ୍‌ରେ ସନ୍ଧାନ କରନ୍ତୁ କିମ୍ବା ସମ୍ପ୍ରତି 30ଟି ବ୍ୟାଙ୍କକୁ ଅନ୍ତର୍ଭୁକ୍ତ କରୁଥିବା ଆର୍‌ବିଆଇର ଉଦ୍‌ଗମ ପୋର୍ଟାଲ (https://udgam.rbi.org.in) ଯାଞ୍ଚ କରନ୍ତୁ ।




ଅଧିକ ବିବରଣୀ ପାଇଁ, ପରିଦର୍ଶନ କରନ୍ତୁ: https://rbikehtahai.rbi.org.in
ମତାମତ ପାଇଁ, rbikehtahai@rbi.org.in କୁ ଲେଖନ୍ତୁ
କ୍ୟୁଆର୍ କୋଡ୍ ସ୍କାନ୍ କରନ୍ତୁ
ଆନୁଷ୍ଠାନିକ ହ୍ୱାଟ୍ସଆପ୍ ନମ୍ବର 99990 41935

ଜନହିତରେ ଜାରି କରିଛନ୍ତି
भारतीय रिज़र्व बैंक
RESERVE BANK OF INDIA
www.rbi.org.in

# ସମ୍ପାଦକୀୟ



ପ୍ରେମ ଓ କରୁଣା ବିନା ମାନବିକତା ମୂଲ୍ୟହୀନ
-ଦଲାଇ ଲାମା

ସକାଳ
THE SAKALA

## ଭତ୍ତା ଚିନ୍ତା

ଜନଆକାଂକ୍ଷିତ ଯୋଜନାଗୁଡ଼ିକୁ କେନ୍ଦ୍ର ସରକାର ସାଧାରଣତଃ କୌଣସି ରାଜ୍ୟ ବିଧାନସଭା ନିର୍ବାଚନ ଅବ୍ୟବହିତ ପୂର୍ବରୁ ଘୋଷଣା କରନ୍ତି ଏବଂ ଅପ୍ରତ୍ୟାଶିତ ସଫଳତା ମଧ୍ୟ ହାସଲ କରନ୍ତି । ଏହିକ୍ରମରେ ଆସନ୍ନ ବିହାର ବିଧାନସଭା ନିର୍ବାଚନ ପୂର୍ବରୁ ଆଶା କରାଯାଉଥିଲା ଯେ ସଂଗଠିତ ଅଣସରକାରୀ କ୍ଷେତ୍ରରେ କାର୍ଯ୍ୟରତ କର୍ମଚାରୀଙ୍କ ସାମାଜିକ-ଆର୍ଥିକ ନିରାପତ୍ତା ପାଇଁ ଉଦ୍ଦିଷ୍ଟ କର୍ମଚାରୀ ଭବିଷ୍ୟନିଧି ପାଣ୍ଠି(ଇପିଏଫ୍) ଅନ୍ତର୍ଗତ ଅବସରକାଳୀନ ଭତ୍ତା ରାଶିରେ କିଛିଟା ବୃଦ୍ଧି ଘଟିବ । କିନ୍ତୁ ଇପିଏଫ୍‌ଓର ସଦ୍ୟତମ ବାର୍ଷିକ ବୈଠକରେ ଏହା ଆଜେଣ୍ଡାରେ ମଧ୍ୟ ସାମିଲ୍ ହୋଇନାହିଁ । ଏହାଛଡ଼ା ଏଭଳି କେତେକ ନିଷ୍ପତ୍ତି ନିଆଯାଇଛି, ଯାହା ଏତେ ଦ୍ୱନ୍ଦ୍ୱ ସୃଷ୍ଟି କରୁଛି ଯେ ସାଧାରଣ କର୍ମଚାରୀ କିମ୍ବା ନିଯୁକ୍ତିଦାତାଙ୍କ ପାଇଁ ମଧ୍ୟ ବୁଝି ବୁଝାଇବା କଷ୍ଟକର ହୋଇପଡୁଛି । ସେହିପରି ମୋଟ ଜମା ପରିମାଣର ଶତପ୍ରତିଶତ ଉଠାଣ ନିଷ୍ପତ୍ତିକୁ ନେଇ ମଧ୍ୟ ବିବାଦ ଉଠିଛି । ଯଦି ଅବସର ପୂର୍ବରୁ ସମ୍ପୂର୍ଣ୍ଣ ରାଶି ଉଠାଇ ନିଆଯାଏ ତେବେ ବାର୍ଦ୍ଧକ୍ୟ ଅସୁରକ୍ଷିତ ହୋଇପଡ଼ିବ ବୋଲି ଅଭିଯୋଗ ଆସିଛି ।

ବୈଠକର ନିଷ୍କର୍ଷ ଅନୁଯାୟୀ, ଜମା ଉଠାଣ ଓ ବିବାଦ ସମାଧାନ ପ୍ରକ୍ରିୟା ସରଳ ଓ ସର୍ତ୍ତରହିତ ହୋଇଛି ସତ; କିନ୍ତୁ ଦୀର୍ଘବର୍ଷ ଧରି ହୋଇଆସୁଥିବା ଅବସର ପରବର୍ତ୍ତୀ ଭତ୍ତା ବୃଦ୍ଧି ଦାବି ପ୍ରତି ଦୃଷ୍ଟି ନ ପଡ଼ିବା କ୍ଷୋଭର ବିଷୟ । ସମ୍ପ୍ରତି ଇପିଏଫ୍‌କୁ ଦରମା ଯୋଗଦାନ ଆଧାରରେ ଅବସର ଭତ୍ତା ସର୍ବନିମ୍ନ ୧ ହଜାରରୁ ସର୍ବାଧିକ ୬ ହଜାର ଟଙ୍କା ପର୍ଯ୍ୟନ୍ତ ମିଳୁଛି । ସାମ୍ପ୍ରତିକ କ୍ରମବର୍ଦ୍ଧିଷ୍ଣୁ ମହଙ୍ଗା ଯୁଗରେ ଏତିକି ରାଶି ସମୁଦ୍ରକୁ ଶଙ୍ଖେ ଭଳି । ବୋଧହୁଏ ସରକାର ଅନ୍ୟାନ୍ୟ ସାମାଜିକ ଭତ୍ତା ଯୋଜନାକୁ ତୁଳନା କରି ଇପିଏଫ୍ ପେନ୍‌ସନ୍ ରାଶି ବୃଦ୍ଧି କରିବାକୁ ଉଚିତ ମଣୁ ନାହାନ୍ତି । ବିଭିନ୍ନ ସାମାଜିକ ଯୋଜନାରେ ମିଳୁଥିବା ଭତ୍ତା ନିର୍ବାଚନ ରାଜନୀତିର ଏକ ଅଂଶବିଶେଷ । ଅପରପକ୍ଷରେ ଇପିଏଫ୍ ସମ୍ପୂର୍ଣ୍ଣ ରୂପେ କର୍ମଚାରୀଙ୍କ ଝାଳବୁହା ଧନର ଯୋଗଦାନରେ ଗଠିତ । ସମ୍ପ୍ରତି ଦେଶରେ ୩୦ କୋଟି ଇପିଏଫ୍ ଆକାଉଣ୍ଟଧାରୀ ଥିବା ବେଳେ ସେମାନଙ୍କର ଏବଂ ସେମାନଙ୍କ ନିଯୁକ୍ତିଦାତାଙ୍କ ଯୋଗଦାନ ପରିମାଣ ୨୬ ଲକ୍ଷ କୋଟି ଟଙ୍କା । ସରକାରୀ କର୍ମଚାରୀମାନଙ୍କୁ ଦିଆଯାଉଥିବା ପେନ୍‌ସନ୍ ପ୍ରକ୍ରିୟା ଅନୁସରଣରେ ଇପିଏଫ୍‌ଓ ଏହି ବିପୁଳ ରାଶିକୁ ଲାଭଦାୟକ ପ୍ରତିଭୂତି ଅଂଶଧନରେ ନିବେଶ କଲେ ଆକାଉଣ୍ଟଧାରୀମାନେ ଅବସର ପରେ ଉପକୃତ ହୁଅନ୍ତେ ।

ଇପିଏଫ୍ ଆକାଉଣ୍ଟଧାରୀଙ୍କ ମଧ୍ୟରୁ ସିଂହଭାଗ ମଧ୍ୟବିତ୍ତ-ନିମ୍ନମଧ୍ୟବିତ୍ତ ଶ୍ରେଣୀର, ଯେଉଁମାନେ ସରକାରୀ ମାଗଣା ଯୋଜନା ଏବଂ ବିଭିନ୍ନ ଗରିବ କଲ୍ୟାଣ ଯୋଜନାରୁ ବଞ୍ଚିତ । ସମ୍ପ୍ରତି ଜୀବନ ଧାରଣର ଅତ୍ୟାବଶ୍ୟକ ସାମଗ୍ରୀ, ଶିକ୍ଷା ଓ ସ୍ୱାସ୍ଥ୍ୟ ଖର୍ଚ୍ଚ ଏତେ ବଢ଼ିଯାଇଛି ଯେ ଦରମା ଗଣ୍ଡିକ ଘରକୁ ଆସିବାର ପ୍ରଥମ ସପ୍ତାହରେ ହିଁ ସରିଯାଉଛି । ଏଭଳି ଅବସ୍ଥାରେ ଭବିଷ୍ୟତ ପାଇଁ ସଞ୍ଚୟ ଜମା ସୁଯୋଗ ମଧ୍ୟ ସଂକୁଚିତ । ତେଣୁ ଅବସର ପରେ ଖଟିଖିଆମାନେ କେମିତି ବଞ୍ଚିବେ ସେ ବିଷୟରେ ଅନ୍ତତଃ ସରକାର ସହୃଦୟତାର ସହ ମାନବିକ ଦୃଷ୍ଟିକୋଣରୁ ଚିନ୍ତା କରିବା ଉଚିତ ହେବ ।

## ବିପଦ ଟଳିନି

ନୋବେଲ୍ ବିଳାସୀ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ମଧ୍ୟସ୍ଥତାରେ ଇସ୍ରାଏଲ୍ ଓ ହମାସ୍ ମଧ୍ୟରେ ଯୁଦ୍ଧବନ୍ଦୀ ପ୍ରତ୍ୟର୍ପଣ ପ୍ରକ୍ରିୟା ଆରମ୍ଭ ହୋଇଛି । ଏଥିସହିତ ଗାଜାରେ ଶାନ୍ତି ବାହାଲ୍ ହେବାର ଆଶାର ଝଲକ୍‌ଟିଏ କେବଳ ଦେଖାଦେଇଛି, କିନ୍ତୁ ଅସ୍ଥିରତା ଓ ଅନିଶ୍ଚିତାର ବାଦଲ୍ ଏ ପର୍ଯ୍ୟନ୍ତ ହଟିନାହିଁ । ଏହାପୂର୍ବରୁ ମଧ୍ୟ ଉଭୟ ପକ୍ଷରୁ ଅସ୍ତ୍ରବିରତି ଓ ଯୁଦ୍ଧବନ୍ଦୀ ପ୍ରତ୍ୟର୍ପଣ ପ୍ରୟାସ ଭଣ୍ଡୁର ହୋଇଥିଲା । ସମ୍ପ୍ରତି ବିଶ୍ୱର ବଡ଼ଭାଇ ଆମେରିକା ଉପସ୍ଥିତିରେ ଏହି ପ୍ରକ୍ରିୟା ସମ୍ପାଦିତ ହେଉଛି । କିନ୍ତୁ ଏହାର ଅର୍ଥ ନୁହେଁ ଯେ ଉଭୟ ପକ୍ଷ ମନରେ ଜଳୁଥିବା ନିଆଁ ପ୍ରଶମିତ ହୋଇସାରିଛି । ଅନ୍ତତଃ କ୍ଷମତାଲିପ୍ସୁ ଓ ଯୁଦ୍ଧଖୋର ବେଞ୍ଜାମିନ୍ ନେତାନ୍ୟାହୁ ଇସ୍ରାଏଲ୍ ଶାସନ ମୁଖ୍ୟ ଥିବା ପର୍ଯ୍ୟନ୍ତ ଇସ୍ରାଏଲ୍-ପାଲେଷ୍ଟାଇନ୍ ମଧ୍ୟରେ ସମ୍ପୂର୍ଣ୍ଣ ଶାନ୍ତି ସହାବସ୍ଥାନ ସାକାର ହେବ ବୋଲି ବିଶ୍ୱାସ ଆସୁନାହିଁ ।

ଗାଜାପଟିରେ ଟ୍ରମ୍ପ ନିଜର ଯେଉଁ ସ୍ୱପ୍ନ-ପ୍ରକଳ୍ପ ପରିକଳ୍ପନା କରିଛନ୍ତି, ତା'କୁ ସାକାର କରିବା ପାଇଁ ସେହି ଅଞ୍ଚଳରେ ଶାନ୍ତି ଫେରିବା ତାଙ୍କ ପାଇଁ ଅପରିହାର୍ଯ୍ୟ । କିନ୍ତୁ ସେ ଯେ ମଧ୍ୟପ୍ରାଚ୍ୟରେ ଶାନ୍ତି ଚାହାନ୍ତି ତାହା କଳ୍ପନାତୀତ । ମଧ୍ୟପ୍ରାଚ୍ୟରେ ଶାନ୍ତି ଓ ସ୍ଥିରତା ବାହାଲ ହେଲେ ଆମେରିକାର ଆଣବିକ-ଇନ୍ଧନ ଓ ଯୁଦ୍ଧାସ୍ତ୍ର ବାଣିଜ୍ୟର ମହତାକାଂକ୍ଷା ସାକାର ହୋଇପାରିବ ନାହିଁ କି ଇରାନ୍‌କୁ କାବୁ କରିହେବ ନାହିଁ । ତେଣୁ ନିଜକୁ ବିଶ୍ୱ ଶାନ୍ତିଦୂତ ଭାବେ ଉପସ୍ଥାପନା କରୁଥିଲେ ମଧ୍ୟ ମଧ୍ୟପ୍ରାଚ୍ୟକୁ ସର୍ବଦା ଅଶାନ୍ତ ଓ ଅସ୍ଥିର ରଖିବା ପାଇଁ ଆମେରିକାର ସର୍ବକାଳୀନ ବୈଦେଶିକ ନୀତି ବିରୋଧରେ ଟ୍ରମ୍ପ ଯିବେ ନାହିଁ । ଅପରପକ୍ଷରେ ଆମେରିକା ବିରୋଧରେ ଯାଇ ଜାତିସଂଘର ସଂଖ୍ୟାଗରିଷ୍ଠ ସଦସ୍ୟ ପାଲେଷ୍ଟାଇନ୍‌ର ସାର୍ବଭୌମତ୍ୱ ସପକ୍ଷରେ ଭୋଟ ଦେଇଛନ୍ତି । ପାଲେଷ୍ଟାଇନ୍ ବିଧିବଦ୍ଧ ଭାବେ ସାର୍ବଭୌମ ରାଷ୍ଟ୍ର ଘୋଷିତ ହେଲେ ହମାସ୍‌ଙ୍କ ନିରାପଦ ଆଶ୍ରୟସ୍ଥଳୀ ହେବା ନିଶ୍ଚିତ, ଯାହାକୁ ନେତାନ୍ୟାହୁ ବରଦାସ୍ତ କରିବେ ନାହିଁ କି ଇସ୍ରାଏଲ୍ ବିରୋଧରେ ଆମେରିକା ମଧ୍ୟ ଯିବ ନାହିଁ । ତେଣୁ ଏହି ପ୍ରସଙ୍ଗ ଆଗାମୀ ଦିନରେ ପୁଣି ଉତ୍ତେଜନା ଓ ହିଂସା ସୃଷ୍ଟି କରିବାର ଆଶଙ୍କା ରହିଛି । ଇତିମଧ୍ୟରେ ଟ୍ରମ୍ପ ପ୍ରାୟୋଜିତ ଏହି ଯୁଦ୍ଧବିରତି ଚୁକ୍ତିକୁ ଆଫ୍‌ଗାନିସ୍ତାନ ଓ ପାକିସ୍ତାନର କେତେକ ଅଞ୍ଚଳରେ ତୀବ୍ର ବିରୋଧ ହେଉଛି । ହମାସ ମଧ୍ୟ ଚୁକ୍ତିର କେତେକ ସର୍ତ୍ତକୁ ବିରୋଧ କରିଛି ଅଥଚ ବାଧ୍ୟବାଧକତାରେ କାର୍ଯ୍ୟକାରୀ କରୁଛି । ତେଣୁ ଏହି ବିରୋଧ ଓ ଅସନ୍ତୋଷ ପୁଣି ଏକ ଆତଙ୍କବାଦୀ ଆକ୍ରମଣ, ହିଂସା ଓ ଯୁଦ୍ଧକୁ ଜନ୍ମ ଦେବା ଅସମ୍ଭବ ନୁହେଁ ।

ଇସ୍ରାଏଲ୍-ପାଲେଷ୍ଟାଇନ ବିବାଦର ମୂଳ ସମସ୍ୟାର ସମାଧାନ ନ ହେବା ଯାଏଁ ମଧ୍ୟପ୍ରାଚ୍ୟରେ ଶାନ୍ତି ଓ ସ୍ଥିରତା କେବଳ ଏକ ସ୍ୱପ୍ନ ମାତ୍ର । କେବଳ ଯୁଦ୍ଧବନ୍ଦୀ ପ୍ରତ୍ୟର୍ପଣ ଓ ଅସ୍ତ୍ରବିରତି ଭଳି ତାଳିପକା ପ୍ରୟାସରେ ଏହି ମହତ୍ ଲକ୍ଷ୍ୟ ପୂରଣ ହୋଇପାରିବ ନାହିଁ । ଚତୁର ଆମେରିକା ଓ ବାଚାଳ ଟ୍ରମ୍ପ ଏହା ବୁଝି ମଧ୍ୟ ଅବୁଝା ରହିବାର ଛଳନା କରୁଛନ୍ତି । ବେଲୁନ୍‌ର ଗୋଟିଏ ସ୍ଥାନରେ ଚାପ ପଡ଼ିଲେ ଅନ୍ୟ ପଟ ଫୁଲି ଉଠିବା ଭଳି ଗାଜା ଶାନ୍ତ ହେଲେ ମଧ୍ୟ ଅଶାନ୍ତି, ଆତଙ୍କ ଓ ହିଂସା ଅନ୍ୟ ସ୍ଥାନରେ ମୁଣ୍ଡ ଟେକିପାରେ ।

# ଗଣତନ୍ତ୍ରର ଅପ୍ରତିହତ ସ୍ୱର: ମ୍ୟାଁମାର୍‌ରୁ ଭେନ୍‌ଜୁଏଲା

**ମନୋରଂଜନ ମହାନ୍ତି**

ବିଶ୍ୱ-ଇତିହାସରେ ଦୁଇଟି ସ୍ୱର୍ଣ୍ଣିମ ଅଧ୍ୟାୟ । ମଣିଷର ଗଣତାନ୍ତ୍ରିକ ଅଧିକାର ପାଇଁ ସାମରିକ ଶାସନ ବିରୋଧରେ ସଂଗ୍ରାମ କରି ମ୍ୟାଁମାର୍‌ର ଅଙ୍ଗ୍ ସାନ୍ ସୁକୀ ପାଇଥିଲେ ନୋବେଲ ଶାନ୍ତି ପୁରସ୍କାର ୧୯୯୧ ମସିହାରେ । ତିନି ଦଶନ୍ଧିରୁ ଊର୍ଦ୍ଧ୍ୱ କାଳ ପରେ ୨୦୨୫ ମସିହାର ନୋବେଲ୍ ଶାନ୍ତି ପୁରସ୍କାର ପାଇଁ ମନୋନୀତ ହୋଇଛନ୍ତି ଭେନ୍‌ଜୁଏଲାର ବିପ୍ଳବିଣୀ ଲୌହମାନବୀ ରୂପେ ପରିଚିତା ମ୍ୟାରିଆ କୋରିନା ମାଚାଡ଼ୋ । ସେଠାରେ ଏକଛତ୍ରବାଦୀ ଶାସନର ବିଲୋପ କରି ଜନସାଧାରଣଙ୍କ ଗଣତାନ୍ତ୍ରିକ ଅଧିକାର ପାଇଁ ଦୀର୍ଘ ଏକ ଦଶନ୍ଧି ଧରି ଚାଲିଥିବା ଆନ୍ଦୋଳନର ନେତୃତ୍ୱ ସେ ନେଉଛନ୍ତି । ଭେନ୍‌ଜୁଏଲା ଦକ୍ଷିଣ-ଆମେରିକାର ଏକ ରାଷ୍ଟ୍ର । ତା' ସୀମାକୁ ଲାଗିଛି କ୍ୟାରିବୀୟ ସାଗର ଓ ଉତ୍ତରଆଟ୍‌ଲାଣ୍ଟିକ୍ ମହାସାଗର । ତା'ର କ୍ଷେତ୍ରଫଳ ୯, ୧୬, ୪୪୫ ବର୍ଗ କି.ମି. । ଜନସଂଖ୍ୟା ମାତ୍ର ୩୦.୫ନିୟୁତ । ଅଥଚ ଦେଶଟି ସଂପ୍ରତି ଘୋର ସଂକଟ ମଧ୍ୟରେ ଗତି କରୁଛି ।

ହ୍ୟୁଗୋ ଚାଭେଜ୍ ରାଷ୍ଟ୍ରପତି ଥିଲାବେଳେ ସାମାଜିକ, ଅର୍ଥନୈତିକ, ରାଜନୈତିକ ସଂକଟ ଆରମ୍ଭ ହୋଇ ଏବର ରାଷ୍ଟ୍ରପତି ନିକୋଲାସ୍ ମାଦୁରୋ ଓ ଉପରାଷ୍ଟ୍ରପତି ଡେଲ୍‌ସି ରୋଡ୍‌ରିଗେଜ୍‌ଙ୍କ ଶାସନ ସମୟରେ ବହୁଗୁଣିତ ହୋଇଛି । ମୁଦ୍ରାସ୍ଫୀତି, ଅନାହାର, ରୋଗ, ଅପରାଧ, ମୃତ୍ୟୁହାର ବୃଦ୍ଧି, ଦେଶାନ୍ତର ଗମନ ଦୃଷ୍ଟିରୁ ଭେନ୍‌ଜୁଏଲା ହେଉଛି ଲାଟିନ୍-ଆମେରିକା ଓ କ୍ୟାରିବୀୟ ଅଞ୍ଚଳରେ ଦ୍ୱିତୀୟ ଦରିଦ୍ର ରାଷ୍ଟ୍ର । ସେଠି ପ୍ରଚୁର ତୈଳସମ୍ପଦ ଭରିରହିଛି । 'ପେଟ୍ରୋଲିଅସ୍ ଡି ଭେନ୍‌ଜୁଏଲା ଏସ୍.ଏ' ନାମକ ରାଷ୍ଟ୍ରାୟତ୍ତ ତୈଳ ଓ ପ୍ରାକୃତିକ ବାଷ୍ପ କମ୍ପାନୀ ତା'ର ପରିଚାଳନା ଦାୟିତ୍ୱରେ ଅଛି । କିନ୍ତୁ ସରକାରୀ କୁ-ପରିଚାଳନା ହେତୁ ତୈଳ ଉତ୍ପାଦନ ହ୍ରାସ ପାଉଛି । ଏଣେ ତୈଳ ରପ୍ତାନି ଉପରେ ନିର୍ଭରଶୀଳତା ମାତ୍ରାଧିକ ହେଉଛି । ତୈଳ ମୂଲ୍ୟ ହ୍ରାସ ପାଉଛି । ସର୍ବବୃହତ୍ ତୈଳସମ୍ପଦ ଥାଇ ମଧ୍ୟ ଦେଶବାସୀ ଦରିଦ୍ର ।

ରାଜନୈତିକ ଅସ୍ଥିରତା ସାଙ୍ଗକୁ ଭ୍ରଷ୍ଟାଚାର, ଦୁର୍ବଳ ନେତୃତ୍ୱ, ଅମଲାତନ୍ତ୍ରର ଅଧିନାୟକବାଦୀ ଶୈଳୀ ଜନସାଧାରଣଙ୍କ ଦୁର୍ଦ୍ଦଶା ପାଇଁ ପୂର୍ଣ୍ଣତଃ ଦାୟୀ । ବ୍ୟକ୍ତି-ସ୍ୱାଧୀନତା ଓ ନିରାପତ୍ତାର ଘୋର ଅଭାବ । ଖାଦ୍ୟାଭାବ, ପାନୀୟଜଳ ସଂକଟ, ସ୍ୱାସ୍ଥ୍ୟ ସୁବିଧାର ଅଭାବ ହେତୁ ୫ନିୟୁତ ଲୋକ ଦେଶାନ୍ତର ହେଲେଣି । ବେଆଇନ୍ ଭାବରେ ଆମେରିକାରେ ରହୁଥିବା ଭେନ୍‌ଜୁଏଲା-ଅଧିବାସୀଙ୍କ ସଂଖ୍ୟା ୨୦୦୭ରେ ଥିଲା ୫୫, ୦୦୦, ୨୦୨୧ରେ ୧, ୯୫, ୦୦୦, ୨୦୨୩ରେ ୬, ୫୦, ୦୦୦, ୨୦୨୫ରେ ୭ଲକ୍ଷ । କୃଷି ଓ ଉତ୍ପାଦନ କ୍ଷେତ୍ର ସମ୍ପୂର୍ଣ୍ଣ ଅବହେଳିତ । ପରିସଂଖ୍ୟାନ ଅନୁଯାୟୀ ୩୦ନିୟୁତ ଜନସଂଖ୍ୟାବିଶିଷ୍ଟ ଭେନ୍‌ଜୁଏଲାରେ ପ୍ରାୟ ଏକ-ତୃତୀୟାଂଶ ଅର୍ଥାତ୍ ୯.୩ ନିୟୁତ ଲୋକ ଖାଦ୍ୟାଭାବରେ ପୀଡ଼ିତ । ଚିକନ୍‌ଗୁନିଆ, ଡେଙ୍ଗୁ, ହେପାଟାଇଟିସ୍-ଏ, ହେପାଟାଇଟିସ୍-ବି, ମ୍ୟାଲେରିଆ, ମିଳିମିଳା ରୋଗୀଙ୍କ ସଂଖ୍ୟା ବଢ଼ିବଢ଼ି ଚାଲିଛି । ଅଥଚ ଆବଶ୍ୟକ ଔଷଧର ଉତ୍କଟ ଅଭାବ । ବେକାରୀ, ବେରୋଜଗାରୀ ବଢୁଥିବାରୁ ଅପରାଧ ବୃଦ୍ଧି ପାଉଛି । ଏକଛତ୍ରବାଦୀ ଶାସକଙ୍କ ସ୍ୱେଚ୍ଛାଚାର ହେତୁ ମାନବାଧିକାର ଉଲ୍ଲଙ୍ଘନ ହେଉଛି । ଫଳତଃ ନାଗରିକ ଅସନ୍ତୋଷ ବୃଦ୍ଧି ପାଉଛି । ଭେନ୍‌ଜୁଏଲାକୁ ଯାଉଥିବା ଲୋକଙ୍କୁ ବେଆଇନ୍ ଅଟକ ରଖାଯାଉଛି, ଯନ୍ତ୍ରଣା ଦିଆଯାଉଛି । ଆତଙ୍କବାଦ ଓ ଅପହରଣ ଭଳି ମାମଲାରେ ଜଡ଼ିତ କରାଇ ସ୍ଥାନୀୟ ଆଇନ୍‌ର ମନମୁଖି ପ୍ରୟୋଗ କରାଯାଉଛି ।

ସ୍ୱଳ୍ପ ଜନସଂଖ୍ୟା ବିଶିଷ୍ଟ ଗୋଟେ କ୍ଷୁଦ୍ର ରାଷ୍ଟ୍ରର ଏପରି ଦୁଃସ୍ଥିତି କାଳରେ ରାଷ୍ଟ୍ରନାୟକଙ୍କ ଏକଛତ୍ରବାଦ ବିରୋଧରେ ବଜ୍ର ସ୍ୱର ଜାଗ୍ରତ କରି ସାଧାରଣ ଜନତାଙ୍କ ଗଣତାନ୍ତ୍ରିକ ଅଧିକାର ପାଇଁ ଜନ-ଆନ୍ଦୋଳନ ଜରିଆରେ ନିରବଚ୍ଛିନ୍ନ ପ୍ରୟାସ କରୁଥିବା ମ୍ୟାରିଆ କୋରିନା ମାଚାଡ଼ୋ ଚଳିତ ବର୍ଷର ନୋବେଲ୍ ଶାନ୍ତି ପୁରସ୍କାର ବିଜୟିନୀ । ମ୍ୟାରିଆ ଜଣେ ଇଣ୍ଡଷ୍ଟ୍ରିଆଲ୍ ବା ଔଦ୍ୟୋଗିକ ଇଂଜିନିୟର୍ ଓ ବିତ୍ତକ୍ଷେତ୍ର (ଫାଇନାନ୍ସ) ରେ ସ୍ନାତକୋତ୍ତର ଉପାଧିପ୍ରାପ୍ତ । 'ସୁମେଟ୍' ସଂଗଠନର ପ୍ରତିଷ୍ଠାତ୍ରୀ ଭାବରେ ନିଜର ରାଜନୈତିକ ଜୀବନ ସେ ଆରମ୍ଭ କରିଥିଲେ । ସେଥିସହିତ 'ଭେଣ୍ଟେ ଭେନ୍‌ଜୁଏଲା' ନାମକ ରାଜନୈତିକ ଦଳର ଜାତୀୟ ସଂଯୋଜିକା ଅଛନ୍ତି । ୨୦୧୪ରୁ ଏପର୍ଯ୍ୟନ୍ତ ରାଷ୍ଟ୍ରପତି ନିକୋଲାସ୍ ମାଦୁରୋଙ୍କ ସରକାର ବିରୋଧରେ ଏକ ଶକ୍ତିଶାଳୀ ସାମାଜିକ ଆନ୍ଦୋଳନର ନେତୃତ୍ୱ ନେଉଛନ୍ତି ମ୍ୟାରିଆ । ୨୦୨୪ରୁ ଗୋପନବାସରେ ଅଛନ୍ତି । ଏକ ଦଶନ୍ଧି ବ୍ୟାପୀ ତାଙ୍କର ସଂଗ୍ରାମକୁ ସ୍ୱୀକୃତି ଜଣାଇ ନୋବେଲ୍ କମିଟି ତାଙ୍କୁ ପ୍ରଦାନ କରିଛି ଅନ୍ତଃରାଷ୍ଟ୍ରୀୟ ସ୍ତରରେ ସର୍ବଶ୍ରେଷ୍ଠ ଶାନ୍ତି ପୁରସ୍କାର ।

ଗଣତାନ୍ତ୍ରିକ ଅଧିକାର ପାଇଁ ମ୍ୟାରିଆଙ୍କ ସଂଗ୍ରାମ ଆମକୁ ମନେପକାଇ ଦେଉଛି ଆଜିକୁ ପ୍ରାୟ ଚାରି ଦଶନ୍ଧି ତଳେ ବର୍ମା (ଆଧୁନିକ ମ୍ୟାଁମାର୍)ରେ ସାମରିକ ଶାସନକର୍ତ୍ତା ଜେନେରାଲ୍ ନି ୱିନ୍‌ଙ୍କ ବିରୋଧରେ ଜନଆନ୍ଦୋଳନକୁ କିଭଳି ତୀବ୍ରତର କରିଥିଲେ ବିପ୍ଳବିଣୀ ଅଙ୍ଗ୍‌ସାନ୍ ସୁକୀ । ଜେନେରାଲ ନି ୱିନ୍‌ଙ୍କ ସାମରିକ ଶାସନରେ ବର୍ମାର ଅଧିବାସୀମାନେ ଅତ୍ୟନ୍ତ ଅତିଷ୍ଠ ଓ ଅସ୍ଥିର ହୋଇପଡ଼ିଥିଲେ । ୧୯୮୮ ମସିହାରେ ସୁକୀ ରେଙ୍ଗୁନ୍‌ରେ ପହଞ୍ଚି ବର୍ମାବାସୀଙ୍କ ଦୁରବସ୍ଥାକୁ ହୃଦୟଙ୍ଗମ କଲେ । ସୁକୀ ଲକ୍ଷ୍ୟ କଲେ ଛାତ୍ରମାନେ ନି ୱିନ୍‌ଙ୍କ ବିରୋଧରେ ଆନ୍ଦୋଳନ କରୁଛନ୍ତି । ସୁତରାଂ ସେ ନିଜକୁ ସେହି ଆନ୍ଦୋଳନରେ ସାମିଲ କରାଇଲେ ।

ସାରା ଦେଶରେ ସାମରିକ ଶାସନ ବିରୋଧରେ ପ୍ରତିବାଦର ସ୍ୱର ଜାଗି ଉଠିଲା । ୧୯୮୮ ଜୁଲାଇ ୨୩ ତାରିଖରେ ନି ୱିନ୍ 'ବର୍ମିଜ୍ ସୋସିଆଲିଷ୍ଟ ପ୍ରୋଗ୍ରାମ୍ ପାର୍ଟି'ର ନେତୃତ୍ୱରୁ ଓହରିଯିବାକୁ ସ୍ଥିରକଲେ । ୧୯୮୮ ଅଗଷ୍ଟ ୧୫ ତାରିଖରେ ସୁକୀ ନିଜର ଏକ ଲେଖା ସାମରିକ ଶାସନକର୍ତ୍ତାଙ୍କୁ ଦେଲେ । ସେହି ଲେଖାର ଶୀର୍ଷକ ଥିଲା - 'ଦି ଫର୍‌ମେସନ୍ ଅଫ୍ ଏ ପିପୁଲ୍‌ସ୍ କନ୍‌ସଲ୍‌ଟେଟିଭ୍ କମିଟି' । ଶାନ୍ତିପୂର୍ଣ୍ଣ ଓ ନିରସ୍ତ୍ର ଆନ୍ଦୋଳନକାରୀମାନଙ୍କ ବିରୋଧରେ ଦମନମୂଳକ ପନ୍ଥା ଗ୍ରହଣ ନକରିବା ପାଇଁ ଏବଂ ସମସ୍ତ ରାଜନୈତିକ ବନ୍ଦୀଙ୍କୁ ଖଲାସ କରିଦେବା ପାଇଁ ଉକ୍ତ ଲେଖାରେ ସୁକୀ ସାମରିକ ଶାସନକର୍ତ୍ତାଙ୍କୁ ନିବେଦନ କରିଥିଲେ । ଏହି ଲେଖାରେ ମଧ୍ୟ ବର୍ମାର କେତେକ ବିଶିଷ୍ଟ ନାଗରିକ ସ୍ୱାକ୍ଷର କରିଥିଲେ ।

ସମଗ୍ର ଦେଶରେ ଶାନ୍ତିପୂର୍ଣ୍ଣ ଓ ଅହିଂସ ଆନ୍ଦୋଳନ ଏକ ବିରାଟ ଆକାର ଧାରଣ କରିବାରୁ ଜେନେରାଲ ନି ୱିନ୍ କ୍ଷମତାରୁ ଓହରିଗଲେ । ୧୯୮୮ ସେପ୍ଟେମ୍ବର ୧୮ ତାରିଖରେ ଜେନେରାଲ ସ'-ମାଉଙ୍ଗ୍ ସାମରିକ ଶାସନକର୍ତ୍ତା ହେଲେ । ସେତିକିବେଳେ ସୁକୀ ଏକ ଦଳ ଗଢ଼ିଲେ ଯାହାର ନାମ ହେଲା 'ନେସ୍‌ନାଲ୍ ଲିଗ୍ ଫର୍ ଡେମୋକ୍ରେସି' । ୧୯୮୮ ଅଗଷ୍ଟ ୧୫ତାରିଖରୁ ୧୯୮୯ ଜୁଲାଇ ୨୦ ତାରିଖ ପର୍ଯ୍ୟନ୍ତ ସୁକୀ ନିରବଚ୍ଛିନ୍ନ ଭାବରେ ସଂଗ୍ରାମ କଲେ ସାମରିକ ଏକଛତ୍ରବାଦ ବିରୋଧରେ । ସୁକୀଙ୍କର ଜନପ୍ରିୟତା ସମଗ୍ର ଦେଶରେ କ୍ରମଶଃ ବୃଦ୍ଧି ପାଇବାକୁ ଲାଗିଲା । ୧୯୯୦ ମେ ୨୭ ତାରିଖରେ ବର୍ମା (ଆଧୁନିକ ମ୍ୟାଁମାର୍)ରେ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେଲା । ସେଥିରେ ୪୮୫ଟି ଆସନ ମଧ୍ୟରୁ ସୁକୀଙ୍କ 'ନେସ୍‌ନାଲ୍ ଲିଗ୍ ଫର୍ ଡେମୋକ୍ରେସି' ଦଳ ୩୯୨ଟି ଆସନରେ ବିଜୟହାସଲ କଲେ । ସମୁଦାୟ ୧୩ ନିୟୁତ ଭୋଟ ମଧ୍ୟରୁ ସୁକୀଙ୍କ ଦଳ ଶତକଡ଼ା ୭୨ ଭାଗ ଭୋଟ୍ ପାଇ ନିରଙ୍କୁଶ ସଂଖ୍ୟାଗରିଷ୍ଠତା ହାସଲ କଲେ । ନିର୍ବାଚନ ପୂର୍ବରୁ ମାସ ମାସ ଧରି ସୁକୀ ୧୦୦୦ରୁ ଊର୍ଦ୍ଧ୍ୱ ସଭାରେ ଉଦ୍‌ବୋଧନ ଦେଇଥିଲେ ।

ନିର୍ବାଚନରେ ସୁକୀଙ୍କ 'ଗଣତନ୍ତ୍ର-ଦଳ'ର ବିପୁଳ ବିଜୟ ଦେଖି ସାମରିକ ଶାସକମାନେ କ୍ରୋଧାନ୍ୱିତ ଓ ଈର୍ଷାପରାୟଣ ହୋଇଉଠିଲେ । ଗଣତନ୍ତ୍ର ସପକ୍ଷରେ ମ୍ୟାଁମାର୍‌ର ଅଧିବାସୀଙ୍କ ରାୟକୁ ସାମରିକ ଶାସକମାନେ ଅସ୍ୱୀକାର ଓ ଅସମ୍ମାନ କଲେ । ୧୯୯୦ ଅକ୍ଟୋବର ମାସରୁ ୧୯୯୨ ଜାନୁଆରୀ ମଧ୍ୟରେ ସୁକୀଙ୍କ 'ନେସ୍‌ନାଲ୍ ଲିଗ୍ ଫର୍ ଡେମୋକ୍ରେସି' ଦଳର ପାର୍ଲାମେଣ୍ଟ୍ ସଭ୍ୟମାନଙ୍କର ବିଚାର ହୋଇ ପ୍ରତ୍ୟେକଙ୍କୁ ୧୦ରୁ ୨୫ବର୍ଷ ପର୍ଯ୍ୟନ୍ତ କାରାଦଣ୍ଡରେ ଦଣ୍ଡିତ କରାଗଲା । ବନ୍ଦୀଶାଳାରେ ରାଜନୈତିକ ବନ୍ଦୀମାନଙ୍କ ପ୍ରତି ଅକଥନୀୟ ଅତ୍ୟାଚାର କରାଗଲା । ୧୯୯୧ ଜୁଲାଇ ୨୦ତାରିଖରୁ ସୁକୀଙ୍କୁ ଗୃହବନ୍ଦୀ କରି ରଖାଗଲା ।

ମ୍ୟାଁମାର୍‌ରେ ଗଣତନ୍ତ୍ର ଶାସନ ପ୍ରତିଷ୍ଠା କରିବା ଉଦ୍ଦେଶ୍ୟରେ ସୁକୀ ଯେପରି ନିରବଚ୍ଛିନ୍ନ ସଂଗ୍ରାମ ଓ ସାଧନା କରି ଆସିଥିଲେ, ଯେପରି ଚରମ ତ୍ୟାଗ ସ୍ୱୀକାର କରିଥିଲେ, ଇତିହାସରେ ତାହା ଅତୁଳନୀୟ । ୧୯୯୧ର ନୋବେଲ୍ ଶାନ୍ତି ପୁରସ୍କାର ତାଙ୍କୁ ପ୍ରଦାନ କରାଯାଇଥିଲା । ମଣିଷର ଗଣତାନ୍ତ୍ରିକ ଅଧିକାର ପାଇଁ ସାମରିକ ଓ ଏକଛତ୍ରବାଦୀ ଶାସନ ବିରୋଧରେ ସାହସିକ ସଂଗ୍ରାମ କରିଥିବା ଏହି ଦୁଇଜଣ ବିପ୍ଳବିଣୀ ନାରୀ ବିଶ୍ୱ ଇତିହାସରେ ଚିର ସ୍ମରଣୀୟ ହୋଇ ରହିବେ । ଏକଛତ୍ରବାଦ ବିରୋଧରେ ଅବଳା ରୂପେ ବିଦିତ ନାରୀମାନଙ୍କର ଉପରୋକ୍ତ ଯୁଗାନ୍ତକାରୀ ସଂଗ୍ରାମକୁ ନୋବେଲ୍ ସ୍ୱୀକୃତି ନାରୀ ସଶକ୍ତୀକରଣର ଦୃଢ଼ ବାର୍ତ୍ତା, ସର୍ବୋପରି ପୁରୁଷପ୍ରାଧାନ୍ୟ ସମାଜକୁ ଏକ ଭିନ୍ନ ସଂକେତ ଦେଉଛି ।

(ଅବସରପ୍ରାପ୍ତ ପ୍ରାଧ୍ୟାପକ)
ଧର୍ମଶାଳା(ଯାଜପୁର),
ମୋ: ୯୮୫୩୨୮୨୯୬୨

# ଜ୍ଞାନର ଅହଙ୍କାର ଓ ଅହଙ୍କାରର ଜ୍ଞାନ

**ଶ୍ରୀବତ୍ସ ନାୟକ**

ଏମିତି ଏକ ସମୟ ଆସିବ ଯେଉଁ ସମୟରେ ତୁମ ପାଖରେ ଚପଲ ଥିବ, କିନ୍ତୁ ପାଦରେ ବଳ ନଥିବ । ହାତ ଥିବ, କିନ୍ତୁ ଯୋଡ଼ିବାକୁ ଶକ୍ତି ନଥିବ । ସମସ୍ତେ ଥାଇ ବି ପାଖରେ କେହି ନଥିବେ । ସମୟ ଆସିବ ଯୌବନରେ ବାର୍ଦ୍ଧକ୍ୟର ଛାଇ ଖେଳିଯିବ, ସ୍ୱପ୍ନ ଦେଖୁଥିବ ହେଲେ ରାତି ନଥିବ । ସମୟ ଆସିବ ତୁମକୁ ବି କେହି ଉପହାସ କରିବେ । ତୁମେ ବି କାହା ନିର୍ଦ୍ଦେଶକୁ ଅପେକ୍ଷା କରିବ । ନିରସ୍ତ୍ର ସୈନିକ ଭଳି ମୂକ ପାଲଟିଯିବ । ବିରହ ବିଚ୍ଛେଦର ଯନ୍ତ୍ରଣା ଭୋଗିବାକୁ ପଡ଼ିବ, ସମସ୍ତ କୁକର୍ମର ପଶ୍ଚାତାପ କରିବାକୁ ପଡ଼ିବ । ତେଣୁ ଏତେ ଗର୍ବ ଅହଙ୍କାର କାହିଁକି? ସମୟ ଆସିବ ସବୁ ଅହଙ୍କାର ଚୂରମାର ହୋଇଯିବ ।

ମଣିଷ ମନର ଅହଂ ଭାବନାରେ ଆତ୍ମଗର୍ବ ଅତିଶୟ । ଏ ମଣିଷ ଅହଂ ଭାବନାରେ ବୁଡ଼ି ନିଜକୁ ମଣେ ମହାନ । ନମ୍ରତା ଭାବନା ପ୍ରତି ବୀତସ୍ପୃହ ହୋଇ ଆତ୍ମଗର୍ବେ ବଳୀୟାନ ହୁଏ । ଅଜ୍ଞାନ ଅନ୍ଧକାର ରହିତ ମଣିଷ ଅହଙ୍କାର କରିବା ସ୍ୱାଭାବିକ । କିନ୍ତୁ ଯେତେବେଳେ ଜ୍ଞାନୀ ଲୋକମାନେ ନିଜ ଜ୍ଞାନକୁ ନେଇ ଗର୍ବ ଓ ଅହଙ୍କାର କରିଥା'ନ୍ତି, ସେତେବେଳେ ସମାଜ ବିନାଶ ଆଡ଼କୁ ଗତି କରିଥାଏ । କିଏ ନିଜର ଧନକୁ ନେଇ ଗର୍ବ କରେ ତ କିଏ ପୁଣି ନିଜର ସୌନ୍ଦର୍ଯ୍ୟକୁ ନେଇ ଗର୍ବ କରେ । କିଏ ଜ୍ଞାନକୁ ନେଇ ଗର୍ବ କରେ ତ କିଏ ପୁଣି ନିଜର ଦାନ ଓ ଭକ୍ତିକୁ ନେଇ ଗର୍ବ କରେ । ଅଧୁନା ସମାଜରେ ଅହଙ୍କାରୀ ଜ୍ଞାନୀମାନଙ୍କର ଅଭାବ ନାହିଁ । ଏହି ଅହଙ୍କାରୀ ଜ୍ଞାନୀମାନେ ନିଜର ଜ୍ଞାନର ଦ୍ୱାହି ଦେଇ ବିକାଶ ଆଳରେ ସମାଜକୁ ବିନାଶ ଆଡ଼କୁ ନେଇଯାଉଛନ୍ତି ।

ଲଙ୍କାପତି ରାବଣ ବେଦ, ଶାସ୍ତ୍ର ଓ ସଙ୍ଗୀତରେ ବେଶ୍ ପାରଙ୍ଗମ ଥିଲେ । ସେ ଶିବଭକ୍ତ ମଧ୍ୟ ଥିଲେ । ତାଙ୍କର ତପସ୍ୟାରେ ସ୍ୱୟଂ ଶିବଙ୍କୁ ସନ୍ତୁଷ୍ଟ କରିଥିଲେ । ସେ ବ୍ରହ୍ମଜ୍ଞାନୀ ଥିଲେ, କିନ୍ତୁ ସେଇ ଜ୍ଞାନକୁ ସେ ବିନମ୍ରତାରେ ବ୍ୟବହାର କରି ନ ଥିଲେ । ସୀତାଙ୍କୁ ହରଣ କରିବା, ନିଜକୁ ସବୁଠାରୁ ଶ୍ରେଷ୍ଠ ଭାବିବା ସେଇ ଅହଙ୍କାରର ପରିଣାମ ସ୍ୱରୂପ ତାଙ୍କର ସ୍ୱର୍ଣ୍ଣ ଲଙ୍କା ଧ୍ୱଂସ ହେଲା । ଜ୍ଞାନ ସହିତ ବିନମ୍ରତା ନଥିଲେ ସେଇ ଜ୍ଞାନ ବିନାଶକାରୀ ସଦୃଶ । ଦୁର୍ବାସା ଋଷି ବଡ଼ ଜ୍ଞାନୀ ଓ ତପସ୍ୱୀ ଥିଲେ । କିନ୍ତୁ କ୍ରୋଧ ଓ ଅହଙ୍କାରବଶତଃ ତାଙ୍କର ଶାପରେ ଅନେକ ରାଜ୍ୟ, ଅନେକ ପରିବାର ଦୁର୍ଭୋଗରେ ପଡ଼ିଥିଲା । ରାଜା ବଳୀଙ୍କ ଦାନ ଦେବାର ଅହଙ୍କାର ଓ ଆତ୍ମବଡ଼ିମା ଯୋଗୁଁ ପାତାଳ ପୁରକୁ ଗଲେ । ଅହଙ୍କାର ପାଇଁ ମହର୍ଷି ନାରଦ ମଧ୍ୟ ଶ୍ରେଷ୍ଠ ଭକ୍ତ ହେବାର ଯୋଗ୍ୟତା ହରେଇଛନ୍ତି । ଯେତେବେଳେ ଜ୍ଞାନ କ୍ରୋଧ ସହିତ ମିଶେ ସେଥିରୁ କେବଳ ଦୁଃଖ ଜନ୍ମେ । ମହାଭାରତର ଦୁର୍ଯ୍ୟୋଧନ ଯୁଦ୍ଧଶାସ୍ତ୍ର, ରାଜନୀତି ଓ କୌଶଳରେ ଥିଲେ ଅପାର ଜ୍ଞାନୀ । ସେ ଶିକ୍ଷା ଓ ଶକ୍ତିରେ ସମ୍ପନ୍ନ ଥିଲେ ମଧ୍ୟ ଅହଙ୍କାରରେ ପାଣ୍ଡବମାନଙ୍କୁ ଦ୍ୱେଷ କରି ତାଙ୍କ ସମସ୍ତ ଜ୍ଞାନକୁ ଅନ୍ୟାୟରେ ବ୍ୟୟ କଲେ । ଶେଷରେ କୁରୁକ୍ଷେତ୍ରରେ ତାଙ୍କର ପରାଜୟ ହେଲା । ଜ୍ଞାନ ଯଦି ସତ୍ୟରେ ନ ଥାଏ, ସେଥିରୁ ଅବଶ୍ୟ ବିନାଶ ଆସେ ।

ହିଟଲର୍ ଅସାଧାରଣ ରାଜନୀତିକ ଜ୍ଞାନ, ସମ୍ବୋଧନ କରିବାର କଳା ଓ ସେନାନୀତିରେ ନିପୁଣ ଥିଲେ । ସେହି ଜ୍ଞାନକୁ ଯଦି ସେ ମାନବସେବାରେ ବ୍ୟବହାର କରିଥା'ନ୍ତେ, ସମଗ୍ର ବିଶ୍ୱ ଉନ୍ନତିର ପଥରେ ଯାଇପାରିଥା'ନ୍ତା । କିନ୍ତୁ ସେ ଅହଙ୍କାର, ହିଂସା ଓ ଅନ୍ୟଜାତି ପ୍ରତି ଦ୍ୱେଷରେ ସେଇ ଜ୍ଞାନକୁ ବ୍ୟବହାର କଲେ । ପରିଣାମ ସ୍ୱରୂପ ବିଶ୍ୱ ଦେଖିଲା ଦ୍ୱିତୀୟ ବିଶ୍ୱଯୁଦ୍ଧ । ଏଠାରେ ଜ୍ଞାନ ରହିତ ଅହଙ୍କାର ପ୍ରଳୟଙ୍କାରୀ ବିଶ୍ୱବ୍ୟାପୀ ଯୁଦ୍ଧକୁ ନିମନ୍ତ୍ରଣ କରିଥିଲା । ମୋଗଲ୍ ସମ୍ରାଟ୍ ଔରଙ୍ଗଜେବ ରାଜନୀତି, ଶାସନ ଓ ଧର୍ମଶାସ୍ତ୍ରରେ ଜ୍ଞାନୀ ଥିଲେ । କିନ୍ତୁ ସେଇ ଜ୍ଞାନକୁ ସେ ସହିଷ୍ଣୁତାରେ ନୁହେଁ, କଠୋରତାରେ ବ୍ୟବହାର କଲେ । ତାଙ୍କର ଅହଙ୍କାରୀ ନୀତି ସମଗ୍ର ମୋଗଲ ସାମ୍ରାଜ୍ୟକୁ ଦୁର୍ବଳ କରିଦେଲା । ଶାସନରେ ଜ୍ଞାନ ଅହଙ୍କାରରେ ବ୍ୟବହୃତ ହେଲେ, ସାମ୍ରାଜ୍ୟ ଧ୍ୱଂସ ନିଶ୍ଚିତ । ଇତିହାସ ସାକ୍ଷୀ ଅଛି ଯେ ଏହିଭଳି ଅନେକ ଜ୍ଞାନୀମାନଙ୍କର ଅହଙ୍କାର ଯୋଗୁଁ ସେମାନଙ୍କର ପତନ ହୋଇଛି ଏବଂ ସମଗ୍ର ସମାଜ ଧ୍ୱଂସାବିମୁଖୀ ହୋଇଛି ।

ଜ୍ଞାନର ଅହଙ୍କାର ମଣିଷକୁ ତଳିତଳାନ୍ତ କରିଦିଏ । କିନ୍ତୁ ଅହଙ୍କାରର ଜ୍ଞାନ ମଣିଷର ଶ୍ରେଷ୍ଠତାକୁ ପ୍ରତିପାଦିତ କରିଥାଏ । ଯେଉଁ ମଣିଷ ପାଖରେ ଅହଙ୍କାର ବିଷୟରେ କିଛି ନା କିଛି ଜ୍ଞାନ ଥିବ ସେମାନେ ହେଲେ ପ୍ରକୃତ ଜ୍ଞାନୀ । ମର୍ଯ୍ୟାଦାପୁରୁଷ ଶ୍ରୀରାମ ଜ୍ଞାନୀ ଥିଲେ, କିନ୍ତୁ ତାଙ୍କର ଜ୍ଞାନ ଥିଲା ଅହଙ୍କାର ବର୍ଜନ ଉପରେ । ଅବତାରୀ ପୁରୁଷ ଶ୍ରୀକୃଷ୍ଣ କେବେ ବି ନିଜକୁ ଭାଗବାନ ବୋଲି ସମ୍ବୋଧିତ କରିନାହାନ୍ତି । ସକ୍ରେଟିସ୍ ନିଜ ମହାନତାର ପ୍ରମାଣ ଦେବାକୁ ଯାଇ କହିଛନ୍ତି ଯେ ମୁଁ ଏତିକି ଜ୍ଞାନ ଆହରଣ କରିଛି ଯେ ମୁଁ କିଛି ଜାଣିନାହିଁ । ଏହା ହିଁ ପ୍ରକୃତ ଜ୍ଞାନ । ଏହି ବିନମ୍ରତାରୁ ସେ ମହାନ୍ । ପ୍ରକୃତ ଜ୍ଞାନୀ ସିଏ, ଯିଏ ଜ୍ଞାନକୁ ଅହଙ୍କାରରେ ନୁହେଁ, ସେବାରେ ବ୍ୟବହାର କରେ ।

ଜ୍ଞାନ ହେଉଛି ମଣିଷର ସର୍ବୋତ୍କୃଷ୍ଟ ସମ୍ପଦ । ଜ୍ଞାନର ଆଲୋକରେ ମଣିଷ ନିଜେ ସଚେତନ ହୁଏ ଏବଂ ସମାଜକୁ ଆଗକୁ ନେଇଯାଏ । କିନ୍ତୁ କେବେ କେବେ ଏହି ଜ୍ଞାନ ମଣିଷକୁ ବିନମ୍ର କରିବାରୁ ବ୍ୟର୍ଥ ହୋଇ ଅହଙ୍କାରର ସୃଷ୍ଟି କରେ । ଏହି ଜ୍ଞାନର ଅହଙ୍କାର ସମସ୍ତଙ୍କ ପାଇଁ କ୍ଷତିକାରକ । ଜ୍ଞାନର ସତ୍ୟ ସ୍ୱରୂପ ଯଥାର୍ଥ ଜ୍ଞାନ ମଣିଷକୁ ନମ୍ରତା, ସହିଷ୍ଣୁତା ଓ ସେବାଭାବୀ କରିଥାଏ । 'ବିଦ୍ୟା ଦଦାତି ବିନୟମ୍' । ଅର୍ଥାତ୍, ସତ୍ୟ ଜ୍ଞାନ ବିନମ୍ରତାକୁ ଜନ୍ମ ଦେଇଥାଏ । ତେଣୁ ଜ୍ଞାନର ଅହଙ୍କାରକୁ ପରିତ୍ୟାଗ କରି ଅହଙ୍କାର ବିଷୟରେ ଜ୍ଞାନ ଆହରଣ କଲେ ସମାଜର ମଙ୍ଗଳ ସାଧିତ ହେବ ।

କଟକ, ମୋ: ୯୪୩୮୦୭୦୮୪୯

# ରାଧା ଦାମୋଦର ବ୍ରତ

**ଲୋକକଥାରେ ଲୋକଦେବତା**

**ସ୍ୱପ୍ନେଶ୍ୱର**

ଦ୍ୱାପର ଯୁଗର କଥା । ମାମୁ କଂସର ନିମନ୍ତ୍ରଣ ପାଇ କୃଷ୍ଣବଳରାମ ଅକ୍ରୁରଙ୍କ ସହ ରଥାରୋହଣ କରି ମଥୁରା ଯିବା ପାଇଁ ବାହାରିଲେ । କୃଷ୍ଣ ଥିଲେ ଗୋପୀଗୋପାଳମାନଙ୍କର ପ୍ରାଣର ପ୍ରାଣ । ତେଣୁ ଗୋପୀମାନେ ଏକତ୍ରିତ ହୋଇ କୃଷ୍ଣଙ୍କର ପଥରୋଧ କଲେ । ଶ୍ରୀକୃଷ୍ଣ ସେମାନଙ୍କୁ ରାସ୍ତା ଛାଡ଼ି ଦେବାକୁ ଅନୁରୋଧ କରି କହିଲେ- '...ମନରେ ନ ଭାଳ, ଗୋପୀଗୋପାଳ ଭେଟ ସର୍ବକାଳ ।' କିନ୍ତୁ ଗୋପୀମାନେ ଥିଲେ ନଛୋଡ଼ବନ୍ଧା । କେବେ ଓ କେଉଁଠାରେ ଦେଖାହେବ ବୋଲି ସେମାନେ କୃଷ୍ଣଙ୍କ ପାଖରେ ଅଳି କଲେ । ତହୁଁ ଶ୍ରୀକୃଷ୍ଣ କହିଲେ, ... 'ଚଳ ନୀଳଗିରି, ରତ୍ନ ସିଂହାସନେ ଥିବୁ ବିହରି / ସବୁହୁଁ ଅଧିକ ଅତି ପୂଣ୍ୟ ମାସ ଅଟେ କାର୍ତ୍ତିକ / ମୋତେ କାର୍ତ୍ତିକ ମାସରେ ଭେଟିବ, ରାଇ ଦାମୋଦର କରି ପୂଜିବ / ସିନ୍ଧୁକୂଳରେ ରାଇ ଦାମୋଦର, ମୋତେ ପୂଜିବ ଥିବି ମୁଁ ସେଠାର / ମୋର କାର୍ତ୍ତିକେ ଦାମୋଦର ମୂର୍ତ୍ତି. ମୋତେ ପୂଜିବ ଗୋ ଗୋପ ଯୁବତୀ(ଓଡ଼ିଆ ଓଷାବ୍ରତ କଥା) ।'

ଶ୍ରୀକୃଷ୍ଣଙ୍କ ଉପଦେଶ ଅନୁସାରେ ନୀଳାଚଳରେ କାର୍ତ୍ତିକ ମାସରେ ରାଧାଦାମୋଦରଙ୍କର ଯୁଗଳ ମୂର୍ତ୍ତିର ଆରାଧନା କରି ରାଧାଦାମୋଦର ବ୍ରତ ପାଳନ କରାଯାଏ । ମହାପ୍ରଭୁ ଜଗନ୍ନାଥ ବ୍ରତଧାରୀମାନଙ୍କର ଆରାଧନା ଶ୍ରଦ୍ଧାର ସହ ଗ୍ରହଣ କରନ୍ତି ବୋଲି ବିଶ୍ୱାସ କରାଯାଏ ଏବଂ ସେ ବିଷୟରେ ଶ୍ରୀକ୍ଷେତ୍ରରେ ଏକ ରୋଚକ ଲୋକକଥା ଶୁଣିବାକୁ ମିଳେ । ପୁରୀର ଶ୍ୱେତଗଙ୍ଗା ନିକଟରେ ବାସୁଦେବ ନାମକ ଜଣେ ବ୍ରାହ୍ମଣ ବାସ କରୁଥିଲେ । ତାଙ୍କ ମାଆ ଶ୍ରୀୟା, ପତ୍ନୀ ରାଧା ଓ ଭଉଣୀ ସୁମେଧାଙ୍କୁ ନେଇ ତାଙ୍କର ଚାରିଜଣର ପରିବାର । ରାଧା ଓ ସୁମେଧା ଥିଲେ ମହାପ୍ରଭୁ ଜଗନ୍ନାଥଙ୍କର ଭକ୍ତ । ସବୁ ବର୍ଷ କାର୍ତ୍ତିକ ମାସରେ ଦୁହେଁ ନିଷ୍ଠାର ସହ ରାଧାଦାମୋଦର ବ୍ରତ ପାଳନ କରୁଥିଲେ । କିନ୍ତୁ ବୁଢ଼ୀ ଶ୍ରୀୟାଙ୍କୁ ଏ ସବୁ ଭଲ ଲାଗୁ ନ ଥିଲା । ସକାଳୁ ସକାଳୁ ଘରର କାମଦାମ ଛାଡ଼ି ଝିଅ ଓ ବୋହୂର ପୂଜା କରି ଯିବାକୁ ଶ୍ରୀୟା ପସନ୍ଦ କରୁ ନଥିଲେ । ଦିନେ ନଣନ୍ଦ ଭାଉଜ ପୂଜା ପାଇଁ ବାହାରିବା ବେଳକୁ ଶ୍ରୀୟା ଭୀଷଣ ଝଗଡ଼ା କଲେ । ରାଧା ଓ ସୁମେଧାଙ୍କ ପୂଜାରେ ବିଳମ୍ବ ଘଟିଲା । ସମୟ ଗଡ଼ି ଯାଉଥିବାରୁ ଦୁହେଁ ମହାପ୍ରଭୁଙ୍କୁ ପ୍ରାର୍ଥନା କଲେ । ମହାପ୍ରଭୁ ଶ୍ରୀଜଗନ୍ନାଥ ତାଙ୍କ କାତର ପ୍ରାର୍ଥନା ଶୁଣିଲେ । ତାଙ୍କ ଆଦେଶରେ ମାତା ସରସ୍ୱତୀ ବୁଢ଼ୀର କଣ୍ଠରେ ବିଜେ ହେଲେ ଏବଂ ପୂଜା ପାଇଁ ଅନୁମତି ଦେଲେ । ନଣନ୍ଦ ଭାଉଜ ଡେରିରେ ସମୁଦ୍ର କୂଳକୁ ଯାଇ ପୂଜା ଆରାଧନା ଆରମ୍ଭ କଲେ । ସେମାନଙ୍କ ଭକ୍ତି ଓ ପୂଜାରେ ନିଷ୍ଠା ଦେଖି ମହାପ୍ରଭୁ ମୁଗ୍ଧ ହେଲେ ଓ ସେଠାରେ ଅନେକ ସମୟ ପର୍ଯ୍ୟନ୍ତ ରହିଗଲେ ।

ଏଣେ ଶ୍ରୀମନ୍ଦିରରେ ସକାଳ ଧୂପ ପାଇଁ ଗର୍ଭଗୃହରେ ପ୍ରସାଦ ବଢ଼ା ହେଲା ଏବଂ ଟେରା ପଡ଼ିଲା । ଧୂପ ପରେ ମହାପ୍ରଭୁଙ୍କୁ ଦର୍ଶନ କରିବା ପାଇଁ ଭକ୍ତମାନଙ୍କ ସହିତ ଗଜପତି ମହାରାଜା ମଧ୍ୟ ଅପେକ୍ଷା କରିଥିଲେ । ପ୍ରସାଦ ଅର୍ପଣ ପୂର୍ବରୁ ପଣ୍ଡା ମହାପ୍ରଭୁଙ୍କୁ ଆବାହନ କରି ଚଳୁରେ ଦର୍ଶନ କରନ୍ତି । ତା' ପରେ ଭୋଜନ ପ୍ରସାଦ ସମର୍ପଣ ହେବା ଶ୍ରୀମନ୍ଦିରର ପରମ୍ପରା । କିନ୍ତୁ ସେ ଦିନ ମହାପ୍ରଭୁ ରାଧା ଓ ସୁମେଧାର ପୂଜା ସମୁଦ୍ର କୂଳରେ ଗ୍ରହଣ କରୁଥିବାରୁ ଚଳୁରେ ଦର୍ଶନ ଦେଲେ ନାହିଁ । ଗଜପତି ଭାବିଲେ ଯେ ସେବକମାନେ କିଛି ଅନ୍ୟାଚାର କରି ଥିବାରୁ ଠାକୁର ଚଳୁରେ ଆସୁ ନାହାନ୍ତି । ତେଣୁ ସେ ତତକ୍ଷଣାତ୍ ସଂପୃକ୍ତ ସେବକମାନଙ୍କୁ ବହିଷ୍କାର କରି ଶାସନୀ ବ୍ରାହ୍ମଣମାନଙ୍କୁ ନିଯୁକ୍ତ କଲେ । ସେବକ ପ୍ରିୟ ଜଗନ୍ନାଥ ସତ୍ୟାଗ୍ରହ କଲେ । ସେ ନବନିଯୁକ୍ତ ସେବକମାନଙ୍କର ସେବା ଗ୍ରହଣ କଲେ ନାହିଁ । ତାହା ଦେଖି ଗଜପତି, ସେବକ, ସାଧୁସନ୍ଥ ଓ ଭକ୍ତମାନେ ମଧ୍ୟ ଉପବାସରେ ରହିଲେ । ତୃତୀୟ ଦିନ ରାତିରେ ମହାପ୍ରଭୁ ରାଜାଙ୍କୁ ସ୍ୱପ୍ନରେ କହିଲେ- 'ତିନିଦିନ ହେଲା ମୋ ଉପବାସ, ମୋର ପଣ୍ଡାଙ୍କୁ କରିଅଛୁ ବସ / ତୁ ଯେ ବୋଲିଲୁ ଉଚ୍ଛୁର ହୋଇଲା, ତହିଁ ପଣ୍ଡାଙ୍କର ଦୋଷ ନୋହିଲା / ମୋତେ ଦେଖିଲେ ସିନା ଚଳୁ ଦେବେ, ମୁଁ ତ ସେଠାରେ ନ ଥିଲି ଦଇବେ / ସେଇଠାରେ ମୋର ବଡ଼ ଶରଧା, ଯହିଁ ପୂଜନ୍ତି ଦାମୋଦର ରାଧା ।'(ଓଡ଼ିଆ ଓଷାବ୍ରତ କଥା) । ତା' ପରଦିନ ରାଜା ନିଜେ ମନ୍ଦିରକୁ ଯାଇ ପ୍ରଥମେ ମହାପ୍ରଭୁଙ୍କୁ କ୍ଷମା ପ୍ରାର୍ଥନା କଲେ । ତା' ପରେ ପଣ୍ଡାମାନଙ୍କୁ କ୍ଷମା ମାଗି ପୁଣି ସେମାନଙ୍କୁ ସେବାରେ ନିଯୁକ୍ତି ଦେଲେ । ମନ୍ଦିରର ନୀତିକାନ୍ତି ପୂର୍ବବତ୍ ସୁରୁଖୁରୁରେ ଚାଲିଲା ।

ମୋ: ୯୯୦୦୮୩୪୩୩

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ । ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ ।

## ଜୟ ଢ଼ୋଲକିଆ ହେବେ ବିଜେପି ପ୍ରାର୍ଥୀ

# ବୃହତ୍ ବ୍ୟବଧାନରେ ବିଜୟୀ ହେବୁ: ବିଜେଡି

## ପ୍ରତାରକଙ୍କୁ ଉଚିତ୍ ଜବାବ ଦେବେ ନୂଆପଡ଼ାବାସୀ

ଭୁବନେଶ୍ୱର,୧୪।୧୦(ସମିସ): ଚଳିତ ବର୍ଷ ଦଶହରା ପରେ ପରେ ରାଜ୍ୟର ପାଣିପାଗ ନରମ ହେଉଥିବାବେଳେ ନୂଆପଡ଼ା ରାଜନୀତି ଉଷ୍ଣ ହେବାରେ ଲାଗିଛି। ପୂର୍ବରୁ କଂଗ୍ରେସ ଘାସିରାମ ମାଝୀଙ୍କୁ ପ୍ରାର୍ଥୀ ଘୋଷଣା କରିଥିବାବେଳେ ବିଜେପି ଜୟ ଢ଼ୋଲକିଆଙ୍କୁ ପ୍ରାର୍ଥୀ କରିବାକୁ ନିଷ୍ପତ୍ତି ନେଇଛି । ଆସନ୍ତା ୧୬ ତାରିଖରେ ଜୟ ଢୋଲକିଆ ବିଜେପି ପ୍ରାର୍ଥୀଭାବେ ନାମାଙ୍କନ ଦାଖଲ କରିବେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜ୍ୟ ସଭାପତି ମନମୋହନ ସାମଲ,

### ଉଷ୍ମ ହେଉଛି ନୂଆପଡ଼ା ରାଜନୀତି

ଦଳର ମନ୍ତ୍ରୀ, ସାଂସଦ ଓ ବିଧାୟକମାନେ ଉପସ୍ଥିତ ରହିବେ ବୋଲି ବିଜେପି ସାଂସଦ ସୁଜିତ୍ କୁମାର ସୂଚନା ଦେଇଛନ୍ତି ।

ଅନ୍ୟପକ୍ଷରେ ନୂଆପଡ଼ା ଉପନିର୍ବାଚନ ପ୍ରସଙ୍ଗରେ ବିଜେଡିର ବରିଷ୍ଠ ନେତା ତଥା ବିଧାୟକ ଅରୁଣ କୁମାର ସାହୁ ବିଜେପିକୁ ଟେରଛା ବାଣ ମାରିବା ସହ ଅକଳ୍ପନୀୟ ବ୍ୟବଧାନରେ ବିଜେଡି ବିଜୟ ହେବ ବୋଲି ଦୃଢ଼ୋକ୍ତି ପୋଷଣ କରିଛନ୍ତି। ସେ କହିଛନ୍ତି ଯେ ଗତକାଲି ଉପନିର୍ବାଚନ ବିଜ୍ଞପ୍ତି ପ୍ରକାଶ ପାଇଛି। ବିଜେଡି ଠିକଣା ସମୟରେ ବଢ଼ିଆ ପ୍ରାର୍ଥୀ ଦେବ, ସେ ନେଇ ସନ୍ଦେହ ପ୍ରକାଶ କରିବାର ଆବଶ୍ୟକତା ନାହିଁ।ନୂଆପଡାରେ ଜିତାପଟ ହାସଲ କରିବା ବିଜେଡିର ଆଭିମୁଖ୍ୟ । ସେହି ଅନୁଯାୟୀ ଦଳ କାର୍ଯ୍ୟ କରୁଛି। ଜଣେ ଚାଲିଗଲା ପରେ ତାଙ୍କ ପରିବାରରୁ ଜଣଙ୍କୁ ପ୍ରାର୍ଥୀ ଦେବା ପରମ୍ପରା ବନ୍ଦ ହେବା ଆବଶ୍ୟକ ବୋଲି ସେ ମତବ୍ୟକ୍ତ କରିଛନ୍ତି।

ଅନୁରୂପ ଭାବରେ ବିଜେଡିର ଅନ୍ୟତମ ବିଧାୟକ ସାରଦା ପ୍ରସନ୍ନ ଜେନା କହିଛନ୍ତି ଯେ ବିଜେଡି ଓ ନବୀନ ପଟ୍ଟନାୟକଙ୍କ ସହ ନୂଆପଡ଼ାବାସୀ ଅଛନ୍ତି। ପ୍ରତାରଣା କରୁଥିବା ଲୋକଙ୍କ ସହ ନୂଆପଡ଼ାବାସୀ ରହିବେ ନାହିଁ ବୋଲି ନିଷ୍ପତ୍ତି ନେଇ ସାରିଛନ୍ତି। ରାଜ୍ୟ ବିଜେପି ସରକାର ରାଜ୍ୟ ସହ ପ୍ରତାରଣା କରୁଥିବା ବେଳେ ଜୟ ଢୋଲକିଆ ନୂଆପଡ଼ାବାସୀଙ୍କ ସହ ପ୍ରତାରଣା କରିଛନ୍ତି। ଉଭୟଙ୍କୁ ଭୋଟର ଠିକଣା ସମୟରେ ଜବାବ୍ ଦେବେ। ନୂଆପଡା ଉପ ନିର୍ବାଚନ ପାଇଁ ବଡ଼ ଷ୍ଟ୍ରାଟେଜି ବିଜେଡି କରିଛି। ବିଜେଡି ଯେଉଁ ଷ୍ଟାଇଲରେ ଲଢ଼ିବ ବିଜେପି ତାହା ପରିକଳ୍ପନା ବି କରି ପାରିବ ନାହିଁ। ପ୍ରାର୍ଥୀ ଚୟନ କୁ ନେଇ ଦଳରେ କୌଣସି ଅଡୁଆ ନାହିଁ। ଠିକ ସମୟରେ ସଭାପତି ପ୍ରାର୍ଥୀଙ୍କ ନାମ ଘୋଷଣା କରିବେ ବୋଲି ସେ କହିଛନ୍ତି।

## ବଡ଼ଧରଣର ନିଶା କାରବାର ରାକେଟ ପର୍ଦ୍ଦାଫାସ

# ୫୧୦୦ ବୋତଲ କଫ୍‌ସିରପ୍ ଜବତ, ୨୦ ଗିରଫ

ସମ୍ବଲପୁର, ୧୪।୧୦(ସମିସ): ସମ୍ବଲପୁର ପୁଲିସ ଆଜି ଏକ ବଡ଼ଧରଣର ନିଶା କାରବାର ରାକେଟ୍‌ର ପର୍ଦ୍ଦାଫାସ କରିଛି। ବରେଇପାଲି ଥାନା ଅଞ୍ଚଳରେ ବେଆଇନ ଭାବେ ଚାଲାଣ ହେଉଥିବା ୫୧୦୦ ବୋତଲ କଫସିରପ୍ ଜବତ କରିବା



ସହ ଏଥିରେ ସମ୍ପୃକ୍ତ ୨୦ ଜଣଙ୍କୁ ଗିରଫ କରିଛି। ସେମାନଙ୍କ ମଧ୍ୟରୁ ପାଞ୍ଚଜଣ ଏହି କାରବାରର ମାଷ୍ଟରମାଇଣ୍ଡ ବୋଲି ଜଣାଯାଇଛି। ଅଭିଯୁକ୍ତମାନେ ହେଲେ, ଲୋକେଶ ପଧାନ ଓରଫ୍ ଆକାଶ (୩୦), ମନୀଷ ସିଂହ (୨୭), ମହିନ୍ଦ୍ର କିସାନ(୨୫), ପ୍ରଭାତ ଭୋଇ ଓରଫ୍ ଟିଟୁ (୨୩), ଅମୋଦ କରାଲି (୩୨), ତ୍ରିନାଥ ବେହେରା ଓରଫ୍ ଟିନୁ (୩୧), ଶେଖ ଫିରୋଜ ଓରଫ୍ ସୋନୁ (୨୯), ପୀତବାସ ସାହୁ (୪୦), ସତ୍ୟମ ନାଗ (୩୩), ଚିଣ୍ଟୁ ସୁନା (୨୫), ସଞ୍ଜୀବ ମେହେର (୨୦), ରବି ଦାସ ଓରଫ ସାହୁ (୨୫) ଓ ସତ୍ୟମ ସ୍ୱାଇଁ (୩୦), ଦୁର୍ଗା ଦୀପ (୪୦), ବସନ୍ତ ଗୁରୁ (୨୭), ସୁଦର୍ଶନ ରାଉତ ଓରଫ୍ ସୋନୁ (୨୩), ହାସାନ ରାଜା (୨୪), ପପି ବିଭାର (୨୫), ଅମନ ଦୀପ (୨୧) ଓ ଅନିଲ ଯାଦବ (୩୨)। ସେମାନଙ୍କଠାରୁ ଗୋଟିଏ କାର, ଗୋଟିଏ ପିକ୍‌ଅପ୍ ଭ୍ୟାନ, ୧୭ଟି ଜରିବ୍ୟାଗ୍‌ରେ ୫୧୦୦ ବୋତଲ ଏସ୍‌କଫ୍ କଫସିରପ୍, ୫ଟି ମୋବାଇଲ ଓ ନଗଦ ୪୦,୯୨୦ ଟଙ୍କା ଜବତ କରାଯାଇଛି। ଜବତ କଫସିରପ୍‌ର ମୂଲ୍ୟ ପାଖାପାଖି ୧୫ ଲକ୍ଷ ଟଙ୍କା ହେବ ବୋଲି ଆକଳନ କରାଯାଉଛି। ଜିଲ୍ଲା ପୁଲିସ କାର୍ଯ୍ୟାଳୟରେ ଆରକ୍ଷୀ ଅଧୀକ୍ଷକ ମୁକେଶ କୁମାର ଭାମୁ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି। ଏହି ମାମଲାର ତଦନ୍ତ ଜାରି ରହିଛି ଏବଂ ଆଗକୁ ଗିରଫଦାରୀ ସଂଖ୍ୟା ବଢ଼ିବ ବୋଲି ସେ କହିଛନ୍ତି। ବରେଇପାଲି ପୁଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରିଛି।

ଏସ୍‌ପି ଶ୍ରୀ ଭାମୁ କହିଛନ୍ତି, ଅଭିଯୁକ୍ତ ଲୋକେଶ, ମହିନ୍ଦ୍ର, ପ୍ରଭାତ, ଅମୋଦ ଓ ମନୀଷ ଗୋଟିଏ ପିକ୍‌ଅପ୍ ଓ କାର୍‌ରେ କଟକରୁ ଏହି ବେଆଇନ କଫସିରପ୍ ଆଣିଥିଲେ। ଏହି କଫସିରପ୍‌କୁ ସେମାନେ

### କଟକକୁ ଲମ୍ବିଛି ଚେର

ବିଭିନ୍ନ ପଡ଼ାରେ ବେଆଇନ ବିକ୍ରୟକାରୀଙ୍କୁ ଦେଇଥାନ୍ତେ। ପଚରାଉଚରା ସମୟରେ ଲୋକେଶ କହିଛି ଯେ ସେ ସ୍ଥାନୀୟ କଫସିରପ ଚାଲାଣକାରୀମାନଙ୍କଠାରୁ ଟଙ୍କା ସଂଗ୍ରହ କରି ପରଧିଆପାଲିର ଚନ୍ଦ୍ରଶେଖର ନାଏକକୁ ଦେଇଥିଲା। ସେ ୟୁପିଆଇ ଜରିଆରେ କଟକର ଡ୍ରଗ୍ ଯୋଗାଣକାରୀକୁ ଟଙ୍କା ପଠାଇଥିଲା। ଏହି ମାମଲାର ତଦନ୍ତ ଜାରି ରହିଛି। ଫେରାର୍ ଥିବା କିଛି ଅଭିଯୁକ୍ତଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଏସ୍‌ପି କହିଛନ୍ତି। ମୁଖ୍ୟ ଅଭିଯୁକ୍ତ ୫ ଜଣ ଧରାପଡ଼ିଥିବାବେଳେ୨ଜଣଫେରାରଅଛନ୍ତି। ଏହିଭଳି ନିଶା କାରବାରକୁ କିଛି ଲୋକ ଆର୍ଥିକ ସହଯୋଗ ଦେଉଛନ୍ତି, ସେମାନଙ୍କ ପର୍ଦ୍ଦାଫାସ କରାଯିବା ସହ ସେମାନଙ୍କ ସମ୍ପତ୍ତି ବ୍ୟାଜ୍ୟାପ୍ତ କରାଯିବ। ପ୍ରାୟ ସମସ୍ତଙ୍କ ନାମରେ ଅପରାଧିକ ମାମଲା ରହିଛି।

# ପୁଲିସ ଇନ୍‌ଫର୍ମର୍ ସନ୍ଦେହରେ ବିଜେପି କର୍ମୀଙ୍କୁ ହତ୍ୟା

ମାଲକାନଗିରି, ୧୪ ।୧୦(ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ ବିଜାପୁର ଜିଲ୍ଲାର ଉସୁର ବ୍ଲକ୍‌ର ମୁଞ୍ଜିଲ କାଙ୍କେର ଗ୍ରାମର ଜଣେ ସକ୍ରିୟ ବିଜେପି କର୍ମୀ ସତ୍ୟମ୍ ପୁନେମଙ୍କୁ ମାଓବାଦୀମାନେ ହତ୍ୟା କରିଛନ୍ତି। ମାଓବାଦୀମାନେ ତାଙ୍କୁ ଘରୁ ଟାଣି ଆଣି କିଛି ଦୂରକୁ ନେଇଯାଇଥିଲେ ଏବଂ ରଶି ସାହାଯ୍ୟରେ ଗଳାକାଟି ହତ୍ୟା କରିଥିଲେ। ମାଓବାଦୀମାନେ ଘଟଣାସ୍ଥଳ ନିକଟରେ ଏକ ହାତ ଲେଖା ଚିଠି ମଧ୍ୟ ଛାଡ଼ିଥିଲେ। ମାଓ ସଂଗଠନର ମଦେଡ ଏରିଆ କମିଟି ଏହି ଘଟଣା ଘଟାଇଥିବା ଉକ୍ତ ଚିଠିରେ ଉଲ୍ଲେଖ ରହିଛି। ତେବେ ତାଙ୍କୁ ପୂର୍ବରୁ ବାରମ୍ବାର ଚେତାବନୀ ସତ୍ତ୍ୱେ ସେ ମାଓବାଦୀଙ୍କ ତଥ୍ୟ ପୁଲିସକୁ ଦେଉଥିବାରୁ ସତ୍ୟମ ପୁନେମଙ୍କୁ ମୃତ୍ୟୁଦଣ୍ଡ ଦିଆଯାଇଥିବା ସଙ୍ଗଠନ ପକ୍ଷରୁ କୁହାଯାଇଛି। ଘଟଣାକୁ ନେଇ ପରିବାର ଲୋକେ ଇଲମିଡି ପୁଲିସ ଷ୍ଟେସନକୁ ସୂଚନା ଦେଇଛନ୍ତି। ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।


**PUJA OFFER SALE**

Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.

**9437015112**


**ପୂର୍ବ ତଟ ରେଳପଥ**

**ଶୁଦ୍ଧିପତ୍ର ସଂ. - 01**

ଟେଣ୍ଡର ବିଜ୍ଞପ୍ତି ସଂ. ETCECONIBBS2025044
ତା. 25.09.2025 ରିଖ

ଉପରୋକ୍ତ ଟେଣ୍ଡର ବିଜ୍ଞପ୍ତିରେ ନିମ୍ନଲିଖିତ ସଂଶୋଧନ କରାଯାଇଛି, ଯାହାକୁ ଦୟାକରି ଧ୍ୟାନ ଦେବା ଆବଶ୍ୟକ।

**ବିଷୟ :** ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :-

| ପ୍ରକାଶିତ ଅନୁଯାୟୀ | ବର୍ତ୍ତମାନ ପଢ଼ାଯିବା ଆବଶ୍ୟକ |
|---|---|
| ତା.28.10.2025 ରିଖ 1200 ଘଟିକାରେ | ତା.07.11.2025ରିଖ 1200 ଘଟିକାରେ |

ବିସ୍ତୃତ ବିବରଣୀ ନିମନ୍ତେ ଦୟାକରି ୱେବସାଇଟ୍ : www.ireps.gov.in ଅବଲୋକନ କରନ୍ତୁ।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର

PR-133/CI/25-26

# ଚୌଦ୍ୱାର କଏଦୀ ଫେରାର ପଛରେ ଆନ୍ତରାଜ୍ୟ ଗ୍ୟାଙ୍ଗ!

ଭୁବନେଶ୍ୱର,୧୪।୧୦(ସମିସ):ଚୌଦ୍ୱାର ଜେଲ୍‌ରୁ ଫେରାର ଦୁଇ କୁଖ୍ୟାତ ଅପରାଧୀଙ୍କ ପତ୍ତା ଏଯାଏ ପୁଲିସ ପାଇନାହିଁ । ମାତ୍ର ଏହି ଘଟଣାକୁ ନେଇ ଯେଉଁ ନୂଆ ନୂଆ ତଥ୍ୟ ଆସୁଛି ତାହା ଅତ୍ୟନ୍ତ ସାଂଘାତିକ ବୋଲି କୁହାଯାଉଛି । ଆନ୍ତରାଜ୍ୟ ଅପରାଧୀ ଗୋଷ୍ଠୀର

- ମାସକ ତଳୁ ଯୋଜନା, ଜେଲ କର୍ମଚାରୀଙ୍କ ସଂପୃକ୍ତି ସନ୍ଦେହ
- ଫେରାର ଘଟଣା ପରେ ପଶିଲା ଜେଲ ବିଭାଗର ଚେତା
- ଏଣିକି ନିୟମିତ ଜେଲ ବୁଲିବେ ଜିଲ୍ଲାପାଳ ଆଉ ଏସ୍‌ପି

ମୁଖ୍ୟ କୁହାଯାଉଥବା ସୁବ୍ରତ ସିଂହ ପ୍ରାୟ ମାସକ ତଳୁ ଏଥିପାଇଁ ଯୋଜନା କରିଥିଲା ଓ ଶେଷରେ ଦୁଇ ଅପରାଧୀଙ୍କୁ ଫେରାର କରିବାରେ ସଫଳ ହୋଇଥିଲା। ଯେଉଁପରି ଭାବରେ ଦୁଇ ଅପରାଧୀ ଫେରାର ହେଲେ, ସେଥିରେ ଜେଲ ବିଭାଗ କର୍ମଚାରୀଙ୍କ ସହଯୋଗ ଥିବା ଜଳଜଳ ଦିଶୁଛି । ଜେଲ କର୍ମଚାରୀଙ୍କ ସହଯୋଗ ବିନା ଦୁଇ ହତ୍ୟା ଅଭିଯୁକ୍ତ ଅପରାଧୀ କେବେ ବି ଫେରାର ହୋଇ ପାରି ନ ଥାନ୍ତେ ବୋଲି ମଧ୍ୟ ଅଭିଯୋଗ ହୋଇଛି ।

ଏହାପରେ ଜେଲ ବିଭାଗର ଚେତା ପଶିଛି। ରାଜ୍ୟରେ ଥିବା ସବୁ ଜେଲକୁ ଅଚାନକ ପରିଦର୍ଶନ କରିବାକୁ ସବୁ ଜିଲ୍ଲାର ଜିଲ୍ଲାପାଳ ଓ ଏସ୍‌ପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଜେଲ ଡିଜି ସୁଶାନ୍ତ ନାଥ। ଜେଲରେ ରହୁଥିବା ଅଭିଯୁକ୍ତ, ବିଚାରଧୀନ କଏଦୀଙ୍କୁ ମୌଳିକ ସୁବିଧା ମିଳୁଛି କି ନାହିଁ ତାହାର ତଦାରଖ କରିବେ ଜିଲ୍ଲାପାଳ ଓ ଏସପି। ଜିଲ୍ଲାସ୍ତରର ଏହି ଦୁଇ ଅଧିକାରୀ ନିୟମିତ ବ୍ୟବଧାନରେ ଜେଲକୁ ଅଚାନକ ପରିଦର୍ଶନ କରିବେ ଓ ଏହାଦ୍ୱାରା ଜେଲ ପରିଚାଳନାରେ ସ୍ୱଚ୍ଛତା ଏବଂ ଶୃଙ୍ଖଳା ବଜାୟ ରହିପାରିବ ବୋଲି ସେ କହିଛନ୍ତି। ଉଚ୍ଚ ଅଧିକାରୀଙ୍କ ପରିଦର୍ଶନ ଫଳରେ ଜେଲ୍ କର୍ମଚାରୀ ଦାୟିତ୍ୱସମ୍ପନ୍ନ ହେବେ ଓ କଏଦୀମାନେ ଆଉ ଫେରାର ହେବାକୁ ସାହାସ ଜୁଟାଇବେ ନାହିଁ ବୋଲି ଜେଲ ବିଭାଗ ମନେ କରୁଛି। ଅବଶ୍ୟ ଜେଲ ମାନୁଆଲରେ ପୂର୍ବରୁ ବ୍ୟବସ୍ଥା ଥିଲେ ମଧ୍ୟ ଏହାକୁ କାର୍ଯ୍ୟକାରୀ କରାଯାଉ ନ ଥିଲା। ମାତ୍ର ଚୌଦ୍ୱାର ଜେଲରୁ ଦୁଇ କଏଦୀ ଫେରାର ହେବା ପରେ ଜେଲ ବିଭାଗ ତତ୍ପର ହୋଇ ଉଠିଛି। ଗତକାଲି ଜେଲରଙ୍କୁ ବଦଳି କରାଯିବା ପରେ ଆଜି ସମସ୍ତ ଜେଲକୁ ବୁଲିବା ପାଇଁ ଜିଲ୍ଲାପାଳ ଏବଂ ଏସ୍‌ପିଙ୍କୁ ଜେଲ୍ ଡ଼ିଜି ଚିଠି ଲେଖିଛନ୍ତି ।

**GOVERNMENT OF ODISHA** A-729

**"e" PROCUREMENT NOTICE**

**Bid Identification No: S.E. KCD-I (KIP)-07/2025-26**

**(Pertaining to Kanpur Canal Division-I, Jhumpura)**

| | | |
|---|---|---|
| 1. | Name of the Work | "M/R to Kanupur Irrigation Colony, Jhumpura for the FY 1st June 2025 to 31 March 2026." |
| 2 | Estimated cost | Rs.6,26,590.00 |
| 3 | Period of completion | 06 (Six) Calendar Months including rainy season. |
| 4 | Date & time of availability of bid document in the portal | Dt.15.10.2025 from 10.00 Hours to Dt.29.10.2025 up to 17.00 Hours |
| 5 | Last date / Time for receipt of bids in the portal | 29.10.2025 up to 17.00 Hours. |
| 6 | Date & Time of opening of tender | 30.10.2025 at 11.00 Hours. |
| 7 | Name and address of the Officer Inviting Bid | Er Duryodhan Kisan Superintending Engineer, Kanpur Canal Division-I, At/PO- Jhumpura, Dist- Keonjhar, Odisha-758031 |

Further details can be seen from the e-Procurement portal "https://www.tendersodisha.gov.in."

(Er. Duryodhan Kisan)
Superintending Engineer,
Kanpur Canal Division-I,
Jhumpura, Keonjhar, Odisha..

OIPR-32157/11/0005/2526

### ■ ଏମ୍‌କେସିଜି ଇଣ୍ଟରମେଡିସ୍ ପ୍ରତିଯୋଗିତାରେ ଅଘଟଣ

# ଦୁଇ ଛାତ୍ରଗୋଷ୍ଠୀଙ୍କ ମଧ୍ୟରେ ରକ୍ତାକ୍ତ ସଂଘର୍ଷ

ବ୍ରହ୍ମପୁର, ୧୪ ।୧୦ (ସମିସ): ଏମ୍‌କେସିଜି ମେଡିକାଲ କଲେଜ ଛାତ୍ର ସଂସଦ ପକ୍ଷରୁ ଆୟୋଜିତ ଇଣ୍ଟର୍ ମେଡିସ୍ ପ୍ରତିଯୋଗିତାରେ ସୋମବାର ମଧ୍ୟରାତ୍ରିରେ ୨ଛାତ୍ର ଗୋଷ୍ଠୀଙ୍କ ମଧ୍ୟରେ ରକ୍ତାକ୍ତ ସଂଘର୍ଷ ଘଟିଛି। ଏଥିରେ କଟକ ଏସ୍‌ସିବି, ବୁର୍ଲା ଭିମ୍‌ସାର ଓ ଏମ୍‌କେସିଜି ମେଡିକାଲ କଲେଜର ୬ରୁ ଊର୍ଦ୍ଧ୍ୱ ଛାତ୍ର ଆହତ ହୋଇଛନ୍ତି।

- ଭାଙ୍ଗିଲେ ଏସ୍‌ସିବି ଓ ଏମ୍‌କେସିଜିର ବସ୍
- ବିଭିନ୍ନ ମେଡିକାଲ କଲେଜର ୬ରୁ ଊର୍ଦ୍ଧ୍ୱ ଛାତ୍ର ଆହତ

ଏମ୍‌କେସିଜି ଓ ଏସ୍‌ସିବି ମେଡିକାଲ ଛାତ୍ରଙ୍କ ମଧ୍ୟରେ ପ୍ରଥମେ କଥା କଟାକଟି ଓ ପରେ ଉଭୟଙ୍କ ମଧ୍ୟରେ ମାରପିଟ ମଧ୍ୟ ହୋଇଥିଲା। ଏଥିରେ ଏସ୍‌ସିବି, ଭିମ୍‌ସାର ଓ ଏମ୍‌କେସିଜି ମେଡିକାଲ୍ କଲେଜର ୬ରୁ ଊର୍ଦ୍ଧ୍ୱ ଛାତ୍ର ଆହତ ହୋଇଥିବା ବେଳେ ୩ଜଣ ଛାତ୍ର ରକ୍ତାକ୍ତ ହୋଇ ମେଡ଼ିକାଲର ଆଶୁ ଚିକିତ୍ସା ବିଭାଗରେ ଭର୍ତ୍ତି ହୋଇଥିଲେ। ପରେ ଉଭୟ ଗୋଷ୍ଠୀଙ୍କ ପକ୍ଷରୁ ହୋଇଥିବା ଢେଲା ଓ କାଚ ବୋତଲ ମାଡ଼ରେ ଏମ୍‌କେସିଜି ଓ ଏସ୍‌ସିବି ମେଡ଼ିକାଲ୍ କଲେଜର ବସ୍ ଭାଙ୍ଗିଥିଲା। ଖବର ପାଇ ମେଡିକାଲ କଲେଜର କିଛି ବରିଷ୍ଠ ଡାକ୍ତର ଘଟଣାସ୍ଥଳରେ ପହଞ୍ଚି ଉଭୟ ଗୋଷ୍ଠୀର ଛାତ୍ରଙ୍କୁ ବୁଝାସୁଝା କରିଥିଲେ। ପରେ କଟକ ଏସ୍‌ସିବି ଛାତ୍ରମାନେ ଏମକେସିଜି ମେଡିକାଲ ଛାଡ଼ି ପଳାଇଥିଲେ।

## ଯାନ୍ତ୍ରିକ ପଦ୍ଧତିରେ ଧାଡ଼ି ବୁଣା ଧାନ ଯନ୍ତ୍ର

ଚଳିତ ବର୍ଷ ରାଜ୍ୟ ସରକାଙ୍କ ଦ୍ୱାରା ରାଜ୍ୟ ଯୋଜନା ଅନ୍ତର୍ଗତ ଧାଡ଼ିରେ ଧାନ ବୁଣା ଯନ୍ତ୍ର ୨୦୨୫ - ୨୬ ବର୍ଷରେ ଆମ୍ଭ ଢେଙ୍କାନାଳ ଜିଲ୍ଲାରେ ୮୮୦ ହେକ୍ଟର ଚାଷ ଜମିରେ ଧାଡ଼ି ପ୍ରଣାଳୀରେ ଧାନ ବୁଣା ଯନ୍ତ୍ର ଦ୍ୱାରା ଚାଷ କରାଯାଇଅଛି । ଆମ୍ଭ ଜିଲ୍ଲାର ସାତଟି ବ୍ଲକ ତଥା ସଦର, ଗଁଦିଆ, ଓଡ଼ାପଡ଼ା, ହିନ୍ଦୋଳ, କାମାକ୍ଷାନଗର, ଭୁବନ ଓ କଙ୍କଡ଼ାହାଡ଼ ବ୍ଲକରେ ଏହି ଯୋଜନା ଚାଲୁଅଛୁ ।

ଏହି ଅତ୍ୟାଧୁନିକ ପ୍ରଣାଳୀ ଦ୍ୱାରା ଜମିରେ ପାଣିର ଅବଶ୍ୟକତା କମ୍ ଥାଏ ଉପଯୁକ୍ତ ଗଭୀରତାରେ ଗଛକୁ ଗଛକୁ ଦୂରତାରେ ବିହନ ବୁଣା ଯାଏ । ଅଙ୍କୁରୋଦଗମ ଗଜା ଶକ୍ତି ବୃଦ୍ଧି ହୁଏ ଏବଂ ଅଧିକ ଲାଭ ମିଳେ । ଏହା ଦ୍ୱାରା ଖର୍ଚ୍ଚ କମ୍, ଶୀଘ୍ର ଅମଳ ଏବଂ ଶ୍ରମ କମ୍ ହୋଇଥାଏ । ସରକାରଙ୍କ ଦ୍ୱାରା ପ୍ରତି ଚାଷୀ ମାନେ ଏହି ଯୋଜନା ଦ୍ୱାରା ଉପକୃତ ହେବେ ।

**ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ**
**ଢେଙ୍କାନାଳ**

## ଡିସେମ୍ବର ୧୩ରୁ ୭ମ ବାରିପଦା ଜାତୀୟ ଆଦିବାସୀ କ୍ଷୁଦ୍ର ଚଳଚ୍ଚିତ୍ର ଉତ୍ସବ



ବାରିପଦା,୧୪।୧୦(ସମିସ): ସାନ୍ତାଳୀ ଆର୍ଟ ଆଣ୍ଡ ଫିଲ୍ମ ଡେଭେଲପମେଣ୍ଟ ଫାଉଣ୍ଡେସନ୍ ଆନୁକୂଲ୍ୟରେ ୭ମ ବାରିପଦା ଜାତୀୟ ଆଦିବାସୀ କ୍ଷୁଦ୍ର ଚଳଚ୍ଚିତ୍ର ଉତ୍ସବ ଡିସେମ୍ବର ୧୩ ଓ ୧୪ ତାରିଖରେ ଅନୁଷ୍ଠିତ ହେବ। ଜାତୀୟସ୍ତରୀୟ ଏହି ପ୍ରତିଯୋଗିତାରେ ପ୍ରତିବର୍ଷ ପରି ଏବର୍ଷ ମଧ୍ୟ ଦୁଇଟି ବିଭାଗ ଯଥା କ୍ଷୁଦ୍ର ଚଳଚ୍ଚିତ୍ର (୩୦ମିନିଟ) ଓ ଡକ୍ୟୁମେଣ୍ଟାରି (୪୫ମିନିଟ) ଫିଲ୍ମଗୁଡ଼ିକ ଅଂଶଗ୍ରହଣ କରିପାରିବେ। ଇଚ୍ଛୁକ ପ୍ରଯୋଜକମାନେ ଅନଲାଇନ୍‌ରେ ନଭେମ୍ବର ୨୦ତାରିଖ ସୁଦ୍ଧା ପଞ୍ଜୀକରଣ କରିପାରିବେ ବୋଲି ଫାଉଣ୍ଡେସନ୍‌ର ପ୍ରତିଷ୍ଠାତା ଦୀପକ କୁମାର ବେଶ୍ରା ଜଣାଇଛନ୍ତି। ଫାଉଣ୍ଡେସନ୍‌ର ପ୍ରମୁଖ ପୃଷ୍ଠପୋଷକ ତଥା ପୂର୍ବତନ ମନ୍ତ୍ରୀ ସରୋଜିନୀ ହେମ୍ବ୍ରମ ଉତ୍ସବର ସଫଳତା କାମନା କରିବା ସହ ବହୁ ସଂଖ୍ୟାରେ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବା ପାଇଁ ଅନୁରୋଧ କରିଛନ୍ତି। ପ୍ରତିଯୋଗିତାରେ ସର୍ବଶ୍ରେଷ୍ଠ କ୍ଷୁଦ୍ର ଚଳଚ୍ଚିତ୍ର, ଡକ୍ୟୁମେଣ୍ଟାରୀ, ଡେବ୍ୟୁ ନିର୍ଦ୍ଦେଶକ, ଛାତ୍ର ଚଳଚ୍ଚିତ୍ର, ଶିଶୁ ଚଳଚ୍ଚିତ୍ର ଓ ମହିଳା ନିର୍ଦ୍ଦେଶିକାଙ୍କୁ ପୁରସ୍କୃତ କରାଯିବା ସହ ନିର୍ଦ୍ଦିଷ୍ଟ ବ୍ୟକ୍ତିବିଶେଷଙ୍କୁ ଗୌରବ ଓ ଆଜୀବନ ସଫଳତା ସମ୍ମାନରେ ସମ୍ମାନିତ କରାଯିବ ବୋଲି ଶ୍ରୀ ବେଶ୍ରା କହିଛନ୍ତି।

**ନଭେମ୍ବର ୨୦ ସୁଦ୍ଧା ପଞ୍ଜୀକରଣ**

**କଟକ କ୍ଲବ୍**

ପଞ୍ଜିକୃତ କାର୍ଯ୍ୟାଳୟ: ବାରବଟି ଫୋର୍ଟ, ବାରବାଟୀ ଷ୍ଟାଡିୟମ ନିକଟ, କଟକ – ୭୫୩୦୦୧, ଓଡିଶା
ଫୋନ୍: ୦୬୭୧-୨୩୦୧୦୪୧, ୭୯୭୮୨୬୭୬୫୦
CIN: U91990OR1949NPL000181
ୱେବସାଇଟ୍: www.cuttackclub.com, ଇ-ମେଲ୍: info@cuttackclub.com

କଟକ କ୍ଲବର ସଦସ୍ୟମାନଙ୍କ ପାଇଁ ସୂଚନା
(କମ୍ପାନୀ (ପରିଚାଳନା ଓ ପ୍ରଶାସନ) ନିୟମାବଳୀ, 2014 ର ନିୟମ 20(4)(v) ଅନୁଯାୟୀ)

ଏତଦ୍ୱାରା ସୂଚିତ କରାଯାଉଛି ଯେ, ୭୬ତମ ବାର୍ଷିକ ସାଧାରଣ ସଭା (AGM) ରବିବାର, ୨୫ ଅକ୍ଟୋବର ୨୦୨୫ ରେ ସକାଳ ୧୦.୦୦ ଟାରେ, କଟକ କ୍ଲବର ସେଣ୍ଟେନାରୀ ହଲ୍ (ଆନେକ୍ସ-୧), ବାରବଟି ଫୋର୍ଟ, ବାରବାଟୀ ଷ୍ଟେଡିୟମ ନିକଟରେ, କଟକ - ୭୫୩୦୦୧, ଓଡିଶା ଠାରେ ଆୟୋଜିତ ହେବ। ସଦସ୍ୟମାନଙ୍କୁ ନିମ୍ନଲିଖିତ ବିଷୟ ସୂଚନା ଦିଆଯାଉଛି

1) AGM ର ନୋଟିସ, ଏଜେଣ୍ଡା, ଯୋଗ୍ୟତା ମାନଦଣ୍ଡ ଓ ପ୍ରସ୍ତାବ ସମ୍ବନ୍ଧୀୟ ନିୟମାବଳୀ ସଦସ୍ୟମାନଙ୍କ ନିବନ୍ଧିତ ଇ-ମେଲଆଇ.ଡି. ଏବଂ WhatsApp ମାଧ୍ୟମରେ ପଠାଯାଇଛି।
2) କମ୍ପାନୀ ନ୍ୟାସନାଲ ସିକ୍ୟୁରିଟିଜ ଡିପୋଜିଟୋରି ଲିମିଟେଡ୍ (NSDL) କୁ ସଦସ୍ୟମାନଙ୍କ ପାଇଁ ଇ-ଭୋଟିଂ ସୁବିଧା ପ୍ରଦାନ କରିବାକୁ ନିଯୁକ୍ତ କରିଛି। ବ୍ୟବସାୟଗୁଡିକ ଇଲେକ୍ଟ୍ରୋନିକ ମାଧ୍ୟମରେ ରିମୋଟ୍ ଭୋଟିଂ (E-voting) ଓ ଶାରୀରିକ ଭୋଟିଂ (Physical voting) ଦୁହିଟି ମାଧ୍ୟମରେ ସମ୍ପାଦିତ ହେବ।
3) ରିମୋଟ୍ ଇ-ଭୋଟିଂ ଅବଧି ୨୪.୧୦.୨୦୨୫ (ଶୁକ୍ରବାର) ସକାଳ 09:00 ଠାରୁ ସନ୍ଧ୍ୟା 17:00 (IST) ପର୍ଯ୍ୟନ୍ତ ରହିବ। ଉକ୍ତ ସମୟସୀମା ପରେ ରିମୋଟ୍ ଭୋଟିଂ ଅନୁମତି ନହେବ।
4) ଶାରୀରିକ ଭୋଟିଂ ୨୫.୧୦.୨୦୨୫ (ଶନିବାର) ଦିନ କ୍ଲବ ପ୍ରାଙ୍ଗଣରେ ଦୁପର 12.00 ଠାରୁ ଆରମ୍ଭ ହେବ। ଯେ ସଦସ୍ୟମାନେ ପୂର୍ବରୁ ଇ-ଭୋଟିଂ କରିଥିବେ ସେମାନେ ସଭାରେ ଯୋଗ ଦେଇପାରିବେ, କିନ୍ତୁ ପୁଣିଥରେ ଭୋଟ ଦେଇପାରିବେ ନାହିଁ।
5) ରିମୋଟ୍ ଇ-ଭୋଟିଂ ପାଇଁ User ID ଓ Password ସହିତ ନିର୍ଦ୍ଦେଶନାମା NSDL ଦ୍ୱାରା ସଦସ୍ୟମାନଙ୍କ ନିବନ୍ଧିତ ଇମେଲ ଓ ମୋବାଇଲ ନମ୍ବରକୁ ପଠାଯିବ (କଟଅଫ ତାରିଖ ୩୧ ଅଗଷ୍ଟ ୨୦୨୫ ଅନୁସାରେ)। ଯଦି ଇ-ଭୋଟିଂରେ କୌଣସି ଅସୁବିଧା ହୁଏ, କ୍ଲବ ତାହା ପାଇଁ ଦାୟୀ ନହେବ।
6) NSDL ର ଇମେଲ ପାଇଲେ, ସେମାନଙ୍କ ୱେବସାଇଟ୍ https://www.evoting.nsdl.com କୁ ଯାଆନ୍ତୁ। "Login" ବିକଳ୍ପକୁ ଚୟନ କରନ୍ତୁ (Shareholder/Member ଶିରୋନାମାର ତଳେ ଉପଲବ୍ଧ)। ତାହାପରେ ସିଷ୍ଟମ ଆପଣଙ୍କୁ User ID ପ୍ରବେଶ କରିବାକୁ ପଚାରିବ- NSDL ଦ୍ୱାରା ପ୍ରଦାନିତ User ID ଓ Password ପ୍ରବେଶ କରନ୍ତୁ।
7) ସଫଳତାର ସହିତ ଲଗଇନ୍ କଲାପରେ, e-voting ପୃଷ୍ଠାରେ "EVEN" ବିକଳ୍ପ ଚୟନ କରନ୍ତୁ ଓ ଭୋଟ ଦିଅନ୍ତୁ। ପସନ୍ଦ କରାଯାଇଥିବା ବିକଳ୍ପ ଚୟନ କରି "Submit" ଏବଂ "Confirm" କ୍ଲିକ୍ କରନ୍ତୁ। "Vote cast successfully" ବାର୍ତ୍ତା ଦେଖାଯିବ।
8) ଏକଥର ଭୋଟ ନିଶ୍ଚିତ କଲାପରେ ତାହାକୁ ପରିବର୍ତ୍ତନ କରିପାରିବେ ନାହିଁ।
9) ଯଦି କୌଣସି ସମସ୍ୟା ବା ଅସୁବିଧା ହୁଏ, ଦୟାକରି ଯୋଗାଯୋଗ କରନ୍ତୁ।
Ph.: 022-48867000, 022-24997000, Email: evoting@nsdl.co.in

କଟକ କ୍ଲବ ପକ୍ଷରୁ ଓ ତାହାର ପକ୍ଷରେ
ସୁଭେନ୍ଦୁ ମୋହନ ପଟ୍ଟନାୟକ
ମାନ୍ୟବର ସଚିବ ତଥା ନିର୍ଦ୍ଦେଶକ
DIN: 02407792

**ପଞ୍ଚାୟତ ସମିତି, ମାଲକାନଗିରି**

**PANCHAYAT SAMITI, MALKANGIRI**

Dist.: Malkangiri
Pin-764048, Ph./Fax : 06861-231219
Email: ori-bmalkangiri@nic.in

**ବିଜ୍ଞାପନ**

ଏତଦ୍‌ଦ୍ୱାରା ପଞ୍ଚାୟତ ସମିତି, ମାଲକାନଗିରି ଅଧିନସ୍ଥ ସମସ୍ତ ଗ୍ରାମ ପଞ୍ଚାୟତର ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଯେ , ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ଅଧିନରେ ଆର୍ଥିକ ବର୍ଷ(୨୦୨୫-୨୬) ୦୧.୦୪.୨୦୨୫ ଠାରୁ ୩୦.୦୯.୨୦୨୫ ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନା - ଗ୍ରାମୀଣ ଯୋଜନା ଅଧିନରେ କାର୍ଯ୍ୟକାରୀ କରାଯାଇ ଥିବା ପଞ୍ଚାୟତ ସମିତି , ଲାଇନ ଡିପାର୍ଟମେଣ୍ଟ , ଗ୍ରାମ ପଞ୍ଚାୟତ ସ୍ତରୀୟ କିମ୍ବା ଅନ୍ୟାନ୍ୟ କାର୍ଯ୍ୟକାରୀ ସଂସ୍ଥା ମାନଙ୍କ ଦ୍ୱାରା କାର୍ଯ୍ୟକାରୀ କରାଯାଇ ଥିବା ସମସ୍ତ ଆବଶ୍ୟକୀୟ ନଥିପତ୍ର ସହ କାର୍ଯ୍ୟକୁ ତନଖି ଦେଖିବେ ଓ ସାମାଜିକ ସମୀକ୍ଷା କାର୍ଯ୍ୟକ୍ରମ ନିମ୍ନ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁସାରେ ଅନୁଷ୍ଠିତ ହେବ । ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ମାଲକାନଗିରି ଙ୍କ ପତ୍ର ସଂଖ୍ୟା ୫୨୦୩ ତାରିଖ ୧୦.୧୦.୨୦୨୫ ପ୍ରକାରେ ନିମ୍ନ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁସାରେ ଅନୁଷ୍ଠିତ ହେବ । ଏଣୁ ସମସ୍ତ ଗ୍ରାମ ପଞ୍ଚାୟତ କାର୍ଯ୍ୟକାରୀ ଅଧିକାରୀ, କନିଷ୍ଠ ଯନ୍ତ୍ରୀ, ଗ୍ରାମ ପଞ୍ଚାୟତ ରୋଜଗାର ସହାୟକ, ମେଟ୍ ଓ ଅନ୍ୟାନ୍ୟ କାର୍ଯ୍ୟକାରୀ ସଂସ୍ଥା ଅଧିକାରୀ ମାନଙ୍କୁ ନିଜ ନିଜ ଗ୍ରା.ପ. ଅଫିସରେ କାର୍ଯ୍ୟସୂଚୀ ଅନୁସାରେ ସମସ୍ତ ଆବଶ୍ୟକୀୟ ନଥିପତ୍ର ସହ ଉପସ୍ଥିତ ରହିବାକୁ ଅନୁରୋଧ କରାଗଲା । ଏଥିସହ ପ୍ରଧାନମନ୍ତ୍ରୀ ଆବାସ ଯୋଜନା - ଗ୍ରାମୀଣ ଯୋଜନାରେ ଅନ୍ତର୍ଭୁକ୍ତ ଥିବା ସମସ୍ତ ନଥିପତ୍ର ଗୁଡ଼ିକୁ ଯାଞ୍ଚ କରିବା ପାଇଁ ସମୀକ୍ଷା ଦଳକୁ ପ୍ରଦାନ କରିବେ ।

ମାଲକାନଗିରି ଅଧିନସ୍ଥ ସମସ୍ତ ଗ୍ରାମ ପଂଚାୟତର ସରପଞ୍ଚ ଓ ସର୍ବସାଧାରଣଙ୍କୁ ଅନୁରୋଧ କରା ଯାଉଛି ଯେ ଏଥିରେ ସହଯୋଗ କରିବା ହେବେ ।

| କ୍ରମିକ ନମ୍ବର | ଗ୍ରାମ ପଞ୍ଚାୟତ | ସାମାଜିକ ସମୀକ୍ଷା ଆରମ୍ଭ ତାରିଖ | ସାମାଜିକ ସମୀକ୍ଷା ଶେଷ ତାରିଖ | ଗ୍ରାମସଭା ତାରିଖ | ନୋଡାଲ ଅଧିକାରି | ବ୍ଲକ୍ ସ୍ତରୀୟ ଜନଶୁଣାଣୀ ତାରିଖ |
|---|---|---|---|---|---|---|
| ୧ | ତାଲାନଗୁଡ଼ା | ୧୫.୧୦.୨୦୨୫ | ୩୦.୧୦.୨୦୨୫ | ୩୦.୧୦.୨୦୨୫ | ଏମ୍. ଆଇ | |
| ୨ | ତଣ୍ଡିକି | ୧୫.୧୦.୨୦୨୫ | ୩୦.୧୦.୨୦୨୫ | ୩୦.୧୦.୨୦୨୫ | ବି.ପି.ଏମ୍ (ଓ.ଏଲ.ଏମ୍) | |
| ୩ | ପଦ୍ମଗିରି | ୧୫.୧୦.୨୦୨୫ | ୩୦.୧୦.୨୦୨୫ | ୩୦.୧୦.୨୦୨୫ | ଡବ୍ଲ.ଇ.ଓ | |
| ୪ | ସିନ୍ଧିମାଲା | ୩୧.୧୦.୨୦୨୫ | ୧୭.୧୧.୨୦୨୫ | ୧୭.୧୧.୨୦୨୫ | ଏମ୍. ଆଇ | |
| ୫ | ଉଦୁପା | ୩୧.୧୦.୨୦୨୫ | ୧୭.୧୧.୨୦୨୫ | ୧୭.୧୧.୨୦୨୫ | ଏ.ଇ.ଇ | |
| ୬ | ଗଙ୍ଗଲା | ୩୧.୧୦.୨୦୨୫ | ୧୭.୧୧.୨୦୨୫ | ୧୭.୧୧.୨୦୨୫ | ଡବ୍ଲ.ଇ.ଓ | |
| ୭ | ପେଦାୱାଡ଼ା | ୧୮.୧୧.୨୦୨୫ | ୦୩.୧୨.୨୦୨୫ | ୦୩.୧୨.୨୦୨୫ | ଏ.ପି.ଓ | |
| ୮ | ଗୌଡ଼ଗୁଡ଼ା | ୧୮.୧୧.୨୦୨୫ | ୦୩.୧୨.୨୦୨୫ | ୦୩.୧୨.୨୦୨୫ | ଏ.ବି.ଡି.ଓ | |
| ୯ | ଝରାପାଲି | ୧୮.୧୧.୨୦୨୫ | ୦୩.୧୨.୨୦୨୫ | ୦୩.୧୨.୨୦୨୫ | ବି.ପି.ଏମ୍ (ଓ.ଏଲ.ଏମ୍) | ୩୦.୦୩.୨୦୨୬ |
| ୧୦ | ତମସା | ୦୪.୧୨.୨୦୨୫ | ୨୨.୧୨.୨୦୨୫ | ୨୨.୧୨.୨୦୨୫ | ବି.ପି.ସି (ଆର.ଏଚ୍) | |
| ୧୧ | ତଣ୍ଡାପାଲି | ୦୪.୧୨.୨୦୨୫ | ୨୨.୧୨.୨୦୨୫ | ୨୨.୧୨.୨୦୨୫ | ଏ.ଇ.ଇ | |
| ୧୨ | ଗୋରାଖୁଣ୍ଟା | ୦୪.୧୨.୨୦୨୫ | ୨୨.୧୨.୨୦୨୫ | ୨୨.୧୨.୨୦୨୫ | ଏମ୍. ଆଇ | |
| ୧୩ | ଶିଖପାଲି | ୦୨.୦୨.୨୦୨୬ | ୧୮.୦୨.୨୦୨୬ | ୧୮.୦୨.୨୦୨୬ | ଏ.ପି.ଓ | |
| ୧୪ | ମାଟାପାକା | ୦୨.୦୨.୨୦୨୬ | ୧୮.୦୨.୨୦୨୬ | ୧୮.୦୨.୨୦୨୬ | ଏ.ବି.ଡି.ଓ | |
| ୧୫ | ସେରପାଲି | ୦୨.୦୨.୨୦୨୬ | ୧୮.୦୨.୨୦୨୬ | ୧୮.୦୨.୨୦୨୬ | ସି.ଡି.ପି.ଓ | |
| ୧୬ | ପେଡ଼ାକୋଣ୍ଡା | ୨୦.୦୨.୨୦୨୬ | ୦୬.୦୩.୨୦୨୬ | ୦୬.୦୩.୨୦୨୬ | ଏମ୍. ଆଇ | |
| ୧୭ | ବିରଲକ୍ଷ୍ମଣପୁର | ୨୦.୦୨.୨୦୨୬ | ୦୬.୦୩.୨୦୨୬ | ୦୬.୦୩.୨୦୨୬ | ବି.ପି.ଏମ୍ (ଓ.ଏଲ.ଏମ୍) | |
| ୧୮ | ପାଣ୍ଡ୍ରିପାଣି | ୨୦.୦୨.୨୦୨୬ | ୦୬.୦୩.୨୦୨୬ | ୦୬.୦୩.୨୦୨୬ | ବି.ପି.ସି (ଆର.ଏଚ୍) | |
| ୧୯ | ମାର୍କାପାଲି | ୦୯.୦୩.୨୦୨୬ | ୨୫.୦୩.୨୦୨୬ | ୨୫.୦୩.୨୦୨୬ | ଏ.ଇ.ଇ | |

ଗୋଷ୍ଠୀ ଉନ୍ନୟନ ଅଧିକାରୀ
ମାଲକାନଗିରି

**AFFIDAVIT**

By Virtue of an affidavit sworn before The Notary Public, Bhubaneswar Vide CF No 743, date- 16/09/2025 I, Elieo harijan, resident of At- Tikirachura, Po- Binjili, Po-Kosagumunda, Dist- Nabarangapur ,Pin-764058, declare that I have changed my daughter 's name from Suhana Abha Rani to Suhana Abharani Chalki. Hens,Suhana Abharani Chalki She shall be know as For all future purposes.

SUHANA ABHARANI CHALKI

**AFFIDAVIT**

By virtue of an affidavit (Date.22/09/2025) sworn before the Executive Magistrate, Padampur. I, **Mamata Bhoi** (new name), W/o Late Himanshu Sekhar Sahoo, permanent & current resident of AT/PO- Kanut, Dist- Balangir, PIN- 767026, Odisha declare that I have changed my name from **Mamata Sahoo** (old name) to **Mamata Bhoi** (new name). Henceforth, I shall be known as **Mamata Bhoi** (new name) for all purposes.

**Mamata Bhoi**

**AFFIDAVIT**

I, Jabir Mohammed, S/o- Late Sagir Mohammad, resident of Paikerapur, Post- Chhatia, Ps- Byree, Dist- Jajpur, PIN- 754023, Odisha declare by this affidavit No. 312, dtd- 27.09.2025 that now onwards I shall be known as **JABIR MOHAMMAD** for all future purposes.

**AFFIDAVIT**

By virtue of an affidavit before the Notary Public, Titilagarh, on dated- 13/09/2025. I, **Pradyumna Benia** (new name), formerly called as **Pradyumna Jenia** (old name), S/o Madana Benia, permanent resident of AT- Amurla, PO- Binekela, PS- Titilagarh, Dist- Balangir, (Odisha), PIN- 767033 now residing at the same place declare that I have changed my name from **Pradyumna Jenia** (old name) to **Pradyumna Benia** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion I shall be known as **Pradyumna Benia** (new name) for all purposes.

**Pradyumna Benia**

**AFFIDAVIT**

By virtue of an affidavit (No. 605/25) sworn before the Notary Public, Borigumma on dated- 12/10/2025. I, **Sri Padu Jani,** S/o Late Ghana Jani, Address: Village- Phundaguda, Khudiguda, PO/PS- Borigumma, Dist- Koraput, Pin- 764056, Odisha declare that I have changed my son's name from **Kamandan Jani** to **Kamaladan Jani** in his Aadhar Card (vide No. 8139 7095 7497). Henceforth, he shall be known as **Kamaladan Jani** (new name) for all purposes.

**Sri Padu Jani**

**AFFIDAVIT**

By virtue of an affidavit No. 5822, sworn before the Executive Magistrate Champua on dated- 14/10/2025. I **Jasabati Munda,** W/o-Markanda Munda, resident of Vill/Po- Bankia, Ps- Champua, Dist- Keonjhar Pin- 758044, Odisha declare that I have changed my name from **Joshabati Munda** (old name) to **Jasabati Munda** (new name). Henceforth she shall be known as **Jasabati Munda** for all future purposes.

**Jasabati Munda**

**AFFIDAVIT**

By Virtue of an affidavit Sl. No. 437/25, dtd. 14.05.2025 before the Notary Public, Bhubaneswar, I, Ruksana Begum, At- Ray No.90, Shanti Nagar, Sikharchandi, Po. KIIT, Ps.- Infocity, Bhubanesar have changed my minor son's name from Rajaya Mustafa to Mir Raza E Mustafa for all purposes. Henceforth he shall be known as **Mir Raza E Mustafa** for all purposes.

**Sd/- Ruksana Begum**

**AFFIDAVIT**

By virtue of an affidavit sworn before Notary Public, Bhubaneswar, on dated 10.10.2025, I Sangram Kishore Rout, Resident At- Panamurga, Po- Ghatipiri, Dist- Dhenkanal, Odisha, PIN- 759015, declare that I have changed my son's name from Saubhagya Jena to Soubhagya Rout. Henceforth, He shall be known as **SOUBHAGYA ROUT** for all future purposes.

**AFFIDAVIT**

I, Smt. Kamalesh Kumari Parida, W/o- Lingraj Parida, at Adarshmarg, Po/Ps– Ainthapali, Dist.: Sambalpur, declare by this affidavit before Notary Public, Sambalpur that my maiden name was Kamalesh Kumari Dang as per my Voter ID. After married with Lingraj Parida, my name changed from Kamalesh Kumari Dang to Kamalesh Kumari Parida. Henceforth, I shall be known as **Kamalesh Kumari Parida** for all purposes.

**AFFIDAVIT**

By virtue of an affidavit sworn before Notary public Bhubaneswar on dated, 13.10.2025, I Binod Kumar Behera, resident At- Haridagahir, Ps- Karikol, Sub Dist- Athagad, Dist- Cuttack, Odisha, PIN- 754209 declare that I have changed my name from Binod Kumar Beura to Binod Kumar Behera. Henceforth I shall be known as **BINOD KUMAR BEHERA** for all purposes.

**AFFIDAVIT**

I, Bimla Nandi, W/O Late-Ram Chandra Nandi, resident of Chhancha, Ward No.25, Po/Ps-Baripada Town, Dist.- Mayurbhanj, Pin.No.-757001, Odisha, declared by this affidavit No-1043 dtd. 14.10.2025 that now onwards I shall be known as Bimala Nandi (67) for all future purposes.

**Bimla Nandi**

**AFFIDAVIT**

By virtue of an affidavit sworn before Notary public Bhubaneswar on dated, 13.10.2025, I Kanchan Mohanty, W/o- Susanta Kumar Mohanty resident At- Bisunipada, Po- Jhintisasan, Balakati, Dist- Khordha, Odisha, PIN- 752100 declare that I have changed my name from Kanchan Vishwakarma to Kanchan Mohanty. Henceforth I shall be known as **KANCHAN MOHANTY** for all purposes.

**AFFIDAVIT**

By Virtue of an affidavit sworn before The Notary Public, Bhubaneswar Vide CF No 744, date- 16/09/2025 I, Elieo harijan, resident of At- Tikirachura, Po- Binjili, Po-Kosagumunda, Dist- Nabarangapur ,Pin-764058, declare that I have changed my Son's name from Lucky sawan kumar to Lucky sawan Chalki. Hens ,Lucky sawan chalki. He shall be know as for all future purposes.

LUCKY SWAIN CHALKI

## ବିପୁଳ ମାଓ ସାମଗ୍ରୀ ଜବତ କଲେ ଯବାନ




ମାଲକାନଗିରି, ୧୪ ।୧୦(ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ବିଜାପୁର ଜିଲ୍ଲାରେ ନକ୍ସଲଙ୍କ ଡମ୍ପକୁ ସିଆରପିଏଫ୍ ଏବଂ କୋବ୍ରା ଯବାନ ଉଦ୍ଧାର କରିଛନ୍ତି। ବିଜାପୁର ଜିଲ୍ଲାର ତାଡପାଲ ଜଂଗଲରେ ଜିଲ୍ଲା ପୁଲିସ ସହ ସିଆରପିଏଫ୍, କୋବ୍ରା ଯବାନ ସର୍ଚ୍ଚ ଅପରେସନ କରୁଥିବା ବେଳେ ଏକ ବଡ଼ଧରଣର ମାଓ ଡମ୍ପକୁ ଉଦ୍ଧାର କରିଥିଲେ। ନକ୍ସଲ ଡମ୍ପ କରି ଏଠାରେ ୫୧ଟି ଜୀବନ୍ତ ବିଜିଏଲ, ୧୦୦ ବଣ୍ଡଲ ବିଦ୍ୟୁତ ତାର, ୫୦ଟି ଷ୍ଟିଲ ପାଇପ, ୨୦ଟି ଲୁହାର ସିଟ, ୪୦ଟି ପ୍ଲେଟ, ୫ଟି ପ୍ରେସର ବୋମା ସମେତ ଆହୁରି ବହୁ ପରିମାଣର ମାଓ ସାମଗ୍ରୀ ଲୁଚାଇ ରଖିଥିଲେ। ଯବାନ ତୁରନ୍ତ ସମସ୍ତ ସାମଗ୍ରୀକୁ ଉଦ୍ଧାର କରି ପୁଲିସ ଜିମାରେ ଦେଇଛନ୍ତି। ଏତେ ବଡ଼ ଡମ୍ପକୁ ଉଦ୍ଧାର କରିବା ପରେ ନକ୍ସଲଙ୍କୁ ବଡ଼ ଝଟକା ଲାଗିଛି। ନକ୍ସଲ ସୁରକ୍ଷାକର୍ମୀଙ୍କୁ ଟାର୍ଗେଟ କରିବା ପାଇଁ ଏଠାରେ ଏହି ବିସ୍ଫୋରକ ଓ ବୋମା ଲୁଚାଇ ରଖିଥିବା କଥା ପୁଲିସ କହିଛି। ତେବେ ଏକ ବଡ଼ ଆକ୍ରମଣକୁ ଯବାନ ପଣ୍ଡ କରିଛନ୍ତି କହିଲେ ଅତ୍ୟୁକ୍ତି ହେବ ନାହିଁ। ଯବାନ ଏହି ଅଞ୍ଚଳକୁ ଘେରି ସର୍ଚ୍ଚ ଅପରେସନକୁ ଜୋରଦାର କରୁଥିବା ପୁଲିସ କହିଛି।

## ଟ୍ୟାଙ୍କର ଧକ୍କାରେ ଦୁଇ ବାଇକ୍ ଆରୋହୀ ମୃତ୍ୟୁ ଘଟଣା

# କ୍ଷତିପୂରଣ ଦାବିରେ ରାସ୍ତା ଅବରୋଧ

ରାମନାଗୁଡ଼ା,୧୪।୧୦(ସମିସ): ରାୟଗଡା ଜିଲ୍ଲା ରାମନାଗୁଡ଼ା ବ୍ଲକ ଅନ୍ତର୍ଗତ ପାଲୁପାଇ ନିକଟରେ ଗତ ସୋମବାର ଦିନ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଦୁଇ ଜଣ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଥିଲା। ଆଜି ମୃତକଙ୍କ ଉଭୟ ପରିବାର ଦୁର୍ଘଟଣା ସ୍ଥଳରେ କ୍ଷତି ପୂରଣ ଦାବିରେ ଅପରାହ୍ନରୁ ଦୀର୍ଘ ଘଣ୍ଟା ଧରି ୩୨୬ନମ୍ବର ଜାତୀୟ ରାଜପଥ ଅବରୋଧ କରିଥିଲେ। ଫଳରେ ଗୁଣୁପୁର - ରାୟଗଡା ମୁଖ୍ୟ ରାସ୍ତାରେ ଯାତାୟାତ କିଛି ଘଣ୍ଟା ଧରି ଠପ ହୋଇଥିବା ବେଳେ ଉଭୟ ପଟରେ ଶତାଧିକ ଗାଡି ଅଟକି ରହିଥିଲା। ଖବର ପାଇ ରାମନାଗୁଡ଼ା ଥାନା ପୋଲିସ, ସ୍ଥାନୀୟ ତହସିଲଦାର ପ୍ରମୁଖ ପହଞ୍ଚି ଉତ୍ତକ୍ତ୍ୟ ଲୋକଙ୍କୁ ବୁଝାସୁଝା ଓ କ୍ଷତିପୂରଣର ପ୍ରତିଶୃତି ଦେବା ପରେ ମୃତକଙ୍କ ପରିବାର ଓ ଗ୍ରାମବାସୀମାନେ ରାସ୍ତା ଅବରୋଧ ହଟାଇଥିବା ସୂଚନା ମିଳିଛି । ପ୍ରକାଶ ଥାଉକି, ଗତକାଲି ମୁନା ମିଣିଆକା (୧୮) ଓ ରାହୁଲ ଉର୍ଲାକା (୧୮) ନାମକ ଦୁଇ ଜଣ ଯୁବକ ନିଜ ବାଇକରେ ରାମନାଗୁଡ଼ା ଠାରୁ ରାୟଗଡା ଅଭିମୁଖେ ଯାଉଥିବା ବେଳେ ବିପରୀତ ଦିଗରୁ ଆସୁଥିବା (ଏନଏଲ ୦୧ କ୍ୟୁ ୮୮୫୭) ନମ୍ବର ବିଶିଷ୍ଟ ଏକ ତେଲ ଟେଙ୍କର ତାଙ୍କୁ ମୁହାଁମୁହିଁ ଧକ୍କା ଦେଇଥିଲା । ଫଳରେ ଦୁଇ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଥିଲା। ଏହାକୁ କେନ୍ଦ୍ର କରି ମୃତ ଯୁବକ ମାନଙ୍କ ପରିବାର ବର୍ଗ ରାମନାଗୁଡ଼ା ଥାନାରେ ପହଞ୍ଚି କ୍ଷତିପୂରଣ ଦାବି କରିଥିବା ବେଳେ ସେଠାରେ କୌଣସି ସମାଧାନ ନ ହେବାରୁ ପାଲୁପାଇ ନିକଟ ଦୁର୍ଘଟଣା ଘଟିଥିବା ସ୍ଥାନରେ ଆଜି ଅପରାହ୍ନ ଦୁଇ ଘଣ୍ଟାରୁ ୩୨୬ ନମ୍ବର ଜାତୀୟ ରାଜପଥ ଅବରୋଧ କରି ଆନ୍ଦୋଳନ ଜାରି ରଖିଥିଲେ। ଘଟଣା ସ୍ଥଳରେ ରାମନାଗୁଡ଼ା ତହସିଲଦାର ପ୍ରାଣକୃଷ୍ଣ ପାଣିଗ୍ରାହୀ, ଗୁଣୁପୁର ଏସଡିପିଓ ବାବୁଲି ନାୟକ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଦ୍ୟୁମ୍ନ ମଣ୍ଡଳ, ରାମନାଗୁଡ଼ା ଥାନା ଅଧିକାରୀ ସୁନିତା ବେହେରା, ଏଏସଆଇ ଜଗନ୍ନାଥ ବେହେରା, ସମଦତ୍ତ ପ୍ରଧାନ ପହଞ୍ଚି ଉତ୍ତ୍ୟକ୍ତ ଲୋକମାନଙ୍କୁ ବୁଝାସୁଝା କରିବା ପରେ ରାସ୍ତାରୋକ ହଟିଥିଲା । ଫଳରେ ଉକ୍ତ ରାସ୍ତାରେ ଯାତାୟାତ ସ୍ୱାଭାବିକ ହୋଇଥିଲା।



## ୧୧ଗ୍ରାମ ସୁନା ପାଇ ଫେରାଇଲେ ଯୁବକ ରମେଶ

ରାୟଗଡ଼ା,୧୪।୧୦(ସମିସ) : ରାସ୍ତାରେ ମିଳିଥିବା ସୁନା ପାଇ ପ୍ରକୃତ ମାଲିକଙ୍କୁ ଥାନା ଅଧିକାରୀଙ୍କ ଉପସ୍ଥିତିରେ ଫେରାଇ ନିଜର ମହାନତା ଦେଖାଇଛନ୍ତି ଜଣେ ଯୁବକ। ଏହି ଯୁବକ ଜଣକ ହେଲେ ରାୟଗଡ଼ା ସହରର ରିଙ୍ଗରୋଡ ସ୍ଥିତ ମା ମଙ୍ଗଳା ମନ୍ଦିର ନିକଟରେ



ରହୁଥିବା ଏମ.ରମେଶ। ସୂଚନା ପ୍ରକାରେ,ଗତ ରବିବାର ଦିନ ସାମ୍ବାଦିକ ସୁମନ୍ତ ମହାରଣା ନିଜର ୧୧ଗ୍ରାମ ସୁନାଖଣ୍ଡ ଧରି ଉକ୍ତ ରାସ୍ତାରେ ଯାଉଥିବା ସମୟରେ ତାହା କେଉଁଠି ପଡିଯାଇଥିଲା। ସେ ଜାଣିପାରି ଉକ୍ତ ରାସ୍ତାରେ ବହୁତ ଖୋଜାଖୋଜି କରି ମଧ ପାଇ ନ ଥିଲେ। ଯାହାକୁ ନେଇ ସେ ରାୟଗଡ଼ା ଥାନା ଅଧିକାରୀ ପ୍ରସନ୍ନ ବେହେରାଙ୍କୁ ସୁନା ହଜିଥିବା ନେଇ ଅଭିଯୋଗ ଜଣାଇଥିଲେ। ଏହି ସମୟରେ ଉକ୍ତ ରାସ୍ତାରେ ଯୁବକ ରମେଶ ସୁନାଖଣ୍ଡଟି ପାଇଥିଲେ। ସେ ତୁରନ୍ତ ଯାଇ ରାୟଗଡ଼ା ଥାନା ଅଧିକାରୀଙ୍କ ଠାରେ ଏହାକୁ ଜିମା ଦେଇଥିଲେ। ରାୟଗଡ଼ା ଥାନା ଅଧିକାରୀ ସାମ୍ବାଦିକ ଶ୍ରୀ ମହାରଣାଙ୍କ ଅଭିଯୋଗକୁ ନେଇ ତାଙ୍କୁ ସୁନାଖଣ୍ଡ ମିଳିଥିବା ବିଷୟରେ ସୂଚନା ଦେଇଥିଲେ। ସୁନାଖଣ୍ଡର ବିଲପତ୍ର ନେଇ ଶ୍ରୀ ମହାରଣା ଥାନାରେ ପହ÷ଞ୍ଚି ନିଜର ହଜିଥିବା ସୁନା ପାଇଥିଲେ ଏବଂ ଆଜିର ଦିନରେ ସୁନାର ବଜାର ଦର ମୂଲ୍ୟ ୧୦ଗ୍ରାମ ପ୍ରତି ଏକ ଲକ୍ଷ କୋଡିଏ ହଜାର ଟଙ୍କାରେ ପହଞ୍ଚି ଥିବା ବେଳେ ମିଳିଥିବା ସୁନାକୁ ଏକ ଦାୟିତ୍ୱବାନ ନାଗରିକ ଭାବେ ଥାନାରେ ଦେଇ ନିଜର କର୍ତବ୍ୟ ପାଳନ କରିଥିବାରୁ ଶ୍ରୀ ମହାରଣା ଯୁବକ ରମେଶଙ୍କୁ ଅଶେଷ ଅଶେଷ କୃତଜ୍ଞତା ଜଣାଛନ୍ତି। ଯୁବକ ରମେଶଙ୍କ ଏଭଳି ମହାନତା ଅନ୍ୟଙ୍କ ପାଇଁ ପ୍ରେରଣା ସାଜିବ ବୋଲି ଆଇଆଇସି ଶ୍ରୀ ବେହେରା କହିଛନ୍ତି।

## କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ




ମାଲକାନାଗିରି, ୧୪ ।୧୦(ସମିସ): ମାଲକାନଗିରି ବ୍ଲକ ଅନ୍ତର୍ଗତ ଗୌଡଗୁଡ଼ା ଆଞ୍ଚଳିକ ସାଧନ କେନ୍ଦ୍ରସ୍ତରରେ ସୁରଭି କାର୍ଯ୍ୟକ୍ରମ ତଥା ଶିଶୁ ମହୋତ୍ସବ -୨୦୨୫ ସିଆର୍‌ସିସି ରଞ୍ଜିତ କୁମାର ନାୟକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନ ଉତ୍ସବରେ ଉକ୍ତ ବିଦ୍ୟାଳୟର ଏସ୍‌ଏମ୍‌ସି କମିଟିର ସଭାପତି ସଦାଶିବ ଗୌଡ଼ଙ୍କ ଦ୍ୱାରା ମହାପ୍ରଭୁ ଜଗନ୍ନାଥଙ୍କ ପାଖରେ ଧୂପ ଦୀପ ପ୍ରଜ୍ୱଳନ କରି କାର୍ଯକ୍ରମ ଆରମ୍ଭ କରାଯାଇଥିଲା। କାର୍ଯ୍ୟକ୍ରମରେ ପଞ୍ଚାୟତର ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ୨୦ ଟି ଭିନ୍ନ ଭିନ୍ନ ପ୍ରତିଯୋଗିତା କରାଯାଇଥିଲା। ଉଦ୍‌ଯାପନ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଉତ୍କଳ ସାମ୍ବାଦିକ ସଂଘରର ସଭାପତି ତଥା ବରିଷ୍ଠ ସାମ୍ବାଦିକ ଅଶୋକ ମିଶ୍ର, ସମ୍ମାନୀତ ଅତିଥି ଭାବରେ ଉତ୍କଳ ସାମ୍ବାଦିକ ସଂଘରର ସମ୍ପାଦକ ଜି. ଶ୍ରୀନିବାସ ପାତ୍ର, ଭିଡିଓ ସାମ୍ବାଦିକ ରାହୁଲ ନାୟକ ଏବଂ ମୁଖ୍ୟ ବକ୍ତା ଭାବେ ଅବସର ପ୍ରାପ୍ତ ଶିକ୍ଷକ ଗଣେଶ ଜେନା କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଉପସ୍ଥିତ ଅତିଥିମାନଙ୍କ ଦ୍ୱାରା ଛାତ୍ରଛତ୍ରୀମାନଙ୍କୁ ୬୦ ଗୋଟି ପୁରସ୍କାର ବିତରଣ କରାଯାଇଥିଲା। କାର୍ଯ୍ୟକ୍ରମରେ ପଞ୍ଚାୟତର ବିଭିନ୍ନ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଯଥା ପ୍ରଶାନ୍ତ ସେଠୀ, ଉମାକାନ୍ତ ମୁଦୁଲି, ଜ୍ୟୋତିର୍ମୟୀ ଜୟସିଂ, ରୁଦ୍ର ମାଧବ ମେହେର, ଡଲିନାଥ ଶର୍ମା, ସାଗରିକ ସ୍ୱାଇଁ, ବିନାର୍ଭା ରାଉତ, ଶଶିରେଖା ଦାସ, ସରସ୍ୱତୀ ପୁଜାରୀ, ଶ୍ରୀତି ଜୟସିଂ, ଅନିମା ବିଶ୍ୱାସ, ସସ୍ମିତା କରି, ଚନ୍ଦ୍ରିକା ବିଶ୍ୱାସ, ଜୟଶ୍ରୀ ସୁଆର, ପ୍ରତାପ ପଣ୍ଡା, ରମେଶ ଏକ୍କା, ଗୀତା ବିଶ୍ୱାସ ତଥା ଅନ୍ୟ ମାନେ କାର୍ଯକ୍ରମକୁ ପରିଚାଳନା ତଥା ସହଯୋଗ କରିଥିଲେ।

## ଟ୍ରାଇଙ୍ଗୁଲାର କମିଟି ବୈଠକ

ମାଲକାନାଗିରି, ୧୪ ।୧୦(ସମିସ): ଆଜି ଜିଲ୍ଲାପାଳ କାର୍ଯ୍ୟାଳୟ ସ୍ଥିତ ଏଫଏଲସି ହଲରେ ଟ୍ରାଇଙ୍ଗୁଲାର କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜସ୍ୱ ବିଭାଗର ଅଡିଟ ପାରା ନିରୀକ୍ଷଣ ନିମନ୍ତେ ଦକ୍ଷିଣାଞ୍ଚଳ ରାଜସ୍ୱ ଆୟୁକ୍ତ କାର୍ଯ୍ୟାଳୟ ସଚିବ ବୀରସେନ ପ୍ରଧାନ ଏ ନେଇ ଦୁଇଦିନିଆ ମାଲକାନଗିରି ଜିଲ୍ଲା ଗସ୍ତ କରିଛନ୍ତି। ବୈଠକରେ ଅତିରିକ୍ତ ଜିଲ୍ଲାପାଳ ସାଧାରଣ ସୋମନାଥ ପ୍ରଧାନ ସଭାପତିତ୍ୱ କରିଥିବା ବେଳେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ ଉପସ୍ଥିତ ଥିଲେ। ସରକାର ପ୍ରଦାନ କରୁଥିବା ଅର୍ଥର ସୁବିନିଯୋଗ ଓ ବିନିଯୋଗ ପ୍ରମାଣପତ୍ର ନିୟମ ଅନୁସାରେ ପ୍ରଦାନ ଏକ ବିଧି ସମ୍ମତ କାର୍ଯ୍ୟ। କିନ୍ତୁ ଏହା ସଠିକ୍ ଭାବରେ କାର୍ଯ୍ୟକାରୀ ହୋଇଛି ନା ନାହିଁ ତାହା ଟ୍ରାଇଙ୍ଗୁଲାର କମିଟି ଅନୁଧ୍ୟାନ କରିଛି। ଏହି କମିଟି ବିଭିନ୍ନ ଆର୍ଥିକ ଅସଙ୍ଗତି ଅନୁଧ୍ୟାନ ସହ ତ୍ରୁଟି ସୁଧାରିବାକୁ ପରାମର୍ଶ ଦେଇଥାନ୍ତି। ଯେଉଁଭଳି ଭାବେ ଅଧିକରୁ ଅଧିକ ଅଡିଟ ପାରା ସମାଧାନ ହୋଇପାରିବ, ସେଥି ନିମନ୍ତେ ସମସ୍ତ ଅଧିକାରୀଙ୍କୁ ସହଯୋଗ କରିବା ପାଇଁ ସଚିବ ନିର୍ଦ୍ଦେଶ ଦେଇଥିଲେ। ଆସନ୍ତା କାଲି ଶ୍ରୀ ପ୍ରଧାନ ବିଭିନ୍ନ ରାଜସ୍ୱ କାର୍ଯ୍ୟାଳୟରେ ଅଡିଟ ପାରା ନିରୀକ୍ଷଣ କରିବାର କାର୍ଯ୍ୟକ୍ରମ ରହିଛି। ଏହି ବୈଠକରେ ଡେପୁଟି କଲେକ୍ଟର ଜଗଜୀବନ ଚୌଧୁରୀ, ସହାୟକ ଜିଲ୍ଲାପାଳ ମୁନା ତୁରୁକ୍, କଟକ ବୋର୍ଡ ଅଫ୍ ରେଭେନ୍ୟୁରୁ ତିନି ଓ ଦକ୍ଷିଣାଞ୍ଚଳ ରାଜସ୍ୱ ଆୟୁକ୍ତ କାର୍ଯ୍ୟାଳୟରୁ ଜଣେ ଅଡିଟର ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ମାଥିଲି, ମାଲକାନଗିରି, କାଲିମେଲା ଓ ଚିତ୍ରକୋଣ୍ଡା ତହସିଲଦାର ଉପସ୍ଥିତ ଥିଲେ।

## ପୋଷଣ ମାସ ପାଳିତ

ମାଲକାନାଗିରି, ୧୪ ।୧୦(ସମିସ): ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷ ଠାରେ ଜିଲ୍ଲା ସ୍ତରୀୟ ପୋଷଣ ମାସ ପାଳିତ ହେଇଯାଇଛି। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ମୁଖ୍ୟ ଜିଲ୍ଲା ଚିକିତ୍ସା ଅଧିକାରୀ ଡ଼ା ଡୋଳାମଣି ପ୍ରଧାନ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଗୌରୀ ନାୟକ, ଜିଲ୍ଲା ମଙ୍ଗଳ ଅଧିକାରୀ ଶ୍ରୀନିବାସ ଆଚାରୀ ଓ ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ପ୍ରମିଳା ମାଝୀ ମଞ୍ଚାସୀନ ଥିଲେ। ଜିଲ୍ଲାରେ ଯେପରି କୌଣସି ମା କିମ୍ବା ଶିଶୁ କୁପୋଷଣର ଶିକାର ନ ହୁଅନ୍ତି ସେଥି ପ୍ରତି ଧ୍ୟାନ ଦେବାକୁ ଅତିରିକ୍ତ ଜିଲ୍ଲାପାଳ କହିଥିଲେ। ଗର୍ଭବତୀ, ପ୍ରସୂତୀ ଓ ଶିଶୁ ଉପଯୁକ୍ତ ପୋଷଣ ଅଭାବରୁ ବିଭିନ୍ନ ରୋଗର ଶିକାର ହେଉଥିବାରୁ ସେମାନଙ୍କୁ ପୋଷଣଯୁକ୍ତ ଖାଦ୍ୟ ଖାଇବାକୁ ଦେବା ଜରୁରୀ ବୋଲି ମୁଖ୍ୟ ଜିଲ୍ଲା ଚିକିତ୍ସା ଅଧିକାରୀ ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରୋଗ୍ରାମ ଅଧିକାରୀ ଇନ୍ଦିରା ପ୍ରଧାନ ସଂଯୋଜନା କରି ପୋଷଣ ମାସ ପାଳନର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। କେଉଁ ଖାଦ୍ୟରେ ପୋଷଣଯୁକ୍ତ ତତ୍ତ୍ୱ ରହିଛି ସେ ସମ୍ପର୍କରେ ସେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ମା' ମାନଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ପ୍ରକାର ପୋଷଣଯୁକ୍ତ ଖାଦ୍ୟ, ସବୁଜ ପନିପରିବା, କ୍ଷୀର, ଅଣ୍ଡା, ପୀଠା ସହିତ ବିଭିନ୍ନ ପ୍ରକାର ଡାଲି ଓ ଶଷ୍ୟଜାତୀୟ ଖାଦ୍ୟ ପରିବେଷଣ କରାଯିବା ସହ ମା' ମାନଙ୍କୁ ସଚେତନ କରାଯାଇଥିଲା। କାର୍ଯ୍ୟକ୍ରମରେ ସିଡ଼ିପିଓ, ସୁପରଭାଇଜର ଓ ଅଙ୍ଗନବାଡି କର୍ମୀ ଉପସ୍ଥିତ ଥିଲେ। ଶେଷରେ ବିଭିନ୍ନ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀଙ୍କୁ ଅତିଥି ମାନେ ପୁରସ୍କାର ପ୍ରଦାନ କରିଥିଲେ। ଜିଲ୍ଲା ସମାଜ ମଙ୍ଗଳ ବିଭାଗର କର୍ମଚାରୀ ଏହି କାର୍ଯ୍ୟକ୍ରମକୁ ଆୟୋଜନ କରିଥିଲେ।

### ● ଲକ୍ଷ୍ମୀପୁରରେ ନାହିଁ ଆବଶ୍ୟକ ଶିକ୍ଷା ସୁବିଧା

## ପୂର୍ଣ୍ଣାଙ୍ଗ ଇଂରାଜୀ ମିଡିୟମ ସ୍କୁଲ୍ ଖୋଲିବାକୁ ଦାବି

ଲକ୍ଷ୍ମୀପୁର,୧୪।୧୦(ସମିସ): କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକ ହେଉଛି ଏକ ଖଣି ପ୍ରବଣ ଅଞ୍ଚଳ । ଏଠାରୁ ଖଣି ଖନନ ହୋଇ ଅନ୍ୟତ୍ର ସ୍ଥାନାନ୍ତର କରାଯାଉଛି। ବେଦାନ୍ତ ମଧ ଦୀର୍ଘ ୮ ବର୍ଷ ହେବ ଏହି ଅଞ୍ଚଳରୁ ବକ୍ସାଇଟ ନିଜ କାରଖାନା ଚଳାଇବା ପାଇଁ ଓଏମ୍‌ସି ଠାରୁ ଟନ୍ ହିସାବରେ ନେଉଛି। ଏହି ଖଣିକୁ ନେଇ ଆଜି ଏଠି ଗଢି ଉଠିଛି ଶିଳ୍ପ କାରଖାନା । ଏହାର ପ୍ରତିବଦଳରେ ଏହି ଅଞ୍ଚଳରେ ଶିକ୍ଷାର ବିକାଶ ପାଇଁ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା ହେବା ନିହାତି ଆବଶ୍ୟକ। ଏ ଅଞ୍ଚଳ ହେଉଛି ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ। କିନ୍ତୁ ଶିକ୍ଷା କ୍ଷେତ୍ରରେ ଆଗ୍ରହୀ ଅଭିଭାବକମାନେ ପାରୁ ପର୍ଯ୍ୟନ୍ତ ନିଜ ପିଲାଙ୍କୁ ପାଠ ପଢ଼ାଇବାକୁ ଚେଷ୍ଟା କରିଥାନ୍ତି। ୧୦ ଉତ୍ତୀର୍ଣ୍ଣ ହେବା ପରେ ପରବର୍ତ୍ତୀ ସମୟରେ ଆର୍ଥିକ ଅବସ୍ଥା ଖରାପ ଯୋଗୁଁ ଆଗକୁ ବଢ଼ିବାରେ ବାଧକ ସାଜୁଛି। ଲକ୍ଷ୍ମୀପୁର ବ୍ଲକରେ କିଛି ଇଂରାଜୀ ବିଦ୍ୟାଳୟ ରହିଛି, ତାହା ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ହିଁ ରହିଛି। ୧୦ ଶ୍ରେଣୀ ପରେ ଆଉ ଉପର ଶ୍ରେଣୀରେ ପଢ଼ିବାକୁ ହେଲେ ଅନ୍ୟାନ୍ୟ ସହର ଉପରେ ନିର୍ଭର କରିବାକୁ ପଡୁଛି। ଆର୍ଥିକ ଅବସ୍ଥା ଭଲ କିମ୍ବା ଖରାପ ଥିବା ଅଭିଭାବକ ମଧ ନିଜ ପିଲାକୁ ଅନ୍ୟତ୍ର ନେଇ ପାଠ ପଢିବାରେ ଅସୁବିଧା ଉପୁଜୁଥିବା ଅଭିଯୋଗ ହେଉଛି। ଏହା ଏକ ବାଧକ ସଦୃଶ୍ୟ କହିଲେ ଅତ୍ୟୁକ୍ତି ହେବ ନାହିଁ। ଲକ୍ଷ୍ମୀପୁର ବ୍ଲକରେ ଶିକ୍ଷା କ୍ଷେତ୍ରରେ ଲୋକେ ଆଗ୍ରହୀ ରହିଛି । କିନ୍ତୁ ପୂର୍ଣ୍ଣାଙ୍ଗ ଶିକ୍ଷାନୁଷ୍ଠାନର ବ୍ୟବସ୍ଥା ନ ଥିବା ହେତୁ ଅଧାରୁ ମଧ କିଛି ବିଦ୍ୟାର୍ଥୀ ଅଟକି ଯାଉଛନ୍ତି। ଏହା ଏକ ଚିନ୍ତାଜନକ ବିଷୟ ଅଟେ। ବର୍ତ୍ତମାନ ଏଠି ଆଦିତ୍ୟ ବିର୍ଲା କାରଖାନା ଲକ୍ଷ୍ମୀପୁର ଓ କାଶୀପୁର ବ୍ଲକରେ ନିର୍ମାଣ ହେଉଛି । ବେଦାନ୍ତ ମଧ ଏହି ଦୁଇ ବ୍ଲକର କଞ୍ଚାମାଲ ଏଠାରୁ ନେଇ ନିଜ ସଂସ୍ଥା ଚଳାଉଛି। ଉଭୟ କମ୍ପାନୀ ସଦାବେଳେ ଶିକ୍ଷାର ବିକାଶ କ୍ଷେତ୍ରରେ ବଡ଼ ପଦକ୍ଷେପ ନେଇ ଆସୁଛନ୍ତି। ତେଣୁ ଏଠି ହିଣ୍ଡାଲ୍‌କୋ ହେଉ କିମ୍ବା ବେଦାନ୍ତ ଛାତ୍ରଛାତ୍ରୀ ମାନେ ସେଠାରୁ ପୂର୍ଣ୍ଣାଙ୍ଗ ଶିକ୍ଷା ଲାଭ କରିବା ଭଳି ଶିକ୍ଷାନୁଷ୍ଠାନ ସ୍ଥାପନ କରିବା ପାଇଁ ବ୍ୟବସ୍ଥା କରିବାକୁ ଦାବି ହେଉଛି। ଏହା ଏ ଅଞ୍ଚଳ ପାଇଁ ବହୁତ ବଡ଼ ସମସ୍ୟାର ସମାଧାନ ହେବ ବୋଲି ବୁଦ୍ଧିଜୀବି ମହଲରେ ମତ ପ୍ରକାଶ ପାଇଛି। ଏଥିପାଇଁ ସ୍ଥାନୀୟ ରାଜନେତା, ଜନସାଧାରଣ ଆଗାମୀ ଦିନରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରି ଏ ଦିଗରେ ଦୃଢ଼ ପଦକ୍ଷେପ ଗ୍ରହଣ କରିବାକୁ ଦ୍ୱାରସ୍ଥ ହେବା ପାଇଁ କହିଛନ୍ତି। ଆଗାମୀ ଦିନରେ ଏଠାରେ କଞ୍ଚା ମାଲ ଯଦି ସରିଯାଏ, ତେବେ ଏ ଅଞ୍ଚଳର ଆଉ ଗୁରୁତ୍ୱ ରହିବ ନାହିଁ । ଶିକ୍ଷାନୁଷ୍ଠାନ ତିଆରି ହୋଇଥିଲେ ଏ ଅଞ୍ଚଳର ଭବିଷ୍ୟତ ଗଢିବାରେ ସହାୟକ ହେବ ଏବଂ ଏହାଦ୍ୱାରା ଏ ଅଞ୍ଚଳରେ ଥିବା ଶିକ୍ଷାର ସ୍ଥାୟୀ ସମାଧାନ ହୋଇ ପାରିବ ବୋଲି ମତପ୍ରକାଶ ପାଇଛି। ଲକ୍ଷ୍ମୀପୁରରେ କେତେକ କର୍ମଚାରୀ ଅଛନ୍ତି ସେମାନେ ପିଲାଙ୍କ ପାଠପଢା ପାଇଁ ଚିନ୍ତିତ। କାରଣ ଉଚ୍ଚ ଶିକ୍ଷା ପାଇଁ ସେଭଳି ବ୍ୟବସ୍ଥା ନାହିଁ। ସରକାରୀ ଶିକ୍ଷାନୁଷ୍ଠାନ ରହିଛି । କିନ୍ତୁ ପିଲାଙ୍କ ମନମୁତାବକ ସବୁ ବିଷୟରେ ପଢ଼ିବାର ବ୍ୟବସ୍ଥା ନାହିଁ। ଏଠାରେ ପୂର୍ଣ୍ଣାଙ୍ଗ ଘରୋଇ ଶିକ୍ଷାନୁଷ୍ଠାନର ଆବଶ୍ୟକତା ମଧ ଯଥେଷ୍ଟ ରହିଛି। ଦଶମନ୍ତପୁର, ଲକ୍ଷ୍ମୀପୁର, ନାରାୟଣପାଟଣା, ବନ୍ଧୁଗାଁ, କାଶିପୁର ଭଳି ଦୁର୍ଗମ ବ୍ଲକର ଅନେକ ପିଲା ପୂର୍ଣ୍ଣାଙ୍ଗ ଶିକ୍ଷାନୁଷ୍ଠାନ ନିର୍ମାଣ ହେଲେ ଉପକୃତ୍ ହେବେ ଏବଂ ଅଞ୍ଚଳବାସୀ ମଧ ସଂପୃକ୍ତ ସଂସ୍ଥାକୁ ଉପରୁର ସ୍ୱାଗତ କରିବେ ବୋଲି ମତ ପ୍ରକାଶ ପାଇଛି।

## ସୀତାଫଳର ଚାହିଦା ବଢୁଛି

ଉମରକୋଟ,୧୪।୧୦(ସମିସ):ସ୍ଥାନୀୟ ବଜାରରେ ଏବେ ସୀତାଫଳର ଚାହିଦା ଅନେକ। ବିଶେଷକରି ଉମରକୋଟ ଓ ଏହାର ଆଖପାଖ ଅଞ୍ଚଳରେ ପ୍ରଚୁର ସୀତାଫଳ ଗଛ ରହିଛି। ଅଞ୍ଚଳରେ ଫଳ ପାକଳ ହୋଇ ନଥିବାରୁ



ଏବେ ଚନ୍ଦାହାଣ୍ଡି ଅଞ୍ଚଳର ସୀତାଫଳ ଉପରେ ଅଞ୍ଚଳବାସୀ ନିର୍ଭର କରୁଛନ୍ତି। ସ୍ଥାନୀୟ ଲୋକେ କହିଛନ୍ତି, ଉମରକୋଟ ଅଞ୍ଚଳର ଫଳ ବିଳମ୍ବରେ ହେଉଥିବାରୁ ଏବେ ଚନ୍ଦାହାଣ୍ଡି ଅଞ୍ଚଳର ସୀତାଫଳ ଉପରେ ନିର୍ଭର କରିବାକୁ ପଡୁଛି। ପ୍ରାୟ ୩ମାସ ପର୍ଯ୍ୟନ୍ତ ଚନ୍ଦାହାଣ୍ଡି ସୀତାଫଳ ବିକ୍ରି ହେଉଛି। ପ୍ରତିଦିନ ପୁରୁଷ ଓ ମହିଳାମାନେ ଚନ୍ଦାହାଣ୍ଡିରୁ ବସ୍ ଯୋଗେ ସୀତାଫଳ ଆଣି ଏଠାରେ ବିକ୍ରି କରୁଛନ୍ତି। କିଛି ହୋଲସେଲରେ ଦେଉଥିବା ବେଳେ ଆଉ କିଛି ବାହାର ବଜାରକୁ ପଠାଯାଉଛି। ଉମରକୋଟ ବ୍ୟତୀତ ଝରିଗାଁ, ରାଇଘର, ଡାବୁଗାଁ, ନବରଙ୍ଗପୁର ଏପରିକି ପଡୋଶୀ ଛତିଶଗଡର କୋଣ୍ଡାଗାଁ, ଜଗଦଲପୁର ଓ ବସ୍ତରକୁ ମଧ ଏଠାରୁ ସୀତାଫଳ ପଠାଯାଉଛି। ବଜାରକୁ ପ୍ରଥମେ ସୀତାଫଳ ଆସିଲା ସମୟରେ ଦାମ କିଲା ପିଛା ୧୦୦ରୁ ୧୫୦ ଟଙ୍କା ପର୍ଯ୍ୟନ୍ତ ରହିଥିଲା। ପରେ ଦାମ ଖସିଯାଇଛି। ଚନ୍ଦାହାଣ୍ଡିରୁ ସୀତାଫଳ ବିକ୍ରି ପାଇଁ ଆଣିଥିବା ଜୟ ସାନ୍ତା, ହରି ସାନ୍ତା, ଗୋବର୍ଦ୍ଧନ ସାନ୍ତା, ମକାଇ ମାଝୀ, ସମ୍ବାରୀ ସାକ୍ଷା ପ୍ରମୁଖ କହିଛନ୍ତି ବର୍ତ୍ତମାନ କିଲୋ ପିଛା ୫୦ ଟଙ୍କା ରହିଛି। ସୀତାଫଳ ବେଶୀ ପାଚିଗଲେ ନଷ୍ଟ ହେଉଥିବାରୁ ଟିକିଏ କଞ୍ଚା ଥିବା ଅବସ୍ଥାରେ ସଂଗ୍ରହ କରାଯାଉଛି। ୨ଦିନ ସଂଗ୍ରହ କରି ବଜାରକୁ ଆଣିବାକୁ ପଡୁଛି। ବସ ଭଡା, ପରିଶ୍ରମ, ଖାଦ୍ୟ ଖର୍ଚ୍ଚ ମିଶାଇ ଜଣକ ପିଛା ଦିନକୁ ୧୫୦ ଟଙ୍କା ଖର୍ଚ୍ଚ ହୋଇଯାଉଛି। ଜଣେ ଜଣେ ୩୦-୪୦ କେଜି ପର୍ଯ୍ୟନ୍ତ ଆଣୁଛନ୍ତି। ୧୫୦୦ରୁ ୨ହଜାର ଟଙ୍କା ପର୍ଯ୍ୟନ୍ତ ବିକ୍ରି ହେଉଛି। ସବୁ ଖର୍ଚ୍ଚ ଯିବା ପରେ ୧ ହଜାରରୁ ୧୨ଶହ ଟଙ୍କା ପର୍ଯ୍ୟନ୍ତ ମିଳୁଥିବା କହିଛନ୍ତି। ସ୍ଥାନୀୟ ଅଞ୍ଚଳର ସୀତାଫଳ ବଜାରକୁ ଆସିଲେ ମଧ ଚନ୍ଦାହାଣ୍ଡିର ଫଳ ଅପେକ୍ଷାକୃତ ବଡ଼ ଥିବାରୁ ଲୋକେ ଏହାକୁ କିଣୁଛନ୍ତି। କେତେକ ବ୍ୟବସାୟୀ ହୋଲସେଲ୍‌ରେ ସେମାନଙ୍କ ପାଖରୁ ଫଳ କିଣିନେଇ ବାହାରକୁ ପଠାଇ ସେମାନେ ମଧ ଭଲ ଦି ପଇସା ରୋଜଗାର କରୁଛନ୍ତି। ଋତୁକାଳୀନ ଏହି ଫଳ ବିକ୍ରିରୁ ପିଲାଙ୍କ ପାଇଁ ଲୁଗାପଟା, ତେଲଲୁଣ, ସାବୁନ, କିଣାଯାଉଛି। ପିଲାଙ୍କ ପାଠପଢାରେ ମଧ କିଛିଟା ସହାୟ୍ୟ ହୋଇପାରୁଛି। କିଛିବର୍ଷ ତଳେ ବଜାରରେ ଝୁଡ଼ିରେ ସୀତାଫଳ ବିକ୍ରି ହେଉଥିଲା। ଚାହିଦା ବଢିବାରୁ ଏବେ କିଲୋ ହିସାବରେ ବିକ୍ରି ହେଉଥିବା କହିଛନ୍ତି।

## ବାଲି ଖାଦାନରେ ଉପଜିଲ୍ଲାପାଳଙ୍କ ଚଢ଼ଉ: ୩୦ ଟ୍ରାକ୍ଟର ଅଟକ



ଗୁଣପୁର,୧୪।୧୦(ସମିସ): ରାୟଗଡ଼ା ଜିଲ୍ଲା ଗୁଣପୁର ବଂଶଧାରା ନଦୀ "ଖ" ବାଲି ଖାଦାନ ଉପରେ ଗୁଣପୁର ଯୁବ ଆଇଏଏସ୍ ଉପ ଜିଲ୍ଲାପାଳ ଦୁଧାଲ ଅଭିଷେକ୍ ଦିଲୀପ ଚଢ଼ଉ କରିଛନ୍ତି। ବର୍ଷାଦିନ ସରିବା ପରେ ଗତକାଲି ଠାରୁ ସହରରେ ବାଲି ଉଠାଣ ଆରମ୍ଭ ହୋଇଥିଲା। ଆଜି ସକାଳୁ ପ୍ରାୟ ୮୦ଟି ଟ୍ରାକ୍ଟରରେ ନଦୀରୁ ବାଲି ଉଠାଉଥିବା ବେଳେ ଅଚାନକ ଚଢ଼ଉ କରିଥିଲେ। ବାଲି ଖାଦାନକୁ ପହଞ୍ଚି ଗୁଣପୁର ପୁଲିସ୍ ଓ ଖଣିବିଭାଗର ଅଧିକାରୀ ଗାଡି ରୟାଲିଟି କାଗଜପତ୍ର ଯାଞ୍ଚ କରିଥିଲେ। କେତେକ ଗାଡିରେ ଓଭର ଲୋଡ କରି ବାଲି ନେଉଥିବା ଅଭିଯୋଗ ହୋଇଥିଲା। ଏନେଇ ଗୁଣପୁର ଉପ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଗାଡି ଗୁଡିକୁ ଖଣିବିଭାଗ ଓ ପୁଲିସ ଯାଞ୍ଚ କରିଥିବା ଜଣା ପଡିଛି। ଏହାପରେ ଜିଲ୍ଲାପାଳଙ୍କୁ ସମସ୍ତ ତଥ୍ୟ ଅବଗତ କରାଯିବ ବୋଲି ଉପଜିଲ୍ଲାପାଳ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି। ୩୦ରୁ ଅଧିକ ଟ୍ରାକ୍ଟର ଥାନାରେ ଅଟକ ରହିଥିବା ଜଣାପଡିଛି। ରାତି ୮ଟା ସୁଦ୍ଧା ସମସ୍ତ ଟ୍ରାକ୍ଟର ଥାନାରେ ଥିବାବେଳେ ଯାଞ୍ଚ ପ୍ରକ୍ରିୟା ଜାରି ରହିଥିଲା।

## କୋରାପୁଟିଆ ଆଦିବାସୀ ସିନେମାର ଖଳନାୟକ କୈଳାସ

# 'କଳାକୁ ବଞ୍ଚାଇ ରଖିବାକୁ ପ୍ରୟାସ ଜାରି ରହିବ'

ଜୟପୁର,୧୪ ।୧୦(ସମିସ): କୋରାପୁଟ ଜିଲ୍ଲାର ବାସିନ୍ଦା ନାଟ,ଗୀତ, ଡ୍ରାମା ଏବଂ ନୃତ୍ୟ ପ୍ରେମୀ ଅଟନ୍ତି। ତେଣୁ କୋରାପୁଟ ଜିଲ୍ଲାରେ କଳାକାରଙ୍କ ଅଭାବ ନାହିଁ। ସେହିପରି ଜଣେ କଳାକାର ହେଲେ କୈଳାସ ନାଗ (ଗଜ)। ଆଦିବାସୀ ସିନେମାର ଖଳନାୟକ ଭୂମିକାରେ ସେ ପ୍ରାୟ ୧୫ରୁ ଅଧିକ ସିନେମାରେ ସେ ଅଭିନୟ କରିଛନ୍ତି। ତାଙ୍କ ଜୀବନର ଶେଷ ନିଶ୍ୱାସ ପର୍ଯ୍ୟନ୍ତ କଳାକୁ ବଞ୍ଚାଇବା ପାଇଁ ସେ ତାଙ୍କର ପ୍ରୟାସ ଜାରି ରଖିବେ ବୋଲି କୈଳାସ କହିଛନ୍ତି। ସେ ସ୍ଥାନୀୟ ଶ୍ରମ ବିଭାଗ ଛକ ଠାରେ ଚା ଓ ଜଳଖିଆ ଦୋକାନ କରି ନିଜର ପରିବାର ପ୍ରତିପୋଷଣ କରୁଛନ୍ତି। ତାଙ୍କର ପ୍ରକୃତ ନିଶା ସିନେମାରେ ଅଭିନୟ କରିବା। ପିଲାଟି ଦିନରୁ ନିଜେ ଜଣେ କଳାକାର ଭାବେ ପରଦାରେ ଦେଖିବାକୁ ତାଙ୍କର ସ୍ୱପ୍ନ ଥିଲା ବୋଲି ସେ କହିଛନ୍ତି। ଜୟପୁର ସହରର ବାପୁଜୀ ନଗରର ବାସିନ୍ଦା ୫୯ ବର୍ଷିୟ ବାସିନ୍ଦା ସିନେମା କଳାକାର କୈଳାସ ସ୍ଥାନୀୟ ଏକ ସିନେମା ହଲରେ ମାତ୍ର ୨ଶହ ଟଙ୍କା ପାଇଁ କର୍ମଚାରୀ ଭାବେ କାର୍ଯ୍ୟ କରୁଥିଲେ। କିନ୍ତୁ ସିନେମା ହଲରେ ହିନ୍ଦୀ, ଓଡିଆ ଓ ତେଲୁଗୁ ସିନେମା ଦେଖି ଦେଖି ନିଜେ



ଜଣେ କଳାକାର ଭାବେ ପରଦାକୁ ଆସିବାକୁ ମନସ୍ଥ କରିଥିଲେ। କିନ୍ତୁ ତାଙ୍କୁ ସେପରି ସୁଯୋଗ ମିଳୁନଥିଲା । ତାଙ୍କର ସ୍ୱର୍ଗତ ପିତା ହେମନାଗ ନିଜ ପୁଅର ଏହିପରି କଳାକାର ହେବାକୁ ଉତ୍ସାହକୁ ଅନୁଭବ କରି ପାରିଥିଲେ। ରାମାୟଣ ସିରିଏଲ ଏବଂ ଅନ୍ୟାନ୍ୟ ସିନେମା ଟିଭି ମାଧ୍ୟମରେ ଦେଖୁଥିବା ବେଳେ କଳାକାର କୈଳାସକୁ ସବୁବେଳେ ରୂପେଲି ପରଦାକୁ ଆସିବାକୁ କହୁଥିଲେ। ପିତାଙ୍କ ସ୍ୱପ୍ନ ପୂର୍ଣ୍ଣ କରିବା ପାଇଁ କଳାକାର କୈଳାସ ତାଙ୍କର ପ୍ରୟାସ ଆରମ୍ଭ କରିଥିଲେ। ମାତ୍ର ୧୫ ବର୍ଷ ବୟସରେ କୈଳାସ ଏକ ନାଟକରେ ଅଭିନୟ କରିଥିଲେ। ଗତ ୨୦୧୦ ମସିହାରେ କୋରାପୁଟ ଆଦିବାସୀ ଟେଲି ଫିଲ୍ମ ମନ ରସିଆରେ ଖଳନାୟକ ଭୂମିକାରେ ଅଭିନୟ କରି ସମସ୍ତଙ୍କ ଆଦୃତ ହୋଇପାରିଥିଲେ। ବର୍ତ୍ତମାନ ସୁଧା କଳକାର କୈଳାସ ୧୫ରୁ ଅଧିକ କୋରାପୁଟିଆ ଆଦିବାସୀ ସିନେମା କେବଳ ଖଳନାୟକ ଭୂମିରାରେ ଅଭିନୟ କରିଛନ୍ତି। ତାଙ୍କର ଚେହେରା ପାଇଁ ତାଙ୍କୁ ନିର୍ଦ୍ଦେଶକ ମାନେ କେବଳ ଖଳନାୟକ ପାଇଁ ଚୟନ କରିଥାଆନ୍ତି ବୋଲି କଳାକାର କୈଳାସ କହିଛନ୍ତି। ବର୍ତ୍ତମାନ ସେ ଏକ ଓଡିଆ ସିନେମାରେ ଖଳନାୟକ ଭାବେ କାର୍ଯ୍ୟ କରିଛନ୍ତି । କିନ୍ତୁ କୌଣସି କାରଣରେ ଏହା ରିଲିଜ ହୋଇନାହିଁ। କଳା ପ୍ରତି ପ୍ରବଳ ନିଶା ଯୋଗୁଁ ଫିଲ୍ମ ପ୍ରସ୍ତୁତ କରିବା ନେଇ ଅନ୍ୟାନ୍ୟ ସହଯୋଗୀ ଓ କଳାକାରଙ୍କ ସହିତ ମିଶି ସେ ଟଙ୍କା ଖର୍ଚ୍ଚ କରୁଥିବା କହିଛନ୍ତି।

## ଉମରକୋଟରେ ମାଟି ସାମଗ୍ରୀର ଚାହିଦା

ଉମରକୋଟ,୧୪।୧୦(ସମିସ): ଆସୁଛି ଆଲୋକର ପର୍ବ ଦୀପାବଳି। ଆଉ ଏଥିପାଇଁ କୁମ୍ଭକାର ପରିବାରଙ୍କ ଆଖିରେ ନିଦ ନାହିଁ। ଆଧୁନିକ ଯୁଗ ସହ ତାଳଦେଇ ମାଟିଦୀପ ସହ ଅନ୍ୟାନ୍ୟ ମାଟି ସାମଗ୍ରୀ ପ୍ରସ୍ତୁତିରେ ଲାଗିପଡ଼ିଛନ୍ତି କୁମ୍ଭକାର ପରିବାର। ଉମରକୋଟ ବ୍ଲକର ୧୫ ପ୍ରତିଶତ ଲୋକ କୁମ୍ଭକାର ପରିବାର ସାନ ଭାରଣ୍ଡି, ଭାମାନୀ, କୋପେନା, ବେନରା, ହୀରାପୁର ଓ ବେହେଡା ଗାଁରେ ଅଧିକାଂଶ

### ଆସୁଛି ଦୀପାବଳି



ଲୋକ ଏହି ବୃତ୍ତି ଉପରେ ନିର୍ଭରଶୀଳ। ଦିନକୁ ଦିନ ପ୍ଲାଷ୍ଟିକ୍, ଷ୍ଟିଲ ଓ ଆଲୁମିନିୟମର ଚାହିଦା ବଢୁଥିବା ବେଳେ ମାଟି ସାମଗ୍ରୀର ଆଦର କମିନି। ଉମରକୋଟର ମାଟି ତିଆରି ସାମଗ୍ରୀ ଓଡ଼ିଶା, ଛତିଶଗଡ, ମହାରାଷ୍ଟ୍ର ଓ ଆନ୍ଧ୍ର ପ୍ରଦେଶକୁ ବିକ୍ରି ପାଇଁ ଯାଏ। ବିଶେଷ କରି ଦୁର୍ଗାପୂଜା, କାଳୀପୂଜା, ଉମରକୋଟରେ ହେଉଥିବା ସୋମବାର ଓ ଗୁରୁବାର ହାଟ ଓ ଆଖପାଖ ଗ୍ରାମରେ ହେଉଥିବା ପ୍ରତ୍ୟେକ ହାଟ ଆଦି ସ୍ଥାନରେ କାରିଗରଙ୍କ ଆସର ଜମିଥାଏ। ବର୍ଷକର ଆବଶ୍ୟକ ହେଉଥିବା ମାଟି ସଜ ଗୁଡ଼ିକ କିଣିବାକୁ ପୁରୁଷ ଓ ସ୍ତ୍ରୀ ଲୋକଙ୍କ ଭିଡ଼ ଲାଗିଥାଏ। ପ୍ରଥମତଃ ସେମାନଙ୍କ ଦ୍ୱାରା ପ୍ରସ୍ତୁତ ଏହି ସାମଗ୍ରୀର ବିକ୍ରୟ ପାଇଁ ସରକାରୀ ସ୍ତରରେ କୌଣସି ବ୍ୟବସ୍ଥା ନାହିଁ। ତା'ଛଡା କୌଣସି ପ୍ରୋତ୍ସାହନ ମଧନ ଥିବାରୁ ଏହି କାମ ଧିରେ ଧିରେ ଲୋପ ପାଇବାକୁ ଯାଉଛି। ଦୀପାବଳି ଆସିଲେ ଏମାନଙ୍କ ଦ୍ୱାରା ପ୍ରସ୍ତୁତ ମାଟିଦୀପର ଅନେକ ଚାହିଦା ବଢିଯାଏ । ମାଟିରେ ତିଆରି ଦୀପ, କଳସ, ହାଣ୍ଡି, ସରା, ସୁରେଇ, ଫୁଲଦାନୀ, ମାଟିରେ ତିଆରି ହାତୀ ଓ ଘୋଡ଼ା ଭଳି ସାମଗ୍ରୀ ଗଢ଼ି କୁମ୍ଭକାର ପରିବାର ମେଳା ମହୋତ୍ସବରେ ବିକ୍ରି କରନ୍ତି। ଅନ୍ୟଦିନ ମାନଙ୍କରେ ଏତେଟା ରୋଜଗାର ହେଉନଥିବାରୁ ବ୍ୟବସାୟୀ ହୁଅନ୍ତୁ ଅବା କାରିଗର ସମସ୍ତେ ଦୀପାବଳିକୁ ଅପେକ୍ଷା କରିଥାନ୍ତି। ଚଳିତ ବର୍ଷ ଦୀପାବଳିରେ ଭଲ ରୋଜଗାର ହେବ ବୋଲି ଆଶା ରଖିଛନ୍ତି।

## ୧୧୯ ଖଣ୍ଡ କାଠ ଜବତ, ଜଣେ ଗିରଫ



ଚିତ୍ରକୋଣ୍ଡା, ୧୪।୧୦(ସମିସ): ମାଲକାନଗିରି ଚିତ୍ରକୋଣ୍ଡା ବନବିଭାଗକୁ ମିଳିଛି ବଡ ସଫଳତା। ୧୧୯ ଖଣ୍ଡ ମୂଲ୍ୟବାନ କାଠ ଜବତ କରିଛି ବନ ବିଭାଗ। ଯାହାର ଆନୁମାନିକ ମୂଲ୍ୟ ୨ ଲକ୍ଷ ଟଙ୍କାରୁ ଅଧିକ ହେବ ବୋଲି ଚିତ୍ରକୋଣ୍ଡା ବନା ଅଞ୍ଚଳ ଅଧିକାରୀ ସୂଚନା ଦେଇଛନ୍ତି। ଏହା ସହିତ ଘଟଣା ସ୍ଥଳରୁ ଜଣଙ୍କୁ ଗିରଫ କରାଯାଇଛି। ସୂଚନା ଅନୁଯାୟୀ, ଚିତ୍ରକୋଣ୍ଡା ବନାଞ୍ଚଳ ଅଧିକାରୀ ବଳରାମ ନାୟକଙ୍କ ନିର୍ଦ୍ଦେଶରେ ଗତକାଲି ଚିତ୍ରକୋଣ୍ଡା ବନବିଭାଗର ଏକ ଟିମ୍ ବୋଟ ଯୋଗେ ଗଜୁଲମାମୁଡି ପଞ୍ଚାୟତ ସିଙ୍ଗାରାମ ଜଙ୍ଗଲ ଅଞ୍ଚଳରେ ଚଢ଼ଉ କରିଥିଲେ। ତୁମୁଲମାମୁଡି ଗ୍ରାମର କିଛି ଲୋକେ ସେଠାରେ କାଠପଟା କାଟୁଥିଲେ। ଦୂରରୁ ବନବିଭାଗର ଟିମକୁ ଦେଖି ପଟା କାଟୁଥିବା ଲୋକେ ସେଠାରୁ ଫେରାର ହୋଇଯାଇଥିବା ବେଳେ ବନବିଭାଗ ଜଣେ ଅଭିଯୁକ୍ତକୁ ଧରିବାରେ ସଫଳ ହୋଇଥିଲେ। ଗିରଫ ଅଭିଯୁକ୍ତ ଜଣକ ହେଲେ ସୁନାଧାର ଖିଲ ଗ୍ରାମ ବିଡ଼ିଗୁଡା। ତେବେ ଏହି ରାକେଟର ମୁଖ୍ୟ ଆସାମୀ ତୁମୁଲମାମୁଡିର ତ୍ରିନାଥ ହନ୍ତାଳ ଫେରାର ହୋଇଯାଇଥିଲା। ଘଟଣାସ୍ଥଳରୁ ଶାଗୁଆନ ପଟା ୪୦ ଖଣ୍ଡ, ମୁଣ୍ଡି ପଟା ୪ଖଣ୍ଡ, ବିଜା ସ୍ଲିପର ୨୫ ଖଣ୍ଡ, ବିଜା ସାଇଜ ୩୦ ଖଣ୍ଡ, ମୁଣ୍ଡି ସାଇଜ ୨୦ ଖଣ୍ଡ ସମୁଦାୟ ୧୧୯ ଖଣ୍ଡ କାଠ ଜବତ କରାଯାଇଛି। ଅଭିଯୁକ୍ତ ମାନେ ବ୍ୟବହାର କରୁଥିବା ଏକ ଡଙ୍ଗାକୁ ଜବତ କରିଛି ବନ ବିଭାଗ। ସହ ସମୁଦାୟ କାଠର ସରକାରୀ ମୂଲ୍ୟ ଦୁଇ ଲକ୍ଷ ଟଙ୍କାରୁ ଅଧିକ ହେବ ବୋଲି ଚିତ୍ରକୋଣ୍ଡା ରେଞ୍ଜର ବଳରାମ ନାୟକ ସୂଚନା ଦେଇଛନ୍ତି। ଏହି ଚଢ଼ଉରେ ଚିତ୍ରକୋଣ୍ଡା ବନପାଳ ନିରଞ୍ଜନ ସାରକା, ବନପାଳ ଯନ୍ତ୍ରୀ ସରୋଜ କୁମାର ଘଡେଇ, ଡଙ୍କରାଇ ବନପାଳ ହରି ହନ୍ତାଳ ଓ ବନରକ୍ଷୀ ସଞ୍ଜୟ କୁମାର ପରିଡ଼ା, ଶ୍ରୀମନ୍ତ ଗିରି, ସରୁ କୁଆସି, ସଂଗ୍ରାମ ବରାଳ ସମସ୍ତ ପାରା ଓ ୱାଇଲ୍ଡଲାଇଫ୍ ସ୍କ୍ୱାର୍ଡ ସାମିଲ ଥିଲେ।

## ଆଞ୍ଚଳିକ ସାଧନ କେନ୍ଦ୍ରରେ ଶିଶୁ ମହୋତ୍ସବ



ଚନ୍ଦ୍ରପୁର,୧୪।୧୦(ସମିସ): ରାୟଗଡ଼ା ଜିଲ୍ଲା ଚନ୍ଦ୍ରପୁର ବ୍ଲକର ୮ଟି ଆଞ୍ଚଳିକ ସାଧନା କେନ୍ଦ୍ରରେ ଶିଶୁ ମହୋତ୍ସବ ସୁରଭି ପାଳିତ ହୋଇଯାଇଛି। ଚନ୍ଦ୍ରପୁର ସଦମହକୁମାରେ ଥିବା ପି ଏମ ଶ୍ରୀ ଉଚ୍ଚ ବିଦ୍ୟାଳୟରେ କଷ୍ଟର ସ୍ତରୀୟ ସୁରଭୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧକ୍ଷ କୋଇନ୍ କିମ୍ବାକା, ସଭାପତି ଭାବେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭାସ୍କର ଗୋମାଙ୍ଗ, ସମ୍ମାନିତ ଅତିଥି ଭାବେ ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଗଣେଶ ଶବର, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସିଙ୍ଗନା ତାଡ଼ିଙ୍ଗି, ଉମାକାନ୍ତ ମିସାଲ, ପ୍ରଦିପ କୁମାର ଚୌଧୁରୀ ଓ ୧୪ଟି ସ୍କୁଲର ପ୍ରଧାନ ଶିକ୍ଷକ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ କ୍ଲଷ୍ଟରରୁ ଆସିଥିବା ବାଳକ ବାଳିକା ମାନେ ବିଭିନ୍ନ ପ୍ରତଯୋଗିତାରେ ସାମିଲ ହୋଇଥିଲେ। ଶେଷରେ କୃତି ଛାତ୍ର ଛାତ୍ରୀମାନଙ୍କୁ ମୁଖ୍ୟ ଓ ସମ୍ମାନିତ ଅତିଥି ମାନପତ୍ର ସହ ଟ୍ରଫି ପ୍ରଦାନ କରିଥିଲେ। ଏହାକୁ ପରିଚାଳନା କରିଥିଲେ ରଜନୀ କାନ୍ତ ବଳିଆର ସିଂହ। ସହଯୋଗ କରିଥିଲେ କଷ୍ଟରର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ।

## ଶିବପଦରରେ ଶିଶୁ ମହୋତ୍ସବ ସୁରଭି



ମୁନିଗୁଡ଼ା,୧୪।୧୦(ସମିସ) ମୁନିଗୁଡ଼ା ବ୍ଲକ ଅନ୍ତର୍ଗତ ଶିବାପଦର ଆଶ୍ରମ ବିଦ୍ୟାଳୟ ରେ ଆଜି ୨୦୨୫ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଡରୁକୁଲିମା ଆଞ୍ଚଳିକ ସାଧନ କେନ୍ଦ୍ର ସିଆରସିସି ସୁବାସ ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ୧୩ ଟି ବିଦ୍ୟାଳୟ ସାମିଲ ହୋଇଥିଲେ। ଏଥିରେ ୧୯ ଟି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରଥମ ହୋଇଥିବା ପ୍ରତିଯୋଗୀ ବ୍ଲକସ୍ତରୀୟ ସୁରଭିରେ ଯୋଗ ଦେବେ ବୋଲି ଜଣାପଡ଼ିଛି। କାର୍ଯ୍ୟକ୍ରମରେ ଶିବପଦର ବନମାଳି ହାଇସ୍କୁଲ ପ୍ରଧାନ ଶିକ୍ଷକ ରାଜ କିଶୋର ବେହେରା ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ମଞ୍ଚାସୀନ ଅତିଥି ଭାବେ ଶିବପଦର ପ୍ରଧାନ ଶିକ୍ଷକ ପ୍ରଶାନ୍ତ ରତ୍ନାଲୁ, ହାତୀ ପଦର ବିଦ୍ୟାଳୟର ତପନ ବଳିଆର ସିଂ, ସର୍ଗିଗୁଡା ବିଦ୍ୟାଳୟର ସୁବାଷ ବାନ୍ଦେଲିକା, ବଡ଼ ମଞ୍ଜୁରୁକୁପା ବିଦ୍ୟାଳୟର ଅନିତା ସେଠୀ ଇତ୍ୟାଦି ସମସ୍ତ ପ୍ରଧାନ ଶିକ୍ଷକ ମଞ୍ଚାସୀନ ଥିଲେ। ବିଭିନ୍ନ ବିଦ୍ୟାଳୟର ୧୫୦ ଛାତ୍ରଛାତ୍ରୀ ଓ ଶିବପଦର ଆଶ୍ରମର ୨୪୦ ଛାତ୍ରଛାତ୍ରୀ ଯୋଗ ଦେଇ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ।

### ପୋଲ ମରାମତି ହେଉନି, ରାଜପଥ ଅବରୋଧ ଚେତାବନୀ

# ଉପ ଜିଲ୍ଲାପାଳଙ୍କୁ ଭେଟିଲା ସୁରକ୍ଷା ସମିତି

ଜୟପୁର,୧୪।୧୦(ସମିସ):ଜୟପୁର-ମାଲକାନଗିରୀ ରାଜପଥରେ ପାତ୍ରପୁଟ ଠାରେ ଦୀର୍ଘ ୯୪ ବର୍ଷ ପୁରାତନ ପାତ୍ରପୁଟ ପୋଲ ବ୍ରିଟିସ ଶାସନ କାଳରେ ନିର୍ମାଣ ହୋଇଥିଲା। କିନ୍ତୁ ରକ୍ଷଣାବେକ୍ଷଣ ଅଭାବ ଯୋଗୁଁ ଏହା ବର୍ତ୍ତମାନ ବିପଦଶଙ୍କୁଳ ଅବସ୍ଥାରେ ରହିଛି। ତେଣୁ ତୁରନ୍ତ ଏହି ପୋଲର ସୁରକ୍ଷା ନେଇ ପ୍ରଶାସନ ପକ୍ଷରୁ ପଦକ୍ଷପ ଗ୍ରହଣ କରାଯାଉ। ଅନ୍ୟଥା ଆସନ୍ତା ୭ ଦିନ ସମୟ ମଧ୍ୟରେ ଏଥିନେଇ କୌଣସି ପଦକ୍ଷପ ଗ୍ରହଣ କରାନଗଲେ ପାତ୍ରପୁଟ ପୋଲ ସୁରକ୍ଷା ସମିତି ପକ୍ଷରୁ ୩୨୬ ନମ୍ବର ଜାତୀୟ ରାଜପଥ ଅବରୋଧ ସହିତ ଧାରଣା ଦିଆଯିବ ବୋଲି ଚେତାବନୀ ଦେଇଛନ୍ତି। ଏଥିନେଇ ଆଜି ସୁରକ୍ଷା ସମିତିର ସଦସ୍ୟ ମାନେ ଉପଜିଲ୍ଲାପାଳ ଏ.ଶଶ୍ୟାରେ‡ଙ୍କୁ ସାକ୍ଷାତ କରିବା ସହ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଏହିପରି ଜାତୀୟ ରାଜପଥ ବିଭାଗକୁ ବାରମ୍ବାର ଲିଖିତ ଭାବେ ଅବଗତ କରାଯାଇଥିଲେ ସୁଦ୍ଧା କୌଣସି ପଦକ୍ଷପ ଗ୍ରହଣ କରାଯାଇନାହିଁ। ପାଲଟା ଉକ୍ତ ପୋଲ ସୁରକ୍ଷିତ ରହିଥିବା ନେଇ ପ୍ରକାଶ କରିଥିଲେ। କିନ୍ତୁ ପୋଲ କଲିକତାର ହାୱାଡ ପୋଲ ଅବିକଳ କରାଯାଇ ତଳେ ବିନା ପିଲାରରେ ନିର୍ମାଣ ହୋଇଛି ଏବଂ ଲୁହାରେ ନିର୍ମାଣ ହୋଇଥିବା ଯୋଗୁଁ ରକ୍ଷଣାବେକ୍ଷଣ ଅଭାବ ଯୋଗୁଁ ଲୁହାରେ କଳଙ୍କି ଖାଇଯାଉଛି। ଭାରୀଯାନ ଯାଉଥିବା ବେଳେ ଉଭୟ ପଟେ ପୋଲ ବସିଥିବା ପିଲାର (ଲୁହା ଏବଂ ସିମେଣ୍ଟର ନିର୍ମିତ ଖୁଣ୍ଟ ) ରେ ଫାଟ ସୃଷ୍ଟି ହୋଇଛି। ତେଣୁ କୌଣସି ସମୟରେ ଏକ ବଡ ଅଘଟଣ ଘଟିବାର



ଆଶଙ୍କା ରହିଛି। ଏହିପରି ଜୟପୁର ଠାରୁ ମାଛକୁଣ୍ଡ, ଲମତାପୁଟ, ବୈପାରହୀଗୁଡା, ମାଲାକାନଗିରି ଜିଲ୍ଲା ସମେତ ପଡୋଶୀ ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା, ଛତିଶଗଡ ରାଜ୍ୟକୁ ଏହି ପୋଲ ଦେଇ ରାସ୍ତା ସଂଯୋଗ କରୁଛି। ତେଣୁ ରାସ୍ତା ବନ୍ଦ ହେବା ପୂର୍ବରୁ ଏହାର ରକ୍ଷଣାବେକ୍ଷଣ ଏବଂ ପାର୍ଶ୍ୱରେ ଏକ ନୂତନ ପୋଲ ନିର୍ମାଣ ନେଇ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲେ ସୁଦ୍ଧା ଅଧପାନ୍ତିଆ କରାଯାଇ ସଂପୃକ୍ତ ଠିକାଦାର କାର୍ଯ୍ୟ ଛାଡିଦେଇଛନ୍ତି। କିନ୍ତୁ ଜାତୀୟ ରାଜପଥ ପକ୍ଷରୁ ନୂତନ ଟେଣ୍ଡର ଆହ୍ୱାନ କରାଯାଇ ଅଧପାନ୍ତିଆ କାର୍ଯ୍ୟ ଶେଷ କରିବା ନେଇ କୌଣସି ପଦକ୍ଷପ ଗ୍ରହଣ କରାଯାଇନାହିଁ। ତେଣୁ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଇଛି ଏହି ପୁରାତନ ପୋଲର ରକ୍ଷଣାବେକ୍ଷଣ କରାଯାଇ ଏକ ଐତିହାସିକ କିର୍ତ୍ତି ଭାବେ ସଂରକ୍ଷିତ କରାଯାଇ ପର୍ଯ୍ୟଟକ ସ୍ଥଳୀ ଭାବେ ଏହାର ବିକାଶ କରିବାକୁ ସମିତି ପକ୍ଷରୁ ଦାବୀ କରାଯାଇଛି। ଏହି ଅବସରରେ ସମିତର ସଦସ୍ୟ କେଦାର ଗୌରୀ ଦାଶ (ବାପି), ସନ୍ତୋଷ ପଟ୍ଟନାୟକ, କୃଷ୍ଣ କେଶବ ଷଡଙ୍ଗୀ, ବିଶଅବଜିତ ନାୟକ, ଜିତୁ ନାୟକ,ଜଗନ୍ନାଥ ରାଉତ, ରାମନାଥ ଦଣ୍ଡସେନା, ସତ୍ୟ ନାରାୟଣ ସାହୁ, ହେମନ୍ତ ଖେମୁଣ୍ଡୁ ପ୍ରମୁଖ ଉପସ୍ଥିତ ଥିଲେ।

## ୨ ସାମ୍ବାଦିକଙ୍କୁ ବାଲିମାଫିଆଙ୍କ ଆକ୍ରମଣ ଅଭିଯୋଗ

ମାଥିଲି, ୧୪।୧୦(ସମିସ): ମାଲକାନଗିରିର ମାଥିଲି ଥାନା ଅନ୍ତର୍ଗତ ମାଡିଗୁଡ଼ା ରେ ବେଆଇନ ବାଲି ଘାଟରେ ବାଲି ମାଫିଆଙ୍କ ଦ୍ୱାରା ଦୁଇଜଣ ସାମ୍ବାଦିକଙ୍କ ଉପରେ ଆକ୍ରମଣ ହୋଇଥିବା ମାଥିଲି ଥାନାରେ ଅଭିଯୋଗ ହୋଇଛି। ସାମ୍ବାଦିକ ଶିବ ପ୍ରସାଦ ପରିଚ୍ଛା ଏବଂ ବିଷ୍ଣୁପ୍ରସାଦ ବାକାଙ୍କୁ ମରଣାସ୍ତ୍ର ଧରି ଗୋଡାଇଥିବା ମାଥିଲି ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ବେଆଇନ ବାଲିଘାଟ କରି ବେଧଡକ ଚୋରାଚାଲାଣ ହେଉଥିବା ଖବର ପାଇଁ ୨ ସାମ୍ବାଦିକ ଭିଡିଓ ଉତ୍ତୋଳନ ପାଇଁ ଯାଇଥିଲେ। ଏତିକିବେଳେ ଅତର୍କିତ ହୋଇ କିଛି ଯୁବକ ମାରଣାସ୍ତ୍ର ଦେଖାଇ ଭୟଭୀତ କରିଥିଲେ ଏବଂ ଉଭୟଙ୍କୁ ସେଠାରୁ ଗୋଡାଇଥିଲେ। ପ୍ରାଣ ବିକଳରେ ମାଡିଗୁଡା ଗାଁର ଏକ ଘରେ ଛପି ରହି ସେମାନେ ପୋଲିସକୁ ଖବର ଦେଇଥିଲେ। ସଙ୍ଗେ ସଙ୍ଗେ ମାଥିଲି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟଙ୍କୁ ଉଦ୍ଧାର କରି ମାଥିଲି ଥାନାକୁ ଆଣିଥିଲା। ଦିନ ଦି ପହରରେ ସାମ୍ବାଦିକଙ୍କୁ ଆକ୍ରମଣ ଘଟଣାରେ ସୁରକ୍ଷା ବ୍ୟବସ୍ଥା ଉପରେ ସାମ୍ବାଦିକମାନେ ପ୍ରଶ୍ନ ଉଠାଇଛନ୍ତି। ପୂର୍ବରୁ ମଧ ମାଲକାନଗିରି ଜିଲ୍ଲାର ମୋଟୁ



### ଏସପିଙ୍କୁ ଦାବିପତ୍ର ପ୍ରଦାନ

ଥାନା ଅଞ୍ଚଳରେ ଜଣେ ଯୁବ ସାମ୍ବାଦିକଙ୍କୁ ହତ୍ୟା କରାଯାଇଥିଲା। ମାଲକାନଗିରି ଉକ୍ରଳ ସାମ୍ବାଦିକ ସଂଘର ସଭାପତି ଅଶୋକ ମିଶ୍ର, ସମ୍ପାଦକ ଶ୍ରୀନିବାସ ପାତ୍ର , ସଦସ୍ୟ ମାଣିକ ବାଛାଡଙ୍କ ସମେତ ମାଥିଲି ଅଞ୍ଚଳରେ କାର୍ଯ୍ୟରତ ସାମ୍ବାଦିକ ବସନ୍ତ ସଗରିଆ, ଶରତ ଚନ୍ଦ୍ର ମହାରଣା, ଲଳିତ କୁମାର ବେହେରା, ରାଜୀବ ବେହେରା, ଶ୍ୟାମ ନାୟକ, ଅଜିତ ସଗରିଆ, ସୁବାସ ଖୁଡୁପିଆଙ୍କ ସମେତ ଅନେକ ସାମ୍ବାଦିକ ଉପସ୍ଥିତ ରହି ଏହି ଘଟଣାକୁ ନିନ୍ଦା କରି ମାଲକାନଗିରି ଜିଲା ଆରକ୍ଷି ଅଧିକ୍ଷକଙ୍କୁ ମାଥିଲି ଥାନା ଆଇଆଇସିଙ୍କ ଜରିଆରେ ଏକ ଦାବି ପତ୍ର ପ୍ରଦାନ କରିଥିଲେ। ଏପଟେ ମାଥିଲିର ୩ ଜଣ ସାମ୍ବାଦିକଙ୍କ ନାଁରେ ଥାନାରେ ପାଲଟା ଅଭିଯୋଗ କରିଛନ୍ତି ମାଥିଲି ଅଞ୍ଚଳର ଜେସିବି ମାଲିକ ରାମ ଅନୁଗୁଳିଆ। ଆବାସ ଘର ପାଇଁ ନିକଟସ୍ଥ ନଦୀରୁ ବାଲି ଉତ୍ତୋଳନ କରି ନେଉଥିବା ସେ ସ୍ୱୀକାର କରିଛନ୍ତି। ତେବେ ସାମ୍ବାଦିକଙ୍କୁ ଆକ୍ରମଣ କରିବା ଘଟଣା ସେ ଜାଣିନଥିବା କହିଛନ୍ତି। ଅନ୍ୟପଟେ ମାଥିଲି ଅଞ୍ଚଳରେ ବେଆଇନ ଭାବେ ବାଲିଘାଟ କରି ମାଫିଆ ମାଲାମାଲ ହେଉଛନ୍ତି। ପ୍ରଶାସନ ଦଲାଲମାନଙ୍କୁ ପ୍ରଶୟ ଦେଉଥିବା ଅଭିଯୋଗ ହୋଇଛି।

## ସ୍ୱତନ୍ତ୍ର ସଘନ ସଂଶୋଧନ ଆଭାସୀ ବୈଠକ

ରାୟଗଡା,୧୪।୧୦(ସମିସ): ଓଡ଼ିଶାର ମୁଖ୍ୟ ନିର୍ବାଚନ ଅଧିକାରୀ ଆର୍.ଏସ୍. ଗୋପାଳନଙ୍କ ଅଧ୍ୟକ୍ଷତାରେ ସ୍ୱତନ୍ତ୍ର ସଘନ ସଂଶୋଧନ ସମ୍ପର୍କିତ ଆଭାସି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଉପ ମୁଖ୍ୟ ନିର୍ବାଚନ ଅଧିକାରୀ ଡ. ଲକ୍ଷ୍ମୀ ପ୍ରସାଦ ସାହୁ, ଲୋକସମ୍ପର୍କ ଅଧିକାରୀ ସୌରଭ ପ୍ରଧାନଙ୍କ ସମେତ ସମସ୍ତ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଯୋଗ ଦେଇଥିଲେ। ସ୍ୱତନ୍ତ୍ର ସଘନ ସଂଶୋଧନର ମହତ ଉଦ୍ଦେଶ୍ୟ ଓ ସମୟୋଚିତ ଆବଶ୍ୟକତା, ମତଦାତାଙ୍କ ଯୋଗ୍ୟତା, ବିଭ୍ରାନ୍ତକାରୀ ସୂଚନାର ମୁକାବିଲା ସମ୍ପର୍କରେ ମୁଖ୍ୟ ନିର୍ବାଚନ ଅଧିକାରୀ ଶ୍ରୀ ଗୋପାଳନ ବିଷଦ ସୂଚନା ଦେବା ସହ ତୃଣମୂଳ ସ୍ତରରେ ଜନସାଧାରଣଙ୍କ ମଧ୍ୟରେ ଜାଗରଣ ସୃଷ୍ଟି କରିବାରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ଉଲ୍ଲେଖ କରିଥିଲେ ବୋଲି ରାୟଗଡା ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ତଥା ବିଭାଗୀୟ ଉପ ନିର୍ଦ୍ଦେଶକ ବସନ୍ତ ପ୍ରଧାନ ପ୍ରକାଶ କରିଛନ୍ତି । ଅନେକ ବର୍ଷ ଧରି ନିଷ୍ଠାପର ଓ ନିରପେକ୍ଷ ଭାବରେ କାର୍ଯ୍ୟ କରି ନିର୍ବାଚନ ଆୟୋଗ ସମଗ୍ର ବିଶ୍ୱରେ ଏକ ସ୍ୱତନ୍ତ୍ର ସମ୍ମାନ ପ୍ରତିଷ୍ଠା କରିପାରିଛନ୍ତି। ସେହି ସମ୍ମାନକୁ ଅକ୍ଷୁଣ୍ଣ ରଖିବାକୁ ହେଲେ ଭ୍ରମାତ୍ମକ ତଥା ବିଭ୍ରାନ୍ତକାରୀ ସୂଚନାର ସଠିକ ମୁକାବିଲା କରାଯିବାର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି। ଭୋଟର ତାଲିକାରୁ ଜଣେବି ଯୋଗ୍ୟ ମତଦାତା ନାମ ନ କଟିବା ଏବଂ ଜଣେ ବି ଅଯୋଗ୍ୟ ବ୍ୟକ୍ତିଙ୍କ ନାମ ସଂଯୁକ୍ତ ନ ହେବା ଉପରେ ଭାରତ ନିର୍ବାଚନ ଆୟୋଗ ସର୍ବାଧିକ ଗୁରୁତ୍ୱ ଦେବା ସହ ସେହି ଅବଲୋକନରେ ଓଡିଶାରେ ସମସ୍ତ କାର୍ଯ୍ୟ କରାଯାଉଛି ବୋଲି ସେ ଉଲ୍ଲେଖ କରିଥିଲେ। ଉପମୁଖ୍ୟ ନିର୍ବାଚନ ଅଧିକାରୀ ଡ. ସାହୁ ସ୍ୱତନ୍ତ୍ର ସଘନ ସଂଶୋଧନ ସମ୍ପର୍କିତ ସବିଶେଷ ତଥ୍ୟ ପିପିଟି ମାଧ୍ୟମରେ ଅଧିକାରୀମାନଙ୍କୁ ଅବଗତ କରାଇଥିଲେ। ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରୁ ନିୟମିତ ପ୍ରେରିତ ପ୍ରେସ ବିଜ୍ଞପ୍ତି ଓ ସୂଚନାକୁ ସାମାଜିକ ଓ ଅନ୍ୟାନ୍ୟ ଗଣମାଧ୍ୟମ ଜରିଆରେ ତୃଣମୂଳସ୍ତରର ଜନସାଧାରଣଙ୍କ ଅବଗତି ନିମନ୍ତେ ନିରବଚ୍ଛିନ୍ନ ଭାବେ ପ୍ରେରଣ କରିବା ସହିତ ସୃଜନାତ୍ମକ ମତାମତ ଦେବାପାଇଁ ସେ ପରାମର୍ଶ ଦେଇଛନ୍ତ ବୋଲି ରାୟଗଡା ଡିଆଇପିଆରଓ ଶ୍ରୀ ପ୍ରଧାନ କହିଛନ୍ତି।

## ଜିଲ୍ଲାସ୍ତରୀୟ ରାଷ୍ଟ୍ରୀୟ ପୋଷଣ ମାସ ପାଳିତ

ରାୟଗଡ଼ା,୧୪।୧୦(ସମିସ): ରାୟଗଡା ଜିଲ୍ଲା ସମାଜ କଲ୍ୟାଣ ବିଭାଗ ଓ ମହିଳା ଓ ଶିଶୁ ବିକାଶ ବିଭାଗଙ୍କ ଆନୁକୂଲ୍ୟରେ ଆଜି ରାୟଗଡା ପଞ୍ଚାୟତ ସମିତି କାର୍ଯ୍ୟାଳୟ ସମ୍ମିଳନୀ ହଲ୍‌ରେ ଜିଲ୍ଲା ସ୍ତରୀୟ ୮ମ ରାଷ୍ଟ୍ରୀୟ ପୋଷଣ ମାସ ୨୦୨୫ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅକ୍ଷୟ କୁମାର ଖାମୁଣ୍ଡୁ ଏବଂ ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସୁଶ୍ରୀ ସରସ୍ୱତୀ ମାଝୀ , ରାୟଗଡା ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧ୍ୟକ୍ଷା ଡ଼ା. ସରସ୍ୱତୀ ରାୟ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶାନ୍ତିଲତା ମୁଣି , ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ମିନତି ଦେଓ, ଜିଲ୍ଲା ପ୍ରକଳ୍ପ ଅଧିକାରୀ ଅହଲ୍ୟା ସୁନା, ପ୍ରତିମା ରାଣୀ ଦାସ, ଶୈଳଜା ଦାସ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲାର ସମସ୍ତ ୧୧ଟି ବ୍ଲକ୍ ଆଇସିଡିଏସ ପ୍ରକଳ୍ପ ଅଧୀନର ସିଡିପିଓମାନେ, ପୋଷଣ ବିଶି ଏସ , ଅଙ୍ଗନବାଡ଼ି ସୁପରଭାଇଜର, କର୍ମୀ, ହେଲ୍ପର ଓ ମହିଳା ଓ ଶିଶୁ ବିକାଶ ବିଭାଗ ରାୟଗଡାର



ସମସ୍ତ କର୍ମଚାରୀ ଯୋଗଦେଇଥିଲେ। ସେପରି ସ୍କୁଲ ଓ କଲେଜ ଛାତ୍ରଛାତ୍ରୀମାନେ ମଧ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ। ଜିଲ୍ଲାର କୌଣସି ମା' ଓ ଶିଶୁ କୁପୋଷଣର ଶିକାର ହେବାକୁ ଦେବା ନାହିଁ ଏବଂ ସନ୍ତୁଳିତ ଓ ପୋଷଣଯୁକ୍ତ ଖାଦ୍ୟ ଦ୍ୱାରା ଆମେ ସୁସ୍ଥ ସମାଜ ଗଠନ କରିପାରିବୁ ବୋଲି ମୁଖ୍ୟ ଅତିଥି ଶ୍ରୀ ଖେମୁଣ୍ଡୁ କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ବିଷୟରେ ଆଲୋକପାତ କରିଥିଲେ କାର୍ଯ୍ୟକ୍ରମରେ ପ୍ରତ୍ୟେକ ଆଇସିଡ଼ିଏସ ପ୍ରକଳ୍ପ ପକ୍ଷରୁ ପୋଷଣଯୁକ୍ତ ଖାଦ୍ୟ ପ୍ରଦର୍ଶନ କରାଯାଇଥିଲା। କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କଲେଜ ଓ ସ୍କୁଲ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ପୋଷଣ ଭିତ୍ତିକ ଚିତ୍ରାଙ୍କନ, ତର୍କ , କୁଇଜ୍ ଓ ଭାଷଣ ପ୍ରତିଯୋଗିତା କରାଯାଇ କୃତି ପ୍ରତିଯୋଗୀଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ମଧୁଲତା ଦଣ୍ଡସେନା, ଦିବାକର ପରିଚ୍ଛା ସଂଯୋଜକ ମହିଳା ସଶକ୍ତି କରଣ କେନ୍ଦ୍ର ଓ ସୂର୍ଯ୍ୟନାରାୟଣ ନାୟକଙ୍କ ଦ୍ୱାରା ସଂଯୋଜନା ଓ ପରିଚାଳନା କରାଯାଇଥିଲା। ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଶ୍ରୀମତୀ ଦେଓଙ୍କ ନେତୃତ୍ୱ କାର୍ଯ୍ୟକ୍ରମ ସଫଳ ହୋଇଥିଲା।

## ଅଙ୍ଗନବାଡି କର୍ମୀଙ୍କୁ ଜୀବନରୁ ମାରିବାକୁ ଧମକ ଅଭିଯୋଗ



ଜୟପୁର,୧୪।୧୦(ସମିସ): ଜୟପୁର ବ୍ଲକ ଫାମ୍ପୁଣୀ ଗ୍ରାମପଞ୍ଚାୟତର ସଦର ଗ୍ରାମ ମାଉଳୀଭଟ୍ଟା ସାହିରେ କାର୍ଯ୍ୟରତ ଅଙ୍ଗନବାଡି କର୍ମୀ ଦଶମୀ ହରିଜନଙ୍କୁ ଗ୍ରାମର କିଛି ବ୍ୟକ୍ତି ଜୀବନରେ ମାରିଦେବା ନେଇ ଧମକ ଦେଇଥବା ଉପଜିଲ୍ଲାପାଳଠାରେ ଅଭିଯୋଗ ହୋଇଛି। ପରିବାର ସହ ପୂର୍ବ ଶତ୍ରୁତାକୁ ନେଇ ଗ୍ରାମର କିଛି ଲୋକ ଗଣ୍ଡଗୋଳ କରୁଛନ୍ତି । ଦୀର୍ଘ ୩୦ ବର୍ଷ ହେଲା ସେ ଅଙ୍ଗନବାଡି କର୍ମୀ ଭାବେ କାର୍ଯ୍ୟରତ ରହିଛନ୍ତି। କିନ୍ତୁ ଗତ ମାର୍ଚ୍ଚ ୩୧ ତାରିଖ ଦିନ ଭୋର ସାଢେ ୪ଟା ସମୟରେ ହଠାତ କିଛି ଲୋକ ଘର ଭିତରେ ପ୍ରବେଶ କରିବା ସହ ମାରଣାସ୍ତ୍ର ଦେଖାଇ ଗୃହରେ ରହିଥିବା ଧାନ ଚାଉଳ ଲୁଟି ନେଇଗଲେ। ଆଲମାରୀରେ ଥିବା ଟଙ୍କା ମଧ ଜୋରଜବରଦସ୍ତ ଲୁଟି ନେଇଥିଲେ। ଏବଂ ସ୍ୱାମୀ ପୁରିଆ ବାଘଙ୍କୁ ମଧ ଆକ୍ରମଣ କରିଥିଲେ। ଏ ଘଟଣା ବିଷୟରେ କାହାକୁ କହିଲେ ଆମେ ଜୀବନରେ ମାରିଦେବୁ ବୋଲି ମଧ ଧମକ ଦେଇଥିଲେ। ଫାମ୍ପୁଣୀ ଗ୍ରାମର ମାଉଳୀଭଟ୍ଟା ସାହିରେ ଅଙ୍ଗନବାଡି କେନ୍ଦ୍ରକୁ କାର୍ଯ୍ୟରେ ଯୋଗଦେବାକୁ ସୁଯୋଗ ମଧ ଦେଉନାହାନ୍ତି। କୁନ୍ଦୁରା ଥାନାରେ ଅଭିଯୋଗ କରିଥିଲେ ମଧ ପୁଲିସ ଏ ନେଇ କିଛି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହାନ୍ତି। ଏପରିକି ସିଡିପିଓଙ୍କୁ କହିବା ପରେ ମଧ ଏନେଇ କିଛି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାରୁ ବାଧ ହୋଇ ଉପଜିଲ୍ଲାପାଳ ଏ.ସସ୍ୟାରେ‡ୀଙ୍କୁ ଭେଟି ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି ବୋଲି ଅଙ୍ଗନବାଡି କର୍ମୀ ଦଶମୀ କହିଛନ୍ତି।

### ନାଗେଶ୍ୱରୀ ପାହାଡ଼ ଖଣି ଖନନକୁ ବିରୋଧ

# ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ଗ୍ରାମବାସୀ

କୋରାପୁଟ,୧୪।୧୦(ସମିସ): ବାଲଡା ସ୍ଥିତ ନାଗେଶ୍ୱରୀ ପାହାଡ଼ରେ ଖଣି ଖନନକୁ ନେଇ ନାଗେଶ୍ୱରୀ ଡଙ୍ଗର ସୁରକ୍ଷା ମଞ୍ଚ ପକ୍ଷରୁ ବେଆଇନ ଗ୍ରାମସଭା, ଖଣି ଖନନ ଓ ଗୋଷ୍ଠୀ ଜଙ୍ଗଲ ସମ୍ବଳ ପରିଚାଳନା କମିଟିର ମନମୁଖୀ ଗ୍ରାମସଭାକୁ ନେଇ ଆଜି ନାଗେଶ୍ୱରୀ ଡଙ୍ଗର ସୁରକ୍ଷା ମଞ୍ଚ ଓ ମାଳି ସୁରକ୍ଷା ମଞ୍ଚର ଶତାଧିକ ଗ୍ରାମବାସୀ କୋରାପୁଟ ଜିଲ୍ଲାପାଳ, ଉପଜିଲ୍ଲାପାଳ ଓ ବନଖଣ୍ଡ ଅଧିକାରୀଙ୍କୁ ଲିଖିତ ଅଭିଯୋଗ ପ୍ରଦାନ କରିଛନ୍ତି। ଗ୍ରାମସଭାରେ ୨୦୦୬ ଜଙ୍ଗଲ ଅଧିକାରୀ ଆଇନର ଧାରା ୫ର ପ୍ରାବଧାନକୁ ଉଲ୍ଲଂଘନ ସହ ଗ୍ରାମସଭାକୁ ଅବୈଧ ଘୋଷଣା ପାଇଁ ଲିଖିତ ଅଭିଯୋଗ ପ୍ରଦାନ କରିଛନ୍ତି। ନାଗେଶ୍ୱରୀ ପାହାଡ଼ ଏକ




ପର୍ଯ୍ୟଟନ ସ୍ଥଳୀ ହୋଇଥିବା ବେଳେ ପାହାଡ଼ ଗୁମ୍ଫାରେ ଥିବା ଠାକୁରାଣୀଙ୍କୁ ଅଞ୍ଚଳବାସୀ ପୂଜାର୍ଚ୍ଚନା କରି ଆସୁଥିବାବେଳେ ଜଙ୍ଗଲ ଜମି ଉପରେ ନିର୍ଭର କରୁଥିବା ୯ଟି ଗ୍ରାମର ଗ୍ରାମବାସୀ ଜୀବିକା ନିର୍ବାହ କରୁଛନ୍ତି। ଏଣୁ ଉକ୍ତ ଅଞ୍ଚଳରେ ହେବାକୁ ଥିବା ଖଣି ଖନନ ବନ୍ଦ କରିବା ପାଇଁ ବାଲଡା ସମିତି ସଭ୍ୟା ସାବିତ୍ରୀ କାର୍ତ୍ତୁଲଙ୍କ ସମେତ ବିମଲ ପୂଜାରୀ, ବୁନ୍ଦା ଖିଲ, ଲକ୍ଷ୍ମଣ ଶିଶା, ବିଜୟ ମୁଦୁଲି ଆଦି ଶତାଧିକ ଗ୍ରାମବାସୀ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରିବା ସହ ଦାବିପତ୍ର ପ୍ରଦାନ କରିଥିଲେ।

## ଜିଲ୍ଲା କଂଗ୍ରେସର ନୂତନ କମକର୍ତ୍ତାଙ୍କୁ ସମ୍ବର୍ଦ୍ଧନା

ରାୟଗଡ଼ା,୧୪।୧୦(ସମିସ): ରାୟଗଡ଼ା ଜିଲ୍ଲା କଂଗ୍ରେସ କମିଟି (ଡିସିସି ) ପକ୍ଷରୁ ଆଜି ରାୟଗଡ଼ା ସହର ସ୍ଥିତ ବିଜୁ ପଟ୍ଟନାୟକ ଅଡିଟୋରିୟମ ଠାରେ ଡିସିସିର ନୂତନ ସଭାପତି ଏବଂ ଅନ୍ୟାନ୍ୟ ପଦପଦବୀରେ ଚୟନ ହୋଇଥିବା କର୍ମକର୍ତା ମାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ଜିଲ୍ଲା କଂଗ୍ରେସ ସଂଯୋଜକ ଦୁର୍ଗା ପ୍ରସାଦ ପଣ୍ଡାଙ୍କ ନେତୃତ୍ୱରେ ଆୟୋଜିତ ଏହି ସମ୍ବର୍ଦ୍ଧନା ସଭାରେ ନୂତନ ଜିଲ୍ଲା କଂଗ୍ରେସ ସଭାପତି ତଥା ରାୟଗଡା ବିଧାୟକ ଆପଲସ୍ୱାମୀ କାଡ୍ରାକାଙ୍କୁ ଜିଲ୍ଲାର ଦାୟିତ୍ୱ ହସ୍ତାନ୍ତର କରିଥିଲେ କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ତଥା କୋରାପୁଟ ଏମପି ସପ୍ତଗିରି ଶଙ୍କର ଉଲାକା। ଆଗାମୀ ଦିନରେ ଜିଲ୍ଲାରେ ସାଂଗଠନିକ ସୁଦୃଢ଼ ସହିତ କଂଗ୍ରେସ ପକ୍ଷରୁ ଜିଲ୍ଲାର ତିନୋଟି ନିର୍ବାଚନମଣ୍ଡଳୀରେ ହେବାକୁ ଥିବା ପଦଯାତ୍ରା ନେଇ ମଧ ବୈଠକରେ ଆଲୋଚନା ହୋଇଥିଲା। ଦଳକୁ ତୃଣମୂଳସ୍ତରରୁ ସଂଗଠିତ କରିବା ସହିତ




ଆହୁରି ମଜଭୁତ କରାଯିବ ବୋଲି ସଭାପତି ଶ୍ରୀ କାଡ୍ରାକାଙ୍କ ସମେତ ସମସ୍ତ ବରିଷ୍ଠ ନେତା ପ୍ରତିଶୃତିବଦ୍ଧ ହୋଇଥିଲେ। କାର୍ଯ୍ୟକ୍ରମରେ ନୂତନ ଜିଲ୍ଲା ସଭାପତି ତଥା ବିଧାୟକ ଆପଲସ୍ୱାମୀ କାଡ୍ରାକାଙ୍କ ସମେତ କୋରାପୁଟ ଏମପି ସପ୍ତଗିରି ଶଙ୍କର ଉଲାକା, ପରାମର୍ଶଦାତା ରତ୍ନମଣି ଉଲାକା, ପୂର୍ବତନ ରାଜ୍ୟ ସାଧାରଣ ସମ୍ପାଦକ ତଥା ଜିଲ୍ଲା ସଂଯୋଜକ ଦୁର୍ଗା ପ୍ରସାଦ ପଣ୍ଡା, ବିଷମକଟକ ବିଧାୟକ ନୀଳମାଧବ ହିକକା, ଗୁଣପୁର ବିଧାୟକ ସତ୍ୟଜିତ ଗମାଙ୍ଗ, ଜିଲ୍ଲା ଯୁବ କଂଗ୍ରେସ ସଭାପତି ମୋହନ ନାଏକ, ବରିଷ୍ଠ ନେତା ଶଙ୍କର୍ଷଣ ମଙ୍ଗରାଜ, ବରିଷ୍ଠ ନେତା ଅଜିତ ଦାସ, ରାୟଗ?। ବିଧାନସଭା ଯୁବ ସଭାପତି ଯୋଶେଫ ଖୋସଲା, ବରିଷ୍ଠ ନେତା ରମାକାନ୍ତ ମାଝି, ମହିଳା ନେତ୍ରୀ ନନ୍ଦି ଗୌରୀ, ଲକ୍ଷ୍ମୀ ଶବର, ଅମ୍ବିକା ମାଝି, ଗଙ୍ଗାଧର ଆଚାରୀଙ୍କ ସମେତ ବହୁ ବରିଷ୍ଠ ନେତା ମଞ୍ଚାସୀନ ହୋଇଥିଲେ। କାର୍ଯ୍ୟକ୍ରମକୁ ବରିଷ୍ଠ ନେତା ସୁନୀଲ ପଣ୍ଡା(ଝୁନା), ପାର୍ଥ ବର୍ଦ୍ଧନ, ଜଗନ୍ନାଥ ସାହୁ, ଅସଲମ୍ ଖାନ୍, ହରିଶ ପଟନାୟକ, ବାପି ପଟନାୟକ, ବିଭୁତି ଭୂଷଣ ବିଡ଼ିକା ଓ ଅନ୍ୟମାନେ ପରିଚାଳନା କରିଥିଲେ।

ଶ୍ରୀମନ୍ଦିର ସୁରକ୍ଷାକୁ ନେଇ ମାନସ ମନ୍ଥନ

# ବଢ଼ିବ ବଡ଼ଦେଉଳର ସୁରକ୍ଷା

ପୁରୀ, ୧୪।୧୦ (ସମିସ): ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥାକୁ ନେଇ ଅନେକ ସମୟରେ ପ୍ରଶ୍ନ ଉଠିଛି। ସୁରକ୍ଷାବଳୟକୁ ଭେଦ କରି କେତେବେଳେ ସ୍ପାଏ କ୍ୟାମେରା, ମୋବାଇଲ୍ ଭିତରକୁ ନିଆଯାଉଛି ତ ପୁଣି କେତେବେଳେ ମନ୍ଦିର ଉପରେ ଚକ୍କର କାଟୁଛି ଡ୍ରୋନ୍। ଭିତରର ବହୁ ସମ୍ବେଦନଶୀଳ ସ୍ଥାନର ଫଟୋ, ଭିଡିଓ ମଧ୍ୟ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେଉଛି। ଏପରିକି, ଭିତରୁ ଭିଡିଓ କଲ୍ କରାଯାଉଛି। ଅନେକଥର ମନ୍ଦିର ପରିସରରେ ବିଭିନ୍ନ ସ୍ଥାନରୁ ଚୋରି ହେବାର ଦୃଷ୍ଟାନ୍ତ ବି ରହିଛି। ତେଣୁ, କିପରି ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରାଯିବ, ସେନେଇ ମଙ୍ଗଳବାର ସୁରକ୍ଷା ସବ୍-କମିଟି ବୈଠକରେ ମାନସମନ୍ଥନ କରାଯାଇଛି।

ଶ୍ରୀମନ୍ଦିର ସୁରକ୍ଷା ସବ୍-କମିଟି ଅଧ୍ୟକ୍ଷ ଗିରୀଶ ଚନ୍ଦ୍ର ମୁର୍ମୁଙ୍କ ଅଧ୍ୟକ୍ଷତାରେ ନୀଳାଦ୍ରି ଭକ୍ତନିବାସରେ ଅନୁଷ୍ଠିତ ଏହି ବୈଠକରେ ସୁରକ୍ଷା ସମ୍ପର୍କିତ ଅନେକ ଆଲୋଚନା ଏବଂ ନିଷ୍ପତ୍ତି ବି ହୋଇଛି। ଏଥର ଅତ୍ୟାଧୁନିକ ସୁରକ୍ଷାବଳୟରେ ରହିବ ଶ୍ରୀମନ୍ଦିର। ଶ୍ରୀମନ୍ଦିର ଭିତରେ ଓ ବାହାରେ ସ୍ୱତନ୍ତ୍ର ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯିବ। ଅଧିକ ସଂଖ୍ୟକ ସୁରକ୍ଷା କର୍ମୀ ମୁତୟନ ରହିବେ। ବିଶେଷକରି ନୋ-ଫ୍ଲାଇଂ ଜୋନ୍, ସର୍ଭିଲାନ୍ସ ସିକ୍ୟୁରିଟି, ଶ୍ରୀମନ୍ଦିର ଭିତରେ ଫୋନ୍ ବ୍ୟବହାର ଉପରେ ବିଶେଷ ଆଲୋଚନା କରାଯାଇଛି। ଆଗକୁ ୱାକିଟକି ବ୍ୟବସ୍ଥା ହେବ। ସେହିପରି ଫାୟାର ସେଫ୍ଟି ଏବଂ ଇଲେକ୍ଟ୍ରି ସେଫ୍ଟି ଉପରେ ବି ପ୍ରାଧାନ୍ୟ ଦିଆଯାଇଥିଲା। ବୈଠକରେ ସବ୍-କମିଟିର ଅନ୍ୟ ୮ ସଦସ୍ୟ ଉପସ୍ଥିତ ଥିଲେ।

ବୈଠକ ଶେଷରେ ଅଧ୍ୟକ୍ଷ ଶ୍ରୀ ମୁର୍ମୁ କହିଥିଲେ, ଆଲୋଚନା ବିଷୟବସ୍ତୁକୁ ନେଇ



ଏକ ରୂପରେଖ ପ୍ରସ୍ତୁତ କରାଯିବ। ଶ୍ରୀମନ୍ଦିର ପାଇଁ ସ୍ୱତନ୍ତ୍ର ସୁରକ୍ଷା ବ୍ୟବସ୍ଥା ପାଇଁ କେତେ ଅର୍ଥ ଆବଶ୍ୟକତା ରହିଛି, କେତେଶୀଘ୍ର ଏହାକୁ କାର୍ଯ୍ୟକାରୀ କରିହେବ, ସେନେଇ ବିଚାରବିମର୍ଶ ହୋଇଛି। ଶ୍ରୀମନ୍ଦିରକୁ ରେଡ୍ ଜୋନ୍ ଘୋଷଣା କରାଯାଇଛି, କିନ୍ତୁ ମନ୍ଦିର ଉପରକୁ ଡ୍ରୋନ୍ ଆସିଲେ କିଭଳି ତାକୁ ଚିହ୍ନଟ କରି ଅକାମି କରାଯିବ, କିଭଳି ବୈଷୟିକ ଜ୍ଞାନକୌଶଳର ଆବଶ୍ୟକତା ରହିଛି, ତାହାର ବ୍ୟବସ୍ଥା କରାଯିବ। ଆମେ ଅନ୍ୟ ବଡ଼ବଡ଼ ମନ୍ଦିର ଯାଇ ସ୍ଥିତି ଦେଖିବୁ। ସେଠାରେ ଯେପରି ଭଲ ସୁରକ୍ଷା ବ୍ୟବସ୍ଥା ରହିଛି, ତାହା ଜଗନ୍ନାଥ ମନ୍ଦିରରେ କାର୍ଯ୍ୟକାରୀ କରାଯିବ। ଶ୍ରୀମନ୍ଦିର ଆଇନରେ ପରିବର୍ତ୍ତନ ପାଇଁ ପଦକ୍ଷେପ ଗ୍ରହଣ କରାଯିବ। ମନ୍ଦିର ଭିତରକୁ ମୋବାଇଲ୍ ନେବା ନେଇ ପୁଲିସ, ଶ୍ରୀମନ୍ଦିର କର୍ମଚାରୀ ଓ ସେବାୟତଙ୍କ ପାଇଁ କଟକଣା ରହିବ। ସେମାନେ କିଭଳି ଏବଂ କେଉଁ ସ୍ଥାନରେ ଯୋଗାଯୋଗ କରିପାରିବେ ସେ

- ଆଣ୍ଟି-ଡ୍ରୋନ୍ ଟେକ୍ନୋଲୋଜି ବ୍ୟବହାର ହେବ
- ଏଆଇ କ୍ୟାମେରା ମାଧ୍ୟମରେ ଭିଡ଼ ନିୟନ୍ତ୍ରଣ କରାଯିବ
- ଅନ୍ୟ ମନ୍ଦିର ଯାଇ ସୁରକ୍ଷା ବ୍ୟବସ୍ଥା ଅନୁଧ୍ୟାନ ହେବ

ନେଇ ବିକଳ୍ପ ବ୍ୟବସ୍ଥା ହେବ ବୋଲି ଅଧ୍ୟକ୍ଷ ଶ୍ରୀ ମୁର୍ମୁ କହିଥିଲେ।

ଏସ୍‌ପି ପ୍ରତୀକ ସିଂ କହିଛନ୍ତି, ଏଆଇ କ୍ୟାମେରା ଲଗାଯାଇ ଭିଡ଼ ନିୟନ୍ତ୍ରଣ, ଶ୍ରୀମନ୍ଦିର ବାହାର ଓ ଭିତରର ସୁରକ୍ଷା ପରିଚାଳନା ନେଇ ଆଲୋଚନା ହୋଇଛି। ସୁରକ୍ଷା ଦାୟିତ୍ୱରେ ଥିବା ପୁଲିସ ଓ ଘରୋଇ ସୁରକ୍ଷା କର୍ମୀଙ୍କୁ ଅଧିକ ପ୍ରଶିକ୍ଷଣ ଦିଆଯିବ। ତାଙ୍କର ଦାୟିତ୍ୱ କ'ଣ ରହିବ, କିଭଳି ଭକ୍ତଙ୍କୁ ବ୍ୟବହାର କରିବ, ସେନେଇ ପ୍ରଶିକ୍ଷଣ ଦିଆଯିବ। ଶ୍ରୀମନ୍ଦିରର ସୁରକ୍ଷା ପାଇଁ କୁଇକ୍ ରେସ୍‌ପନ୍ସ ଟିମ୍ ରହିବେ। ଅନ୍ୟ ବଡ଼ ବଡ଼ ମନ୍ଦିରରେ ଭିଡ଼ ନିୟନ୍ତ୍ରଣ ଓ ସୁରକ୍ଷା ପାଇଁ କେଉଁ ଟେକ୍ନୋଲୋଜି ରହିଛି, ତାହାର ଅନୁଧ୍ୟାନ କରାଯାଇ ଶ୍ରୀମନ୍ଦିରରେ ଲାଗୁ ନେଇ ଆଲୋଚନା କରାଯାଇଥିବା ଏସ୍‌ପି ଶ୍ରୀ ସିଂ କହିଛନ୍ତି।

ବରିଷ୍ଠ ସେବାୟତ ମାଧବ ମହାପାତ୍ର କହିଛନ୍ତି, ଭିଡ଼ ନିୟନ୍ତ୍ରଣ ପାଇଁ ଭକ୍ତଙ୍କୁ ଆଗୁଆ ସୂଚନା ଦିଆଯିବା ଦରକାର। କେତେ ସମୟ ପରେ ଦର୍ଶନ ମିଳିବ, ଭକ୍ତମାନେ ଜାଣିଲେ ସେହି ସମୟରେ ପହଞ୍ଚିବେ। ଆଗୁଆ ପହଞ୍ଚି ଅପେକ୍ଷା କରୁଥିବାରୁ ଭିଡ଼ ହେଉଛି। ଏହାଦ୍ୱାରା ଅଯଥାରେ ଭିଡ଼ ହେବ ନାହିଁ। ଶ୍ରୀମନ୍ଦିର ସୁରକ୍ଷା ପାଇଁ ଯଥେଷ୍ଟ ସିସିଟିଭି କ୍ୟାମେରା ଲାଗିବା ଉଚିତ। ରାମ ମନ୍ଦିରର ସୁରକ୍ଷା ପାଇଁ ଇସ୍ରାଏଲ ନିର୍ମିତ ଟେକ୍ନୋଲୋଜି ଓ ତିରୁପତି ମନ୍ଦିରରେ ଭାରତ ଇଲେକ୍‌ଟ୍ରୋନିକ ଟେକ୍ନୋଲୋଜି ବ୍ୟବହାର ହୋଇଛି। ଆମେ ଏହିସବୁ ମନ୍ଦିରକୁ ଯାଇ ସୁରକ୍ଷା ବ୍ୟବସ୍ଥା ଅନୁଧ୍ୟାନ କରିବୁ। ପରେ ଶ୍ରୀମନ୍ଦିରରେ କେଉଁ ସୁରକ୍ଷା ଟେକ୍ନୋଲୋଜି ଦରକାର, ତାହାର ନିଷ୍ପତ୍ତି ନିଆଯିବ ବୋଲି ସେ କହିଛନ୍ତି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଏସ୍‌ପି ଶ୍ରୀ ସିଂଙ୍କ ସମେତ ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ଓ କେତେଜଣ ବରିଷ୍ଠ ସେବାୟତ ଉପସ୍ଥିତ ଥିଲେ।

ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲା

# ମିଳିଲା ପୀତବାସଙ୍କ ଗୁପ୍ତ ଡାଏରୀ

ବ୍ରହ୍ମପୁର, ୧୪।୧୦(ସମିସ): ବିଜେପି ନେତା ତଥା ଆଇନଜୀବୀ ପୀତବାସ ପଣ୍ଡା ହତ୍ୟାକୁ ୯ ଦିନ ବିତିଲାଣି। କିନ୍ତୁ ଏପର୍ଯ୍ୟନ୍ତ ପୁଲିସ କାହାରିକୁ ଗିରଫ କରିପାରିନାହିଁ। ମାଷ୍ଟରମାଇଣ୍ଡଙ୍କୁ ଗିରଫ କରିବା ଦୂରେ ଥାଉ, ଦୁଇ ହତ୍ୟାକାରୀଙ୍କୁ ମଧ୍ୟ ଏଯାବତ୍ ଠାବ କରିପାରିନାହିଁ। ପୀତବାସଙ୍କୁ ଯେଉଁ ଦୁଇଜଣ ପେସାଦାର ସୁପାରି କିଲର

- ଖୋଲିବ କି ହତ୍ୟା ଗୁମର?
- ଆତତାୟୀଙ୍କ କୁଣ୍ଡଳୀ ଯାଞ୍ଚ ପାଇଁ ଜେଲ୍‌ମୁହାଁ ପୁଲିସ

ଗୁଳି କରି ହତ୍ୟା କରିଛନ୍ତି, ସେମାନେ ପୂର୍ବରୁ ମଧ୍ୟ ବହୁ ମାମଲାରେ ଜଡ଼ିତ ଥିବା ପୁଲିସ ସନ୍ଦେହ କରିଛି। ତେଣୁ ସେମାନଙ୍କ ବାବଦରେ କିଛି ସୁରାକ୍ ଯୋଗାଡ଼ କରିବା ଆଶାରେ ବ୍ରହ୍ମପୁର ପୁଲିସ ଏବେ ଜେଲ୍‌ମୁହାଁ ହୋଇଛି। ବ୍ରହ୍ମପୁର ସମେତ କେନ୍ଦ୍ରାପଡ଼ା ଓ ରାଜ୍ୟର ବିଭିନ୍ନ ଜେଲ୍‌ରେ ଅପରାଧୀଙ୍କ କୁଣ୍ଡଳୀ ଯାଞ୍ଚ କରୁଛି। ସଂପୃକ୍ତ ଆତତାୟୀଙ୍କୁ ଚିହ୍ନଟ କରି ସେମାନଙ୍କ ଠିକଣା ଜାଣିବାକୁ ପୁଲିସ ବିଭିନ୍ନ ଜେଲରେ ଡେରା ପକାଇଥିବା ସୂଚନା ମିଳିଛି। ଅପରପକ୍ଷେ, ଓକିଲାତି ବ୍ୟତୀତ ପୀତବାସଙ୍କର ବିଭିନ୍ନ କାରବାରରେ ସମ୍ପୃକ୍ତି ଥିବାରୁ ତାଙ୍କ ହାତଲେଖା ଡାଏରୀରୁ କିଛି ତଥ୍ୟ ଓ ପ୍ରମାଣ ମିଳିବ ବୋଲି ପୁଲିସ ଆଶା ରଖିଥିଲା। ବର୍ତ୍ତମାନ ପୀତବାସଙ୍କ ଗୁପ୍ତ 'ଡାଏରୀ'ର ସନ୍ଧାନ ମିଳିଛି। ଡାଏରୀରୁ ବହୁ ତଥ୍ୟ ସହ ଅନେକ ଗୁମର ଫିଟିବ ବୋଲି ଆଲୋଚନା ହେଉଛି।

ମିଳିଥିବା ଡାଏରୀରେ କ୍ରସର୍ ବ୍ୟବସାୟୀ, ମଦ ବେପାରୀ, ବିଲ୍ଡରଙ୍କ ସମେତ ସହରର ବହୁ ବ୍ୟବସାୟୀ ଓ ନେତାଙ୍କ ନାମ ଉଲ୍ଲେଖ ଥିବା କୁହାଯାଉଛି। ପୀତବାସ କାହାଠାରୁ ସୁଧରେ ଟଙ୍କା ଆଣିଛନ୍ତି ଅଥବା କାହାକୁ ଟଙ୍କା ଦେଇଛନ୍ତି, ସେଥିରେ ଉଲ୍ଲେଖ ଥିବା କୁହାଯାଉଛି। ବଡ଼କଥା ହେଲା, ପୀତବାସ ହଜାର କିମ୍ବା ଲକ୍ଷରେ ନୁହେଁ, ବରଂ କୋଟି କୋଟି ଟଙ୍କାର ସୁଧ କାରବାର କରୁଥିବା ନେଇ ଆଲୋଚନା ହେଉଥିବା ବେଳେ ସେସବୁ ତଥ୍ୟ ଡାଏରୀରେ ଅଛି କି ନାହିଁ, ତାହା ଉପରେ ସମସ୍ତଙ୍କ ନଜର। ପୀତବାସଙ୍କ ଜଣେ ଘନିଷ୍ଠ ବନ୍ଧୁ ତାଙ୍କଠାରୁ ପ୍ରାୟ ୮୦ ଲକ୍ଷରୁ ଅଧିକ ଟଙ୍କା ନେଇ କୌଣସି କାରଣରୁ ଦୀର୍ଘ ଦିନ ଧରି କୁଆଡ଼େ ଫେରାଇ ନଥିଲେ। ଋଣ ଅର୍ଥ ପରିଶୋଧ ପାଇଁ ସମ୍ପୃକ୍ତ ବନ୍ଧୁଜଣଙ୍କ ସହରରେ ଥିବା ନିଜର ଏକ ଘରକୁ ପୀତବାସଙ୍କୁ ବିକ୍ରି କରିଦେଇଥିବା କୁହାଯାଉଛି। ଘର ବିକ୍ରି ପରେ ମଧ୍ୟ ସମ୍ପୃକ୍ତ ବ୍ୟକ୍ତିଜଣଙ୍କ ଆହୁରି ୩୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ପୀତବାସଙ୍କୁ ଫେରାଇବାକୁ ଅଛି ବୋଲି ଶୁଣିବାକୁ ମିଳିଛି।

ସେହିପରି, ପୀତବାସ ଅନେକ ବ୍ୟବସାୟୀଙ୍କଠାରୁ ଟଙ୍କା ଉଠାଇଥିବା କୁହାଯାଉଛି। କିନ୍ତୁ, ସେନେଇ କେହି ମୁହଁ ଖୋଲିନାହାନ୍ତି। ତେବେ ବଜାରରେ ପଡ଼ିଥିବା କୋଟିକୋଟି ଟଙ୍କା କିଭଳି ଆଦାୟ ହେବ, ତାହା ଏବେ ବଡ଼ ପ୍ରଶ୍ନବାଚୀ। କାରଣ ସେଥିମଧ୍ୟରେ ପୀତବାସଙ୍କର ନିଜର ଓ ଅବଶିଷ୍ଟ ଅନ୍ୟମାନଙ୍କର ମଧ୍ୟ ଥିବା ଆଲୋଚନା ହେଉଛି। ସେପଟେ ଟଙ୍କା କାରବାର ବ୍ୟତୀତ ସେ ରୁଚି ରଖୁଥିବା ସବୁ କିଛି ବିଷୟରେ ନିଜ ଡାଏରୀରେ ଉଲ୍ଲେଖ କରିଥିବା ଜଣାପଡ଼ିଛି। ଡାଏରୀରେ ଉଲ୍ଲେଖ ଥିବା କିଛି ବ୍ୟକ୍ତିଙ୍କ ମଧ୍ୟରୁ ଅନେକଙ୍କୁ ପୂର୍ବରୁ ପୁଲିସ ଜେରା କରି ଛାଡ଼ିଥିବା କୁହାଯାଉଛି।

ପାର୍ଟ ପ୍ଲଟ୍ ପଞ୍ଜୀକରଣ

# ଏସ୍‌ଓପି ଜାରି; ଫିଟିଲା ବାଟ

ଭୁବନେଶ୍ୱର,୧୪।୧୦ (ସମିସ): ଫିଟିଲା ପାର୍ଟ ପ୍ଲଟ ପଞ୍ଜୀକରଣ ବାଟ। ଏଥିପାଇଁ ଆଜି ନୂଆ ଏସଓପି ଜାରି କରିଛନ୍ତି ରାଜ୍ୟ ସରକାର। ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ସମଗ୍ର ରାଜ୍ୟରେ ପାର୍ଟ ପ୍ଲଟ୍ ପଞ୍ଜୀକରଣକୁ ସୁବ୍ୟବସ୍ଥିତ କରିବା ପାଇଁ ଏକ ନୂତନ ଏସ୍‌ଓପି ଅଣାଯାଇଛି।

ଏହି ନୂଆ ଏସ୍‌ଓପି ଦ୍ୱାରା ପୂର୍ବର ସମସ୍ତ ନିର୍ଦ୍ଦେଶାବଳୀକୁ ଅଗ୍ରାହ୍ୟ କରିଦିଆଯାଇଥିବା ବେଳେ ଜନସାଧାରଣଙ୍କ ପାଇଁ ସମାନତା, ସ୍ୱଚ୍ଛତା ଏବଂ ସହଜତା ସୁନିଶ୍ଚିତ କରିବାରେ ଏହି ଏସ୍‌ଓପି କାର୍ଯ୍ୟ କରିବ ବୋଲି କୁହାଯାଉଛି।

ପଞ୍ଜୀକରଣ ଅଧିକାରୀଙ୍କ ମଧ୍ୟରେ ଅସଙ୍ଗତି ଦୂର କରିବା ସହିତ ପଞ୍ଜୀକରଣ ଅଧିନିୟମ ୧୯୦୮ ଏବଂ ଓଡ଼ିଶା ପଞ୍ଜୀକରଣ (ସଂଶୋଧନ) ଅଧିନିୟମ ୨୦୧୩ ଅନୁଯାୟୀ ରହିଥିବା ସ୍ପଷ୍ଟ ନିର୍ଦ୍ଦେଶନାମାକୁ ଏସ୍‌ଓପିରେ ସ୍ପଷ୍ଟ କରାଯାଇଛି। ପାର୍ଟ ପ୍ଲଟ ପଞ୍ଜୀକରଣ ସମୟରେ ରାଜ୍ୟର ଅଧିକାରୀମାନେ ଆଇନ ଏବଂ ପ୍ରକ୍ରିୟା ବିଷୟରେ ଦ୍ୱନ୍ଦ୍ୱରେ ରହୁଥିଲେ; ଏଥିପାଇଁ ପ୍ଲଟ୍ ପଞ୍ଜୀକରଣରେ ସମାନତା ଆସିପାରୁ ନ ଥିଲା ଓ ଜନସାଧାରଣ ଅନେକ ଅସୁବିଧା ଭୋଗୁଥିଲେ। ଏହାକୁ ଦୃଷ୍ଟିରେ ରଖି ରାଜସ୍ୱ ମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ଏହି ଏସଓପି ଆଣାଯାଇଛି। ଏଣିକି ଗ୍ରାମାଞ୍ଚଳରେ ଜଳଜମି କିସମ ପ୍ଲଟ୍ ବ୍ୟତୀତ ଗ୍ରାମାଞ୍ଚଳରେ ଆଂଶିକ ପ୍ଲଟ୍ ପଞ୍ଜୀକରଣ ପାଇଁ ଅନୁମତି ଦିଆଯାଇଛି। ବିନା ପୂର୍ବ ସର୍ତ୍ତରେ ଏହି ଅନୁମତି ଦିଆଯିବ। ଏହାକୁ ସମ୍ପୂର୍ଣ୍ଣ ପ୍ଲଟ୍ ଭାବରେ ସ୍ଥାନାନ୍ତର କରାଯିବ। ସବ୍-ଡିଭିଜନ ସହିତ ୫୦୦ ବର୍ଗ ମିଟରରୁ ଅଧିକ ହେବ ନାହିଁ। ସେହିପରି ଚାଷ ଜମି କ୍ଷେତ୍ରରେ ଯଦି ପ୍ଲଟ୍ କୃଷି କିସମ ହୋଇ ରହିଥାଏ, କେବଳ କୃଷି ବ୍ୟବହାରକୁ ସୁନିଶ୍ଚିତ କରୁଥିବା 'ଫର୍ମ ଡି' ରେ ଏକ ସ୍ୱ-ଘୋଷଣା ଦ୍ୱାରା ଏହି ପଞ୍ଜୀକରଣ କରାଯିବ।

ସହରାଞ୍ଚଳ ଓ ଯୋଜନାବଦ୍ଧ ଅଞ୍ଚଳ ଆଦି ଓଡ଼ିଶା ବିକାଶ କର୍ତ୍ତୃପକ୍ଷ ଏବଂ ଟାଉନ ପ୍ଲାନିଂ ଅଧିନିୟମ ଦ୍ୱାରା ପରିଚାଳିତ ହେଉଛି। ତେଣୁ ପାରିବାରିକ ସବ-ଡିଭିଜନ, ଛୋଟ ସବ-ଡିଭିଜନ (୫୦୦ ବର୍ଗ ମିଟରରୁ କମ୍ ଏବଂ କୌଣସି ରିଅଲ ଇଷ୍ଟେଟ୍ ବ୍ୟବହାର ହେବନି) ଏହାକୁ ମଧ୍ୟ ଅନୁମତି ଦିଆଯାଇଛି। ସେହିପରି ସହ-ଅଂଶୀଦାର ଡିଭିଜନ (ସମ୍ମତି ଏବଂ ଆନୁପାତିକ ଅଂଶ ସହିତ) ପୂର୍ବରୁ ଥିବା ଛୋଟ ପ୍ଲଟ୍ ଯାହାକି ୨୦୨୫ ଓଡିଏ, ଟିପି ଏବଂ ଆଇଟି ଦ୍ୱିତୀୟ ସଂଶୋଧନ ନିୟମ ପୂର୍ବରୁ ରେକର୍ଡ ହୋଇଥିବା ୫୦୦ ବର୍ଗ ମିଟରରୁ କମ୍ ପ୍ଲଟ୍‌ଗୁଡ଼ିକୁ ପଞ୍ଜୀକରଣ ପାଇଁ ଅନୁମତି ଦିଆଯାଇଛି। ପଞ୍ଜୀକରଣ ଅଧିକାରୀମାନେ ମ୍ୟାପ, ସୀମା ଏବଂ ଘୋଷଣାଗୁଡ଼ିକୁ ଯାଞ୍ଚ କରିବା ନିୟମର ଅନୁପାଳନ କରିବାକୁ କୁହାଯାଇଛି। ରେକର୍ଡରେ ସ୍ୱ-ଘୋଷଣାଗୁଡ଼ିକୁ ସଂରକ୍ଷିତ ରଖିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ତୁରନ୍ତ ପ୍ରଭାବଃ ସ୍ୱରୂପ ଏହି ଏସଓପିକୁ କାର୍ଯ୍ୟକାରୀ ପାଇଁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

ଗ୍ରାମାଞ୍ଚଳରେ ଜଳାଶୟ ବ୍ୟତୀତ ପାର୍ଟ ପ୍ଲଟ୍ ବିକ୍ରିକୁ ଅନୁମତି

ଘୋଷଣାନାମା ଦେଇ ହୋଇପାରିବ ଚାଷ ଜମି ପଞ୍ଜୀକରଣ

ସହରାଞ୍ଚଳରେ ପଞ୍ଜୀକରଣ ହୋଇପାରିବ ୫୦୦ ବର୍ଗ ମିଟର ପରିମିତିର ପ୍ଲଟ୍



# ଆଉ ୧୦ଟି ବିଭାଗରେ ଆଭ୍ୟନ୍ତରୀଣ ଅଡିଟ୍ ୱିଙ୍ଗ ସୃଷ୍ଟି

ଭୁବନେଶ୍ୱର୧୪।୧୦(ସମିସ): ରାଜ୍ୟ ସରକାର ଅର୍ଥର ସମାନତା, ତଦାରଖ ସୁନିଶ୍ଚିତ କରିବା ପାଇଁ ରାଜ୍ୟ ସରକାର ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି। ଆଉ ୧୦ଟି ବିଭାଗରେ ଆଭ୍ୟନ୍ତରୀଣ ଅଡିଟ୍ ୱିଙ୍ଗ ସୃଷ୍ଟି କରି ରାଜ୍ୟରେ ଆଭ୍ୟନ୍ତରୀଣ ଅଡିଟ୍ ସୁଦୃଢ଼ କରିବାକୁ ନିଷ୍ପତ୍ତି ନିଆଯାଇଛି। ବର୍ତ୍ତମାନ ୨୮ଟି ବିଭାଗରେ ଏହି ୱିଙ୍ଗ କାର୍ଯ୍ୟ କରୁଥିବା ବେଳେ ବର୍ତ୍ତମାନ ଏହି ସଂଖ୍ୟା ୩୮କୁ ବୃଦ୍ଧି ପାଇଛି।

ସୂଚନା ଅନୁଯାୟୀ ଅର୍ଥ ବିଭାଗ ଗତ ୯ ତାରିଖରେ ୨୮ଟି ବିଭାଗରେ ବର୍ତ୍ତମାନର ମଞ୍ଜୁରୀପ୍ରାପ୍ତ ୫୧୦ ଜଣଙ୍କ ସଂଖ୍ୟାକୁ ଯୁକ୍ତିଯୁକ୍ତ ଭାବରେ ବିଭକ୍ତ କରି ୮୫ ଜଣ ଅଡିଟ୍ କର୍ମଚାରୀଙ୍କ ସହିତ ଆଉ ୧୦ଟି ବିଭାଗରେ ଆଭ୍ୟନ୍ତରୀଣ ଅଡିଟ୍ ୱିଙ୍ଗ ସୃଷ୍ଟି କରିଛି। ନୂତନ ଆଭ୍ୟନ୍ତରୀଣ ଅଡିଟ୍ ୱିଙ୍ଗଗୁଡ଼ିକ ନିରନ୍ତର ସମୀକ୍ଷା ଓ ଅନୁପାଳନ ଯାଞ୍ଚ ମାଧ୍ୟମରେ ଆର୍ଥିକ ବ୍ୟବସ୍ଥାକୁ କଡ଼ାକଡ଼ି କରିବା, ଶୀଘ୍ର ବିପଦ ଚିହ୍ନଟ କରିବା ଏବଂ ଅଡିଟ୍ ଆପତ୍ତି ହ୍ରାସ କରିବାରେ ସାହାଯ୍ୟ କରିବ। ଯେଉଁ ୧୦ଟି ଅଧିକ ବିଭାଗରେ ଆଭ୍ୟନ୍ତରୀଣ ଅଡିଟ୍ ୱିଙ୍ଗ ସୃଷ୍ଟି କରାଯାଇଛି ସେଗୁଡ଼ିକ ହେଉଛି ଜଳସମ୍ପଦ, ଗ୍ରାମ୍ୟ ଉନ୍ନୟନ, ପୂର୍ତ୍ତ, ଶକ୍ତି, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା, ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି, ହସ୍ତତନ୍ତ, ବୟନ ଏବଂ ହସ୍ତଶିଳ୍ପ, ଶିଳ୍ପ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ଏବଂ ପର୍ଯ୍ୟଟନ।

ଏହି ପଦକ୍ଷେପ ସ୍ୱଚ୍ଛତାକୁ ସାଂଗଠନିକ କରିବା, ଆର୍ଥିକ ବିଚକ୍ଷଣତାକୁ ଉନ୍ନତ କରିବା ଏବଂ ସରକାରୀ ପାଣ୍ଠିର ଉତ୍ତମ ବ୍ୟବହାର ସୁନିଶ୍ଚିତ କରିବା, ସୁଶାସନ ଏବଂ ଦାୟିତ୍ୱପୂର୍ଣ୍ଣ ଆର୍ଥିକ ପରିଚାଳନା ପ୍ରତି ଓଡ଼ିଶାର ପ୍ରତିବଦ୍ଧତାକୁ ସୁଦୃଢ଼ କରିବା ଦିଗରେ ଏକ ପ୍ରମୁଖ ପଦକ୍ଷେପ ସାବ୍ୟସ୍ତ ହେବ।

ଅର୍ଥ ବ୍ୟୟକ ତଦାରଖ ହେବ ସୁନିଶ୍ଚିତ

# ରାଉରକେଲାରୁ ଅଯୋଧ୍ୟା ଯିବ ୮ ଫୁଟ୍ ଲମ୍ବାର ସୁବର୍ଣ୍ଣ ଧନୁ

ରାଉରକେଲା, ୧୪।୧୦ (ସମିସ): ରାଉରକେଲାରୁ ଅଯୋଧ୍ୟାର ରାମମନ୍ଦିରକୁ ଯିବ ସୁନାରେ ପ୍ରସ୍ତୁତ ଏକ ଧନୁ। ଏନେଇ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି ବୋଲି ସନାତନ ଜାଗରଣ ମଞ୍ଚର ଅଧ୍ୟକ୍ଷ ସନ୍ତୋଷ ବିଶ୍ୱାଳ ସୂଚନା ଦେଇଛନ୍ତି। ଅଯୋଧ୍ୟା ରାମମନ୍ଦିରର ମହାସଚିବ ଚମ୍ପତ ରାୟଙ୍କ ଅନୁମତିକ୍ରମେ ଏହି କାର୍ଯ୍ୟକ୍ରମ ସମାପନ କରାଯିବ। ଏହି ସୁବର୍ଣ୍ଣ ଧନୁର ଲମ୍ବ ୮ ଫୁଟ୍ ଓ ଚଉଡ଼ା ସାଢ଼େ ୩ଫୁଟ୍। ଏହା ତାମିଲନାଡୁ କାଞ୍ଚିପୁରମ୍‌ର ୪୦ଜଣ ମହିଳା କାରିଗରଙ୍କ ଦ୍ୱାରା ପ୍ରସ୍ତୁତ କରାଯାଉଛି। ବର୍ତ୍ତମାନ ସୁଦ୍ଧା ଏଥିରେ ୧କେଜି ସୁନା ବ୍ୟବହୃତ ହୋଇଛି। ଆସନ୍ତା ଜାନୁଆରୀ ୨୦ତାରିଖରେ ପୁରୀରୁ ଏକ ଶୋଭାଯାତ୍ରା ଆରମ୍ଭ ହୋଇ ୨୨ତାରିଖ ଦିନ ଅଯୋଧ୍ୟାର ରାମମନ୍ଦିର ପ୍ରତିଷ୍ଠା ଦିବସରେ ପହଞ୍ଚିବ। ଏହି ଧନୁ ତିଆରିରେ ପ୍ରାୟ ୬ ରୁ ୮ କେଜି ମଧ୍ୟରେ ସୁନା ବ୍ୟବହାର କରାଯିବା ପାଇଁ ଲକ୍ଷ୍ୟ ରଖାଯାଇଛି। ଏହାସହ ଏହି ଧନୁରେ ବୀର ସୌର୍ଯ୍ୟ ପ୍ରାପ୍ତ ହୋଇଥିବା ସହିଦ୍‌ମାନଙ୍କ ନାମ ଖୋଦିତ କରାଯିବ। ଏହି କାର୍ଯ୍ୟ ସମାପନ ପରେ ଧନୁକୁ ପ୍ରତିଟି ଜିଲ୍ଲାର ପ୍ରମୁଖ ସ୍କୁଲ ଓ କଲେଜ ପରିକ୍ରମା କରି ସମାଜରେ ଯେଉଁମାନେ ପ୍ରକୃତ ବୀର ସେମାନଙ୍କ ସମ୍ପର୍କରେ ଅବଗତ କରାଯାଇ ଆସନ୍ତା ଜାନୁଆରୀ ୨୨ ତାରିଖରେ ଅଯୋଧ୍ୟା ଶ୍ରୀରାମ ମନ୍ଦିରର ମହାସଚିବ ଚମ୍ପତ ରାୟଙ୍କୁ ଅର୍ପଣ କରାଯିବ। ସେହିପରି ଅପରେସନ ସିନ୍ଦୂରର ସଫଳତା ପାଇଁ ଶ୍ରୀଜଗନ୍ନାଥଙ୍କ ଭୂମି ତରଫରୁ ବୀର ଯବାନଙ୍କୁ ଏହା ଉତ୍ସର୍ଗୀକୃତ କରାଯିବା ସହ କାରଗିଲରୁ ପେହେଲଗାଁଓ ପର୍ଯ୍ୟନ୍ତ ସମସ୍ତ ସହିଦ୍ ଯବାନଙ୍କ ପରିବାରକୁ ଏହି କାର୍ଯ୍ୟକ୍ରମରେ ସାମିଲ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି ବୋଲି ଶ୍ରୀ ବିଶ୍ୱାଳ ସୂଚନା ଦେଇଛନ୍ତି।



## ଆଜିର ରାଶିଫଳ

**ମେଷ:** ପ୍ରତିକୂଳ ପରିସ୍ଥିତିରେ ଭୟ କରନ୍ତୁନି। ଧାର୍ମିକ ସମାବେଶରେ ସାମିଲ ହେବେ। କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ। ଉଧାର ଟଙ୍କା ଫେରି ପାଇବେ। ଦୀର୍ଘ ଦିନର ଆଶା ପୂରଣ ହେବ।

**ବୃଷ:** ଲୋକ ସମ୍ପର୍କ ବଢ଼ିବ। ଉଡ଼ା ଖବରକୁ ବିଶ୍ୱାସ କରନ୍ତୁନି। ସରକାରୀ ଚାକିରିଆଙ୍କ ପାଇଁ ଦିନଟି ଭଲ। ଅଟକି ରହିଥିବା କାର୍ଯ୍ୟ ପୂରା ହେବ। ଆଶା କରିଥିବା ଦିଗରୁ ଅର୍ଥ ମିଳିବ। ମହିଳାମାନେ ପୂଜାର୍ଚ୍ଚନା କରିବେ।

**ମିଥୁନ:** କାର୍ଯ୍ୟରେ ବାଧା ଉପୁଜିପାରେ। ନିଜ ଲୋକ ଶତ୍ରୁ ସାଜିପାରନ୍ତି। ଛୋଟ ଛୋଟ କଥାରୁ କଳହ ସୃଷ୍ଟି ହୋଇପାରେ। କୌଣସି କ୍ଷେତ୍ରରୁ ଆଘାତ ପାଇପାରନ୍ତି। ଅଯଥା ଖର୍ଚ୍ଚରୁ ଦୂରେଇ ରୁହନ୍ତୁ।

**କର୍କଟ:** ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି। ପରିବାରବର୍ଗଙ୍କ ସହ ଦୂରସ୍ଥାନକୁ ଯାତ୍ରା କରିପାରନ୍ତି। ଧାର୍ମିକ କାର୍ଯ୍ୟରେ ଯୋଗ ଦେବେ। ଅଫିସ୍ ସହକର୍ମୀଙ୍କ ସହଯୋଗ ମିଳିବ। ଚକ୍ଷୁ ସମସ୍ୟା ଭୋଗିପାରନ୍ତି।

**ସିଂହ:** ଶତ୍ରୁଙ୍କୁ ଦୁର୍ବଳ ମନେ କରନ୍ତୁନି। ଖର୍ଚ୍ଚ ବଢ଼ିପାରେ। ସଫଳତା ପାଇବାକୁ କଠିନ ପରିଶ୍ରମ କରିବେ। ଉଧାର ଟଙ୍କା ଫେରି ପାଇବେ। ବିଦ୍ୟାର୍ଥୀମାନେ ଖେଳମନସ୍କ ହେବେ। ଲୋକ ସମ୍ପର୍କ ବୃଦ୍ଧି ପାଇବ।

**କନ୍ୟା:** ଗୁରୁଜନଙ୍କ ପରାମର୍ଶ ନେଇ ନୂତନ କାର୍ଯ୍ୟରେ ଯୋଗ ଦିଅନ୍ତୁ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ସନ୍ତୁଳିତ ଆହାର ଗ୍ରହଣ କରନ୍ତୁ। ନୂତନ ଜମି କ୍ରୟ କରିପାରନ୍ତି। ମାପି ଚୁପି କଥା ହୁଅନ୍ତୁ।

**ତୁଳା:** ଭୂମି, ଯାନବାହନ କିଣି ପାରନ୍ତି। ଅଭିଭାବକମାନେ ସନ୍ତାନଙ୍କ କ୍ୟାରିୟରକୁ ନେଇ ଚିନ୍ତାରେ ରହିବେ। ମାନ ସମ୍ମାନ ବୃଦ୍ଧି ପାଇବ। ବନ୍ଧୁମିଳନ ଯୋଗ ରହିଛି। ପିଲାମାନେ ଖେଳକୁଦରେ ସମୟ ବିତାଇବେ।

**ବିଛା:** ଅଫିସ୍ କାର୍ଯ୍ୟ ପାଇଁ ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ଅଚାନକ ଖୁସି ଖବର ମିଳିବ। ମହିଳାମାନେ ଘର କାର୍ଯ୍ୟରେ ବ୍ୟସ୍ତ ରହିପାରନ୍ତି। ଯାନବାହନ ଚଳାଚଳ ସମୟରେ ସତର୍କତା ଅବଲମ୍ବନ ଜରୁରି।

**ଧନୁ:** ସୃଜନଶୀଳତା ବୃଦ୍ଧି ପାଇବ। ଆଇଟି କର୍ମଚାରୀଙ୍କ ପାଇଁ ଦିନଟି ଭଲ। ପ୍ରେମ ବ୍ୟାପାରରେ ସଫଳ ହେବେ। କର୍ମକ୍ଷେତ୍ରରେ ବଡ଼ ଦାୟିତ୍ୱ ମିଳିପାରେ। ତରବରିଆ ଭାବେ ନିଷ୍ପତ୍ତି ନିଅନ୍ତୁନି।

**ମକର:** ବନ୍ଧୁଙ୍କ ସହିତ ମନୋରଞ୍ଜନ କରିବେ। ପିଲାମାନେ ପଢ଼ାପ୍ରତି ଅଧିକ ଧ୍ୟାନ ଦେବେ। ଘରେ ମାଙ୍ଗଳିକ କାର୍ଯ୍ୟ ଆୟୋଜନ କରିବେ। ସକାରାତ୍ମକ ଚିନ୍ତାଧାରା ସହିତ ଆଗକୁ ବଢ଼ିବେ।

**କୁମ୍ଭ:** ଅଚାନକ ମନ ଭିତରେ ପରିବର୍ତ୍ତନ ଆସିପାରେ। ଆର୍ଥିକ ସମସ୍ୟା ରହିବନି। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଆୟ ଅନୁସାରେ ଅଧିକ ବ୍ୟୟ ହେବ। ଭଗବାନଙ୍କ ପୂଜାର୍ଚ୍ଚନା କରନ୍ତୁ। ଦାନ ଧର୍ମ କରିବେ।

**ମୀନ:** ଜମି କିଣାବିକା ଯୋଗ ରହିଛି। ଅଧିକ ଲାଭ ପାଇବା ଆଶାରେ ଭୁଲ୍ କରନ୍ତୁନି। ମହିଳାମାନେ ଘର କାମରେ ବ୍ୟସ୍ତ ରହିବେ। ବ୍ୟକ୍ତିଗତ କଥାକୁ ଅନ୍ୟମାନଙ୍କ ଆଗେ ପ୍ରକାଶ କରନ୍ତୁନି।

## ଅବଶିଷ୍ଟାଂଶ

### ଆଗୁଆ ଆସିବ...

ରେକଡର୍ କରାଯାଇଛି। ନେପାଳରୁ ଆରମ୍ଭ କରି କାଶ୍ମୀର ପର୍ଯ୍ୟନ୍ତ ହିମାଳୟ ଉପତ୍ୟକାରେ ବରଫପାତ ବୃଦ୍ଧି ପାଇଛି। ପାଣିପାଗବିଜ୍ଞାନୀମାନେ ଏହାକୁ ଏକ ଶୁଭ ସଙ୍କେତ ବୋଲି ମନେ କରୁଛନ୍ତି। ଏହାଦ୍ୱାରା ଗ୍ଲାସିୟରର ଅନ୍ୟୂନ ୫ ବର୍ଷ ପାଇଁ ଅଧିକ ଜୀବନ୍ତ ରହିବ ଓ ଉତ୍ତରଭାରତର ନଦୀଗୁଡ଼ିକର ସ୍ରୋତ ଶୁଖିବ ନାହିଁ ବୋଲି କୁହାଯାଉଛି। ବୈଜ୍ଞାନିକମାନଙ୍କ ଆକଳନ ଅନୁସାରେ ଭାରତୀୟ ଉପମହାଦ୍ୱୀପର ତାପମାତ୍ରା ଗତ ୧୨୨ ବର୍ଷରେ ୦.୯୯ ଡ଼ିଗ୍ରୀ ବୃଦ୍ଧି ପାଇଛି, ମାତ୍ର ଚଳିତ ବର୍ଷ ଅର୍ଥାତ୍ ୨୦୨୫ ଶେଷ ସୁଦ୍ଧା ଏହି ବୃଦ୍ଧିରେ ଅଙ୍କୁଶ ଲାଗିବ ଓ ଲା ନିନା କାରଣ ଯୋଗୁ ତାପମାତ୍ରା ୦.୨ଡ଼ିଗ୍ରୀ କମ୍ ହେବ।

ଅନ୍ୟପଟେ ମୌସୁମୀ ପ୍ରତ୍ୟାବର୍ତ୍ତନ ଧାରା ଆରମ୍ଭ ହେବା ପରେ ଏବେ ଓଡ଼ିଶାରେ ପାଗ ମୁଖ୍ୟତଃ ଓ ଶୁଖିଲା ଓ ଖରାଟିଆ ରହିଛି। ରାଜ୍ୟକୁ ବଙ୍ଗୋପସାଗର ପଟୁ ଜଳୀୟବାଷ୍ପପୂର୍ଣ୍ଣ ବାୟୁ ଆସିବା ମଧ୍ୟ କମିଛି। ଫଳରେ ରାତିରେ ମଧ୍ୟ ଧୀରେ ଧୀରେ ବା ହାଲୁକା ଥଣ୍ଡା ଅନୁଭୂତ ଆରମ୍ଭ ହୋଇଛି। ଗତ ୨୪ ଘଣ୍ଟାରେ ଦାରିଙ୍ଗବାଡ଼ିରେ ତାପମାତ୍ରା ୧୯ ଡିଗ୍ରୀ ରେକର୍ଡ ହୋଇଥିବା ବେଳେ ଅଧିକାଂଶ ସ୍ଥାନରେ ରାତିର ତାପମାତ୍ରା ୨୨-୨୪ ଡିଗ୍ରୀ ମଧ୍ୟରେ ରହୁଛି।

୧୭ ତାରିଖ ସୁଦ୍ଧା କେତେକ ଆଭ୍ୟନ୍ତରୀଣ ଅଞ୍ଚଳରେ ତାପମାତ୍ରା ପ୍ରାୟ ୨-୩ ଡିଗ୍ରୀ କମିପାରେ। କନ୍ଧମାଳ, କୋରାପୁଟ, ଗଜପତି, ମୟୂରଭଞ୍ଜ ଓ କେନ୍ଦୁଝରରେ ତାପମାତ୍ରା ସବୁଠାରୁ କମ୍ ରହିବ। ଏହି ସ୍ଥାନମାନଙ୍କରେ ସର୍ବନିମ୍ନ ତାପମାତ୍ରା ୨-୩ ଡିଗ୍ରୀ କମିବା ହେତୁ ଶିଶିରପାତ ସହ କୁହୁଡ଼ି ହେବାର ସମ୍ଭାବନା ରହିଛି। ବିଭିନ୍ନ ମଡେଲ୍ ଓ ପାଣିପାଗ ସଂସ୍ଥାର ସୂଚନା ଅନୁଯାୟୀ ବର୍ତ୍ତମାନ ଲା-ନିନା ସ୍ଥିତି ସୃଷ୍ଟି ହୋଇ ସାରିଛି। ତେଣୁ ଏବର୍ଷ ଭଲ ଶୀତର ଆକଳନ କରାଯାଇଛି।

### ୧୫.୬୭ ଲକ୍ଷ...

କରି ପାରି ନାହାନ୍ତି। ମୁଖ୍ୟତଃ ଉପାନ୍ତ ଓ ଦୁର୍ଗମ ଅଞ୍ଚଳରେ ନେଟୱର୍କ ସମସ୍ୟା ଯୋଗୁଁ ବହୁ ହିତାଧିକାରୀ ଇ-କେୱାଇସି ଅପଡେଟ୍ କରି ପାରି ନ ଥିବା ବେଳେ ଅନେକ ବୟସ୍କ ଓ ଶଯ୍ୟାଶାୟୀଙ୍କର ଇ-କେୱାଇସି ଅପଡେଟରେ ସମସ୍ୟା ରହିଛି। ଛୋଟ ପିଲା ଓ ବୟସ୍କ ବର୍ଗଙ୍କ ଫିଙ୍ଗର ପ୍ରିଣ୍ଟ ସମସ୍ୟା ରହିବାଯୋଗୁଁ ସେମାନଙ୍କର ଇ-କେୱାଇସି ହୋଇପାରି ନାହିଁ। ପୁନଶ୍ଚ ରାଜ୍ୟ ବାହାରେ ଅନ୍ୟ ରାଜ୍ୟରେ କାମ କରୁଥିବା ଲକ୍ଷଲକ୍ଷ ଲୋକ ମଧ୍ୟ ଇ-କେୱାଇସି କରି ପାରିନାହାନ୍ତି। ଯାହା ଫଳରେ ଏହି ଲୋକମାନେ ଆଗାମୀ ମାସରୁ ଆଉ ଚାଉଳ ପାଇବେ ନାହିଁ। ଲକ୍ଷାଧିକ ଲୋକ ଦାଦନ ଖଟିବାକୁ ଯାଇ ବାହାରେ ରହୁଥିବା ଶ୍ରମିକମାନେ ମଧ୍ୟ ଇ-କେୱାଇସି କରିପାରିନାହାନ୍ତି।

ସେପ୍ଟେମ୍ବର ୩୦ ତାରିଖକୁ ଇ-କେୱାସି କରିବାର ଶେଷ ତାରିଖ୍ ଭାବେ ଘୋଷଣା କରାଯାଇଥିଲା। ଏହି ଅବଧି ଭିତରେ ଅନେକ ଇ-କେୱାଇସି ହୋଇପାରି ନାହିଁ ଓ ଏହି ପ୍ରକ୍ରିୟାରେ ଅନେକ ସମସ୍ୟା ହେଉଥିବା ଡିଲର୍ ଆସୋସିଏସନ୍ ଏହା ପୂର୍ବରୁ ଅଭିଯୋଗ କରି ଆସିଛି। ନିକଟରେ ସରକାରଙ୍କ ପକ୍ଷରୁ ମିଳିଥିବା ଏକ ତାଲିକାରୁ ଜଣାପଡ଼ିଛି ଯେ ଗଞ୍ଜାମରୁ ସର୍ବାଧିକ ୧ ଲକ୍ଷ ୬୪ ହଜାର ହିତାଧିକାରୀ ଇ-କେୱାଇସି କରି ନାହାନ୍ତି। ସେହିପରି କଟକରୁ ୯୧ ହଜାର, ମୟୁରଭଞ୍ଜରୁ ୮୭ ହଜାର, ବଲାଙ୍ଗିରରୁ ୮୩ ହଜାର, ବାଲେଶ୍ୱରରୁ ୮୩ ହଜାର ଓ କଳାହାଣ୍ଡିରୁ ୮୨ ହଜାର ଲୋକ ଇ-କେୱାଇସି କରି ନ ଥିବା ଯୋଗୁଁ ତାଲିକାରୁ ବାଦ ପଡ଼ିଛନ୍ତି। ଅନେକ ଯୋଗ୍ୟ ହିତାଧିକାରୀ ନିଜର ଇ-କେୱାଇସି କରି ନ ଥିବା ସାମ୍ନାକୁ ଆସିଛି। ତେଣୁ ସରକାର ଅବଧି ବଢାଇବାକୁ ଦାବି ହୋଇ ଆସୁଥିଲା। ଯେମିତି ଯୋଗ୍ୟ ହିତାଧିକାରୀ ବାଦ ନ ପଡନ୍ତି ସରକାର ତା ଉପରେ ନଜର ଦେବା ଆବଶ୍ୟକ ବୋଲି ଦାବି ହୋଇଛି।

### ରୁପା ୨ ଲକ୍ଷ...

ରୁପା କିଲୋ ପିଛା ୨.୬ ଲକ୍ଷ ଟଙ୍କା ଛୁଇଁ ସର୍ବକାଳୀନ ରେକର୍ଡ ପ୍ରତିଷ୍ଠା ହୋଇଛି। କୌତୂହଳର ବିଷୟ ହେଉଛି ଯେ, ମାତ୍ର ୨୮୬ ଦିନରେ ରୁପା ମୂଲ୍ୟ ଦୁଇ ଗୁଣ ବଢ଼ିଯାଇଥିବାବେଳେ ସପ୍ତାହକରେ ଏହା ୩୩ ହଜାର ଟଙ୍କା ମହଙ୍ଗା ହୋଇଛି।

ଇଣ୍ଡିଆ ବୁଲିଅନ୍ ଆଣ୍ଡ ଜୁଏଲର୍ସ ଆସୋସିଏସନ୍ (ଆଇବିଜେଏ) ଅନୁଯାୟୀ, ନୂଆଦିଲ୍ଲୀର ବଜାରରେ ଆଜି ରୂପା ମୂଲ୍ୟ ଗୋଟିଏ ଦିନରେ ୭୦୦୦ ଟଙ୍କା ବୃଦ୍ଧି ଘଟି ପ୍ରତି କିଲୋଗ୍ରାମ ୧,୮୫,୦୦୦ ଟଙ୍କାରେ ପହଞ୍ଚିଛି। ବଜାର ବିଶେଷଜ୍ଞଙ୍କ ଅନୁଯାୟୀ, ପାର୍ବଣ ଋତୁ, ଶିଳ୍ପ ଚାହିଦା ବଢ଼ିବା ଏବଂ ବିଶ୍ୱ ଯୋଗାଣରେ ହ୍ରାସ ଯୋଗୁଁ ରୁପାର ମୂଲ୍ୟ ଅହେତୁକ ଭାବେ ବୃଦ୍ଧି ପାଉଛି। ରୁପା ମୂଲ୍ୟରେ ହେଉଥିବା ବୃଦ୍ଧି ଆଗକୁ ମଧ୍ୟ ଜାରି ରହିବ। ବଜାର ବିଶେଷଜ୍ଞଙ୍କ ମତରେ ଅଗାମୀ ଦିନରେ ରୁପା ଦର କିଲୋ ପିଛା ୭ ଲକ୍ଷ ଟଙ୍କା ସ୍ତର ଛୁଇଁବ। ଏକ ରିପୋର୍ଟ ଅନୁଯାୟୀ, ଚଳିତବର୍ଷ ଜାନୁଆରୀ ମାସରେ ରୁପା ମୂଲ୍ୟ କିଲୋ ପିଛା ପ୍ରାୟ ୭୯,୩୮୦ ଟଙ୍କା ରହିଥିଲା। ଚଳିତମାସରେ ନୂଆଦିଲ୍ଲୀ ବଜାରରେ ଏହା କିଲୋ ପିଛା ସର୍ବୋଚ୍ଚ ୧,୮୫,୦୦୦ ଟଙ୍କା ସ୍ତରରେ ପହଞ୍ଚିଛି। ଏହାର ଅର୍ଥ ହେଉଛି ଜାନୁଆରୀରୁ ଅକ୍ଟୋବର ପର୍ଯ୍ୟନ୍ତ ରୁପା ମୂଲ୍ୟ ପ୍ରାୟ ୧୩୩%ରୁ ଅଧିକ ବୃଦ୍ଧି ପାଇଛି। ଅପରପକ୍ଷେ ଚଳିତବର୍ଷ ଏ ପର୍ଯ୍ୟନ୍ତ ସୁନା ମୂଲ୍ୟରେ ପାଖାପାଖି ୫୦ ହଜାର ଟଙ୍କା ବୃଦ୍ଧି ଘଟିଛି। ୨୦୨୪ ଡିସେମ୍ବର ୩୧ରେ ନୂଆଦିଲ୍ଲୀରେ ୧୦ ଗ୍ରାମ ପିଛା ୨୪ କ୍ୟାରେଟ୍ ସୁନା ମୂଲ୍ୟ ୭୬,୧୬୨ ଟଙ୍କା ଥିଲା, ଯାହା ଏବେ ୧,୨୮,୮୩୦ ଟଙ୍କାରେ ପହଞ୍ଚିଛି। ଏହି ସମୟ ମଧ୍ୟରେ ରୁପା ମୂଲ୍ୟ ମଧ୍ୟ ୧୦ ଗ୍ରାମ ପିଛା ୮୯,୩୦୮ ଟଙ୍କା ବୃଦ୍ଧି ପାଇଛି। ଅପରପକ୍ଷେ ଭୁବନେଶ୍ୱରରେ ଆଜି ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୨୮,୩୪୦ ଟଙ୍କା ସ୍ତର ଟପିଯାଇଥିବାବେଳେ ୨୨ କ୍ୟାରେଟ୍ ସୁନା ଦର ୧୦ ଗ୍ରାମ ପିଛା ୧,୧୭,୬୫୦ ଟଙ୍କାରେ ପହଞ୍ଚିଛି।

### ଜଗିବ କିଏ ?...

ଅନ୍ୟ ସବୁ ବାଣ ଉପରେ କଟକଣା ରହିଛି। ଯଦି କେହି ବାଣ ଫୁଟାଉଛନ୍ତି ତେବେ ୧୨୫ ଡେସିବେଲ ଅର୍ଥାତ୍ କମ୍ ଶବ୍ଦ ସୃଷ୍ଟିକାରୀ ବାଣ ଫୁଟାଇ ପାରିବେ ପୁଣି ପାର୍କ, ହସ୍ପିଟାଲ୍, ଶିକ୍ଷାନୁଷ୍ଠାନ, କୋର୍ଟ, ଧାର୍ମିକ ସ୍ଥାନର ୧୦୦ ମିଟର ପରିଧି ମଧ୍ୟରେ ବାଣ ଫୁଟାଯାଇପାରିବ ନାହିଁ। ପୁନଶ୍ଚ ବାଣରେ ବୋରିଅମ ଓ ଅନ୍ୟ ନିଷିଦ୍ଧ ରାସାୟନିକ ବ୍ୟବହାର ଉପରେ କଟକଣା ଲଗାଯାଇଛି। ଏସବୁ ନିୟମ ପାଳନ ନ କଲେ ଓଡ଼ିଶା ବାଣ ଓ ଲାଉଡସ୍ପିକର ନିୟନ୍ତ୍ରଣ ଆଇନ ଅନୁସାରେ ସରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ। ତେଣୁ ଦୀପାବଳୀରେ ବାଣ ଫୁଟାଇବା ପରିବର୍ତ୍ତେ କେବଳ ଦୀପ ଜାଳିବାକୁ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ ଅନୁରୋଧ କରିଛି।

ସାଧାରଣତଃ ଭୁବନେଶ୍ୱର, କଟକ, ବାଲେଶ୍ୱର, ରାଉରକେଲା, କଳିଙ୍ଗନଗର ଓ ତାଳଚେର ପରି ସହରରେ ସବୁ ସମୟରେ ପ୍ରଦୂଷଣର ମାତ୍ରା ଅଧିକ ରହିଥାଏ। ଗତବର୍ଷ ଦୀପାବଳି ପୂର୍ବ ଦିନ ଏଠାରେ ବାୟୁର ଗୁଣବତ୍ତା ମାନ (ଏକ୍ୟୁଆର୍) ୧୦୦ ଥିଲା ବେଳେ ଦୀପାବଳି ସନ୍ଧ୍ୟାରେ ବାଣ ଫୁଟାରୁ ଏହା ବଢ଼ି ୨୩୦ ରୁ ୩୪୦ ଏକ୍ୟୁଆର୍‌ରେ ପହଞ୍ଚିଥିଲା। ଦୀପାବଳିରେ ବାଣଫୁଟା ପରେ ପ୍ରଦୂଷଣକୁ ନେଇ ଅନେକ ସମସ୍ୟା ସୃଷ୍ଟି ହେଉଥିବାରୁ ସାରା ଦେଶରେ କିପରି ପ୍ରଦୂଷଣକୁ ରୋକାଯାଇପାରିବ ସେନେଇ ପରିବେଶବିତ୍‌ମାନେ ଚିନ୍ତା ପ୍ରକଟ କରିଛନ୍ତି। ବାଣରୁ ନିର୍ଗତ ଧୂଆଁ ଓ ଶିଳ୍ପ ବର୍ଜ୍ୟବସ୍ତୁ ବାୟୁମଣ୍ଡଳକୁ ପ୍ରବେଶ କରୁଛି। ଯେଉଁଥିରେ ଅଙ୍ଗାରକାମ୍ଳ, ଗନ୍ଧକାମ୍ଳ, ଜବଖାରକାମ୍ଳ ଓ ମିଥେନ ପରି ବିଷାକ୍ତ ଗ୍ୟାସ୍ ରହିଛି। ତେଣୁ ଦେଶର ବିଭିନ୍ନ ରାଜ୍ୟରେ ବାଣଫୁଟା ଉପରେ କଡ଼ାକଡ଼ି କଟକଣା ଲଗାଯାଇଛି। ଅନ୍ୟପକ୍ଷରେ ବାଣ ଫୁଟାଇବା ସମୟରେ ପାଖରେ ପାଣି ବା ବାଲି ରଖିବାକୁ ପରାମର୍ଶ ଦିଆଯାଇଛି। ବାଣକୁ ହାତରେ ଧରି ଫୁଟାଇବାକୁ ବାରଣ କରାଯାଇଛି। ବାଣ ଫୁଟାଇବା ସମୟରେ ନିଜକୁ ଦୂରରେ ରଖିବା ଓ ଫୁଟି ଯାଇଥିବା ବାଣକୁ ଆଉଥରେ ଫୁଟାଇବାକୁ ଚେଷ୍ଟା ନକରିବା, ବାଣ ଫୁଟାଇବା ସମୟରେ ଆଖିର ଯତ୍ନ ନେବାକୁ ସ୍ୱଚ୍ଛ ଚଷମା ବ୍ୟବହାର କରିବା ଆଦି ବିଷୟରେ ସତର୍କତା ଜାରି କରାଯାଇଛି। ବାଣ ଫୁଟାଇବା ସମୟରେ ସୁରକ୍ଷା ପ୍ରତି ଧ୍ୟାନ ଦେଇ ସୂତା ପୋଷାକ ପିନ୍ଧିବା ପାଇଁ ପରାମର୍ଶ ଦିଆଯାଇଛି।

### ସୋନପୁରର ୩ ଶ୍ରଦ୍ଧାଳୁ...

ମଟାରୀ(୫୬), ପୁଅ ଆଶୁତୋଷ ମଟାରୀ, ଝିଅ ଚିନ୍ମୟୀ ମଟାରୀ ଓ ପୁତ୍ରବଧୂ ଅଲିଭା ମଟାରୀ ଯାଇଥିଲେ। ମଙ୍ଗଳବାର ସକାଳ ପ୍ରାୟ ୯ଟାରେ ବୈଷ୍ଣଦେବୀଙ୍କ ଦର୍ଶନ ସାରି ସମସ୍ତେ ହେଲିକେପ୍ଟର୍‌ରେ କଟରା ଫେରିଥିଲେ। କଟରା ହେଲିପ୍ୟାଡ୍‌ରୁ ଗୋଟିଏ ଅଟୋ ଭଡ଼ା କରିଥିଲେ। ଅଟୋରେ ଦୁଇ ବନ୍ଧୁ ସପତ୍ନୀଙ୍କ ବସିଥିବା ବେଳେ ଅନ୍ୟମାନେ ଚାଲିଚାଲି ଆସୁଥିଲେ। ଜାମ୍ମୁ-କଟରା ଏକ୍ସପ୍ରେସ୍ ୱେରେ ଅଟୋ ଯାଉଥିବା ବେଳେ ଏକ ବୁଲାଣିରେ ବିପରୀତ ଦିଗରୁ ଆସୁଥିବା ଏକ ବସ୍ ଅଟୋକୁ ଧକ୍କା ଦେଇଥିଲା। ଏଥିରେ ଅଟୋଟି ଚୂରମାର୍ ହୋଇଯାଇଥିଲା। ଘଟଣାସ୍ଥଳରେ ବିଚିତ୍ର, ଯୋଗିନ୍ଦ୍ର ଓ ଅଟୋ ଚାଳକଙ୍କ ମୃତ୍ୟୁ ହୋଇଯାଇଥିବା ବେଳେ କବିତା ଓ ସ୍ନେହଲତା ଗୁରୁତର ଆହତ ହୋଇଥିଲେ। ପୁଲିସ ଓ ଉଦ୍ଧାରକାରୀ ଦଳ ସମସ୍ତଙ୍କୁ କଟରା ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। ଗୁରୁତର କବିତା ଓ ସ୍ନେହଲତାଙ୍କ ଅବସ୍ଥା ସଂକଟାପନ୍ନ ଥିବାରୁ ଦୁହିଁଙ୍କୁ ଜାମ୍ମୁକୁ ସ୍ଥାନାନ୍ତର କରାଯାଇଥିଲା। ତେବେ ରାସ୍ତାରେ କବିତାଙ୍କ ମୃତ୍ୟୁ ହୋଇଯାଇଥିଲା। ଜିଏମ୍‌ସି ଡାକ୍ତରଖାନାରେ ଗୁରୁତର ସ୍ନେହଲତାଙ୍କ ଚିକିତ୍ସା ଚାଲିଛି।

ମୃତ ବିଚିତ୍ର ତରଭା ବରିଷ୍ଠ ନାଗରିକ ସଂଘର ସମ୍ପାଦକ, ସରସ୍ୱତୀ ଶିଶୁ ମନ୍ଦିର କମିଟିର ସମ୍ପାଦକ ସହ ବହୁ ଅନୁଷ୍ଠାନ ସହ ଜଡ଼ିତ ଥିଲେ। ଯୋଗିନ୍ଦ୍ର ମଟାରୀ ବରିଷ୍ଠ ନାଗରିକ ସଂଘର ସହ ସମ୍ପାଦକ ଦାୟିତ୍ୱ ତୁଲାଉଥିଲେ। ଉଭୟ ବନ୍ଧୁ ଉତ୍କଳ ଗ୍ରାମ୍ୟ ବ୍ୟାଙ୍କରେ ଚାକିରି କରି ଅବସର ଗ୍ରହଣ କରିଥିଲେ। ଆଜି ଦୁର୍ଘଟଣା ଖବର ପ୍ରଚାରିତ ହେବା ପରେ ତରଭା ଅଞ୍ଚଳରେ ଗଭୀର ଶୋକ ପ୍ରକାଶ ପାଇଛି।

### ତାମିଲନାଡୁ ମଦ ଦୁର୍ନୀତି ମାମଲା

## ଇଡି ଚଢ଼ଉ ଉପରେ ପ୍ରଶ୍ନ ଉଠାଇଲେ ସୁପ୍ରିମକୋର୍ଟ



ନୂଆଦିଲ୍ଲୀ, ୧୪।୧୦ (ଏଜେନ୍ସି): ତାମିଲନାଡୁ ମଦ ଦୋକାନର ଲାଇସେନ୍ସ ସମ୍ବନ୍ଧିତ ରାଜ୍ୟ ମାର୍କେଟିଂ କର୍ପୋରେସନ ଲିମିଟେଡ (ଟିଏଏସଏମଏସି) ଦୁର୍ନୀତି ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଉପରେ ସୁପ୍ରିମକୋର୍ଟ ପ୍ରଶ୍ନ ଉଠାଇଛନ୍ତି। ରାଜ୍ୟ ପୁଲିସର କ୍ଷମତାରେ ଇଡି ଦଖଲ ଦେଉଥିବା କହିଛନ୍ତି। ପ୍ରଧାନ ବିଚାରପତି (ସିଜେଆଇ) ବିଆର ଗଭାଇ ଏବଂ ଜଷ୍ଟିସ ବିନୋଦ ଚନ୍ଦ୍ରନଙ୍କ ଖଣ୍ଡପୀଠ ଇଡିକୁ ପ୍ରଶ୍ନ କରିଥିଲେ ଯେ ରାଜ୍ୟ ପୁଲିସ ଏହି ମାମଲାର ଯାଞ୍ଚ କରିପାରି ନ ଥାଆନ୍ତା କି? ଏହି ମାମଲାରେ ଇଡି ଦଖଲ ଦେବା ଜରୁରୀ ଥିଲା କି? ଏହା ଦ୍ୱାରା ସଂଘୀୟ ବ୍ୟବସ୍ଥା ଉପରେ କି ପ୍ରଭାବ ପଡ଼ିବ? ଏହାର ରାଜ୍ୟ କ୍ଷମତାରେ ହସ୍ତକ୍ଷେପ ନୁହେଁ କି? ରାଜ୍ୟ ଯାଞ୍ଚ କରୁ ନଥିବା ଜାଣି ନିଜେ ଚାଲିଯିବେ କି? କୋର୍ଟ କୌଣସି ବାଦବିବାଦରେ ପ୍ରତିଯୋଗିତା ଚାହୁଁନାହାନ୍ତି। କିନ୍ତୁ ସଂଘୀୟ ବ୍ୟବସ୍ଥାରେ ରାଜ୍ୟ ଏବଂ କେନ୍ଦ୍ରରେ ସୀମା ରହିଛି। ସିଜେଆଇ କହିଥିଲେ ଯେ ଗତ ୬ ବର୍ଷ ହେଲା ସେ ଇଡିର ଅନେକ ମାମଲା ଦେଖିବାକୁ ପାଇଛନ୍ତି। କିନ୍ତୁ ଏହାକୁ ନେଇ କିଛି କହିବାକୁ ଚାହୁଁନି, ନଚେତ ଏହା ପୁଣିଥରେ ଗଣମାଧ୍ୟମରେ ରିପୋର୍ଟରେ ହୋଇଯିବ।

## ଇସ୍ତଫା ପାଇଁ ନୀତୀଶଙ୍କୁ ଅନୁମତି ମାଗିଲେ ସାଂସଦ

■ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଆଗରେ ବିଧାୟକଙ୍କ ବିକ୍ଷୋଭ

ପାଟନା, ୧୪।୧୦ (ଏଜେନ୍ସି): ବିଧାନସଭା ନିର୍ବାଚନ ପୂର୍ବରୁ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଅକଳରେ ପଡ଼ିଛନ୍ତି। ମେଣ୍ଟରେ ଆସନ ବୁଝାମଣାକୁ ନେଇ ଅସନ୍ତୁଷ୍ଟ ଥିବା ନୀତୀଶଙ୍କ ସମସ୍ୟାକୁ ଦଳୀୟ ସାଂସଦ ଏବଂ ବିଧାୟକମାନେ ଶହେ ଗୁଣା ବଢ଼ାଇ ଦେଇଛନ୍ତି। ଆସନ ବଣ୍ଟନକୁ ବିରୋଧ କରି ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଆଗରେ ଜେଡିୟୁ ବିଧାୟକ ଏବଂ କର୍ମୀ ଧାରଣା ଦେଉଛନ୍ତି। ଏପରି ସମୟରେ ଭାଗଲପୁର ସାଂସଦ ଅଜୟ କୁମାର ମଣ୍ଡଳ ନିଜ ପଦରୁ ଇସ୍ତଫା ଦେବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ଅନୁମତି ମାଗିଛନ୍ତି। ନିଜ କ୍ଷେତ୍ରରେ ଆସନ ବଣ୍ଟନ ପାଇଁ ତାଙ୍କ ପରାମର୍ଶ ନିଆଯାଇ ନ ଥିବାରୁ ମଣ୍ଡଳ କ୍ଷୁବ୍ଧ ହୋଇଛନ୍ତି। ଏପରି ସ୍ଥିତିରେ ପଦରେ ରହିବାର କୌଣସି ଯଥାର୍ଥତା ନାହିଁ ବୋଲି ସେ ଉଲ୍ଲେଖ କରିଛନ୍ତି। ଚିଠିରେ ମଣ୍ଡଳ ଲେଖିଛନ୍ତି ଯେ ବିଧାୟକ ଏବଂ ସାଂସଦ ଭାବେ ୨୦-୨୫ ବର୍ଷ ହେଲା କ୍ଷେତ୍ରରେ ଲୋକଙ୍କ ସେବା କରିଆସୁଛନ୍ତି। ସେ ଜେଡିୟୁକୁ ପରିବାର ଭାବେ ଦେଖୁଥିଲେ। କିନ୍ତୁ ଗତ କିଛି ମାସ ହେଲା ତାଙ୍କୁ ଅଣଦେଖା କରାଯାଉଛି। ଅନ୍ୟପକ୍ଷରେ ବିଧାୟକ ଗୋପାଳ ମଣ୍ଡଳ ଆଜି ସକାଳୁ ନୀତୀଶଙ୍କ ଘରେ ଆଗରେ ବିକ୍ଷୋଭ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଟିକଟ ନ ନେବା ପର୍ଯ୍ୟନ୍ତ ଏଠାରୁ ଉଠିବେ ନାହିଁ ବୋଲି କହିଥିଲେ। ଡିଏସ୍‌ପି ବୁଝାଇବା ସତ୍ତ୍ୱେ ସେ କିଛି ସମର୍ଥକଙ୍କ ସହ ସେମିତି ବସି ରହିଥିଲେ। ଏହା ଦେଖି କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ପରେ ପୁଲିସ ତାଙ୍କୁ ସେଠାରୁ ଉଠାଇ ନେଇଥିଲା।

## ରାସ୍ତା ଖାଲ ଯୋଗୁଁ ମୃତ୍ୟୁହେଲେ ମିଳିବ ୬ ଲକ୍ଷ

ମୁମ୍ବଇ, ୧୪।୧୦ (ଏଜେନ୍ସି): ସଡ଼କ ଦୁର୍ଘଟଣା ଜନିତ ମାମଲାରେ ବମ୍ବେ ହାଇକୋର୍ଟ ଐତିହାସିକ ରାୟ ଦେଇଛନ୍ତି। ମହାରାଷ୍ଟ୍ରରେ ଖାଲ ଏବଂ ସ୍ୱରେଜ ନାଳ ଯୋଗୁଁ ମୃତ୍ୟୁ ହେଲେ ପୀଡ଼ିତ ପରିବାରଙ୍କୁ ୬ ଲକ୍ଷ ଏବଂ ଆହତଙ୍କୁ ୫୦ ହଜାରରୁ ୨.୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ କ୍ଷତିପୂରଣ ଦେବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏଭଳି ଦୁର୍ଘଟଣା ପାଇଁ ଠିକାଦାରଙ୍କ ସହିତ ପୌରପାଳିକା ଏବଂ ସରକାରୀ ଅଧିକାରୀ ଦାୟୀ ରହିବେ। ସବୁ ଯୋଗ୍ୟ ପୀଡ଼ିତଙ୍କୁ ୬ରୁ ୮ ସପ୍ତାହ ଭିତରେ କ୍ଷତିପୂରଣ ଦେବାକୁ କୋର୍ଟ ନିର୍ଦ୍ଦେଶw ଦେଇଛନ୍ତି। ଏଥିରେ ବିଳମ୍ବ ହେଲେ କମିଶନର, ଜିଲ୍ଲାପାଳ, ସିଇଓଙ୍କ ଭଳି ଅଧିକାରୀଙ୍କୁ ଦାୟୀ କରାଯିବ। ତାଙ୍କଠାରୁ ସୁଧ ସହିତ ଟଙ୍କା ଆଦାୟ କରାଯିବ। ଏହି ଅର୍ଥ ଦାୟୀ ଅଧିକାwରୀ, ଠିକାଦାର, ଇଞ୍ଜିନିୟରଙ୍କଠାରୁ ଆଦାୟ କରାଯିବ। ପ୍ରତି ବର୍ଷ ଖାଲ ଏବଂ ମୁକ୍ତ ଥିବା ଡ୍ରେନ ଯୋଗୁଁ ଅନେକ ଲୋକଙ୍କ ଜୀବନ ଯାଉଛି। ଏହା ଲଜ୍ଜାଜନକ। ଦୋଷ ଧାର୍ଯ୍ୟ ନ କଲେ ଏଭଳି ଘଟଣା ବନ୍ଦ ହେବନାହିଁ।

### ବିହାର ବିଧାନସଭା ନିର୍ବାଚନ

# ମେଣ୍ଟ ଅଙ୍କ ଅଡୁଆ

## ଆର୍‌ଜେଡି-କଂଗ୍ରେସ ଟଣାଓଟରା ଜାରି

### ତେଜସ୍ୱୀଙ୍କୁ ଭେଟିଲେନି ରାହୁଲ
### ସାଲିସ କରିବୁନି: କଂଗ୍ରେସ
### ଚିହ୍ନ ଦେଲେ ଲାଲୁ; ଫେରାଇନେଲେ ତେଜସ୍ୱୀ

ପାଟନା, ୧୪।୧୦ (ଏଜେନ୍ସି): ବିହାର ବିଧାନସଭା ନିର୍ବାଚନ ଘୋଷଣା ହେବାକୁ ୭ ଦିନ ବିତିଗଲାଣି, କିନ୍ତୁ ବିରୋଧୀ ମେଣ୍ଟ 'ଇଣ୍ଡିଆ'ରେ ଏ ପର୍ଯ୍ୟନ୍ତ ଆସନ ବୁଝାମଣା ହୋଇପାରୁନି। ଭାଗବଣ୍ଟାକୁ ନେଇ କଂଗ୍ରେସ ଏବଂ ଆର୍‌ଜେଡି ମଧ୍ୟରେ ଟଣାଓଟରା ଜାରି ରହିଛି। କୌଣସି ଦଳ କମ୍ ଆସନରେ ଲଢ଼ିବାକୁ ପ୍ରସ୍ତୁତ ନାହାନ୍ତି। ଏହି ମତଭେଦ ଦିନକୁ ଦିନ ଉଗ୍ର ହେବାରେ ଲାଗିଛି। ଜନସୁରାଜ, ବିଜେପି ପ୍ରାର୍ଥୀ ଘୋଷଣା କରି ସାରିଥିବାବେଳେ 'ଇଣ୍ଡିଆ' ବେଳ ଗଡ଼ି ଗଡ଼ି ଚାଲିଛି। ଏପରି ସମୟରେ ମହାମେଣ୍ଟରେ ଆସନ ବୁଝାମଣାକୁ ନେଇ କୌଣସି ସାଲିସ କରାଯିବ ନାହିଁ ବୋଲି କଂଗ୍ରେସ ପକ୍ଷରୁ କୁହାଯାଇଛି। ଆସନକୁ ନେଇ ଏବେ ବି ଆର୍‌ଜେଡି ସହ ଟଣାଓଟରା ଲାଗି ରହିଛି।

ଅନ୍ୟପକ୍ଷରେ ବିରୋଧୀ ଦଳ ନେତା ତେଜସ୍ୱୀ ଯାଦବ ଦିଲ୍ଲୀରୁ ପାଟନା ଫେରି ଆସିଛନ୍ତି। କିନ୍ତୁ ସେ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ ସାକ୍ଷାତ କରି ନ ଥିବା ଜଣାପଡ଼ିଛି। ଲୋକସଭା ଭଳି ବିଧାନସଭା ନିର୍ବାଚନର ନେତୃତ୍ୱ ମଧ୍ୟ ଲାଲୁ ଏବଂ ତେଜସ୍ୱୀ ନେବାକୁ ଚାହୁଁଛନ୍ତି। ବାପପୁଅ ନିଜ ହିସାବରେ ଆସନ ବାଣ୍ଟିବାକୁ ପ୍ରୟାସ କରୁଛନ୍ତି। କିନ୍ତୁ ଚଳିତ ଥର ରାହୁଲ ନଇଁବାକୁ ପ୍ରସ୍ତୁତ ନାହାନ୍ତି। ସେ ବିହାର କଂଗ୍ରେସ ନେତାଙ୍କୁ ସ୍ପଷ୍ଟ ନିର୍ଦ୍ଦେଶ ଦେଇଛନ୍ତି। କାହା ଚାପର ଆସନ ବୁଝାମଣା ହେବନାହିଁ ବୋଲି କହିଛନ୍ତି। ଏହି କାରଣରୁ ପ୍ରଦେଶ କଂଗ୍ରେସର କୌଣସି ନେତା ଆସନ ବଣ୍ଟନକୁ ନେଇ ମୁହଁ ଖୋଲୁ ନାହାନ୍ତି।

ଏହି ପ୍ରସଙ୍ଗରେ ଦିଲ୍ଲୀ ରାହୁଲଙ୍କୁ ଭେଟିବା ପାଇଁ ତେଜସ୍ୱୀ ଦିଲ୍ଲୀ ଯାଇଥିଲେ, ମାତ୍ର କଂଗ୍ରେସ ନେତା ତାଙ୍କୁ ସମୟ ଦେଇ ନ ଥିଲେ। ଏହା ପରେ ତେଜସ୍ୱୀ ଖାଲି ହାତରେ ଫେରି ଥିଲେ। କିନ୍ତୁ ବର୍ତ୍ତମାନର ପରିସ୍ଥିତିରେ ମେଣ୍ଟ ଆଗକୁ ବଢ଼ିପାରିବ ନାହିଁ ବୋଲି ସେ କଂଗ୍ରେସ ହାଇକମାଣ୍ଡଙ୍କୁ ସ୍ପଷ୍ଟ କରିଦେଇଛନ୍ତି। ଏହି କାରଣରୁ ପାଟନା ପହଞ୍ଚିବା ପରେ ଲାଲୁ ଯାଦବ ନିଜ ଲୋକଙ୍କୁ ଦଳୀୟ ଚିହ୍ନ ବାଣ୍ଟିବା ଆରମ୍ଭ କରିଦେଇଥିଲେ। ମାତ୍ର ତେଜସ୍ୱୀ ଏହା ଉପରେ ଅସନ୍ତୁଷ୍ଟ ହୋଇଥିଲେ। ଦଳୀୟ ନେତାଙ୍କୁ ବାପା ଦେଇଥିବା ଚିହ୍ନଗୁଡ଼ିକୁ ପୁଅ ଫେରାଇ ଆଣିଥିଲେ। ମହାମେଣ୍ଟର ସହଯୋଗୀ ଦଳ ସିପିଆଇ (ଏମଏଲ) ମଧ୍ୟ ପ୍ରାର୍ଥୀଙ୍କୁ ଟିକଟ ବଣ୍ଟନ କାର୍ଯ୍ୟ ଆରମ୍ଭ



କରିଦେଇଥିଲା। କିନ୍ତୁ କଂଗ୍ରେସ ଏ ପର୍ଯ୍ୟନ୍ତ ଏଥିରୁ ଦୂରେଇ ରହିଛି।

ଅନ୍ୟପଟେ ମହାମେଣ୍ଟରେ ତେଜସ୍ୱୀଙ୍କ ବଡ଼ ଭାଇ କହୁଥିବା ମୁକେଶ ସହାନୀଙ୍କ ସ୍ଥିତି ବି ଅସମ୍ଭାଳ ହେବାରେ ଲାଗିଛି। ସେ ପୂର୍ବରୁ ୬୦ ଆସନ ମାଗିଥିଲେ, କିନ୍ତୁ ଏବେ ୩୦ରେ ଦେବାକୁ କହୁଛନ୍ତି। ସେ ଉପ-ମୁଖ୍ୟମନ୍ତ୍ରୀ ହେବାର ଆଶାକୁ ବି ଭୁଲି ଗଲେଣି। କାରଣ ତେଜସ୍ୱୀଙ୍କୁ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ କରିବା ପାଇଁ କଂଗ୍ରେସ ଚାହୁଁନାହିଁ। ଯଦି ମହାମେଣ୍ଟରେ ଆସନ ବୁଝାମଣା ନ ହୁଏ ଏବଂ ରାହୁଲ ଦିଲ୍ଲୀ ଭୁଲକୁ ଦୋହରାନ୍ତି ତେବେ ଅକଳରେ ପଡ଼ିବେ ବୋଲି ରାଜନୈତିକ ବିଶେଷଜ୍ଞମାନେ କହିଛନ୍ତି।

## ଆସନ ବଣ୍ଟନ; ନୀତୀଶ ଅସନ୍ତୁଷ୍ଟ

### ପ୍ରଥମ ପ୍ରାର୍ଥୀ ତାଲିକା ଜାରିକଲା ବିଜେପି
### ବାଦ୍‌ପଡ଼ିଲେ ବାଚସ୍ପତି

ପାଟନା, ୧୪।୧୦ (ଏଜେନ୍ସି): ବିହାର ବିଧାନସଭା ନିର୍ବାଚନକୁ ନେଇ କ୍ଷମତାସୀନ ଏନ୍‌ଡିଏ ମେଣ୍ଟରେ ଆସନ ବଣ୍ଟନ ହୋଇସାରିଛି। ମାତ୍ର ଆସନ ବଣ୍ଟନକୁ ନେଇ ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଅସନ୍ତୁଷ୍ଟ ଥିବା ସୂଚନା ମିଳିଛି। ପୂର୍ବରୁ ହାମ୍ ମୁଖ୍ୟ ତଥା କେନ୍ଦ୍ରମନ୍ତ୍ରୀ ଜିତନ ରାମ ମାନ୍‌ଝୀ ଦଳକୁ ମିଳିଥିବା ଆସନକୁ ନେଇ କ୍ଷୁବ୍ଧ ହୋଇଥିଲେ। ଏବେ ନୀତୀଶଙ୍କ ଆଭିମୁଖ୍ୟ ମେଣ୍ଟ ପାଇଁ ସମସ୍ୟା ସୃଷ୍ଟି କରିଛି। ସେ ୯ଟି ଆସନର ଭାଗବଣ୍ଟାକୁ ନେଇ ଖୁସି ନାହାନ୍ତି। ତେଣୁ ପୁଣିଥରେ ଏହା ଉପରେ ବିଚାର କରିବା ପାଇଁ ବିଜେପିକୁ କହିଛନ୍ତି।



ଏହା ମଧ୍ୟରେ ବିଜେପି ପ୍ରଥମ ତାଲିକାରେ ୭୧ ଜଣଙ୍କୁ ଟିକଟ ଦେଇଛି। ଉପ-ମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀଙ୍କୁ ତାରାପୁର ଏବଂ ବିଜୟ ସିହ୍ନାଙ୍କୁ ଲଖିସରାୟରୁ ପ୍ରାର୍ଥୀ କରାଯାଇଛି। ତେବେ ବାଚସ୍ପତି ନନ୍ଦକିଶୋର ଯାଦବଙ୍କ ଟିକଟ କାଟି ଦିଆଯାଇଛି। ତାଙ୍କ ସ୍ଥାନରେ ବିଜେପି ନେତା ତଥା ହାଇକୋର୍ଟ ଓକିଲ ରତ୍ନେଶ କୁଶ୍ୱାହଙ୍କୁ ମୈଦାନକୁ ଓହ୍ଲା ଯାଇଛି। କୁମ୍ହରାରରୁ ୫ ଥରର ବିଧାୟକ ଅରୁଣ କୁମାର ସିହ୍ନାଙ୍କ ଟିକଟ ମଧ୍ୟ କାଟି ଦିଆଯାଇଛି। ତାଙ୍କ ସ୍ଥାନରେ ସଞ୍ଜୟ ଗୁପ୍ତାଙ୍କୁ ସୁଯୋଗ ମିଳିଛି। ସେ ଦଳର ମହାମନ୍ତ୍ରୀ ଭାବେ କାର୍ଯ୍ୟ କରିଥିଲେ। ଏହି ତାଲିକାରେ ୧୩ ମନ୍ତ୍ରୀ ଏବଂ ୯ ମହିଳାଙ୍କ ନାମ ରହିଛି। ପୁଣିଥରେ ୪୮ ବିଧାୟକଙ୍କୁ ପ୍ରାର୍ଥୀ କରାଯାଇଛି। ଚଳିତ ଥର ବିଜେପି ୧୦୧ ଆସନରେ ନିର୍ବାଚନ ଲଢ଼ିବ। ଏଥିରୁ ୭୧ ଜଣଙ୍କ ନାମ ସାମ୍ନାକୁ ଆସିଯାଇଛି। ଆଉ ୩୦ ପ୍ରାର୍ଥୀଙ୍କ ନାମ ଘୋଷଣା ବାକି ରହିଛି। ବିହାରରେ ନଭେମ୍ବର ୬ ଏବଂ ୧୧ରେ ମତଦାନ ହେବ। ନଭେମ୍ବର ୧୪ରେ ଭୋଟ ଗଣତି ହେବ। ଅନ୍ୟପକ୍ଷରେ ଗାୟିକା ମୈଥିଳି ଠାକୁର ବିଜେପିରେ ସାମିଲ ହୋଇଛନ୍ତି। ଏଥିପାଇଁ ପାଟନାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ନିର୍ବାଚନରେ ଲଢ଼ିବା ନେଇ ଦଳ ପକ୍ଷରୁ ନିଷ୍ପତ୍ତି ନିଆଯିବ ବୋଲି ସେ କହିଛନ୍ତି। ତେବେ ସେ ଅଲିନଗରରୁ ନିର୍ବାଚନ ଲଢ଼ିପାରନ୍ତି।

## ଏସି ବସ୍‌ରେ ନିଆଁ; ୨୦ ଜୀବନ୍ତ ଦଗ୍ଧ



ଜୟପୁର, ୧୪।୧୦ (ଏଜେନ୍ସି): ରାଜସ୍ଥାନ ଜୈସାଲମେରର ଯୋଧପୁର ରାସ୍ତାରେ ମଙ୍ଗଳବାର ଅପରାହ୍ଣରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏଠାରେ ଏକ ଚଳନ୍ତା ଏସି ସ୍ଲିପର ବସ୍‌ରେ ନିଆଁ ଲାଗି ଯାଇଛି। ଏଥିରେ ୨୦ ଜଣ ଜୀବନ୍ତ ଦଗ୍ଧ ହୋଇଯାଇଥିବା ସୂଚନା ମିଳିଛି। ୧୬ରୁ ଅଧିକ ଆହତ ହୋଇଛନ୍ତି। ସମସ୍ତଙ୍କୁ ଜୈସାଲମେରର ଜବାହାରି ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସର୍ଟ ସର୍କିଟରୁ ଅଗ୍ନିକାଣ୍ଡ ଘଟିଥିଲା ବୋଲି କୁହାଯାଉଛି। ଏହା ଦେଖୁ ଦେଖୁ ସାରା ବସ୍‌କୁ କବଳିତ କରି ନେଇଥିଲା। ଲୋକଙ୍କୁ ଜୀବନ ବଞ୍ଚାଇବାକୁ ବି ସମୟ ମିଳି ନ ଥିଲା। ଜୀବନ ବିକଳରେ କିଛି ଲୋକ ଝରକା ଭାଙ୍ଗି ରାସ୍ତାକୁ ଡେଇଁ ପଡିଥିଲେ। ଏଥିରେ ୨ ଶିଶୁ, ୪ ମହିଳାଙ୍କ ସମେତ ୧୬ରୁ ଅଧିକ ଲୋକ ୭୦ ପ୍ରତିଶତରୁ ଅଧିକ ଜଳି ଯାଇଛନ୍ତି। ଏହି ବସ୍‌ରେ ମୋଟ ୫୭ ଜଣ ଯାତ୍ରୀ ଥିଲେ। ତେବେ ସିଟି କାଉନସିଲର ସହାୟକ ଦମକଳ ଅଧିକାରୀ କୃଷ୍ଣପାଲ ସିଂହ ରାଠୋର କହିଛନ୍ତି ଯେ ଦୁର୍ଘଟଣାରେ ୧୦-୧୨ ଜଣଙ୍କ ଜୀବନ ଯାଇଛି। ଜିଲ୍ଲାପାଳ ପ୍ରତାପ ସିଂହଙ୍କ ଅନୁଯାୟୀ, ବସ୍‌ଟି ସମ୍ପୂର୍ଣ୍ଣ ଜଳି ଯାଇଛି। ୧୬ ଆହତଙ୍କୁ ଯୋଧପୁର ହସ୍ପିଟାଲକୁ ପଠାଇ ଦିଆଯାଇଛି। ବସ୍‌ରେ ଅନ୍ୟ ଯାତ୍ରୀଙ୍କ ମୃତଦେହ ପଡି ରହିଛି।

### ହରିୟାଣା ଆଇପିଏସ୍ ଆତ୍ମହତ୍ୟା ମାମଲା

## ଏଏସ୍‌ଆଇଙ୍କ ଆତ୍ମହତ୍ୟାରୁ ନୂଆ ମୋଡ଼

### ଦୁର୍ନୀତି ମାମଲାରେ ବଦନାମ ହେବାରୁ ଚରମ ନିଷ୍ପତ୍ତି ନେଇଥିଲେ ପୁରନ

ଚଣ୍ଡିଗଡ଼, ୧୪।୧୦ (ଏଜେନ୍ସି): ହରିୟାଣା ଆଇପିଏସ ୱାଇ ପୁରନଙ୍କ ଆତ୍ମହତ୍ୟାକୁ ନେଇ ରାଜ୍ୟ ରାଜ୍ୟନୀତି ଉଠୁଛି ପଡୁଛି। ଆଇଏଏସ ପତ୍ନୀ ଅମନୀତ ପି କୁମାର ଜିଦ୍‌ରେ ଅଟଳ ରହିଥିବାରୁ ଏ ପର୍ଯ୍ୟନ୍ତ ତାଙ୍କ ମୃତଦେହ ବ୍ୟବଚ୍ଛେଦ ହୋଇପାରି ନାହିଁ। ସେ ଡିଜିପି ଶତ୍ରୁଜିତ କପୁରଙ୍କ ବହିଷ୍କାର ଦାବି କରୁଥିବାବେଳେ ସରକାର ତାଙ୍କୁ ଛୁଟିରେ ପଠାଇ ଦେଇଛନ୍ତି। ପୁରନଙ୍କ ମାମଲାର ତଦନ୍ତ ଚାଲିଥିବାବେଳେ ରାଜ୍ୟର ଆଉ ଜଣେ ପୁଲିସ ଅଧିକାରୀ ତଥା ଆସିଷ୍ଟାଣ୍ଟ ସବ୍-ଇନସପେକ୍ଟର (ଏଏସଆଇ) ସନ୍ଦୀପ କୁମାର ମଙ୍ଗଳବାର ନିଜକୁ ଗୁଳି ମାରି ଆତ୍ମହତ୍ୟା କରିଛନ୍ତି। ଲାଢୌତ ରୋଡରେ ଥିବା ତାଙ୍କ ମାମୁଁ ଘରୁ ସନ୍ଦୀପଙ୍କ ମୃତଦେହ ମିଳିଛି। ଏହା ପୁରନଙ୍କ ମାମଲାକୁ ନୂଆ ମୋଡ ଦେଇଛି। ସନ୍ଦୀପ ମୃତ୍ୟୁ ପୂର୍ବରୁ ଭିଡିଓ ରେକର୍ଡିଂ ଏବଂ ୪ ପୃଷ୍ଠାର ସୁଇସାଇଡ ନୋଟ୍ ଲେଖି ଯାଇଛନ୍ତି। ରୋହତକ ସାଇବର ସେଲ୍‌ରେ ମୁତୟନ ହୋଇଥିବା ଏହି ଏଏସଆଇ ସତ୍ୟ ପାଇଁ ଜୀବନ ଦେଇଥିବା ଉଲ୍ଲେଖ କରିଛନ୍ତି। ଦେଶର ଲୋକେ ବଳିଦାନ ପରେ ଚେତିଥାନ୍ତି। ତେଣୁ ଭଗତ ସିଂହଙ୍କ ପରି ଲୋକଙ୍କୁ ସତ କ'ଣ ଜଣାଇବା ପାଇଁ ବଳିଦାନ ଦେଉଥିବା ସନ୍ଦୀପ କହିଛନ୍ତି।



ପୂର୍ବତନ ଆଇଜି ପୁରନ ଏବଂ ତାଙ୍କ ଗନ୍‌ମ୍ୟାନ ସୁଶୀଲ କୁମାରଙ୍କ ବିରୋଧରେ ଏଏସଆଇ ଗୁରୁତର ଅଭିଯୋଗ ଲଗାଇଛନ୍ତି। ପୁରନ ଜଣେ ଦୁର୍ନୀତିଗ୍ରସ୍ତ ଅଧିକାରୀ ଥିଲେ। ରୋହତକ ରେଞ୍ଜରେ ମୁତୟନ ହେବା ପରେ ସେ ବ୍ୟବସ୍ଥାକୁ ହାଇଜ୍ୟାକ କରି ନେଇଥିଲେ। ଜାତିଗତ ଭେଦଭାବ ଆରମ୍ଭ କରିଦେଇଥିଲେ। ଜାତି ଦେଖି ଅଧିକାରୀଙ୍କୁ ହଟାଇ ଦେଉଥିଲେ।ସଦର ଥାନାର ଏକ ହତ୍ୟା ମାମଲା ପାଇଁ ସେ ୫୦ କୋଟି ଟଙ୍କାର ଡିଲ୍ କରିଥିଲେ। ସଚ୍ଚୋଟ ଅଧିକାରୀଙ୍କ ବଦଳରେ ପୁରନ ଦୁର୍ନୀତିଗ୍ରସ୍ତଙ୍କୁ ମୁତୟନ କରିଥିଲେ। ଏମାନେ ଫାଇଲକୁ ପକାଇ ରଖୁଥିଲେ। ମାନିସକ ଉତ୍ପୀଡ଼ନ ଦେଇ ଟଙ୍କା ମାଗୁଥିଲେ। ବଦଳି ଚାହୁଁଥିବା ମହିଳା ଅଧିକାରୀଙ୍କୁ ମଧ୍ୟ ଯୌନ ଉତ୍ପୀଡ଼ନ ଦିଆଯାଉଥିଲା। ଦୁର୍ନୀତି ମାମଲା ସାମ୍ନାକୁ ଆସିବା ପରେ ପୁରନଙ୍କୁ ବଦଳି କରାଯାଇଥିଲା। ଦୁର୍ନୀତି ମାମଲାରେ ଧରା ପଡ଼ିଯିବା ଭୟରେ ପୁରନ ଆତ୍ମହତ୍ୟା କରିଥିଲେ। ଏହା ଉଜାଗର ହୋଇଗଲେ ପାରିବାରିକ ରାଜନୀତି ଉପରେ ପ୍ରଭାବ ପଡିବ ବୋଲି ସେ ଭୟ କରି ଚରମ ନିଷ୍ପତ୍ତି ନେଇଥିଲେ। ଡିଜିପି ଜଣେ ସଚ୍ଚୋଟ ବ୍ୟକ୍ତି। ଡିଜିପି ଚାଲିଗଲେ ମଲେଇ ଖାଇବେ ବୋଲି ଆଇଏଏସ ଲବି ଭାବୁଛନ୍ତି। ଏମାନେ ଦେଶକୁ ନଷ୍ଟ କରୁଛନ୍ତି। ସାରା ରାଜ୍ୟରେ ଜାତିର ବିଷ ଓଗାଳି ସଚ୍ଚୋଟ, କର୍ମଠଙ୍କୁ ପ୍ରତାଡ଼ନା ଦେଉଛନ୍ତି। ସେଥିପାଇଁ ଅନ୍ତିମ ସଂସ୍କାର କରାଯାଉ ନାହିଁ।

ସନ୍ଦୀପଙ୍କ ଅନୁଯାୟୀ, ଦେଶ ଏବଂ ସମାଜ ପାଇଁ ଆଗକୁ ବଢ଼ିବା ବହୁତ ଜରୁରୀ। ଦୁର୍ନୀତିଗ୍ରସ୍ତ ଅଧିକାରୀ ଦୁର୍ନୀତି ବିରୋଧୀ ଲଢେଇକୁ ଦୁର୍ବଳ କରିବାକୁ ପ୍ରୟାସ କରୁଛନ୍ତି। କିନ୍ତୁ ଆମ ଶରୀରରେ ଦେଶଭକ୍ତି ଭରି ହୋଇ ରହିଛି ବୋଲି ଭୁଲି ଯାଇଛନ୍ତି। ମୋ ଭଳି ଶହେ ଜୀବନ ବାଜି ଲଗାଇ ଦେବୁ ପଛେ ଦେଶକୁ ନଇଁବାକୁ ଦେବୁନି। ସତ୍ୟର ହିଁ ବିଜୟ ହେବ। ଏହ ଲଢେଇ ପାଇଁ ମୁଁ ପ୍ରଥମ ଆହୂତି ଦେଉଛି। ଅନ୍ୟପକ୍ଷରେ ପୁରନ ମୃତ୍ୟୁ ପୂର୍ବରୁ ଅନେକ ଆଇଏଏସ, ଆଇପିଏସ ଅଧଇକାରୀଙ୍କ ସମେତ ଓକିଲଙ୍କ ସହ କଥା ହୋଇଥିଲେ ବୋଲି ଜଣାପଡ଼ିଛି।

### ସରକାର ତାମସା ବନ୍ଦ କରନ୍ତୁ: ରାହୁଲ

ହରିୟାଣାର ବରିଷ୍ଠ ଆଇପିଏସ ଅଧିକାରୀ ୱାଇ ପୁରନଙ୍କ ଆତ୍ମହତ୍ୟାକୁ ୭ ଦିନ ବିତିଗଲାଣି। ମାତ୍ର ଏ ପର୍ଯ୍ୟନ୍ତ ମୃତଦେହର ବ୍ୟବଚ୍ଛେଦ ହୋଇପାରି ନାହିଁ। ଏହି ଘଟଣାକୁ ନେଇ ଅଡୁଆ ବଢୁଥିବାବେଳେ ଛିଡ଼ିବାର ନା ଧରୁନି। ମଙ୍ଗଳବାର ସକାଳେ ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ପୀଡ଼ିତଙ୍କ ପରିବାରକୁ ସାକ୍ଷାତ କରିଛନ୍ତି। ଏହି ସମୟରେ ରାହୁଲ କହିଥିଲେ ଯେ ସରକାର ତାମସା ବନ୍ଦ କରନ୍ତୁ। ଆଇପିଏସଙ୍କ ପରିବାର ଉପରେ ଚାପ ପକାଯାଉଛି। ଏପରି ନ ହେବା ଉଚିତ। ସରକାରୀ ଅଧିକାରୀଙ୍କୁ ଗିରଫ କରାଯାଉ ଏବଂ ଦିବଂଗତକୁ ଅପମାନିତ କରା ନ ଯାଉ।

### ୧୦% କମିଶନ ଲାଗି ଗଲା ୨୫ ଶିଶୁଙ୍କ ଜୀବନ

## ୨.୫୬ ଟଙ୍କା ପାଇଁ ଡାକ୍ତର ଲେଖୁଥିଲେ କୋଲ୍‌ଡ୍ରିଫ

ନୂଆଦିଲ୍ଲୀ, ୧୪।୧୦ (ଏଜେନ୍ସି): ଲୋକଙ୍କ ବିଶ୍ୱାସରେ ବିଷ ଦେଇ ଚାଲିଥିବା କମିଶନ ଖେଳର ପର୍ଦ୍ଦାଫାସ ହୋଇଛି। କୋଲ୍‌ଡ୍ରିଫ କଫ ସିରପକୁ ନେଇ ବିଚଳିତ କରିବା ଭଳି ମାମଲା ସାମ୍ନାକୁ ଆସିଛି। ଏଥିରେ ଦେଶରେ ମେଡିସିନ୍ ଲେଖିବା ପାଇଁ ଚାଲିଥିବା କମିଶନ ଖେଳର ପର୍ଦ୍ଦାଫାସ ହୋଇଛି। ସାମାନ୍ୟ କିଛି ଟଙ୍କାର ଲୋଭ ପାଇଁ ଡାକ୍ତର ରୋଗୀଙ୍କ ଜୀବନ ସହ ଖେଳିଥିଲେ। ମାତ୍ର ୧୦ ପ୍ରତିଶତ କମିଶନ ପାଇଁ ଡାକ୍ତର ଶିଶୁଙ୍କୁ ଏହି ବିଷାକ୍ତ କୋଲ୍‌ଡ୍ରିଫ ସିରପ ଲେଖୁଥିବା ଜଣାପଡ଼ିଛି। ଯେତିକି ଟଙ୍କା ଏହି କଫ ସିରପ ଲେଖିବା ପାଇଁ ଡାକ୍ତର ନେଉଥିଲେ ତାହାକୁ କେହି ସହଜରେ ବି ବିଶ୍ୱାସ କରିପାରିବେ ନାହିଁ। କେତେ ଟଙ୍କାରେ ଶିଶୁଙ୍କ ଜୀବନକୁ ବିକ୍ରି କରିଦିଆଗଲା ତାହା ବି କେହି କଳନା କରିପାରିବେନି। ଡାକ୍ତର ଲେଖିଥିବା କଫ ସରିପ ପିଇ ମଧ୍ୟପ୍ରଦେଶରେ ୨୩ ଶିଶୁ ପ୍ରାଣ ହରାଇ ଥିଲେ। ଗୋଟିଏ କଫ ସିରପ ପାଇଁ ଡାକ୍ତରଙ୍କୁ ୧୦ ପ୍ରତିଶତ ତଥା ମାତ୍ର ୨ଟଙ୍କା ୫୪ ପଇସା କମିଶନ ମିଳୁଥିଲା। ଏହି କଫ ସିରପ ବୋତଲ ମାତ୍ର ୨୪.୫୪ ଟଙ୍କାରେ ବିକ୍ରି ହେଉଥିଲା। ଏହାକୁ ଲେଖୁଥଇବାରୁ ପ୍ରତ୍ୟେକ ବୋଟଲ ପିଛା ଶ୍ରୀସେନ ଫାର୍ମାସ୍ୟୁଟିକାଲ୍ସ ଡାକ୍ତରଙ୍କୁ ୨ଟଙ୍କା ୫୪ ପଇସା କମିଶନ ପ୍ରଦାନ କରୁଥିଲା।

ପୁଲିସ ଅଭିଯୋଗ କରିଛି ଯେ ପରାସିଆର ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମୁତୟନ ଶିଶୁରୋଗ ଡାକ୍ତର ପ୍ରବୀଣ

### ଭାରତର ତିନି କଫ ସିରପ ବିରୋଧରେ 'ହୁ'ରେ ଚେତାବନୀ
### କୋଲଡ୍ରିଫ, ରେସ୍ପିଫ୍ରେସ ଟିଆର, ରିଲାଇଫ ସାମିଲ

ସୋନି କ୍ରମାଗତ ଭାବେ କୋଲ୍ଡରିଫ ଲେଖିବା ଜାରି ରଖିଥିଲେ। କେନ୍ଦ୍ର ପକ୍ଷରୁ ଫିକ୍ସଡ-ଡୋଜ କମ୍ବିନେସନ (ଏଫଡିସି) ନିଷିଦ୍ଧ କରାଯାଇଥିବାବେଳେ ସେ ଘରୋଇ ଭାବେ ରୋଗୀ ଦେଖୁଥିବାବେଳେ ଏହାକୁ ଲେଖୁଥିଲେ। ଏହା ପିଇ ଶିଶୁଙ୍କ ଜୀବନ ଯାଉଥିବା ଜାଣି ବି ସୋନି ଏପରି କରୁଥିଲେ। ତାମିଲନାଡୁର ଶ୍ରୀସେନ ଫାର୍ମାସ୍ୟୁଟିକାଲ୍ସ ଦ୍ୱାରା ପ୍ରସ୍ତୁତ କୋଲଡ୍ରିଫରେ ଡାଇଏଥିଲିନ ଗ୍ଲାଇକଲ (ଡିଇଜି) ମାତ୍ରା ଧାର୍ଯ୍ୟ ସୀମାଠାରୁ ୫୦୦ ଗୁଣ ଅଧିକ ଥିଲା। ଏହା ଶିଶୁଙ୍କ କିଡ୍‌ନୀ (ବୃକକ) ଉପରେ ପ୍ରଭାବ ପକାଉ ଥିଲା। ଫଳରେ ଶିଶୁଙ୍କ ଜୀବନ ଯାଇଥିଲା।



ଏବେ ଡ. ସୋନି ଏବଂ ଶ୍ରୀସେନର ମାଲିକ ରଙ୍ଗନାଥନ ପୁଲିସ ହେପାଜତରେ ଅଛନ୍ତି। ତାମିଲନାଡୁ ସରକାର ଏହି କମ୍ପାନୀକୁ ବନ୍ଦ କରିଦେଇଛନ୍ତି। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) କମ୍ପାନୀର ବିଭିନ୍ନ ଠିକଣାରେ ଚଢ଼ଉ କରିଛି। ଅନ୍ୟପକ୍ଷରେ ଭାରତର ତିନି ଅପମିଶ୍ରିତ କଫ ସିରପକୁ ନେଇ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ହୁ) ସୋମବାର ଚେତାବନୀ ଜାରି କରିଛି। ଏଥିରେ ଶ୍ରୀସେନ ଫାର୍ମାସ୍ୟୁଟିକାଲ୍ସର କୋଲଡ୍ରିଫ, ରେଡନେକ୍ସ ଫାର୍ମାସ୍ୟୁଟିକାଲ୍ସର ରେସ୍ପିଫ୍ରେଶ ଟିଆର ଏବଂ ସେପ ଫାର୍ମାର ରିଲାଇଫ ସାମିଲ ରହିଛି। 'ହୁ' ପକ୍ଷରୁ କୁହାଯାଇଛି ଯେ ଏହି ତିନୋଟି କଫ ସିରପ ଗମ୍ଭୀର ବିପଦ ସୃଷ୍ଟି କରିପାରେ। ଏହା ଜୀବନ ପାଇଁ ବିପଦ ସୃଷ୍ଟି କରୁଥିବା ରୋଗର କାରଣ ପାଲଟି ପାରେ। ଯଦି ଏହି ଔଷଧ ମିଳୁଛି ତେବେ ଏହାର ସୂଚନା ଦେବା ପାଇଁ 'ହୁ' ସବୁ ଦେଶଙ୍କୁ କହିଛି।

ଅକ୍ଟୋବର ୯ରେ ଏହି ସିରପକୁ ନେଇ 'ହୁ' ଭାରତକୁ ଜବାବ ମାଗିଥିଲା। କୌଣସି ଦେଶକୁ ଏହା ପଠା ଯାଇଛି କି ନାହିଁ ତାହାର ଉତ୍ତର ମାଗିଥିଲା। ଭାରତରେ ଔଷଧ ଉପରେ ନଜର ରଖୁଥିବା ସିଡିଏସସିଓ ପକ୍ଷରୁ ଏ ନେଇ କୁହାଯାଇଥିଲା ଯେ କୌଣସି ଅପମିଶ୍ରିତ ଔଷଧ ବାହାରକୁ ପଠାଯାଇ ନାହିଁ।

### ବାଂଲାଦେଶ, ନେପାଳ ପରେ ମାଡାଗାସ୍କର

## କ୍ଷମତା ବଦଳାଇଦେଲେ ଜେନ୍-ଜେଡ୍

ଅଣ୍ଟାନାନରିଭୋ, ୧୪।୧୦ (ଏଜେନ୍ସି): ପୁଣି ଜେନ୍-ଜେଡ୍ ଗୋଷ୍ଠୀ ଏକ ଦେଶରେ ରାଜନୈତିକ ପରିବର୍ତ୍ତନ ଆଣିଛନ୍ତି। ଚଳିତ ଥର ଏହି ଆନ୍ଦୋଳନ ଏସିଆରୁ ଆଫ୍ରିକାକୁ ବ୍ୟାପି ଯାଇଛି। ଶ୍ରୀଲଙ୍କା, ବାଂଲାଦେଶ, ନେପାଳ ପରେ ଏବେ ମାଡାଗାସ୍କରରେ ଜେନ୍-ଜେଡ୍ ଏକତା ପ୍ରଦର୍ଶନ କରି ସରକାରଙ୍କୁ ଗାଦିଚ୍ୟୁତ କରିଛନ୍ତି। ଜଳାଭାବରୁ ଆରମ୍ଭ ହୋଇଥିବା ଏହି ବିକ୍ଷୋଭ ପ୍ରଦର୍ଶନ ରାଷ୍ଟ୍ରପତି ଏଣ୍ଡ୍ରି ରାଜୋଏଲିନା ଦେଶା ଛାଡ଼ି ଫେରାର ହେବା ପରେ ଶାନ୍ତ ହୋଇଛି। ବିକ୍ଷୋଭକାରୀଙ୍କୁ ସେନାର ସମର୍ଥନ ମିଳିବା ପରେ ରାଷ୍ଟ୍ରପତି ଦେଶ ଛାଡ଼ି ପଳାଇଥିବା ବିରୋଧୀ ଦଳ ନେତା ସିଟେନି ରନ୍ଦ୍ରିୟାନା ସୋଲୋନିକୋ କହିଛନ୍ତି। ରାଷ୍ଟ୍ରପତି ସେନା ବିମାନରେ ଫ୍ରାନ୍ସ ପଳାଇ ଯାଇଥିବା ସୂଚନା ମିଳିଛି। ଏହା ପୂର୍ବରୁ ସୋମବାର ରାତିରେ ରାଷ୍ଟ୍ରପତି ସମ୍ବୋଧନ କରିବେ ବୋଲି ତାଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଥିଲା।

### ଜଳାଭାବରୁ ଆରମ୍ଭ ହୋଇଥିଲା ବିକ୍ଷୋଭ
### ସେନା ବିମାନରେ ଫ୍ରାନ୍ସ ପଳାଇଲେ ରାଷ୍ଟ୍ରପତି

ରିପୋର୍ଟ ଅନୁଯାୟୀ, ରବିବାର ଫ୍ରାନ୍ସ ସେନା ବିମାନରେ ଏଣ୍ଡ୍ରି ଦେଶ ଛାଡ଼ି ପଳାଇଛନ୍ତି। ସେ ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରନଙ୍କ ସହ ଏକ ଚୁକ୍ତି କରିଥିଲେ ବୋଲି କୁହାଯାଉଛି। ସେନାର ସବୁଠାରୁ ଶକ୍ତିଶାଳୀ ସ୍ପେସିଆଲ ୟୁନିଟ (କ୍ୟାପସାଟ) ସମର୍ଥନ ଦେବାକୁ ମନା କରିବାରୁ ଏଣ୍ଡ୍ରିଙ୍କ ସ୍ଥିତି ଦୁର୍ବଳ ହୋଇ ଯାଇଥିଲା। ଏହି ୟୁନିଟ ୨୦୦୯ର ପଟ ପରିବର୍ତ୍ତନ ପରେ କ୍ଷମତା ହାସଲ କରିବାରେ ତାଙ୍କୁ ସହାୟତା କରିଥିଲା। ଏବେ ସେହି କ୍ୟାପସାଟ ବିକ୍ଷୋଭକାରୀଙ୍କୁ ସୁରକ୍ଷା ଦେଇଥିଲା। କ୍ଷମତା ଅକ୍ତିଆର କରି ଗୁଳି ନ ଚଳାଇବାକୁ ସେନାକୁ ନିର୍ଦ୍ଦେଶ ଦେଇଥିଲା। ଏହା ଫଳରେ ଅନେକ ମନ୍ତ୍ରୀ ନିଜ ପଦରୁ ଇସ୍ତଫା ଦେଇଥିଲେ।

### ଦ୍ୱିତୀୟ ଟେଷ୍ଟରେ ୱେଷ୍ଟଇଣ୍ଡିଜ ୭ ୱିକେଟ୍‌ରେ ପରାସ୍ତ

# ଭାରତର କ୍ରମାଗତ ୧୦ମ ଟେଷ୍ଟ ସିରିଜ୍ ବିଜୟ

**ନୂଆଦିଲ୍ଲୀ, ୧୪।୧୦ (ଏଜେନ୍ସି):**




ସ୍ଥାନୀୟ ଅରୁଣ ଜେଟଲୀ ଷ୍ଟାଡିୟମରେ ଭ୍ରମଣକାରୀ ୱେଷ୍ଟଇଣ୍ଡିଜ ବିପକ୍ଷରେ ଚାଲିଥିବା ଅନ୍ତିମ ତଥା ୨ୟ ଟେଷ୍ଟକୁ ଭାରତ ୭ ୱିକେଟ୍‌ରେ ସହଜରେ ଜିତିନେଇଛି। ପୂର୍ବରୁ ପ୍ରଥମ ମ୍ୟାଚକୁ ଏକ ଇନିଂସ ଓ ୧୪୦ ରନରେ ଜିତିଥିବା ଘରୋଇ ଭାରତ ଏଥିସହ ଟେଷ୍ଟ ସିରିଜକୁ ୨-୦ରେ କ୍ଲିନସୁଇପ୍ କରିନେଇଛି। ୱେଷ୍ଟଇଣ୍ଡିଜ ବିପକ୍ଷରେ ଭାରତର ଏହା କ୍ରମାଗତ ୧୦ମ ଟେଷ୍ଟ ସିରିଜ ବିଜୟ ହୋଇଛି। ୨୦୦୨ରୁ ଏହି ଦୁଇ ଦଳ ମଧ୍ୟରେ ଖେଳାଯାଇଥିବା ସମସ୍ତ ଟେଷ୍ଟ ସିରିଜକୁ ଭାରତ ଜିତିଛି। ଏଥିସହ ଗୋଟିଏ ଦେଶ ବିପକ୍ଷରେ କ୍ରମାଗତ ଭାବେ ସର୍ବାଧିକ ଟେଷ୍ଟ ସିରିଜ ଜିତିବାରେ ଦକ୍ଷିଣ ଆଫ୍ରିକା ସହ ଭାରତ ସମକକ୍ଷ ହୋଇଛି। ଦକ୍ଷିଣ ଆଫ୍ରିକା ଦଳ ୧୯୯୮ରୁ ୨୦୨୪ ମଧ୍ୟରେ ୱେଷ୍ଟଇଣ୍ଡିଜ ସହ ଖେଳାଯାଇଥିବା ସମସ୍ତ ୧୦ଟି ସିରିଜ ଜିତିଥିଲା।

ଦ୍ୱିତୀୟ ଟେଷ୍ଟରେ ୱେଷ୍ଟଇଣ୍ଡିଜ ପକ୍ଷରୁ ଧାର୍ଯ୍ୟ ୧୨୧ ରନର ଛୋଟିଆ ଲକ୍ଷ୍ୟକୁ ପିଛା କରିଥିବା ଭାରତ ସୋମବାର ଚତୁର୍ଥ ଦିବସ ଷ୍ଟମ୍ପ ସୁଦ୍ଧା ଗୋଟିଏ ୱିକେଟ୍ ହରାଇ ୬୩ ରନ ସଂଗ୍ରହ କରିଥିଲା। ମଙ୍ଗଳବାର ମ୍ୟାଚର ଅନ୍ତିମ ତଥା ୫ମ ଦିବସରେ ଭାରତ ବିଜୟ ଲାଗି ଆବଶ୍ୟକ ଥିବା ୫୮ ରନ ଲାଗି ଆଉ ୨ଟି ୱିକେଟ ହରାଇଥିଲା। ଲୋକେଶ ରାହୁଲ ୫୮ ଓ ଧ୍ରୁବ ଜୁରେଲ ୬ ରନ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିବା ସହ ଦଳକୁ ବିଜୟୀ କରାଇଥିଲେ। ପୂର୍ବରାତିରୁ ଅପରାଜିତ ରହିଥିବା ସାଇ ସୁଦର୍ଶନ ୩୯ ରନରେ ଆଉଟ୍ ହୋଇଥିଲେ। ସେହିଭଳି ଅଧିନାୟକ ଶୁବମନ ଗିଲ୍ ମଧ୍ୟ ୧୩ ରନ କରି ପ୍ରତିପକ୍ଷ ଅଧିନାୟକ ରୋଷ୍ଟନ ଚେଜଙ୍କ ଶିକାର ହୋଇଥିଲେ। ୱେଷ୍ଟଇଣ୍ଡିଜ ପାଇଁ ଚେଜ୍ ୨ଟି ଓ ଜାମେଲ ୱାରିକାନ ଗୋଟିଏ ୱିକେଟ୍ ପାଇଥିଲେ। ପୂର୍ବରୁ ଏହି ମ୍ୟାଚରେ ଟସ୍ ଜିତି ବ୍ୟାଟିଂ କରିଥିବା ଭାରତ ଯଶସ୍ୱୀ ଜୟସ୍ୱାଲ (୧୭୫) ଓ ଶୁବମନ (୧୨୯)ଙ୍କ ଶତକ ବଳରେ ୫ ୱିକେଟରେ ୫୧୮ ରନ କରି ପ୍ରଥମ ଇନିଂସ ଘୋଷଣା କରିଥିଲା। ଜବାବରେ ୱେଷ୍ଟଇଣ୍ଡିଜ ପ୍ରଥମ ପାଳିରେ ୨୪୮ ରନରେ ସୀମିତ ରହି ଫଲୋଅନ ହୋଇଥିଲା। ଫଲୋଅନ ପରେ ୱେଷ୍ଟଇଣ୍ଡିଜ ଦ୍ୱିତୀୟ ପାଳିରେ ଜନ୍ କ୍ୟାମ୍ପବେଲ୍ (୧୧୫) ଓ ସାଇ ହୋପ୍ (୧୦୩)ଙ୍କ ଶତକ ସହାୟତାରେ ୩୯୦ ରନର ସମ୍ମାନଜନକ ସ୍କୋର କରିଥିଲା। ଏଠାରେ ମୋଟ୍ ୮ଟି ୱିକେଟ୍ ନେଇଥିବା କୁଲଦୀପ୍ ଯାଦବ ମ୍ୟାଚର ଏବଂ ୮ ୱିକେଟ୍ ସହ ୧୦୪ ରନ କରିଥିବା ରବୀନ୍ଦ୍ର ଜାଡେଜା ସିରିଜର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଜାଡେଜା ତାଙ୍କ ଟେଷ୍ଟ କ୍ୟାରିୟରରେ ୩ୟଥର ଲାଗି ସିରିଜର ଶ୍ରେଷ୍ଠ ଖେଳାଳି ପୁରସ୍କାର ହାସଲ କରିଛନ୍ତି। ଏଥିପୂର୍ବରୁ ସେ ୨୦୧୭ ଓ ୨୦୨୩ରେ ଅଷ୍ଟ୍ରେଲିଆ ବିପକ୍ଷ ଟେଷ୍ଟ ସିରିଜରେ ଶ୍ରେଷ୍ଠ ଖେଳାଳି ହୋଇଥିଲେ।

**୧୯ରୁ ଅଷ୍ଟ୍ରେଲିଆ ବିପକ୍ଷ ସିରିଜ ଆରମ୍ଭ**

ୱେଷ୍ଟଇଣ୍ଡିଜ ବିପକ୍ଷ ଟେଷ୍ଟ ସିରିଜକୁ ୨-୦ରେ କ୍ଲିନସୁଇପ୍ କରିବା ପରେ ଭାରତୀୟ ଦଳ ଏବେ ଅଷ୍ଟ୍ରେଲିଆ ଗସ୍ତ କରିବ। ଘରୋଇ ଅଷ୍ଟ୍ରେଲିଆ ବିପକ୍ଷରେ ଭାରତ ଆସନ୍ତା ସପ୍ତାହରୁ ସୀମିତ ଓଭର ସିରିଜ ଖେଳିବ। ଅକ୍ଟୋବର ୧୯ରୁ ଦୁଇ ଦଳ ମଧ୍ୟରେ ୩ ମ୍ୟାଚ୍‌ବିଶିଷ୍ଟ ଦିନିକିଆ ସିରିଜ ଖେଳାଯିବ। ଏହାପରେ ପାଞ୍ଚମ୍ୟାଚ୍‌ବିଶିଷ୍ଟ ଟି-୨୦ ସିରିଜ ଅକ୍ଟୋବର ୨୯ରୁ କାନବେରାରୁ ଆରମ୍ଭ ହେବ।

**ଗୋଟିଏ ଦଳ ବିପକ୍ଷରେ କ୍ରମାଗତ ଟେଷ୍ଟ ସିରିଜ ବିଜୟ**

| ଦଳ | ସିରିଜ | ପ୍ରତିପକ୍ଷ | ସମୟ |
|---|---|---|---|
| ଭାରତ | ୧୦ | ୱେଷ୍ଟଇଣ୍ଡିଜ | ୨୦୦୨-୨୫ |
| ଦ.ଆଫ୍ରିକା | ୧୦ | ୱେଷ୍ଟଇଣ୍ଡିଜ | ୧୯୯୮-୨୪ |
| ଅଷ୍ଟ୍ରେଲିଆ | ୯ | ୱେଷ୍ଟଇଣ୍ଡିଜ | ୨୦୦୦-୨୨ |
| ଅଷ୍ଟ୍ରେଲିଆ | ୮ | ଇଂଲଣ୍ଡ | ୧୯୮୯-୨୦୦୩ |
| ଶ୍ରୀଲଙ୍କା | ୮ | ଜିମ୍ବାୱେ | ୧୯୯୬-୨୦ |

**ଭାରତ ମାଟିରେ କ୍ରମାଗତ ଟେଷ୍ଟ ମ୍ୟାଚ୍ ପରାଜୟ**

| ମ୍ୟାଚ୍ | ଦଳ | ସମୟ |
|---|---|---|
| ୭ | ଅଷ୍ଟ୍ରେଲିଆ | ୨୦୦୮-୧୩ |
| ୬ | ଶ୍ରୀଲଙ୍କା | ୧୯୮୬-୯୪ |
| ୬ | ନ୍ୟୁଜିଲାଣ୍ଡ | ୨୦୧୦-୧୬ |
| ୬ | ୱେଷ୍ଟଇଣ୍ଡିଜ | ୨୦୧୩-୨୫ |

**ଟେଷ୍ଟରେ ଗୋଟିଏ ଦଳ ବିପକ୍ଷରେ ସର୍ବାଧିକ ଅପରାଜେୟ ଧାରା**

| ଦଳ | ମ୍ୟାଚ୍ | ପ୍ରତିପକ୍ଷ | ସମୟ |
|---|---|---|---|
| ଇଂଲଣ୍ଡ | ୪୭ | ନ୍ୟୁଜିଲାଣ୍ଡ | ୧୯୩୦-୭୫ |
| ଇଂଲଣ୍ଡ | ୩୦ | ପାକିସ୍ତାନ | ୧୯୬୧-୮୨ |
| ୱେଷ୍ଟଇଣ୍ଡିଜ | ୨୯ | ଇଂଲଣ୍ଡ | ୧୯୭୬-୮୮ |
| ଭାରତ | ୨୭ | ୱେଷ୍ଟଇଣ୍ଡିଜ | ୨୦୦୨-୨୫ |
| ଅଷ୍ଟ୍ରେଲିଆ | ୨୪ | ଦ.ଆଫ୍ରିକା | ୧୯୧୧-୫୨ |
| ୱେଷ୍ଟଇଣ୍ଡିଜ | ୨୪ | ଭାରତ | ୧୯୪୮-୭୧ |

## ଜାତୀୟସ୍ତରରେ ଅଞ୍ଚଳ ମହାବିଦ୍ୟାଳୟ ଛାତ୍ରୀ ଜିତିଲେ ୩ ପଦକ



**ଭୁବନେଶ୍ୱର, ୧୪।୧୦ (ସମିସ):** ଦୁଇ ଦୁଇଟି ଜାତୀୟସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତାରେ ଓଡ଼ିଶା ପକ୍ଷରୁ ପ୍ରତିନିଧିତ୍ୱ କରି ଅଞ୍ଚଳ ମହାବିଦ୍ୟାଳୟର ଛାତ୍ରୀମାନେ ୩ଟି ପଦକ ବିଜୟୀ ହୋଇଛନ୍ତି। ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଶେଷ ହୋଇଥିବା ୧୮ତମ ସିନିଅର ଜାତୀୟ ଗେଟବଲ୍ ଚାମ୍ପିଅନସିପ୍‌ରେ ମହାବିଦ୍ୟାଳୟର ଛାତ୍ରୀ ନମ୍ରତା କର୍ଣ୍ଣାଲ ସ୍ୱର୍ଣ୍ଣ ବିଜୟୀ ଓଡ଼ିଶା ମହିଳା ଦଳର ସଦସ୍ୟା ରହିଥିଲେ। ସେହିଭଳି ନମ୍ରତା ବ୍ୟକ୍ତିଗତ ଭାବେ ମଧ୍ୟ ରୌପ୍ୟ ପଦକ ସଫଳତା ପାଇଥିଲେ। ସେହିଭଳି ମଧ୍ୟପ୍ରଦେଶର ଭୋପାଳରେ ଅନୁଷ୍ଠିତ ୩୪ତମ ସର୍ବଭାରତୀୟ ଜିଭି ମାଭାଲାଙ୍କର ସୁଟିଂ ଚାମ୍ପିଅନସିପ୍‌ରେ ରଶ୍ମୀ ବାଗ ରୌପ୍ୟ ପଦକ ଜିତିଛନ୍ତି। ସେ କନିଷ୍ଠ ମହିଳା ୫୦ ମିଟର ସୁଟିଂ ଇଭେଣ୍ଟରେ ଦ୍ୱିତୀୟ ହୋଇଥିଲେ। ଉଭୟ ନମ୍ରତା ଓ ରଶ୍ମୀ ବର୍ତ୍ତମାନ ଅଞ୍ଚଳ ମହାବିଦ୍ୟାଳୟରେ ଯଥାକ୍ରମେ ସ୍ନାତକ ଶିକ୍ଷା ବିଭାଗର ପ୍ରଥମ ବର୍ଷ ଓ ସ୍ନାତକ ଇତିହାସ ବିଭାଗର ଅନ୍ତିମ ବର୍ଷର ଛାତ୍ରୀ। ଏହି ସଫଳତା ଲାଗି ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଖଗେଶ୍ୱର ଦାଶ, କ୍ରୀଡ଼ା ସଂସଦର ଉପ-ସଭାପତି ଅଧ୍ୟାପକ ଷଡ଼ାନନ ଭୋଇ, ଖେଳ ଶିକ୍ଷକ ସଦାନନ୍ଦ ସାହୁ ଓ ସମସ୍ତ ପ୍ରାଧ୍ୟାପକ ଓ ପ୍ରାଧ୍ୟାପିକା ଦୁଇ ଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

### ଆଇସିସି ମହିଳା ବିଶ୍ୱକପ୍‌ରେ ବର୍ଷା ବାଧକ
## ଶ୍ରୀଲଙ୍କା-ନ୍ୟୁଜିଲାଣ୍ଡକୁ ୧-୧ ପଏଣ୍ଟ

**କଲମ୍ବୋ, ୧୪।୧୦ (ଏଜେନ୍ସି):** ମଙ୍ଗଳବାର ଘରୋଇ ଶ୍ରୀଲଙ୍କା ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଖେଳାଯାଇଥିବା ମହିଳା ଦିନିକିଆ ବିଶ୍ୱକପ୍‌ର ଏକ ମ୍ୟାଚ ବର୍ଷା ଲାଗି ବାତିଲ ହୋଇଛି। ଫଳରେ ଉଭୟ ଦଳ ୧ ପଏଣ୍ଟ ଲେଖାଏ ପାଇଛନ୍ତି। ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ଶ୍ରୀଲଙ୍କା ୫୦ ଓଭରରେ ୬ ୱିକେଟ ହରାଇ ୨୫୮ ରନ ସଂଗ୍ରହ କରିଛି। ଦଳ ପକ୍ଷରୁ ଅଧିନାୟିକା ଚାମିରା ଆଟାପାଟୁ ୫୩ ଓ ନୀଳାକ୍ଷୀ ଡି ସିଲଭା ୨୮ ବଲରେ ଅପରାଜିତ ୫୫ ରନର ପାଳି ଖେଳିଥିଲେ। ନ୍ୟୁଜିଲାଣ୍ଡର ଅଧିନାୟିକା ସୋଫି ଡିଭାଇନଙ୍କୁ ୩ଟି ୱିକେଟ୍ ମିଳିଥିଲା। ଏହାପରେ ବର୍ଷା ଲାଗି ରହିବାରୁ ନ୍ୟୁଜିଲାଣ୍ଡ ଇନିଂସ ଆରମ୍ଭ ହୋଇପାରି ନ ଥିଲା। ବୁଧବାର ଇଂଲଣ୍ଡ ଓ ପାକିସ୍ତାନ ମଧ୍ୟରେ ମ୍ୟାଚ୍ ଖେଳାଯିବ।

## ସୁଲତାନ ଜୋହର କପ୍‌ରେ ହାତ ମିଳାଇଲେ ଭାରତ-ପାକିସ୍ତାନ ଖେଳାଳି

**ଜୋହର ବହରୁ, ୧୪।୧୦ (ଏଜେନ୍ସି):** ମାଲେସିଆରେ ଚାଲିଥିବା ସୁଲତାନ ଜୋହର କପ୍ ଜୁନିଅର (୨୧ ବର୍ଷରୁ କମ୍) ବାଳକ ହକି ଟୁର୍ଣ୍ଣାମେଣ୍ଟରେ ମଙ୍ଗଳବାର ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଭାରତ ଓ ପାକିସ୍ତାନ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍ ଡ୍ର ରହିଛି। ନିର୍ଦ୍ଧାରିତ ୬୦ ମିନିଟ୍ ସମୟ ମଧ୍ୟରେ ଦୁଇ ଦଳ ୩ଟି ଲେଖାଏ ଗୋଲ୍ ସ୍କୋର କରିଥିଲେ। ଫଳରେ ମ୍ୟାଚ୍ ୩-୩ରେ ସମାପ୍ତ ହୋଇଥିଲା। ଭାରତ ପକ୍ଷରୁ ଅରଜିତ୍ ସିଂ ହୁଣ୍ଡାଲ, ସୌରଭ ଆନନ୍ଦ ଓ ମନମିତ୍ ସିଂହ ଗୋଟିଏ ଲେଖାଏ ଗୋଲ୍ ଦେଇଥିଲେ। ଫଳରେ ଦୁଇ ଦଳ ଗୋଟିଏ ଲେଖାଏ ପଏଣ୍ଟ ଅର୍ଜନ କରିଛନ୍ତି। ଭାରତ ୩ଟି ମ୍ୟାଚରୁ ୭ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନରେ ରହିଛି। ଏହି ମ୍ୟାଚରେ ଭାରତ ଓ ପାକିସ୍ତାନ ଖେଳାଳି ପରସ୍ପର ହାତ ମିଳାଇବା ଘଟଣା ସବୁଠୁ ଚର୍ଚ୍ଚାର ବିଷୟ ରହିଥିଲା। ଅପରେସନ ସିନ୍ଦୁର ପରେ ଗତ ଏସିଆ କପ୍‌ରେ ଭାରତ ଓ ପାକିସ୍ତାନ ଖେଳାଳି ପରସ୍ପର ହାତ ମିଶାଇ ନ ଥିଲେ। ଯାହାକୁ ନେଇ ବଡ଼ ବିବାଦ ଦେଖାଦେଇଥିଲା।

## ବାରବାଟୀରେ ଓଡ଼ିଶାର 'ବରୋଦା' ପରୀକ୍ଷା



**କଟକ,୧୪।୧୦(ସମିସ):** ୫ଥର ରଣଜୀ ଟ୍ରଫି ବିଜେତା ବରୋଦା ବିପକ୍ଷ ମ୍ୟାଚ୍‌ରୁ ଚଳିତ ରଣଜୀ ଟ୍ରଫି ଅଭିଯାନ ଆରମ୍ଭ କରିବ ଓଡ଼ିଶା। ବାରବାଟୀ ଷ୍ଟାଡିୟମର ଘରୋଇ ପରିବେଶରେ ବୁଧବାରଠାରୁ ମ୍ୟାଚ୍ ଖେଳାଯିବ। ବିଗତ ୧୩ ବର୍ଷରେ ଉଭୟ ଦଳ ୫ଥର ମୁହାଁମୁହିଁ ହୋଇଥିବାବେଳେ ବରୋଦା ଅପରାଜେୟ ରହିଛି। ପୁଣିଥରେ ରାଜ୍ୟ ଦଳର ମଙ୍ଗ ଧରିଥିବା ଶୁଭ୍ରାଂଶୁ ଶେଖର ସେନାପତି ଏହି ଧାରା ଭାଙ୍ଗିବା ଲକ୍ଷ୍ୟରେ ରହିଛନ୍ତି। ବାରବାଟୀର ନାଲିମାଟି ପିଚ୍‌ରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ ନେବାକୁ କ୍ରିକେଟ ସମୀକ୍ଷକଙ୍କ ଭିତରେ ଆଲୋଚନା ହେଉଛି। ଅନ୍ୟପକ୍ଷରେ ଦଳରେ ତିନି ନବାଗତ ସ୍ଥାନ ପାଇଥିବାବେଳେ ଗୌରବ ଚୌଧୁରୀ ବୁଧବାର ପଦାର୍ପଣ କରିବା ନେଇ ଆଶା ରହିଛି।

ଭାରତୀୟ ଘରୋଇ କ୍ରିକେଟର ସିଜନ୍ ଚଳିତଥର ରଣଜୀ ଟ୍ରଫିରୁ ଆରମ୍ଭ ହେଉଛି। ବାରବାଟୀ ଷ୍ଟାଡିୟମରେ ଶକ୍ତିଶାଳୀ ବରୋଦାକୁ ପ୍ରଥମ ମୁକାବିଲାରେ ଓଡ଼ିଶା ଭେଟିବ। ୨୦୧୨ରୁ ଇତି ମଧ୍ୟରେ ଏହି ଦୁଇ ଦଳ ଭିତରେ ଖେଳାଯାଇଥିବା ୫ଟି ମ୍ୟାଚରୁ ୩ଟି ମ୍ୟାଚ୍‌ରେ ବରୋଦାକୁ ସହଜ ବିଜୟ ମିଳିଥିବା ବେଳେ ୨ଟି ମ୍ୟାଚ୍ ଡ୍ର ରହିଛି। ଏପରିକି ଗତ ସଂସ୍କରଣରେ ବରୋଦାକୁ ଇନିଂସ୍ ବିଜୟ ମିଳିଥିଲା। ୨୯ ବର୍ଷୀୟ ଅତିତ ସେଠ୍ ଚଳିତଥର ବରୋଦା ଦଳର ନେତୃତ୍ୱ ନେଉଛନ୍ତି। ଉପଅଧିନାୟକ ଭାର୍ଗବ ଭଟ୍ଟ, ଜ୍ୟୋତ୍ସ୍ନିଲ ସିଂହ,ମହେଶ ପିଠିଆ, ବିଷ୍ଣୁ ସୋଲାଙ୍କି, ଲୁକମାନ ମେରିୱାଲା ଭଳି ଚର୍ଚ୍ଚିତ ଖେଳାଳି ଦଳରେ ରହିଛନ୍ତି। ତେବେ ବାରାବାଟୀରେ ବରୋଦାକୁ ଚ୍ୟାଲେଞ୍ଜ ଦେବା ପାଇଁ ପ୍ରସ୍ତୁତ ଅଛୁ ବୋଲି ଓଡ଼ିଶା ଅଧିନାୟକ ଶୁଭ୍ରାଂଶୁ କହିଛନ୍ତି। ବିଶେଷ ସୂତ୍ରରୁ ମିଳିଥିବା ସୂଚନା ମୁତାବକ, ଉପଅଧିନାୟକ ସ୍ୱସ୍ତିକ ସାମଲଙ୍କ ସହ ନବାଗତ ଗୌରବ ଚୌଧୁରୀ ଓପନିଂ ସମ୍ଭାଳିପାରନ୍ତି। ଏକଦିବଦସୀୟ ଏବଂ ଟି-୨୦ ଫର୍ମାଟରେ ରାଜ୍ୟ ପକ୍ଷରୁ ପ୍ରତିନିଧିତ୍ୱ କରି ସାରିଥିବା ଗୌରବ ରଣଜୀ ଟ୍ରଫିରେ ପଦାର୍ପଣ କରି ପାରନ୍ତି। ଏହାଛଡ଼ା ନବାଗତ ବାଦଲ ବିଶ୍ୱାଳଙ୍କୁ ମଧ୍ୟ ଚୂଡାନ୍ତ ଏକାଦଶରେ ସ୍ଥାନ ମିଳିପାରେ ବୋଲି କୁହାଯାଉଛି।

## ଏସୀୟ ଟିଟି: ଭାରତୀୟ ପୁରୁଷ ୬ଷ୍ଠ, ମହିଳା ୮ମ

**ଭୁବନେଶ୍ୱର, ୧୪।୧୦ (ସମିସ):** କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଏସିଆନ୍ ଟେବଲ ଟେନିସ ଚାମ୍ପିଅନସିପ୍‌ରେ ପଦକ ଦୌଡ଼ରୁ ବାଦ୍ ପଡ଼ିସାରିଥିବା ଘରୋଇ ଭାରତୀୟ ପୁରୁଷ ୬ଷ୍ଠ ଓ ମହିଳା ଦଳ ୮ମ ସ୍ଥାନରେ ରହି ଅଭିଯାନ ଶେଷ କରିଛି। ମଙ୍ଗଳବାର କ୍ଲାସିଫିକେଶନ ମ୍ୟାଚରେ ପୁରୁଷ ଦଳ ୩-୦ରେ ଦକ୍ଷିଣ କୋରିଆଠାରୁ ମହିଳା ଦଳ ୩-୨ରେ ହଂକଂ ନିକଟରୁ ହାରିଥିଲା। ଅପରପକ୍ଷରେ ବୁଧବାର ଉଦ୍‌ଯାପନୀ ଦିବସରେ ଚୀନ ଓ ଜାପାନ ମଧ୍ୟରେ ମହିଳା ବିଭାଗ ଫାଇନାଲ ଖେଳାଯିବ। ପୁରୁଷ ବିଭାଗର ପ୍ରଥମ ସେମିରେ ହଂକଂ ୩-୨ରେ ଚାଇନିଜ ତାଇପେଇକୁ ପରାସ୍ତ କରି ଫାଇନାଲରେ ପହଞ୍ଚିଛି। ଚୀନ ଓ ଜାପାନ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ଅନୁଷ୍ଠିତ ହେବ।

## ଜାତୀୟ ଆଥ୍‌ଲେଟିକ୍ସରେ ତାମିଲନାଡୁର ବାଜିମାତ୍

**ଭୁବନେଶ୍ୱର, ୧୪।୧୦ (ସମିସ):** ଜାତୀୟ ଜୁନିଅର ଆଥ୍‌ଲେଟିକ୍ସର ୪୦ତମ ସଂସ୍କରଣ ମଙ୍ଗଳବାର କଳିଙ୍ଗ ଷ୍ଟାଡିୟମରେ ଉଦଯାପିତ ହୋଇଯାଇଛି। ଏଥିରେ ଓଭରଅଲ୍ ତାମିଲନାଡୁ ୨୮୯ ପଏଣ୍ଟ ରଖି ଚାମ୍ପିଅନ ହୋଇଛି। ୨୮୭ ପଏଣ୍ଟ ସହ ହରିୟାଣା ରନର୍ସଅପ୍ ହୋଇଛି। ଅନ୍ତିମ ଦିବସରେ ଓଡ଼ିଶାର ଆନି ସାଲବାମ ୧୬ ବର୍ଷରୁ କମ୍ ବାଳକ ଜାଭେଲିନ ଥ୍ରୋ'ରେ କାଂସ୍ୟ ପଦକ ବିଜୟୀ ହୋଇଥିଲେ। ଓଡ଼ିଶା ପ୍ରତିଯୋଗିତାରେ ଗୋଟିଏ ସ୍ୱର୍ଣ୍ଣ ଏବଂ ଦୁଇଟି ରୌପ୍ୟ ଓ ୩ଟି କାଂସ୍ୟ ପଦକ ଜିତିଛି।




# ଆଜିଠୁ ରଣଜୀ ଟ୍ରଫିର ୯୧ତମ ସଂସ୍କରଣ

**ନୂଆଦିଲ୍ଲୀ, ୧୪।୧୦ (ଏଜେନ୍ସି)**



ଭାରତୀୟ ଘରୋଇ କ୍ରିକେଟ୍‌ର ସବୁଠୁ ସମ୍ମାନଜନକ ପ୍ରତିଯୋଗିତା ରଣଜୀ ଟ୍ରଫିର ୯୧ତମ ସଂସ୍କରଣ ବୁଧବାରଠାରୁ ଦେଶର ବିଭିନ୍ନ ଗ୍ରାଉଣ୍ଡରେ ଆରମ୍ଭ ହେବାକୁଯାଉଛି। ଆସନ୍ତା ଫେବ୍ରୁଆରୀ ୨୬ ପର୍ଯ୍ୟନ୍ତ ଚାଲିବାକୁ ଥିବା ଚଳିତ ରଣଜୀ ଟ୍ରଫି ଦୁଇଟି ପର୍ଯ୍ୟାୟରେ ଖେଳାଯିବ। ଅକ୍ଟୋବର ୧୫ରୁ ନଭେମ୍ବର ୧୯ ପର୍ଯ୍ୟନ୍ତ ପ୍ରଥମ ପର୍ଯ୍ୟାୟ ଅନୁଷ୍ଠିତ ହେବ। ଏହାପରେ ଜାନୁଆରୀ ୨୨ରୁ ଫେବ୍ରୁଆରୀ ୨୬ ପର୍ଯ୍ୟନ୍ତ ଅନ୍ତିମ ତଥା ଦ୍ୱିତୀୟ ପର୍ଯ୍ୟାୟ ଖେଳ ଅନୁଷ୍ଠିତ ହେବ। ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟ ମଧ୍ୟରେ ରହିଥିବା ସମୟରେ ସୟଦ ମୁସ୍ତାକ ଅଲି ଟ୍ରଫି (ଟି-୨୦) ଓ ବିଜୟ ହଜାରେ ଟ୍ରଫି (ଦିନିକିଆ) ଖେଳାଯିବାର କାର୍ଯ୍ୟସୂଚୀ ରହିଛି।

ଏଥର ରଣଜୀ ଟ୍ରଫିରେ ମୋଟ୍ ୩୮ ଗୋଟି ଦଳ ଅଂଶଗ୍ରହଣ କରିବେ। ସେମାନଙ୍କ ମଧ୍ୟରୁ ୩୨ଟି ଦଳ ଏଲିଟ୍ ଗ୍ରୁପ୍‌ରେ ସ୍ଥାନ ପାଇଛନ୍ତି। ସେହିଭଳି ଅନ୍ୟ ୬ଟି ଦଳ ପ୍ଲେଟ୍ ଡିଭିଜନରେ ଖେଳିବେ। ଏଲିଟ୍ ପର୍ଯ୍ୟାୟରେ ୩୨ଟି ଦଳକୁ ୪ଟି ଗ୍ରୁପ୍‌ରେ ବିଭକ୍ତ କରାଯାଇ ମ୍ୟାଚ୍ ଅନୁଷ୍ଠିତ ହେବ। ବୁଧବାରଠାରୁ ଆରମ୍ଭ ହେବାକୁ ଥିବା ପ୍ରଥମ ରାଉଣ୍ଡରେ ୧୯ଟି ମ୍ୟାଚ୍ ଦେଶର ବିଭିନ୍ନ ଗ୍ରାଉଣ୍ଡରେ ଖେଳାଯିବ। ଡିଫେଣ୍ଡିଂ ଚାମ୍ପିଅନ ବିଦର୍ଭ ବେଙ୍ଗାଲୁରୁରେ ନାଗାଲାଣ୍ଡ ବିପକ୍ଷରେ ଖେଳି ଅଭିଯାନ ଆରମ୍ଭ କରିବ। ସେହିଭଳି ରେକର୍ଡ ୪୨ଥରର ବିଜେତା ମୁମ୍ବାଇ ପ୍ରଥମ ମ୍ୟାଚରେ ଘରୋଇ ଜମ୍ମୁ କାଶ୍ମୀରକୁ ଶ୍ରୀନଗରରେ ଭେଟିବ। ଗତ ସଂସ୍କରଣର ଉପବିଜେତା କେରଳା ପ୍ରଥମ ମ୍ୟାଚରେ ମହାରାଷ୍ଟ୍ର ସହ ଖେଳିବ।

**ଏଲିଟ୍ ଗ୍ରୁପ୍ ତାଲିକା**

**ଗ୍ରୁପ୍-ଏ:** ଓଡ଼ିଶା, ଉତ୍ତରପ୍ରଦେଶ, ଆନ୍ଧ୍ରପ୍ରଦେଶ, ତାମିଲନାଡୁ, ଝାଡ଼ଖଣ୍ଡ, ବରୋଦା, ନାଗାଲାଣ୍ଡ, ବିଦର୍ଭ

**ଗ୍ରୁପ୍-ବି:** ସୌରାଷ୍ଟ୍ର, କର୍ଣ୍ଣାଟକ, କେରଳ, ମହାରାଷ୍ଟ୍ର, ଗୋଆ, ଚଣ୍ଡିଗଡ଼, ମଧ୍ୟପ୍ରଦେଶ ଓ ପଞ୍ଜାବ

**ଗ୍ରୁପ୍-ସି:** ରେଳବାଇ, ହରିୟାଣା, ବେଙ୍ଗଲ, ଉତ୍ତରାଖଣ୍ଡ, ଗୁଜରାଟ, ଆସାମ, ସର୍ଭିସେସ, ତ୍ରିପୁରା

**ଗ୍ରୁପ୍-ଡି:** ହାଇଦରାବାଦ୍, ଦିଲ୍ଲୀ, ରାଜସ୍ଥାନ, ଛତିଶଗଡ଼, ଜମ୍ମୁ କାଶ୍ମୀର, ମୁମ୍ବାଇ, ପୁଡୁଚେରୀ, ହିମାଚଳ ପ୍ରଦେଶ

**ପ୍ଲେଟ ଗ୍ରୁପ୍:** ବିହାର, ଅରୁଣାଚଳ ପ୍ରଦେଶ, ସିକ୍କିମ, ମଣିପୁର, ମେଘାଳୟ, ମିଜୋରାମ

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, PLOT NO.125, IRRIGATION COLONY, JEYPORE-764001, DIST: KORAPUT, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS